# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୯/୨୦୧୯ (୧୬ ପୃଷ୍ଠା+ସାହିତ୍ୟାୟନ) Bhubaneswar, Wednesday, January 9/ 2019 ★★★★

୪୫଼ଶ ଭାଗ ୪୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-





## ଆଲର୍ଜି (Allergy) ନିରୂପଣ ପରୀକ୍ଷା କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ପଟିଆ, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ଖଣ୍ଡଗିରି, ଭୁବନେଶ୍ୱର, ନବରଙ୍ଗପୁର, କୋରାପୁଟ, ନୟାଗଡ଼, ଗଜପତି, ରାୟଗଡ଼ା, ଭବାନୀପାଟଣାଠାରେ 11 ଓ 12 ଜାନୁୟାରୀ ଦିନ ଅଧାରୁ ବି କମ୍ ଦରରେ କରାନ୍ତୁ

NABL ACCREDITED

MC-2666
Jerath Path Labs & Allergy Testing Centre, Jalandhar

## ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ | ଶୀଘ୍ର ଚିହ୍ନଟ ଦ୍ୱାରା ଚିକିତ୍ସା ସମ୍ଭବ

ଜେରଥ ପାଥ୍ ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟିଂ ସେଣ୍ଟରର କଲେକ୍ସନ୍ ସେଣ୍ଟର କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ପଟିଆ, ଗଜପତି, ଖଣ୍ଡଗିରି, ଭୁବନେଶ୍ୱର, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଭବାନୀପାଟଣାରେ 11 ଓ 12 ଜାନୁୟାରୀ ଦିନ ସକାଳ ୨ରୁ ଅପରାହ୍ଣ 5 ଘଟିକା ପର୍ଯ୍ୟନ୍ତ (complete Allergy Test - Food, Skin, Inhalant) ଆଲର୍ଜି ପରୀକ୍ଷା ଅଧାରୁ କମ୍ ରେଟ୍‌ରେ କରାଯିବ। ଆଲର୍ଜି ଏକ ଏପରି ରୋଗ, ଯାହାକୁ ଶୀଘ୍ର ଚିହ୍ନଟ କରାଗଲେ ତାହାର ଚିକିତ୍ସା ସମ୍ଭବ ହୋଇଥାଏ।

ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି, କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି । ସେ ସୂଚନା ଦେଇଛନ୍ତି ଯେ ଏହି ଟେଷ୍ଟ୍ ଏକ ବିଶେଷ ଧରଣର ମେଶିନ୍ ଦ୍ୱାରା ହୋଇଥାଏ, ଯାହାକି ତାଙ୍କ ଲ୍ୟାବ୍‌ରେ ସ୍ଥାପିତ ଅଟେ ।

**ଡା.ହରପ୍ରୀତ ଥିଣ୍ଡ (ଏମ୍.ଡି.)** – ଆଲର୍ଜି ରୋଗ ହିଁ ଏମିତି, ଯାହା ରୋଗ ଭଳି ଲାଗେନାହିଁ, କିନ୍ତୁ ଥରେ ଲାଗିଗଲେ ହଇରାଣ କରିଦେଇଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରର ନିଜସ୍ୱ କ୍ଷମତା ରହିଥାଏ ଏବଂ ସେହି ଅନୁଯାୟୀ ସେ ବାହ୍ୟ ବସ୍ତୁଗୁଡ଼ିକ ପ୍ରତି ତାଳମେଳ ରକ୍ଷା କରିପାରିଥାଏ, କିନ୍ତୁ ଏପରି କେତେକ ତତ୍ତ୍ୱ ଅଛି ଯାହା ସହିତ ଶରୀର ତାଳମେଳ ରକ୍ଷା କରିପାରି ନ ଥାଏ । ଏପରି ତତ୍ତ୍ୱଗୁଡ଼ିକୁ ଆଲର୍ଜେଟ୍ କୁହନ୍ତି, ଯାହା ଆଲର୍ଜିର କାରଣରେ ପରିଣତ ହୋଇଥାଏ । ଯଦି ଆପଣଙ୍କୁ ସୁଗନ୍ଧ ପସନ୍ଦ ନୁହେଁ ତେବେ ଆପଣଙ୍କୁ ଫୁଲରୁ ମଧ୍ୟ ଆଲର୍ଜି ହୋଇପାରେ । ଧୂଳିମାଟି ପସନ୍ଦ ନାହିଁ ତ ଧୂଳିମାଟି ବି ଆପଣଙ୍କ ଆଲର୍ଜିର କାରଣ ହୋଇଯାଇପାରେ। ଏପରିକି ଆପଣଙ୍କ ପୋଷାଜନ୍ତୁ ମଧ୍ୟ ଆପଣଙ୍କୁ ଆଲର୍ଜିର କଷ୍ଟ ଦେଇପାରେ । କିନ୍ତୁ ଠିକ୍ ସମୟରେ ଏହା ଚିହ୍ନଟ ହୋଇଗଲେ ଆପଣ ଏଥିରୁ ଉପଶମ ପାଇପାରିବେ।



ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି ।

**ଡା.ଅନୁପ କୁମାର ମହାଲିକ (ଏମ୍.ଡି.)** – ଆଲର୍ଜି ଚିହ୍ନଟ ଠିକ୍ ସମୟରେ ହୋଇଗଲେ ଏହାର ଚିକିତ୍ସା ସମ୍ଭବ। ସେ କୁହନ୍ତି ଯେ ଏବେ ତ ଏହାକୁ ଚିହ୍ନଟ କରିବା ବହୁତ ସରଳ ହୋଇଯାଇଛି । କେବଳ ଏକ ବ୍ଲଡ୍ ଟେଷ୍ଟରୁ ଜଣାପଡ଼ିଯାଏ ଯେ ଆଲର୍ଜିରେ ପୀଡ଼ିତ ବ୍ୟକ୍ତିଙ୍କୁ କେଉଁ କାରଣରୁ ଆଲର୍ଜି ରହିଛି । ଏହା ଜଣାପଡ଼ିବା ପରେ ଚିକିତ୍ସା ବହୁତ ସହଜ ହୋଇଯାଇଥାଏ । ଏହି ଚିକିତ୍ସା ଅଧୀନରେ ପୀଡ଼ିତ ବ୍ୟକ୍ତିଙ୍କୁ କିଛି ସମୟ ପାଇଁ ଔଷଧ ଖାଇବାକୁ ପଡ଼ିଥାଏ, ଯାହାଦ୍ୱାରା ତାଙ୍କ ଶରୀରର ରୋଗ ପ୍ରତିରୋଧକ କ୍ଷମତା ସୁଦୃଢ଼ ହୁଏ ଏବଂ ରୋଗୀଙ୍କ ଆଲର୍ଜି ସମସ୍ୟା ମଧ୍ୟ ଠିକ୍ ହୋଇଯାଏ ।

**ଡା.ରାମଚନ୍ଦ୍ର ଅଗ୍ରୱାଲ (ଏମ୍.ଡି.)** – ଆଲର୍ଜି ରୋଗୀ ଆଦୌ ଖାମଖିଆଲ ମନୋଭାବ ପ୍ରଦର୍ଶନ କରିବା ଉଚିତ ନୁହେଁ । ଏହା ଅତିରିକ୍ତ ହେୟାର୍ ଡାଏରୁ ମଧ୍ୟ ଆଲର୍ଜି ହୋଇଥାଏ । ଋତୁକାଳୀନ ଆଲର୍ଜି ମଧ୍ୟ ଅନେକ ବ୍ୟକ୍ତିଙ୍କୁ କୌଣସି ନିର୍ଦ୍ଦିଷ୍ଟ ଋତୁରେ ହଇରାଣ କରିପାରେ । ସେ କହିଛନ୍ତି କି ଯଦି ଆପଣଙ୍କୁ କୌଣସି ଆଲର୍ଜି ରହିଛି ତେବେ ତାହାର କାରଣ ଜାଣିବାର ଚେଷ୍ଟା ନିଶ୍ଚୟ କରନ୍ତୁ ତଥା ଯଥାଶୀଘ୍ର ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ ଯାହାଦ୍ୱାରା ଚିକିତ୍ସା କରାଯାଇ ଏଥିରୁ ମୁକ୍ତିଲାଭ କରାଯାଇପାରିବ।

### ଆଲର୍ଜି କ’ଣ ଆସନ୍ତୁ ଜାଣିବା

ପ୍ରତ୍ୟେକ ମନୁଷ୍ୟଙ୍କ ମଧ୍ୟରେ ସେ ମହିଳା ହୁଅନ୍ତୁ କି ପୁରୁଷ, ପ୍ରକୃତିର ବାହ୍ୟ ତତ୍ତ୍ୱଗୁଡ଼ିକୁ ସହନ କରିବାର ବିଶେଷ କ୍ଷମତା ରହିଥାଏ । ତଥାପି ଅନେକ ଥର ଯେବେ ମନୁଷ୍ୟ ଶରୀର ଉପରେ ଦୁଷ୍ପ୍ରଭାବ ପକାଉଥିବା ଏପରି ତତ୍ତ୍ୱଗୁଡ଼ିକ ଶରୀର ମଧ୍ୟକୁ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତି, ସେତେବେଳେ ଶରୀରର ଆଭ୍ୟନ୍ତରୀଣ ତତ୍ତ୍ୱ ଚଳଚଞ୍ଚଳ ହୋଇ ସେହି ପ୍ରତିକୂଳ ତତ୍ତ୍ୱଗୁଡ଼ିକର ଶରୀର ଉପରେ ପ୍ରଭାବ ପକାଇବାର ଚେଷ୍ଟାକୁ ପ୍ରତିରୋଧ କରିଥାନ୍ତି । ଏହି ପ୍ରକ୍ରିୟା ଆଲର୍ଜି ଉତ୍ପତ୍ତିର କାରଣ ହୋଇଥାଏ।

### ଆଲର୍ଜିର ଲକ୍ଷଣ

*ଶରୀରରେ କୁଣ୍ଡିଆ *ଚର୍ମ ନାଲି ପଡ଼ିବା *ନାଲି ଦାନା ଦେଖାଦେବା
*ଶରୀରର ଦାନା ଥିବା ଜାଗା ଫୁଲିଯିବା।
*ଆଲର୍ଜି ହେବା କାରଣରୁ ‘ଏକ୍‌ଜିମା’ ନାମକ ରୋଗ ମଧ୍ୟ ହୋଇଯାଇଥାଏ, ଯାହା କାରଣରୁ ଜୋର୍‌ରେ କୁଣ୍ଡେଇ ହେବା ତଥା ସେହି ଜାଗାରୁ ପାଣି ବାହାରିବା ସମସ୍ୟା ଦେଖାଦେଇଥାଏ।
*ଆଲର୍ଜି କାରଣରୁ କେତେକ ବ୍ୟକ୍ତିଙ୍କୁ ଆଜ୍‌ମା ନାମକ ରୋଗ ହୋଇଯାଏ । ଏହି ସ୍ଥିତିରେ ରୋଗୀଙ୍କୁ ଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥାଏ, ଫୁସ୍‌ଫୁସ୍ ଫୁଲିଯାଏ ଓ ଜ୍ୱଳନ ହୋଇଥାଏ । *ଛିଙ୍କ ଆସିବା, ନାକ ବନ୍ଦ ହେବା, ଥଣ୍ଡା ଲାଗି ରହିବା ।
*ଗଳାରେ ପ୍ରବଳ ଜ୍ୱଳନ ଏବଂ ପୀଡ଼ା ହେବା *ପେଟ ଯନ୍ତ୍ରଣା ହେବା
*ଚେହେରା, ଓଠ ଓ ଆଖି ଫୁଲିବା। *ବାନ୍ତି ଲାଗିବା ଏବଂ ଡାଇରିଆ
*ଖାଇବା ସମୟରେ କଷ୍ଟ ହେବା





## ଏକ୍ସଟ୍ରା Discount ECHS/ ESI/ CGHS କାର୍ଡଧାରକ ଏବଂ ଓଡ଼ିଶା ସରକାରଙ୍କ କର୍ମଚାରୀଙ୍କ ପାଇଁ

### ଆଲର୍ଜି ହେବାର କାରଣଗୁଡ଼ିକ କ’ଣ

ଆଲର୍ଜି ଆମର ଦୈନିକ ଜୀବନରେ ଭ୍ରମଣ କରିବା ସମୟରେ ଆମର ପାରିପାର୍ଶ୍ୱିକ ପରିବେଶ/ପର୍ଯ୍ୟାବରଣର ଅନେକ କାରଣରୁ ହୋଇପାରେ ଯେପରିକି ଉଦ୍ଭିଦ, ବୃକ୍ଷ, ଧୂଳି, ମାଟି, ପୋଷାଜନ୍ତୁ, ଔଷଧ ଏବଂ ଖାଇବା ପିଇବା ସାମଗ୍ରୀ ଇତ୍ୟାଦି।

1. ଗୋଟିଏ ପରିବାରର ବିଭିନ୍ନ ସଦସ୍ୟ, ମହିଳା, ପୁରୁଷ, ଶିଶୁ କିମ୍ବା ବୃଦ୍ଧଙ୍କୁ ବିଭିନ୍ନ ବସ୍ତୁ କାରଣରୁ ଆଲର୍ଜି ହୋଇପାରେ ।
2. କେତେକ ବ୍ୟକ୍ତି ଫୁଲ ସଂସ୍ପର୍ଶରେ ଆସିଲେ ଆଲର୍ଜିରେ ପୀଡ଼ିତ ହୋଇପାରନ୍ତି।
3. କ୍ଷୀର, ଦହି, ମାଂସ, ମାଛ ସେବନ କଲେ ମଧ୍ୟ ଆଲର୍ଜି ହୋଇପାରେ।
4. ସୌନ୍ଦର୍ଯ୍ୟ ପ୍ରସାଧନ ପ୍ରୟୋଗ ଦ୍ୱାରା ମଧ୍ୟ ଆଲର୍ଜି ହୋଇପାରେ।

ଅନେକ ପ୍ରକାରର ଆଲର୍ଜିର ଚିକିତ୍ସା ଔଷଧରୁ ହୋଇପାରେ । ରକ୍ତ ପରୀକ୍ଷା କରିବା ଦ୍ୱାରା ଆଲର୍ଜି କେଉଁ ଧରଣର ଅଟେ, ଏହା ଜଣାପଡ଼ିଯାଏ ଏବଂ ସେହି ଅନୁରୂପ ଔଷଧ ଦିଆଯାଇ ଆଲର୍ଜିର ଚିକିତ୍ସା ସମ୍ଭବ ହୁଏ।

### ରକ୍ତ ପରୀକ୍ଷାରୁ ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

ଆଲର୍ଜି ଏପରି ଏକ ରୋଗ ଯାହାର କାରଣ ସାଧାରଣତଃ ବୁଝାପଡ଼େ ନାହିଁ କିନ୍ତୁ ଏପରି କେତେକ ଲକ୍ଷଣ ରହିଥାଏ ଯାହା ଏହା ସୂଚାଇଦିଏ କି ଆପଣ ଆଲର୍ଜିଗ୍ରସ୍ତ ଅଟନ୍ତି। କେବଳ ଗୋଟିଏ ରକ୍ତପରୀକ୍ଷା ଆପଣଙ୍କ ସମସ୍ୟାର ସମାଧାନ କରିପାରିବ।

### ଆସନ୍ତୁ ଜାଣିବା କିପରି ପାଇବେ ଆଲର୍ଜିରୁ ଉପଶମ

ଉଦାହରଣସ୍ୱରୂପ, କୌଣସି କର୍ମଜୀବୀ ବ୍ୟକ୍ତି ନିଜ ଘରେ ସମ୍ପୂର୍ଣ୍ଣ ଠିକ୍ ରହିଥାନ୍ତି କିନ୍ତୁ ପ୍ରତିଦିନ ସେ ଯେବେ ନିଜ କାର୍ଯ୍ୟାଳୟରେ ପହଞ୍ଚନ୍ତି ତା’ପରେ ହଠାତ୍ ତାଙ୍କୁ ଛିଙ୍କ ଆରମ୍ଭ ହୋଇଯାଇଥାଏ, ଏପରି ସ୍ଥିତିରେ ସମ୍ପୃକ୍ତ ବ୍ୟକ୍ତି ତ ହଇରାଣ ହୁଅନ୍ତି ହିଁ, କିନ୍ତୁ ଏହି କାରଣରୁ ତାଙ୍କ ସହକର୍ମୀମାନେ ପ୍ରଭାବିତ ହୋଇଥାନ୍ତି । ଏପରି ସ୍ଥିତି ସେହି ବ୍ୟକ୍ତିଙ୍କଠାରେ ହୀନମନ୍ୟତା ସୃଷ୍ଟି କରିଥାଏ । ନିଜର ଏହି ରୋଗକୁ ନେଇ ସେ ଅସହାୟ ଅନୁଭବ କରନ୍ତି, ତା’ ସହିତ ସହକର୍ମୀମାନଙ୍କୁ ତାଙ୍କୁ ତାଚ୍ଛଲ୍ୟ କରିବାର ବାହାନା ମଧ୍ୟ ମିଳିଯାଇଥାଏ । ଏପରି ବ୍ୟକ୍ତିଙ୍କୁ ଉକ୍ତ ସ୍ଥିତିରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ନିଜର ରକ୍ତ ଯାଞ୍ଚ କରାଇନେବା ଉଚିତ ଯାହାଦ୍ୱାରା ତାଙ୍କ ଆଲର୍ଜିର କାରଣ ଜଣାପଡ଼ିଯିବ ଏବଂ ତାଙ୍କର ଚିକିତ୍ସା ସମ୍ଭବ ହୋଇପାରିବ।

ସେହିଭଳି ଏପରି କୌଣସି ବ୍ୟକ୍ତି ଯିଏ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ଏବଂ ଅଳ୍ପଟିକେ ଚଲାବୁଲା କଲେ ଅଣନିଃଶ୍ୱାସୀ ହୋଇପଡ଼ନ୍ତି ତେବେ ତାଙ୍କୁ ଅନ୍ୟାନ୍ୟ ପରୀକ୍ଷା ସହିତ ନିଜର ଆଲର୍ଜି ମଧ୍ୟ ଟେଷ୍ଟ କରାଇନେବା ଆବଶ୍ୟକ, ଯାହାକି ନିପୁଣ ଡାକ୍ତରଙ୍କ ଦ୍ୱାରା କେବଳ ଗୋଟିଏ ରକ୍ତପରୀକ୍ଷା ପରେ ହିଁ ସହଜରେ ଜଣାପଡ଼ିଯାଇଥାଏ । କାରଣ ଜଣାପଡ଼ିଗଲେ କେତେକ ଔଷଧ ସହାୟତାରେ ସ୍ୱାସ୍ଥ୍ୟରେ ସୁଧାର ଅଣାଯାଇପାରିବ।



ସ୍ୱାସ୍ଥ୍ୟ ଯତ୍ନରେ ଅଗ୍ରଣୀ ପୁରସ୍କାର ଦ୍ୱାରା ଡା. ପ୍ରଶାନ୍ତ ଜେରଥଙ୍କୁ ସମ୍ମାନିତ କରିବା ଅବସରରେ

**ଶ୍ରୀ ଜେ.ପି. ନଡ୍ଡା**

(କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ)

EUROBlotOne



ବିଶ୍ୱପ୍ରସିଦ୍ଧ ଆଧୁନିକ ମେଶିନ୍ (EUROBlotOne) ଦ୍ୱାରା ପରୀକ୍ଷା କରାଯାଇଥାଏ

Jerath Path Labs & Allergy Testing Centre

**HEAD OFFICE : MUMBAI - Akruti Trade Center, A Wing, 5th Floor, MIDC, Andheri East.**

**CORPORATE OFFICE : JALANDHAR - 14, Link Road, Adj. State Bank of India, Jalandhar**

### ପରୀକ୍ଷା କରାଇବା ପାଇଁ ଯୋଗାଯୋଗ କରନ୍ତୁ

| | | |
|---|---|---|
| BHUBANESWAR | 94394-00019 | Pradhan path Lab, 351 Sahid Nagar, Opp. Indusind Bank |
| BHUBANESWAR | 9438431752, 7008831212 | Omm Diagnostic, Plot No.49 , Near South Gate Of Capital Hospital, Unit-6 |
| PATIYA | 9438355305, 9438802163 | Mamata Clinic & Lab, Patia Station Rd. Backside of HP Petrol Pump |
| CUTTACK | 99375-18098, 79786-11650 | Udaya Lab, Biju Patnayak Chowk Nursinghpur Plaza, Shop No. 16, Tulsipur |
| CUTTACK | 94372-27051, 70089-81993 | Deepak Diagnostics, Naya chowk, Madhupatna |
| CUTTACK | 98612-36899, 06712301199 | DOCTORS DIAGNOSTIC, KATHAGOLA CHHAK MANGLABAG |
| CUTTACK | 7504994225, 8270938497 | Trakendcare Lab, Kathagola, Mangalabad, Near Utkal Hospital |
| BHAWANIPATNA | 94371-88556 | Malaya Pathology, Nr. S.B.I Main Branch |
| BHAWANIPATNA | 94372-93631 | Shree Om Pathology, Old Bus stand, OSRTC Complex |
| NABRANGPUR | 94395-78237 | Jagannath Pathology, Dwarika Nagar 1st line Chamuriaguda |
| NABRANGPUR | 80935-51942 | Lions M.J.M Diagnostic, Panjia Street |
| KORAPUT | 96580-18910 | Subhashree Pathology Clinic, SLN Medical College & Hospital Road, Nr. Central School |
| RAYAGADA | 94373-38953 | Banadurga Pathology, Old Bus Stand |
| PURI | 94390-46037, 0675-2220244 | Nidan 'a' Patholab, Balagandi Square, Grand Road, Puri |
| JAGATSINGHPUR | 94396-15720, 78734-32849 | Medi Spot Lab, Nr. Ram Mandir, Medical Road |
| KEONJHAR | 94373-79591 | Srimaa Patho Clinic, Opp. Head Quarter Hospital |
| KENDRAPARA | 94374-73435, 99378-96343 | Sai Arogyam Diagnostics Centre, Medical Road |
| JAJPUR | 93384-66911, 99388-48749 | Laxmi Diagnostic Ganesh Bazar, Nr. Govt. Hoapital Jajpur Road |
| JAJPUR | 94385-10546, 78946-61952 | Om Sai Diagnostic Centre, Kanheipur (sarmistha memorial lane), Jajpur Road, |
| KHANDAGIRI | 93371-03408 | Sivananda Health Care Unit, 141 Chidananda Vihar |
| KHANDAGIRI | 98610-35754 | IPSA Clinic & Lab, Plot No. 678, Jagamara Road, |
| NAYAGARH | 94370-23208 | Sai Patholab Nayagarh, Back Side Of Police Field |
| GAJAPATI | 90405-07796, 73779-47065 | Ottet Telemedicine, DHH Paralakhemundi, Gajapati |

**HELPLINE NO. : 62831-99635, 62831-94640, 94656-08045**



“ସିବିଆଇ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ସନ୍ତୁଳିତ ରାୟ କେନ୍ଦ୍ର ସରକାରଙ୍କ ପାଇଁ ଆଦୌ ଝଟକା ନୁହେଁ। ରାୟ ପଢ଼ିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ।

-ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ



## ଭାଜପା ନେତାଙ୍କୁ ଟ୍ରେନରେ ହତ୍ୟା



**ଅହମଦାବାଦ,୮।୧(ପି.ଟି.):** ଗୁଜରାଟର ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ଜୟନ୍ତୀ ଭାନୁଶାଲି ସୋମବାର ବିଳମ୍ବିତ ରାତିରେ ଟ୍ରେନରେ ଯାତ୍ରା କରୁଥିବାବେଳେ କେହି ଅଜଣା ଦୁର୍ବୃତ୍ତ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଭାନୁଶାଲି (୫୩) ଭୁଜ୍ ସହରରୁ ଭୁଜ୍-ଦାଦର ଏକ୍ସପ୍ରେସ ଟ୍ରେନ ଯୋଗେ ଅହମଦାବାଦ ଫେରୁଥିବାବେଳେ ରାତି ପାଖାପାଖି ୨ଟା ବେଳେ ଗୁଳିକାଣ୍ଡ ଘଟିଥିଲା। ତାଙ୍କ ଦେହରେ ଦୁଇଟି ଗୁଳି ବାଜିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଗୁଳିକାଣ୍ଡର କାରଣ ଜଣାପଡିନାହିଁ। ଜଣେ ମହିଳା ବଳାତ୍କାର ଅଭିଯୋଗ ଆଣିବା ପରେ ଭାନୁଶାଲି ଗତବର୍ଷ ଜୁଲାଇରେ ଗୁଜରାଟ ଭାଜପା ଉପାଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ପରେ ମହିଳା ଜଣଙ୍କ ଅଭିଯୋଗ ପ୍ରତ୍ୟାହାର କରିନେବାରୁ ଗୁଜରାଟ ହାଇକୋର୍ଟ ମାମଲାକୁ ଖାରଜ କରିଦେଇଥିଲେ। ଭାନୁଶାଲି ୨୦୦୭ରୁ ୨୦୧୨ କୁଚ୍ ଜିଲାର ଅବଦାସା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଥିଲେ।

## ଟ୍ରେନ ଦୁର୍ଘଟଣା : ୩ ମୃତ, ୩ଶହ ଆହତ

**ଜୋହାନ୍ସବର୍ଗ,୮।୧(ପି.ଟି.):** ଦକ୍ଷିଣ ଆଫ୍ରିକାର ବ୍ୟସ୍ତବହୁଳ ସହର ପ୍ରିଟୋରିଆରେ ମଙ୍ଗଳବାର ସକାଳେ ଭୟାବହ ଟ୍ରେନ ଦୁର୍ଘଟଣା ଘଟିଛି। ଦୁଇ ଯାତ୍ରୀବାହୀ ଟ୍ରେନ ଧକ୍କାରେ ୩ଶହ ଆହତ ହୋଇଛନ୍ତି। ଦୁର୍ଘଟଣାସ୍ଥଳରୁ ୩ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଆହତମାନଙ୍କ ମଧ୍ୟରେ ୮୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କାକୁ ଦୃଷ୍ଟିରେ ରଖି ଜରୁରିକାଳୀନ ସେବା ଓ ତଜ୍ଜନିତ ପ୍ରସ୍ତୁତି ଅଭିଯାନ ଜୋରଦାର ହୋଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରେନଦ୍ୱୟ ରେଳଧାରଣାରୁ ଲାଇନଚ୍ୟୁତ୍ ହୋଇ ଓଲଟି ପଡ଼ିଥିବାବେଳେ ଉଦ୍ଧାର କାର୍ଯ୍ୟକୁ ବଳବତ୍ତର ରଖାଯାଇଛି। ଦକ୍ଷିଣ ଆଫ୍ରିକାରେ ପୂର୍ବରୁ ମଧ୍ୟ ଟ୍ରେନ୍ ଦୁର୍ଘଟଣା ଘଟିଛି। ବର୍ଷେ ତଳେ ଦକ୍ଷିଣାଞ୍ଚଳ ସହର ପୋର୍ଟ ଏଲିଜାବେଥ୍‌ଠାରେ ୧୯ ମୃତ ଓ ୨୫୪ ଆହତ ହୋଇଥିଲାବେଳେ ୨୦୧୬-୧୭ରେ ୪୯୫ ଯାତ୍ରୀ ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

## ଭାରତ ସୀମାରେ ଚାଇନା ସୈନ୍ୟଙ୍କୁ ହାଓ୍ୱିଜର କମାଣ

**ବେଜିଂ,୮।୧(ପି.ଟି.):** ଭାରତ ସୀମାବର୍ତ୍ତୀ ତିବ୍ବତରେ ମୁତୟନ ଚାଇନା ସୈନ୍ୟଙ୍କ ଆକ୍ରମଣ ସାମର୍ଥ୍ୟ ବୃଦ୍ଧି ଲାଗି ନିକଟରେ ହାଲୁକା ଯୁଦ୍ଧଟ୍ୟାଙ୍କ ଯୋଗାଇ ଦିଆଯାଇଥିବାବେଳେ ଏବେ ମୋବାଇଲ ହାଓ୍ୱିଜର କମାଣ ଯୋଗାଇ ଦିଆଯାଇଛି। ତିବ୍ବତ ସ୍ୱୟଂଶାସିତ ଅଞ୍ଚଳରେ ଅବସ୍ଥାପିତ ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ)ର ଉଚ୍ଚ ପାର୍ବତ୍ୟାଞ୍ଚଳରେ ସୀମା ସୁରକ୍ଷାରେ ଉନ୍ନତି ଲାଗି ଆକ୍ରମଣ କ୍ଷମତା ବଢ଼ାଇବା ଲକ୍ଷ୍ୟରେ ହାଓ୍ୱିଜର କମାଣ ସଜ୍ଜିତ ଯାନ ଯୋଗାଇ ଦିଆଯାଇଥିବା ଗ୍ଲୋବାଲ ଟାଇମ୍ସ ରିପୋର୍ଟରେ କୁହାଯାଇଛି। ଜଣେ ସାମରିକ ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ ହାଓ୍ୱିଜରରେ ୫୨ କାଲିବର ତୋପ ରହିଛି, ଯାହାର ଶୁଟିଂ ରେଞ୍ଜ ୫୦ କିଲୋମିଟରରୁ ଅଧିକ। ଏଥିରୁ ଲେଜର ଓ ସାଟେଲାଇଟ-ଗାଇଡେଡ୍ ଗୋଳାବର୍ଷଣ କରାଯାଇଥାଏ।

ଇତିହାସର ଆଇନାରେ

## ଜାନୁୟାରୀ ୯ର ପ୍ରମୁଖ ଘଟଣା

୨୦୧୧ ଜାନୁୟାରୀ ୯ରେ ଇରାନ୍‌ର ଏୟାର ଫ୍ଲାଇଟ୍-୨୭୭ ଦେଶର ଉତ୍ତରପଶ୍ଚିମ ଭାଗ ଓରୁମିୟେ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଏଥିରେ ଥିବା ୧୦୦ ଯାତ୍ରୀଙ୍କ ମଧ୍ୟରୁ ୭୭ ଲୋକଙ୍କ ମୃତ୍ୟୁ ଘଟିଥିଲା। ବୋଇଂ ୭୨୭-୨୮୬ ଏଡିଭି ନାମକ ଏହି ଯାତ୍ରିବାହୀ ବିମାନ ତେହେରାନ୍‌ସ୍ଥିତ ମେହରାବାଦ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟରୁ ଲକ୍ଷ୍ୟସ୍ଥଳ ଉର୍ମିଆ ଅଭିମୁଖେ ଯାତ୍ରା କରୁଥିଲା। ପାଗ କୁହୁଡିଆ ଥିବାରୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଥିଲା।

୧୯୪୫ ଜାନୁୟାରୀ ୯ରେ ଷଷ୍ଠ ଆମେରିକୀୟ ସ୍ଥଳସେନା ପକ୍ଷରୁ ଲିଙ୍ଗାୟିନ୍ ଗଲ୍ଫ ଉପରେ ଆକ୍ରମଣ ହୋଇଥିଲା। ଆମେରିକାର ଷଷ୍ଠ ସ୍ଥଳସେନାର ମୁଖ୍ୟ କାର୍ଯ୍ୟାଳୟ ଫୋର୍ଟ ସାମ୍ ହ୍ୟୁଷ୍ଟନ୍‌ରେ ରହିଛି।

### ■ ବର୍ମାଙ୍କୁ ପଦ ଫେରାଇ ପକ୍ଷଚ୍ଛେଦନ

# ସ୍ୱାଧୀନ ରହୁ ସିବିଆଇ

**ନୂଆଦିଲ୍ଲୀ,୮।୧(ପି.ଟି.)**



ଦେଶର ସର୍ବାଧିକ ଭରସାଯୋଗ୍ୟ ତଦନ୍ତକାରୀ ସଂସ୍ଥା ହେଉଛି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)। ଏହାର ନିର୍ଦ୍ଦେଶକଙ୍କୁ ‘ସ୍ୱାଧୀନତା ଓ ଅଖଣ୍ଡତାର ଆଦର୍ଶ’ ହେବାକୁ ପଡ଼ିବ। ସିବିଆଇର ସ୍ୱାଧୀନତାକୁ ସମସ୍ତ ପ୍ରକାର ନିୟନ୍ତ୍ରଣ ଓ ହସ୍ତକ୍ଷେପରୁ ମୁକ୍ତ ହେଲେ ହିଁ ଏହା ସୁନିଶ୍ଚିତ କରାଯାଇପାରିବ। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ନିଜ ପଦରେ ପୁନଃ ଅବସ୍ଥାପିତ କରି ମଙ୍ଗଳବାର ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି ସୁପ୍ରିମକୋର୍ଟ। କେନ୍ଦ୍ର ସରକାର ଓ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ସବୁ କ୍ଷମତା ଛଡ଼ାଇନେଇ ତାଙ୍କୁ ବାଧ୍ୟତାମୂଳକ ଭାବେ ଛୁଟିରେ ପଠାଇଦେଇଥିଲେ, ଯାହାକୁ ସର୍ବୋଚ୍ଚ ଅଦାଲତ ନାପସନ୍ଦ କରିଛନ୍ତି। ସିବିଆଇ ମୁଖ୍ୟଙ୍କ କାର୍ଯ୍ୟାଳୟର ସ୍ୱାୟତ୍ତତା ବଜାୟ ରଖିବା ପାଇଁ ଏହାକୁ ବାହ୍ୟ ହସ୍ତକ୍ଷେପରୁ ମୁକ୍ତ କରିବା ଉପରେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଗୁରୁତ୍ୱ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ବିବର୍ତ୍ତନର ଦୀର୍ଘ ଇତିହାସ ସୂଚାଏ ଯେ, ତଦନ୍ତକାରୀ ସଂସ୍ଥାରେ ହସ୍ତକ୍ଷେପ ସିବିଆଇକୁ ଭୟ ଓ ଅନୁଗ୍ରହ ଆଡ଼କୁ ଟାଣିନେବାର ଆଶଙ୍କା ସୃଷ୍ଟିକରେ। ସିବିଆଇକୁ ବାହ୍ୟ ହସ୍ତକ୍ଷେପରୁ ମୁକ୍ତ ରଖାଗଲେ ଯାଇ ଏହା ପ୍ରଭାବିତ ନ ହୋଇ ସାଧାରଣ ସ୍ୱାର୍ଥ ପାଇଁ ଉଚିତ ଭାବେ ନିଜ କର୍ତ୍ତବ୍ୟ ସମ୍ପାଦନ କରିପାରିବ। ଦିଲ୍ଲୀ ସ୍ୱତନ୍ତ୍ର ପୋଲିସ ପ୍ରତିଷ୍ଠା (ଡିଏସ୍‌ପିଇ) ଆଇନର ଧାରା ୪ଖ(୨)ର ଅବତାରଣା କରି ଖଣ୍ଡପୀଠ କହିଛନ୍ତି, ସିବିଆଇ ନିର୍ଦ୍ଦେଶକଙ୍କୁ ଚୟନ କମିଟିର ପୂର୍ବ ସହମତି ବିନା ବଦଳି କରାଯାଇ ପାରିବ ନାହିଁ ବୋଲି ଅଦାଲତ ୪୪ ପୃଷ୍ଠାର ରାୟରେ ସ୍ପଷ୍ଟ କରିଛନ୍ତି। ଏହାସହ ଗତବର୍ଷ ଅକ୍ଟୋବର ୨୩ ମଧ୍ୟରାତ୍ରିରେ ସିଭିସି ଓ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମାକୁ ଅଦାଲତ ଖାରଜ କରିଦେଇଛନ୍ତି। ହେଲେ ବର୍ମା ନିଜ କାର୍ଯ୍ୟକାଳ ମଧ୍ୟରେ କୌଣସି ବଡ଼ ଧରଣର ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ସ୍ପଷ୍ଟ କରିବା ସହ ତାଙ୍କର ପକ୍ଷଚ୍ଛେଦନ କରିଦେଇଛନ୍ତି ସୁପ୍ରିମକୋର୍ଟ। କାରଣ ଜାନୁୟାରୀ ୩୧ରେ ବର୍ମାଙ୍କ ଦୁଇବର୍ଷିଆ କାର୍ଯ୍ୟକାଳ ଶେଷ ହେବା ପରେ ସେ ଅବସର ନେବେ।

## ‘ରାଫାଲ ତଦନ୍ତରୁ ବର୍ତ୍ତିପାରିବେନି ମୋଦି’

**ନୂଆଦିଲ୍ଲୀ,୮।୧(ପି.ଟି.)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଫାଲ ତଦନ୍ତରୁ କେହି ରକ୍ଷା କରିପାରିବେ ନାହିଁ। ମୋଦି ଜନସାଧାରଣଙ୍କ ୩୦,୦୦୦ କୋଟି ଟଙ୍କା ନେଇ ତାଙ୍କ ବନ୍ଧୁ ଅନିଲ ଅମ୍ବାନୀଙ୍କୁ ଦେଇଛନ୍ତି। ଏହି ବିଷୟ ବିନା କୌଣସି ସନ୍ଦେହର ଛାୟାରେ ସାରା ଦେଶ ଜାଣିବ। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ସୁପ୍ରିମକୋର୍ଟ ପୁନଃ ଅବସ୍ଥାପିତ କରିବା ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏଭଳି ଭାଷାରେ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ସ୍ୱାଗତ କରି ରାହୁଲ କହିଛନ୍ତି, ବର୍ମା ରାଫାଲ ଯୁଦ୍ଧବିମାନ ଚୁକ୍ତିରେ ହୋଇଥିବା ଦୁର୍ନୀତିର ତଦନ୍ତ ଆରମ୍ଭ କରିବାକୁ ଯାଉଥିବାବେଳେ କେନ୍ଦ୍ର ସରକାର ତାଙ୍କୁ ଏଥିରୁ ବିଚ୍ୟୁତ କରିଥିଲେ। ଏବେ ବର୍ମାଙ୍କୁ କିଛି ମାତ୍ରାରେ ନ୍ୟାୟ ମିଳିଛି। ମୋଦି ଉକ୍ତ ତଦନ୍ତରୁ ଆଉ ପଳାୟନ କରିପାରିବେ ନାହିଁ ବୋଲି ପାର୍ଲାମେଣ୍ଟ ବାହାରେ ରାହୁଲ କହିଛନ୍ତି।

## ‘ଇସ୍ତଫା ଦିଅନ୍ତୁ ପ୍ରଧାନମନ୍ତ୍ରୀ’



“ସୁପ୍ରିମକୋର୍ଟ ଆଲୋକ ବର୍ମାଙ୍କୁ ସିବିଆଇ ନିର୍ଦ୍ଦେଶକ ପଦରେ ପୁନଃ ଅବସ୍ଥାପିତ କରିଛନ୍ତି। ପ୍ରଧାନମନ୍ତ୍ରୀ ଓ ତାଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଦୋଷୀ ବୋଲି ଅଦାଲତଙ୍କ ରାୟରୁ ସ୍ପଷ୍ଟ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିପାଇଁ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ। ସ୍ୱାଧୀନ ଭାରତରେ କୌଣସି ସରକାର ଏଭଳି ଭାବେ ସଂସ୍ଥାଗୁଡ଼ିକୁ ହତ୍ୟା କରିବାକୁ ଉଦ୍ୟମ କରି ନ ଥିଲେ।

-ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ



“ଶୀର୍ଷ ଅଦାଲତଙ୍କ ରାୟ ମୋଦି ସରକାର ଏବଂ କେନ୍ଦ୍ରୀୟ ଭିଜିଲାନ୍ସ କମିଶନରଙ୍କ ଗାଲରେ ଏକ ଶକ୍ତ ଚାପୁଡ଼ା। ସିବିଆଇ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କୁ ବଞ୍ଚାଇବା ଲାଗି ଉଭୟେ ହସ୍ତକ୍ଷେପ କରିଥିଲେ। ଏଥିପାଇଁ ଉଭୟଙ୍କୁ ଦାୟୀ କରାଯିବା ଉଚିତ। କେନ୍ଦ୍ର ଆଲୋକ ବର୍ମାଙ୍କୁ ଯେତିକି ଦିନ ଛୁଟିରେ ପଠାଇଥିଲା, ତାଙ୍କର କାର୍ଯ୍ୟକାଳ ସେତିକି ଦିନ ବୃଦ୍ଧି କରାଯାଉ।

-ଏସ୍. ସୁଧାକର ରେଡ୍ଡୀ, ସିପିଆଇ ସାଧାରଣ ସମ୍ପାଦକ



“କେନ୍ଦ୍ର ସରକାର ଲୋକଙ୍କ ଉପରେ ଚାପ ପକାଇବା ପାଇଁ ଏଭଳି ସଂସ୍ଥାଗୁଡ଼ିକୁ ବ୍ୟବହାର କରୁଛନ୍ତି। ଆସନ୍ତାକାଲି ଆଉ କେହି ଏପରି କଲେ ଗଣତନ୍ତ୍ରର ଅବସ୍ଥା କ’ଣ ହେବ? ସୁପ୍ରିମକୋର୍ଟଙ୍କ ରାୟ କେନ୍ଦ୍ର ପାଇଁ ଏକ ଶିକ୍ଷା।

-ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ କଂଗ୍ରେସ ନେତା



“ପ୍ରଧାନମନ୍ତ୍ରୀ ଦେଶର ସଂସ୍ଥାଗୁଡ଼ିକୁ ଓ ଗଣତନ୍ତ୍ରକୁ ଧ୍ୱଂସ କରିଦେଲେଣି। ତାଙ୍କ ଆଡକୁ ପ୍ରତ୍ୟକ୍ଷ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ରାଫାଲ ଦୁର୍ନୀତିର ତଦନ୍ତକୁ ବନ୍ଦ କରିବା ଲାଗି ସିବିଆଇ ନିର୍ଦ୍ଦେଶକଙ୍କୁ ରାତିଆଧିଆ ପଦରୁ ହଟାଇ ଦିଆଯାଇ ନ ଥିଲା କି?

-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ



“ଆଲୋକ ବର୍ମାଙ୍କ ବିଜୟ ହୋଇଛି। କିନ୍ତୁ ନିଷ୍ପତ୍ତି ନେବାର କ୍ଷମତା ତାଙ୍କଠାରୁ କାଢ଼ି ନିଆଯିବା ଆଶ୍ଚର୍ଯ୍ୟଜନକ।

-ପ୍ରଶାନ୍ତ ଭୂଷଣ, ବରିଷ୍ଠ ଆଇନଜୀବୀ



“ଅଦାଲତଙ୍କ ରାୟ ସଂସ୍ଥାଗତ ସ୍ୱାଧୀନତା ପ୍ରତି ଲୋକଙ୍କ ପୁନଃ ଆସ୍ଥା ସ୍ଥାପିତ କରିଛି। ଏହା କେନ୍ଦ୍ର ସରକାରଙ୍କ ପରାଜୟ।

-ମେହବୁବା ମୁଫ୍‌ତି, ପିଡିପି ଅଧ୍ୟକ୍ଷା

## ନାଗରିକତ୍ୱ ସଂଶୋଧନ ବିଲ୍‌କୁ ଲୋକ ସଭାର ମଞ୍ଜୁରୀ

**ନୂଆଦିଲ୍ଲୀ,୮।୧(ପି.ଟି.)**

ବାଂଲାଦେଶ, ପାକିସ୍ତାନ ଏବଂ ଆଫଗାନିସ୍ତାନରୁ ଆସିଥିବା ଅଣ ମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ସରକାର ଆଣିଥିବା ବିଲ୍ ମଙ୍ଗଳବାର ଲୋକ ସଭାରେ ଗୃହୀତ ହୋଇଛି। ବିଲ୍‌କୁ କଂଗ୍ରେସ, ବାମଦଳ ସମେତ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିରୋଧ କରାଯାଇଥିଲା। ଉତ୍ତରପୂର୍ବାଞ୍ଚଳର ଅଧିକାଂଶ ଦଳ ଏପରିକି ଭାଜପା ସହଯୋଗୀ ମଧ୍ୟ ନାଗରିକତ୍ୱ (ସଂଶୋଧନ) ବିଲ୍, ୨୦୧୯ ସମ୍ବିଧାନର ମୂଳ ଆଭିମୁଖ୍ୟର ପରିପନ୍ଥୀ ଦର୍ଶାଇ ଦୃଢ଼ବିରୋଧ କରିଥିଲେ। ବିଲ୍‌କୁ ପୁଣି ଥରେ ସଂସଦୀୟ କମିଟିକୁ ପଠାଇବା ପାଇଁ କଂଗ୍ରେସ ଓ ଟିଏମ୍‌ସି ପକ୍ଷରୁ ଦାବି କରାଯାଇଥିଲା। ସରକାର ସେମାନଙ୍କ ଦାବିକୁ ଅଗ୍ରାହ୍ୟ କରିଦେବା ପରେ ଉଭୟ ଦଳର ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ନାଗରିକତ୍ୱ ସଂଶୋଧନ ବିଲ୍‌କୁ ବିରୋଧ କରି ଭାଜପାର ଆଞ୍ଚଳିକ ସହଯୋଗୀ ଆସାମ ଗଣପରିଷଦ (ଏଜିପି) ସୋମବାର ସମ୍ପର୍କ ଛିନ୍ନ କରିଥିଲା।

ବିଲ୍ ଆଗତ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ କହିଥିଲେ, ଏହା ସାମ୍ବିଧାନିକ ବ୍ୟବସ୍ଥା ବିରୋଧୀ ନୁହେଁ ଏବଂ ଉପରୋକ୍ତ ତିନି ପଡୋଶୀ ଦେଶର ପ୍ରପୀଡ଼ିତ ସଂଖ୍ୟାଲଘୁଙ୍କ ଲାଗି ସହାୟକ ହେବ। ବିଲ୍‌ର ବ୍ୟବସ୍ଥା ଅନୁଯାୟୀ ଯେଉଁ ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନର ହିନ୍ଦୁ, ଜୈନ, ଖ୍ରୀଷ୍ଟିୟାନ, ଶିଖ୍, ବୌଦ୍ଧ ଧର୍ମାବଲମ୍ବୀ ଏବଂ ପାର୍ସୀ ଭାରତରେ ୧୨ ବର୍ଷ ପରିବର୍ତ୍ତେ ଅନ୍ୟୂନ ୬ ବର୍ଷ ରହିଥିବେ, ସେମାନଙ୍କ ପାଖରେ ଆବଶ୍ୟକ କାଗଜପତ୍ର ଥାଉ କି ନ ଥାଉ ଭାରତୀୟ ନାଗରିକତ୍ୱ ମିଳିପାରିବ।

ଏହି ବିଲ୍‌କୁ ଆସାମ ଏବଂ ଉତ୍ତରପୂର୍ବାଞ୍ଚଳରେ ଦୃଢ଼ବିରୋଧ କରାଯାଇଛି। ମଙ୍ଗଳବାର ଉପରୋକ୍ତ ରାଜ୍ୟରେ ବନ୍ଦ ପାଳନ କରାଯାଇଥିଲା। ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲଙ୍କ ବାସଭବନ ଘେରିବାକୁ ବିକ୍ଷୋଭକାରୀ ଉଦ୍ୟମ କରିବାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଆସାମର କେତେକ ସ୍ଥାନରେ ବନ୍ଦ ହିଂସାତ୍ମକ ରୂପ ନେଇଥିଲା। ଡିବ୍ରୁଗଡରେ ଭାଜପା କାର୍ଯ୍ୟାଳୟ ଭଙ୍ଗାରୁଜା ଲାଗି ଆନ୍ଦୋଳନକାରୀ ଉଦ୍ୟମ କରିବାରୁ ସେମାନଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲାଠିଚାର୍ଜ କରିବା ସହ ରବର ବୁଲେଟ୍ ଫାୟାରିଂ କରିଥିଲା। ବନ୍ଦ ପାଳନ ଯୋଗୁ ଆସାମ ଓ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଥିଲା।

## ବିକ୍ରମ ମିସ୍ରି ଚାଇନାରେ ଭାରତର ରାଷ୍ଟ୍ରଦୂତ

**ବେଜିଂ,୮।୧(ପି.ଟି.)**



ଚାଇନାରେ ଭାରତର ରାଷ୍ଟ୍ରଦୂତ ଭାବେ ବିକ୍ରମ ମିସ୍ରି ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଚାଇନାର ଉଚ୍ଚସ୍ତରୀୟ କର୍ତ୍ତୃପକ୍ଷଙ୍କୁ ଭେଟିଛନ୍ତି। ଏଥିସହ ସେ ତାଙ୍କ ବିଶ୍ୱସନୀୟତାର ପ୍ରମାଣପତ୍ର ବେଜିଂସ୍ଥିତ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟରେ ପ୍ରୋଟକଲ ଉପମହାନିର୍ଦ୍ଦେଶକ ହୋଙ୍ଗ୍ ଲିଙ୍କୁ ହସ୍ତାନ୍ତର କରିଛନ୍ତି।

## ସାମ୍ବିଧାନିକ ପୀଠରେ ହେବ ଅଯୋଧ୍ୟା ଶୁଣାଣି

**ନୂଆଦିଲ୍ଲୀ,୮।୧(ପି.ଟି.)**



ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣି ଲାଗି ସୁପ୍ରିମକୋର୍ଟ ମଙ୍ଗଳବାର ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଗଠନ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଖଣ୍ଡପୀଠରେ ଜଷ୍ଟିସ ଏସ.ଏ. ବୋବଡେ, ଏନ.ଭି. ରମାନା, ୟୁ.ୟୁ. ଲଳିତ ଏବଂ ଡି.ଓ୍ୱାଇ.ଚନ୍ଦ୍ରଚୂଡ଼ ରହିଛନ୍ତି। ଆସନ୍ତା ୧୦ ତାରିଖ ପୂର୍ବାହ୍ନ ସାଢ଼େ ୧୦ଟାରେ ଉକ୍ତ ଖଣ୍ଡପୀଠ ମାମଲାର ଶୁଣାଣି କରିବେ। ଅଯୋଧ୍ୟା ଜମି ବିବାଦ ମାମଲାରେ ଆଲ୍ଲାହାବାଦ ହାଇକୋର୍ଟ ୨୦୧୦ରେ ଦେଇଥିବା ରାୟକୁ ବିରୋଧ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ ଦାଏର ହୋଇଥିଲା। ଆଲ୍ଲାହାବାଦ ହାଇକୋର୍ଟ ୨.୭୭ ଏକର ବିବାଦୀୟ ଜମିକୁ ସୁନ୍ନୀ ଓ୍ୱାକଫ ବୋର୍ଡ, ନିର୍ମୋହୀ ଆଖଡ଼ା ଏବଂ ରାମଲାଲାଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିବାକୁ ନିର୍ଦ୍ଦେଶ ଦେଇଥିଲେ। ଅକ୍ଟୋବର ୨୯ରେ ସୁପ୍ରିମକୋର୍ଟ ମାମଲାର ଶୁଣାଣି ଜାନୁୟାରୀ ପ୍ରଥମ ସପ୍ତାହରେ ହେବ ବୋଲି କହିଥିଲେ। ଗତ ୪ ତାରିଖରେ ସର୍ବୋଚ୍ଚ ଅଦାଲତ ଉପଯୁକ୍ତ ଖଣ୍ଡପୀଠରେ ୧୦ରେ ମାମଲାର ଶୁଣାଣି ଲାଗି ସମୟ ଧାର୍ଯ୍ୟ କରିଥିଲେ।

ଫୁର୍‌ସତ

## ମଲାଲାଙ୍କ ନୂଆ ପୁସ୍ତକ ‘ଆମେ ବିସ୍ଥାପିତ’




**ନୂଆଦିଲ୍ଲୀ:** ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ତଥା ପାକିସ୍ତାନୀ ସାମାଜିକ କର୍ମୀ ମଲାଲା ୟୁସଫ୍‌ଜାଇଙ୍କ ନୂଆ ପୁସ୍ତକ ବୁଧବାର ରିଲିଜ ହେଉଛି। ସେ ବିଶ୍ୱର ବିଭିନ୍ନ ଶରଣାର୍ଥୀ ଶିବିର ପରିଦର୍ଶନ କରି ବିଶେଷକରି ବାଳିକା ଓ ମହିଳା ଶରଣାର୍ଥୀଙ୍କ ସହ ଭାବବିନିମୟ କରି ଯେଉଁ ଅନୁଭୂତି ହାସଲ କରିଛନ୍ତି ତାହା ଏହି ପୁସ୍ତକରେ ବର୍ଣ୍ଣିତ ହୋଇଛି। ଉକ୍ତ ପୁସ୍ତକର ନାମ ‘ଉଇ ଆର୍ ଡିସ୍‌ପ୍ଲେସ୍‌ଡ’ (ଆମେ ବିସ୍ଥାପିତ) ରଖାଯାଇଛି। ବୁଧବାର ଭାରତରେ ଏହି ପୁସ୍ତକ ବହୁଳ ଭାବରେ ବିକ୍ରିହେବା ଆଶା କରାଯାଉଛି। ପ୍ରଥମକରି ସେ ନିଜେ ଜଣେ ବିସ୍ଥାପିତ ବ୍ୟକ୍ତି। ପାକିସ୍ତାନର ଏହି ତରୁଣୀ ସ୍କୁଲରେ ପାଠ ପଢୁଥିବା ସମୟରେ ବାଳିକା ଶିକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟିକରିବାରୁ ଆକ୍ରମଣର ଶିକାର ହୋଇଥିଲେ। ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ମଲାଲାଙ୍କୁ ନିଜ ଦେଶରୁ ବିସ୍ଥାପିତ ହେବାକୁ ପଡ଼ିଥିଲା। ବର୍ତ୍ତମାନ ଅନ୍ତର୍ଜାତୀୟ ସାମାଜିକ କର୍ମୀ ପାଲଟି ଯାଇଥିବାରୁ ସେ ବିଶ୍ୱର ଯେ କୌଣସି ସ୍ଥାନକୁ ଯାଇପାରୁଛନ୍ତି। କିନ୍ତୁ ତାଙ୍କର ପ୍ରିୟ ଜନ୍ମଭୂମିକୁ ସେ ମୁକ୍ତଭାବରେ ଯାଇପାରୁନାହାନ୍ତି। ମଲାଲା ବିଭିନ୍ନ ଶରଣାର୍ଥୀ ଶିବିରରେ ଅନେକ ବାଳିକାଙ୍କୁ ଭେଟିଛନ୍ତି, ଯେଉଁମାନେ ନିଜର ଦେଶ, ସମ୍ପ୍ରଦାୟ ଏବଂ ଆତ୍ମୀୟସ୍ୱଜନଙ୍କୁ ହରାଇ ଦୁନିଆରେ ଏକା ଏକା ଜୀବନ ବଞ୍ଚୁଛନ୍ତି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୧୧.୭ |
| ଚାନ୍ଦବାଲି | ୨୬.୩ | ୧୩.୨ |
| କଟକ | ୨୮.୨ | ୧୧.୨ |
| ପାରାଦ୍ୱୀପ | ୨୭.୦ | ୧୫.୦ |
| ଭୁବନେଶ୍ୱର | ୩୦.୦ | ୧୩.୦ |
| ଗୋପାଳପୁର | ୨୮.୯ | ୧୫.୩ |
| ପୁରୀ | ୨୮.୬ | ୧୬.୨ |
| ଅନୁଗୋଳ | ୨୫.୭ | ୧୦.୪ |
| ବାରିପଦା | ୨୬.୫ | ୧୨.୫ |
| ଝାରସୁଗୁଡ଼ା | ୨୫.୭ | ୧୨.୭ |
| କେନ୍ଦୁଝର | ୨୪.୯ | ୯.୮ |
| ସମ୍ବଲପୁର | ୨୫.୮ | ୧୨.୪ |
| ସୁନ୍ଦରଗଡ଼ | --- | ୯.୦ |
| ହୀରାକୁଦ | ୨୫.୪ | ୧୩.୯ |
| ତାଳଚେର | ୨୯.୬ | ୯.୮ |
| ଭବାନୀପାଟଣା | ୨୬.୨ | ୧୩.୦ |
| ବଲାଙ୍ଗୀର | ୨୭.୬ | ୧୦.୦ |
| କୋରାପୁଟ | ୨୪.୬ | ୧୦.୪ |
| ଫୁଲବାଣୀ | --- | ୯.୮ |
| ଟିଟିଲାଗଡ଼ | --- | ୧୦.୫ |
| ମାଲକାନଗିରି | ୩୦.୦ | ୧୫.୫ |
| ସୋନପୁର | ୨୭.୮ | ୧୦.୪ |
| ଦାରିଙ୍ଗିବାଡ଼ି | --- | ୧୦.୯ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ‘ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର’ ବିରୋଧରେ ପିଆଇଏଲ୍




**ନୂଆଦିଲ୍ଲୀ:** ‘ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର’ର ଟ୍ରେଲର ରିଲିଜକୁ ନିଷିଦ୍ଧ କରିବା ନିମନ୍ତେ ଦିଲ୍ଲୀ ହାଇକୋର୍ଟରେ ମଙ୍ଗଳବାର ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଉକ୍ତ ଫିଲ୍ମ ପ୍ରଧାନମନ୍ତ୍ରୀ ଭଳି ଏକ ସାମ୍ବିଧାନିକ ପଦ ଓ ମର୍ଯ୍ୟାଦାର ଅବମାନନା କରୁଥିବା ଆବେଦନରେ ଦର୍ଶାଯାଇଛି। ଏହାର କାହାଣୀ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପୂର୍ବତନ ମିଡିଆ ଆଡଭାଇଜର ସଞ୍ଜୟ ବାରୁଙ୍କ ଦ୍ୱାରା ଲିଖିତ ପୁସ୍ତକ ଉପରେ ଆଧାରିତ। ଉକ୍ତ ପୁସ୍ତକର ଟାଇଟଲ୍ ମଧ ସମାନ ରଖାଯାଇଛି। ଅଭିନେତା ଅନୁପମ ଖେର ଏବଂ ଅକ୍ଷୟ ଖାନ୍ନା ଯଥାକ୍ରମେ ମନମୋହନ ସିଂ ଏବଂ ସଞ୍ଜୟ ବାରୁ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଦିଲ୍ଲୀର ଫେଶନ ଡିଜାଇନର ପୂଜା ମହାଜନ ତାଙ୍କ ଓକିଲ ଅରୁଣ ମୈତ୍ରୀଙ୍କ ଜରିଆରେ ଏହି ଜନସ୍ୱାର୍ଥ ସମ୍ବଳିତ ମାମଲା ଦାଏର କରିଛନ୍ତି। ପ୍ରଧାନମନ୍ତ୍ରୀ ଭଳି ଏକ ସାମ୍ବିଧାନିକ ପଦବୀର ଭାବମୂର୍ତ୍ତି କ୍ଷୁଣ୍ଣ ହେବା ସହିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହି ପଦବୀର ଦୁର୍ନାମ ହେଉଥିବା ପୂଜା ତାଙ୍କ ଆବେଦନରେ ଅଭିଯୋଗ କରିଛନ୍ତି।

DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୯/୨୦୧୯ | Bhubaneswar, Wednesday, January 9/ 2019 | ପୃଷ୍ଠା-୧



## ସୂର୍ଯ୍ୟକାନ୍ତଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

ବିକାଶ ଗ୍ରାଉଣ୍ଡରେ ଚାଲିଥିବା ଗୋଆ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଅର୍ଦ୍ଧଶତକ ହାସଲ ସହ ୫ ଉଇକେଟ ସଫଳତା ପାଇଛନ୍ତି ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନ।

୧୨

୧୧

## ନିଲେକାନି ହେଲେ ଆର୍‌ବିଆଇ କମିଟି ଅଧ୍ୟକ୍ଷ

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଗଠିତ ୫ ଜଣିଆ କମିଟିରେ ଇନଫୋସିସ୍ ସହ ପ୍ରତିଷ୍ଠାତା ନନ୍ଦନ ନିଲେକାନିଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି।



### ସିବିଆଇ ବିବାଦରେ କେନ୍ଦ୍ରକୁ ସୁପ୍ରିମକୋର୍ଟ ଝଟକା

# ଆଲୋକ ବର୍ମା ପୁନଃ ଅବସ୍ଥାପିତ



ଆଲୋକ ବର୍ମା

- ସରକାରଙ୍କ ଅକ୍ଟୋବର ୨୩ ନିର୍ଦ୍ଦେଶ ଖାରଜ
- ପଦକୁ ଫେରିଲେ ବର୍ମା, ହେଲେ ନେଇପାରିବେନି ବଡ଼ ନିଷ୍ପତ୍ତି
- ସିବିଆଇ ନିର୍ଦ୍ଦେଶକଙ୍କ ଉପରେ ସପ୍ତାହେ ମଧ୍ୟରେ ଉଚ୍ଚକ୍ଷମତାସମ୍ପନ୍ନ କମିଟି ବିଚାର କରିବ

ନୂଆଦିଲ୍ଲୀ,୮।୧(ପି.ଟି.)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ କେନ୍ଦ୍ରର ମନମାନି ଚାଲିବ ନାହିଁ। ଏହାକୁ ନେଇ ସରକାର ଏକତରଫା କୌଣସି ବଡ଼ ନିଷ୍ପତ୍ତି ନେଇପାରିବେ ନାହିଁ। ସୁପ୍ରିମକୋର୍ଟ ମଙ୍ଗଳବାର ଏହା ସ୍ପଷ୍ଟ କରିବା ସହ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ତାଙ୍କ ପଦବୀରେ ପୁନଃ ଅବସ୍ଥାପିତ କରିଛନ୍ତି। ଏଥିସହ ଶୀର୍ଷ ଅଦାଲତ କେନ୍ଦ୍ରର ଅକ୍ଟୋବର ୨୩ ନିଷ୍ପତ୍ତିକୁ ଖାରଜ କରିଦେଇଛନ୍ତି। କିନ୍ତୁ ବର୍ମାଙ୍କ ବିରୋଧରେ ଆଗତ ଦୁର୍ନୀତି ମାମଲାର ତଦନ୍ତ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଶେଷ ନ କରିବା ଯାଏ ସେ କୌଣସି ବଡ଼ ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ଅଦାଲତ ବାରଣ କରିଛନ୍ତି। ଅନ୍ୟପକ୍ଷରେ ବର୍ମାଙ୍କ ବିରୋଧରେ ଏକ ଉଚ୍ଚକ୍ଷମତାସମ୍ପନ୍ନ କମିଟି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବ, ଯାହାକି ସିବିଆଇ ନିର୍ଦ୍ଦେଶକଙ୍କୁ ଚୟନ କରି ନିଯୁକ୍ତି ଦେଇଥାଏ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାକୁ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଝଟକା ଭାବେ ଅଭିହିତ କରିଛି। ସରକାରଙ୍କ ପକ୍ଷରୁ ଅଦାଲତଙ୍କ ରାୟକୁ ଏକ ସନ୍ତୁଳିତ ଅଭିମୁଖ୍ୟ ବୋଲି କୁହାଯାଇଛି।

ସିବିଆଇରେ ଅହମିକାର ଲଢ଼େଇ ଚରମ ସୀମାରେ ପହଞ୍ଚିଥିଲା। ସିବିଆଇର ନମ୍ବର ୧ ଓ ୨ କୁହାଯାଉଥିବା ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ରାକେଶ ଅସ୍ଥାନା ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। ଏହି ବିବାଦ ଏତେ ଜଟିଳ ହୋଇପଡ଼ିଥିଲା ଯେ, ଶେଷରେ ଅକ୍ଟୋବର ୨୩ରେ କେନ୍ଦ୍ର ସରକାର ରାତିଅଧିଆ ଏହି ଦୁଇ ☞ପୃଷ୍ଠା–୧୦

### ଧାନର ଏମ୍‌ଏସ୍‌ପି ବୃଦ୍ଧି ଦାବି କଲା ବିଜୁ କୃଷକ ଜନତା ଦଳ

# ନୂଆଦିଲ୍ଲୀରେ ଶକ୍ତି ପ୍ରଦର୍ଶନ



କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ଧାନର ଏମ୍‌ଏସ୍‌ପି ଅପର୍ଯ୍ୟାପ୍ତ ଦର୍ଶାଇ ନୂଆଦିଲ୍ଲୀ ଧାଇଁଛି ରାଜ୍ୟରେ ସରକାରରେ ଥିବା ବିଜେଡି। ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକ ଦିଲ୍ଲୀ ଦରବାରରେ କେନ୍ଦ୍ରରେ ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରି କାଠଗଡାରେ ଛିଡ଼ା କରାଇଛନ୍ତି। କେନ୍ଦ୍ର ସରକାର ଚାଷୀ ବିରୋଧୀ । ତେଣୁ କୃଷକଙ୍କ ସମସ୍ୟାଗୁଡିକର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନେଉନାହାନ୍ତି ବୋଲି ନବୀନ ମୋଦି ସରକାର ଉପରେ ବର୍ଷିଛନ୍ତି।

- କେନ୍ଦ୍ର ସରକାର ଚାଷୀ ବିରୋଧୀ: ନବୀନ
- ଉଠିଲା ଆର୍ଥିକ ସ୍ୱାୟତ୍ତତା ପ୍ରସଙ୍ଗ
- ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଧାନର କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)କୁ ୨୯୩୦ ଟଙ୍କାକୁ ବୃଦ୍ଧି କରାଯାଉ। ଏହି ଦାବିରେ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ନୂଆଦିଲ୍ଲୀରେ ଶକ୍ତି ପ୍ରଦର୍ଶନ କରାଯାଇଛି। ଏମ୍‌ଏସ୍‌ପି ଲାଗୁ ନ ହେବା ପ୍ରସଙ୍ଗରେ କେନ୍ଦ୍ର ସମ୍ପୂର୍ଣ୍ଣଭାବେ ଦାୟୀ। ତେଣୁ ଓଡ଼ିଆ ଚାଷୀଙ୍କ କଲ୍ୟାଣ ପାଇଁ କେନ୍ଦ୍ର ତୁରନ୍ତ ଏମ୍‌ଏସ୍‌ପି ବୃଦ୍ଧି କରୁ । ବିଜୁ କୃଷକ ଜନତା ଦଳ ପକ୍ଷରୁ ମଙ୍ଗଳବାର ନୂଆଦିଲ୍ଲୀଠାରେ ଆୟୋଜିତ କୃଷକ ଅଧିକାର ସମାବେଶରେ ଯୋଗଦେଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ନୂଆଦିଲ୍ଲୀସ୍ଥିତ ତାଲକୋଟ୍ରା ଷ୍ଟାଡିୟମରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ କେନ୍ଦ୍ର ଉପରେ ବର୍ଷିଛନ୍ତି। ଏଥିସହିତ ବିକ୍ଷୋଭ ପ୍ରଦର୍ଶନ ପରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସନ୍ଧ୍ୟାରେ ରାଷ୍ଟ୍ରପତି ଭବନ ଯାଇ ଦାବି ସମ୍ପର୍କରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏମ୍‌ଏସ୍‌ପି ବୃଦ୍ଧି ନେଇ ଓଡ଼ିଶା ବିଧାନସଭାରେ ଗୃହୀତ ପ୍ରସ୍ତାବକୁ କେନ୍ଦ୍ରର ଅବହେଳା, ଉକ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରଧାନମନ୍ତ୍ରୀ ସମୟ ନ ଦେବା ଏବଂ ସ୍ୱାମୀନାଥନ୍ କମିଟର ସୁପାରିସ ଲାଗୁ କରା ନ ଯିବାକୁ ମୁଖ୍ୟମନ୍ତ୍ରୀ ସମାଲୋଚନା କରିଛନ୍ତି। ନିର୍ବାଚନ ପୂର୍ବରୁ ଚାଷ ସମ୍ପର୍କିତ ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଭାଜପା କ୍ଷମତା ଲାଭ ପରେ ସବୁ ଭୁଲି ଯାଇଥିବା କହି ନବୀନ କେନ୍ଦ୍ରକୁ ସମାଲୋଚନା କରିଛନ୍ତି। ସେହିପରି ଦଳର ପ୍ରତିଷ୍ଠା ଦିବସ ☞ପୃଷ୍ଠା–୨



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ନେତୃବୃନ୍ଦ ।

### ସାଧାରଣ ବର୍ଗ ଗରିବଙ୍କ ଲାଗି ୧୦% ସ୍ଥାନ ସଂରକ୍ଷଣ

# ସମ୍ବିଧାନ ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୮।୧(ପି.ଟି.)

ସାଧାରଣ ବର୍ଗର ଗରିବଙ୍କ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗି ସରକାର ଆଣିଥିବା ସମ୍ବିଧାନ ସଂଶୋଧନ ବିଲ୍ ମଙ୍ଗଳବାର ଲୋକ ସଭାରେ ଗୃହୀତ ହୋଇଛି। ୩୨୩ ସଦସ୍ୟ ବିଲ୍‌କୁ ସମର୍ଥନ କରିଥିବାବେଳେ ମାତ୍ର ୩ ଜଣ ବିରୋଧରେ ଭୋଟ ଦେଇଥିବା ବାଚସ୍ପତି ସୁମିତ୍ରା ମହାଜନ କହିଛନ୍ତି। ଏହି ବିଲ୍ ଆଲୋଚନାରେ ପାଖାପାଖି ୩୦ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ବୁଧବାର ବିଲ୍‌କୁ ରାଜ୍ୟ ସଭାରେ ଆଗତ କରାଯିବ।

ଭାଜପା ନେତାମାନେ ଏହି ବିଲ୍‌କୁ 'ମାଷ୍ଟରଷ୍ଟ୍ରୋକ୍' ଏବଂ ଗେମ୍ ଚେଞ୍ଜର କହିଥିବାବେଳେ ଅଧିକାଂଶ ବିରୋଧୀ ଦଳ ବିଲ୍‌କୁ ସମର୍ଥନ କରିଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ ବିଲ୍ ଅଣାଯିବାକୁ ନେଇ ବିରୋଧୀ ଦଳ ସମାଲୋଚନା କରିଥିଲେ। ବିଲ୍ ଆଣିବାରେ ବିଳମ୍ବ ହୋଇଥିବା କଥାକୁ ସ୍ୱୀକାର କରି ସାମାଜିକ ନ୍ୟାୟ ମନ୍ତ୍ରୀ ଥାୱର ଚାନ୍ଦ ଗେହଲଟ କହିଥିଲେ, ସରକାରଙ୍କ ନୀତି ଓ ଉଦ୍ଦେଶ୍ୟ ଭଲ । ଏହି ସଂଶୋଧନ ଦ୍ୱାରା ସବୁ ଧର୍ମର ଗରିବ ଲୋକେ ଉପକୃତ ହୋଇପାରିବେ ବୋଲି ସେ କହିଥିଲେ। ସମ୍ବିଧାନ ସଂଶୋଧନ ବିଲ୍ ଆଲୋଚନା ଆରମ୍ଭ କରି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ, କଂଗ୍ରେସ ସମେତ ସମସ୍ତ ରାଜନୈତିକ ଦଳ ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ଏଭଳି ପଦକ୍ଷେପକୁ ସମର୍ଥନ କରିଥିବାରୁ ଏହା ସେମାନଙ୍କ ପ୍ରତିବଦ୍ଧତାର ଅସଲ ପରୀକ୍ଷା ହେବ । ସୁପ୍ରିମକୋର୍ଟ ମୋଟ ସ୍ଥାନ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ ବୋଲି ଧାର୍ଯ୍ୟ କରିଥିବାରୁ ସରକାରଙ୍କ ଏହି ନିଷ୍ପତ୍ତି ତାହାର ଉଲ୍ଲଂଘନ ବୋଲି ବିଭିନ୍ନ ଦଳ ଉଠାଇଥିବା ପ୍ରଶ୍ନକୁ ଖଣ୍ଡନ କରି ଜେଟ୍‌ଲୀ କହିଥିଲେ, ଉକ୍ତ ସୀମା କେବଳ ଜାତିଭିତ୍ତିକ କୋଟା ପାଇଁ ଉଦ୍ଦିଷ୍ଟ। ସରକାର ଆଣିଥିବା ବିଲ୍ ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ହୋଇଥିବାରୁ ଏକ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ☞ପୃଷ୍ଠା–୧୦

# ରାଉରକେଲାରେ ବିମାନବନ୍ଦର

**ଡିଜିସିଏ ପକ୍ଷରୁ ମିଳିଲା ଲାଇସେନ୍ସ**

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଓଡ଼ିଶାର ଇସ୍ପାତ ନଗରୀରେ ରାଜ୍ୟର ତୃତୀୟ ବିମାନବନ୍ଦର ପ୍ରତିଷ୍ଠା ହେବ। ଏଥିପାଇଁ କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ(ଡିଜିସିଏ) ପକ୍ଷରୁ ସବୁଜ ସଙ୍କେତ ମିଳିସାରିଛି। ରାଉରକେଲାରେ ବିମାନ ବନ୍ଦର ନିର୍ମାଣ ଲାଗି ଡିଜିସିଏ ଲାଇସେନ୍ସ ଦେଇସାରିଛି। ଏ ନେଇ ସୋମବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ଟୁଇଟ୍ ମାଧ୍ୟମରେ ସୂଚନା ଦିଆଯାଇଛି।

ଟୁଇଟ୍‌ରେ ଉଲ୍ଲେଖ ରହିଛି ଯେ, ରାଉରକେଲାରେ ଓଡ଼ିଶାର ତୃତୀୟ ବିମାନବନ୍ଦର ପ୍ରତିଷ୍ଠା ପାଇଁ ଡିଜିସିଏ ଗତ ୭ତାରିଖରେ ଲାଇସେନ୍ସ ପ୍ରଦାନ କରିଛି। ରାଉରକେଲା ହେଉଛି ଓଡ଼ିଶାର ଶିଳ୍ପ ରାଜଧାନୀ। ବିମାନବନ୍ଦର ପ୍ରତିଷ୍ଠା ହେବା ଦ୍ୱାରା ଷ୍ଟିଲ୍‌ସିଟି ଦେଶର ଅନ୍ୟଭାଗ ସହିତ ଯୋଡ଼ିହେବାର ସୁଯୋଗ ସୃଷ୍ଟି ହେବ ବୋଲି ଟୁଇଟ୍ କରାଯାଇଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ପରେ ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ରାଜ୍ୟର ଦ୍ୱିତୀୟ ବିମାନ ବନ୍ଦର ଭାବେ ନିର୍ମାଣ ହୋଇଥିଲା। ☞ପୃଷ୍ଠା–୧୦


## ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

ହସ୍ତକ୍ଷେପ କାଳ

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଫାଲ ତଦନ୍ତରୁ କେହି ରକ୍ଷାକରି ପାରିବେ ନାହିଁ।
–ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

**କିଛି ତଥ୍ୟ**

ଡିସେମ୍ବର ୨୧ ବେଳକୁ ବ୍ୟାଙ୍କଗୁଡ଼ିକର ଜମା ଅଭିବୃଦ୍ଧି ୯.୨୨% ବଢ଼ି ୧୧୮.୧୮ ଲକ୍ଷ କୋଟି ଟଙ୍କା ଛୁଇଁଛି।
–ଆର୍‌ବିଆଇ


NECC NATIONAL EGG CO-ORDINATION COMMITTEE 08.01.2019 Venco Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 69 | 118 | 128 |
| DKL | 71 | 120 | 130 |
| BDK | 72 | 122 | 132 |
| BLS | 74 | 124 | 134 |
| ANG | 74 | 124 | 134 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers


### ୨ ଦିନିଆ ଧର୍ମଘଟ

# ଜନଜୀବନ ପ୍ରଭାବିତ

- ଦୋକାନ ବଜାର, ଯାନବାହନ, ଶିକ୍ଷାନୁଷ୍ଠାନ ବନ୍ଦ
- ହୀନସ୍ତା ହେଲେ ଯାତ୍ରୀ
- କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ, ବ୍ୟାଙ୍କ, ରେଳଷ୍ଟେଶନ ସମ୍ମୁଖରେ ପିକେଟିଂ
- ୧୦ରୁ ଊର୍ଦ୍ଧ୍ୱ ଶ୍ରମିକ ସଂଗଠନ ସାମିଲ

ଭୁବନେଶ୍ୱର,୮।୧(ବ୍ୟୁରୋ)

କେନ୍ଦ୍ରର ଏନଡିଏ ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରି ୧୦ରୁ ଊର୍ଦ୍ଧ୍ୱ ଟ୍ରେଡ୍ ୟୁନିୟନ ପକ୍ଷରୁ ଦେଶବ୍ୟାପୀ ୨ ଦିନିଆ ଧର୍ମଘଟ ଡାକରା ଦିଆଯାଇଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ଧର୍ମଘଟର ପ୍ରଭାବ ଓଡ଼ିଶାରେ ଦେଖିବାକୁ ମିଳିଛି। ଟ୍ରେଡ ୟୁନିୟନ ସଂଗଠନ ଏବଂ ବାମପନ୍ଥୀ ଦଳଗୁଡ଼ିକର କର୍ମକର୍ତ୍ତାମାନେ ସକାଳ ୭ଟାରୁ ରାଜ୍ୟ ସାରା ଧର୍ମଘଟରେ ସାମିଲ ହୋଇଥିଲେ। ବନ୍ଦ ବେଳେ ଦୁଇଚକିଆ ଓ କାଁ ଭାଁ ୪ ଚିକିଆ ଯାନକୁ ଛାଡ଼ି ଦେଲେ ଅନ୍ୟ କୌଣସି ଯାନବାହନ ରାସ୍ତାରେ ଚଳାଚଳ କରୁ ନ ଥିଲା। ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ପେଟ୍ରୋଲ ପମ୍ପ, ବନ୍ଦ ରହିଥିଲା। କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ, କେନ୍ଦ୍ରୀୟ ଉଦ୍ୟୋଗ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ରେଳଷ୍ଟେଶନ ଆଦି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କେନ୍ଦ୍ର ସରକାରଙ୍କ ନୀତିକୁ କଡ଼ା ସମାଲୋଚନା କରିଛନ୍ତି। ଟ୍ରେଡ ୟୁନିୟନ ଏବଂ ବାମପନ୍ଥୀ ଦଳଗୁଡିକର କର୍ମକର୍ତ୍ତାମାନେ ରାସ୍ତାରେ ଟାୟାର ଜାଳି ପ୍ରତିବାଦ କରିଥିଲେ। ଧର୍ମଘଟ ଯୋଗୁ ବିଭିନ୍ନ ରେଳଷ୍ଟେଶନରେ ଦୀର୍ଘ ସମୟ ଧରି ଟ୍ରେନଗୁଡ଼ିକ ଅଟକି ରହିଥିଲା। ବସ୍ ଓ ଟ୍ରେନ ଚଳାଚଳ କରୁ ନ ☞ପୃଷ୍ଠା–୧୦




ଭୁବନେଶ୍ୱର ଷ୍ଟେଶନରେ ରେଳରୋକୋ ।




ଭୁବନେଶ୍ୱର ଏଜି ଛକ ନିକଟରେ ଏକଗାଡ଼ିକୁ ବିକ୍ଷୋଭକାରୀ ଅଟକାଉଛନ୍ତି।



ଅଟୋରିକ୍ସା ନ ପାଇ ଭୁବନେଶ୍ୱର ରେଳଷ୍ଟେଶନରୁ ଚାଲିଯାଉଥିବା ଯାତ୍ରୀମାନେ।

## ୨୯ ଜିଲାରେ ସ୍କୁଲ, କଲେଜ ବନ୍ଦ

- କଳାହାଣ୍ଡିରେ ଖୋଲା ରହିବ

ଭୁବନେଶ୍ୱର, ୮।୧(ବ୍ୟୁରୋ)

କେନ୍ଦ୍ରୀୟ ଶ୍ରମିକ ସଂଗଠନର ଦୁଇଦିନିଆ ଭାରତ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ମଙ୍ଗଳବାର ରାଜ୍ୟର ସମସ୍ତ ସ୍କୁଲ, କଲେଜ ବନ୍ଦ ରହିଥିଲା। ଏ ନେଇ ସୋମବାର ସରକାର ଛୁଟି ଘୋଷଣା କରିଥିଲେ। କିନ୍ତୁ ବୁଧବାର ଛୁଟି ରହିବ କି ନାହିଁ ଜନସାଧାରଣଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଥିବାବେଳେ ଏ ସମ୍ପର୍କରେ ଜିଲାପାଳମାନେ ନିଷ୍ପତ୍ତି ନେବେ ବୋଲି ମଙ୍ଗଳବାର ସନ୍ଧ୍ୟାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲା। ପ୍ରଥମ ଦିନର ପ୍ରଭାବ ଓ ସ୍ଥିତିକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ବିଭାଗ ପକ୍ଷରୁ କୁହାଯାଇଥିଲା। ଏହି ନିର୍ଦ୍ଦେଶ ପାଇବା ପରେ ରାଜ୍ୟର ଅଧିକାଂଶ ଜିଲାରେ ଜିଲାପାଳମାନେ ସ୍କୁଲ, କଲେଜକୁ ଛୁଟି ଘୋଷଣା କରିଛନ୍ତି। ୨୯ ଜିଲାରେ ସ୍କୁଲ ଓ କଲେଜ ଛୁଟି ରହିଥିବା ବେଳେ କଳାହାଣ୍ଡି ଜିଲାରେ ଶିକ୍ଷାନୁଷ୍ଠାନ ଖୋଲାରହିବ। ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିବା ଜିଲାଗୁଡ଼ିକ ହେଲା ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, ସମ୍ବଲପୁର, ☞ପୃଷ୍ଠା–୧୦







# ଜେଇଇ ମେନ୍: ପରୀକ୍ଷା ଦେଲେ ୩୯ ହଜାର ଛାତ୍ରୀଛାତ୍ର

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଟ୍ରେଡ୍ ୟୁନିୟନର ଧର୍ମଘଟ ସତ୍ତ୍ୱେ ମଙ୍ଗଳବାର ଜେଇଇ ମେନ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ସମେତ ରାଜ୍ୟର ୯ଟି ସହରରେ ପରୀକ୍ଷା ହୋଇଥିଲା। ସାରା ଦେଶରେ ୯ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ଓଡ଼ିଶାରୁ ପ୍ରାୟ ୩୯ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ମଙ୍ଗଳବାର ପ୍ରଥମ ଦିନରେ ବି.ଆର୍କ ଓ ବି.ପ୍ଲାନିଂ ପାଇଁ ପରୀକ୍ଷା ହୋଇଥିଲା। ସକାଳ ସାଢ଼େ ୯ଟାରୁ ଅପରାହ୍ନ ସାଢ଼େ୧୨ଟା ପର୍ଯ୍ୟନ୍ତ ପ୍ରଥମ ସିଟିଂ ଓ ଅପରାହ୍ନ ସାଢ଼େ ୨ଟାରୁ ସନ୍ଧ୍ୟା ସାଢ଼େ ୫ଟା ପର୍ଯ୍ୟନ୍ତ ଦ୍ୱିତୀୟ ସିଟିଂ ପରୀକ୍ଷା ଚାଲିଥିଲା। ବୁଧବାରଠାରୁ ୧୨ତାରିଖ ପର୍ଯ୍ୟନ୍ତ ବି.ଟେକ୍ ପାଇଁ ପରୀକ୍ଷା ହେବ। ଚଳିତ ବର୍ଷ ପ୍ରଥମଥର ପାଇଁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ପରୀକ୍ଷା ପରିଚାଳନା କରୁଛି। ତେବେ ଭାରତ ବନ୍ଦ ଯୋଗୁ ପରୀକ୍ଷା କେନ୍ଦ୍ରକୁ ଆସୁଥିବା ପରୀକ୍ଷାର୍ଥୀମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିବା ଦେଖାଯାଇଥିଲା।




# ଗଣତନ୍ତ୍ର ଦିବସ ପରେଡ୍‌ରୁ ବାଦ୍ ପଡ଼ିଲା ଓଡ଼ିଶା

## ■ ଦେଖିବାକୁ ମିଳିବନି ଓଡ଼ିଶାର ପ୍ରଜ୍ଞାପନ ମେଢ଼

ଭୁବନେଶ୍ୱର,୮।୧(ବ୍ୟୁରୋ)

ଏଥର ଗଣତନ୍ତ୍ର ଦିବସ ପରେଡ୍‌ରେ ଭାଗନେବନି ଓଡ଼ିଶା। ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ପରେଡ୍‌ରେ ଚଳିତବର୍ଷ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ଦେଖିବାକୁ ମିଳିବନି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ବିଶେଷଜ୍ଞ କମିଟିକୁ ପ୍ରଜ୍ଞାପନ ମେଢ଼ ଡିଜାଇନ୍ ସମ୍ପର୍କିତ ଯେଉଁ ପ୍ରସ୍ତାବ ଦିଆଯାଇଥିଲା, ତାହାକୁ ଅନୁମୋଦନ ମିଳି ନ ଥିବାରୁ ଓଡ଼ିଶାକୁ ନିରାଶ ହେବାକୁ ପଡ଼ିବ।

ଜାନୁୟାରୀ ୨୬ରେ ଦିଲ୍ଲୀ ରାଜପଥରେ ହେବାକୁ ଥିବା ଜାତୀୟସ୍ତରୀୟ ଗଣତନ୍ତ୍ର ଦିବସ ପରେଡ୍‌ରେ ଏଥର ୧୪ ରାଜ୍ୟର ପ୍ରଜ୍ଞାପନ ମେଢ଼ ଦେଖିବାକୁ ମିଳିବ। ଚଳିତବର୍ଷ ୩୨ ରାଜ୍ୟରୁ ଆସିଥିବା ପ୍ରସ୍ତାବ ମଧ୍ୟରୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ବିଶେଷଜ୍ଞ କମିଟି ୧୪ ରାଜ୍ୟର ପ୍ରସ୍ତାବକୁ ଅନୁମୋଦନ ଦେଇଛି, ଯାହା ମଧ୍ୟରେ ଲଗାତର ଦ୍ୱିତୀୟ ଥର ପାଇଁ ଓଡ଼ିଶାର ନାମ ନାହିଁ। ଏହାବ୍ୟତୀତ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ହିମାଚଳ ପ୍ରଦେଶ, ଆସାମ, କେରଳର ପ୍ରଜ୍ଞାପନ ମେଢ଼କୁ ମଧ୍ୟ ଚୟନ କରାଯାଇ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ଚଳିତବର୍ଷ ଗଣତନ୍ତ୍ର ଦିବସ ପରେଡ୍ ପାଇଁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ 'ଗାନ୍ଧୀ କନେକ୍ଟ' ଥିମ୍‌ରେ ପ୍ରଜ୍ଞାପନ ମେଢ଼ ଡିଜାଇନ୍ ପଠାଇବାକୁ ରାଜ୍ୟଗୁଡ଼ିକୁ କହିଥିଲା। ଏହାକୁ ଆଧାର କରି ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କେନ୍ଦ୍ର କମିଟିକୁ ମୋଟ ୫ଟି ପ୍ରସ୍ତାବ ଦିଆଯାଇଥିଲା। ଓଡ଼ିଶା ଯେଉଁ ୫ଟି ଡିଜାଇନ୍ ପଠାଇଥିଲା, ସେଥିରେ ଗାନ୍ଧୀଙ୍କ ଜୀବନୀକୁ ଗୁରୁତ୍ୱ ଦିଆଯାଇଥିଲା। ହେଲେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ଗଠିତ ବିଶେଷଜ୍ଞ କମିଟିର ପ୍ରଥମ ବୈଠକରେ ଓଡ଼ିଶାର ପ୍ରସ୍ତାବଗୁଡ଼ିକ ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି ପ୍ରସ୍ତାବକୁ ଅନୁମୋଦନ ଦିଆଯାଇନାହିଁ, ଯେଉଁଥିପାଇଁ ଓଡ଼ିଶା ଏହି ପରେଡ୍‌ରୁ ବାଦ୍ ପଡ଼ିଛି। ୨୦୧୮ରେ ଓଡ଼ିଶା 'ବ୍ରହ୍ମପୁର ଠାକୁରାଣୀ ଯାତ୍ରା' ସମ୍ପର୍କିତ ପ୍ରଜ୍ଞାପନ ମେଢ଼ ଡିଜାଇନ୍ ଦେଇଥିବା ବେଳେ ଶେଷ ମୁହୂର୍ତ୍ତରେ ଏହାକୁ ବାଦ୍ ଦିଆଯାଇଥିଲା।

## ■ ମହାମେଣ୍ଟ ପ୍ରସଙ୍ଗ

# ନିଷ୍ପତ୍ତି ପାଇଁ ଆହୁରି ସମୟ ଆବଶ୍ୟକ: ନବୀନ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ସାଧାରଣ ନିର୍ବାଚନକୁ ପ୍ରାୟ ୪ ମାସରୁ କମ୍ ସମୟ ରହିଛି। ଦେଶରେ ପ୍ରଭାବଶାଳୀ ଆଞ୍ଚଳିକ ଦଳ ମଧ୍ୟରୁ ବିଜେଡି ଅନ୍ୟତମ। ହେଲେ ୨୦୦୯ରୁ ବିଜେଡି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଛାଡି ସାରିଛି। ସେହିପରି କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ଠାରୁ ମଧ୍ୟ ଦୂରତା ରକ୍ଷା କରିଛି। ତେଣୁ ଆଗାମୀ ଦିନରେ ବିଜେଡି କି ରଣନୀତି ଗ୍ରହଣ କରୁଛି, ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି। ଏହିକ୍ରମରେ ଭାଜପା ବିରୋଧରେ ଦେଶରେ ମହାମେଣ୍ଟ ମୁଣ୍ଡ ଟେକିଲାଣି। ହେଲେ ଏଥିରେ ବିଜେଡିର ଯୋଗଦାନ ନେଇ ଏବେ ମଧ୍ୟ କିଛି ସ୍ପଷ୍ଟ ହୋଇନାହିଁ। ବିଜେଡି ସମଦୂରତ୍ୱ ନୀତି ବଜାୟ ରଖି ନିଜ କାର୍ଡ ଏଯାବତ୍ ଖୋଲିନାହିଁ। ଏହି ସମୟରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ମହାମେଣ୍ଟରେ ଯୋଗଦେବେ କି ନାହିଁ, ସେ ପ୍ରସଙ୍ଗରେ ବିଚାରବିମର୍ଶ ପାଇଁ ଅଧିକ ସମୟ ଦରକାର। ତେଣୁ ପୂର୍ବପରି ସମଦୂରତ୍ୱ ଜାରି ରହିବ।

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସପି) କୁଇଣ୍ଟାଲ ପିଛା ୨୯୩୦ ଟଙ୍କା କରିବା ପାଇଁ ବିଜେଡି ପକ୍ଷରୁ ମଙ୍ଗଳବାର କୃଷକ ଅଧିକାର ସମାବେଶ କରାଯାଇଥିଲା। ଏଥିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ। ଏହି ସମୟରେ ଜାତୀୟ ଗଣମାଧ୍ୟମ ପ୍ରତିନିଧିମାନେ ଆଗାମୀ ସାଧାରଣ ନିର୍ବାଚନ ନେଇ ବିଜେଡି ଆଭିମୁଖ୍ୟ ସମ୍ପର୍କରେ ଜାଣିବା ପାଇଁ ନବୀନଙ୍କୁ ପ୍ରଶ୍ନ କରିଥିଲେ। ଯାହାର ଉତ୍ତରରେ ସେ ଅଧିକ ସମୟ ଆବଶ୍ୟକ ସମ୍ପର୍କରେ ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ନେଇ ଜାତୀୟ ରାଜନୀତିରେ ନାନା ଚର୍ଚ୍ଚା ଜୋର ଧରିଛି।

**ଅଭିନେତ୍ରୀ ନିକିତା ମୃତ୍ୟୁ ଘଟଣା**

# ଜେଲ ଗଲେ ସ୍ୱାମୀ, ହାଜର ହେଲେନି ଶାଶୁ, ଶ୍ୱଶୁର

କଟକ ଅଫିସ, ୮।୧

ଅଭିନେତ୍ରୀ ନିକିତା ଓରଫ ଲକ୍ଷ୍ମୀପ୍ରିୟା ବେହେରା ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଲିପନ ସାହୁ ମଙ୍ଗଳବାର ଜେଲ ଯାଇଛନ୍ତି। ଲିପନଙ୍କୁ ସୋମବାର ପୋଲିସ ଗିରଫ କରିଥିଲା। ଆଇପିସି ଦଫା ୩୦୨, ୧୦୨, ୧୨୦(ବି) ଓ ୪୯୮ (ଏ) ତାଙ୍କୁ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଥିବା ସରକାରୀ ଓକିଲ ବିଶ୍ୱଜିତ ବରାଳ କହିଛନ୍ତି। ଅନ୍ୟପକ୍ଷରେ ନିକିତାଙ୍କ ଶାଶୁ କୁନ୍ତଳା ସାହୁ ଓ ଶ୍ୱଶୁର ଲିଙ୍ଗରାଜଙ୍କୁ ପଚରାଉଚରା ନିମନ୍ତେ ପୋଲିସ ଡକାଇଥିଲା। ହେଲେ ସେମାନେ ପୋଲିସ ନିକଟରେ ହାଜର ହୋଇନାହାନ୍ତି। ବୁଧବାର ଉଭୟଙ୍କୁ ଅଣାଯିବାକୁ ବ୍ୟବସ୍ଥା କରାଯିବ ବୋଲି ଡିସିପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି।

ଲିପନ ଗିରଫ ହେବା ପରେ ମଙ୍ଗଳବାର ପ୍ରଥମଥର ପାଇଁ ଲିପନଙ୍କ ଭଉଣୀ ଅର୍ଥାତ୍ ନିକିତାଙ୍କ ନଣନ୍ଦ ସୋନମ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ନିକିତା ବହୁତ ବଦରାଗୀ। କୌଣସି କଥା ସେ ଏତେ ସହଜରେ ଗ୍ରହଣ ନ କରି ଅନେକ ସମୟରେ ଆମ ପରିବାର ଲୋକଙ୍କ ସହ ଯୁକ୍ତିତର୍କ କରନ୍ତି। ମୋ ଭାଇ ଲିପନ ଭାଉଜଙ୍କୁ ମାରିଛନ୍ତି ବୋଲି ମୁଁ କାହିଁ ବିଶ୍ୱାସ କରିପାରୁନାହିଁ। ମୃତା ନିକିତାଙ୍କ ବାପା ସନାତନ କହିଛନ୍ତି, ଆଇନ ଆଖିରେ ଲିପନ କେବଳ ଦୋଷୀ। ହେଲେ ମୋ ନଜରରେ ସେ


ଲିପନଙ୍କୁ ଜେଲକୁ ନିଆଯାଉଛି।

ହତ୍ୟାକାରୀ। କିନ୍ତୁ ଏହି ଘଟଣାରେ ଲିପନଙ୍କ ମା' ଓ ବାପା ହେଉଛନ୍ତି ସବୁରି ମୂଳ। ପୋଲିସ ତଦନ୍ତ ଉପରେ ମୋର ଆସ୍ଥା ରହିଛି। ଆଗକୁ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଗିରଫ ହେବେ ବୋଲି ସନାତନ କହିଛନ୍ତି।

ସୂଚନାଯୋଗ୍ୟ, ନିକିତା ମହାନଦୀ ବିହାରସ୍ଥିତ ବାପ ଘରେ ଥିବାବେଳେ ଗତ ୪ ତାରିଖ ଶନିବାର ରାତିରେ ତାଙ୍କୁ ସ୍ୱାମୀ ଲିପନ ଛାତରୁ ଠେଲି ଦେଇଥିଲେ। ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୫ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ୬ ତାରିଖରେ ବାପା ସନାତନ ଚାଉଳିଆଗଞ୍ଜ ଥାନାରେ ମଧ୍ୟ ନିକିତାଙ୍କ ମୃତ୍ୟୁ ପାଇଁ ସ୍ୱାମୀ ଲିପନଙ୍କ ସମେତ ଶାଶୁ କୁନ୍ତଳା ଓ ଶ୍ୱଶୁର ଲିଙ୍ଗରାଜଙ୍କ ନାଁରେ ଅଭିଯୋଗ କରିଥିଲେ। ଆଇଆଇସି ଅଜୟ ଦାସଙ୍କ କହିବାନୁଯାୟୀ, ଲିପନ ହେଉଛନ୍ତି ବାପା ମା'ଙ୍କର ଗୋଟିଏ ପୁଅ। ଶାଶୁ ଓ ଶ୍ୱଶୁର ଚାହୁଁଥିଲେ ନିକିତା ଘରର ବୋହୂ ହୋଇ ଚଳନ୍ତୁ। ଠିକ୍ ସମୟରେ ଘରକୁ ଆସନ୍ତୁ। ସମସ୍ତ ରୋଜଗାର ଆମକୁ ଦିଅନ୍ତୁ। ଯେହେତୁ ନିକିତା ଗ୍ଲାମର ଦୁନିଆ ସହିତ ଜଡ଼ିତ ଥିଲେ ତାଙ୍କ ପକ୍ଷରେ ଏସବୁ ସମ୍ଭବ ହୋଇ ନ ଥିଲା। ଏହାକୁ ନେଇ ପରିବାରରେ ଅଶାନ୍ତି ଉପୁଜିଥିଲା। ପରିଣାମ ଶେଷରେ ଏଭଳି ଭୟଙ୍କର ରୂପ ନେଇଥିଲା।

# ଟ୍ରକ୍ ତଳେ ଚାପିହୋଇ ୨ ମୃତ

ମୁନିଗୁଡ଼ା,୮।୧(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ହନୁମାନ ବଜାରର ମୁଖ୍ୟ ରାସ୍ତାରେ ଏକ ମାଲ ବୋଝେଇ ଟ୍ରକ ଚକ ତଳେ ଚାପି ହୋଇ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଦ୍ୱୟ ହେଲେ ଏହି ବ୍ଲକ ଅନ୍ତର୍ଗତ ଭାଲିଆପଦର ଗ୍ରାମର ଥିବିର ପଲକିଆ(୨୫) ଓ ନରେନ୍ଦ୍ର ହିଆଲ(୨୬) । ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ମୃତ ପରିବାରଙ୍କ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା । ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବାରୁ ପୋଲିସ ଓ ଯବାନ ମୁତୟନ କରାଯାଇଛି । ଟ୍ରକଟି ବିଶାଖାପାଟଣାରୁ ମାଲ ବୋଝେଇ ହୋଇ ଛତିଶଗଡ଼ ଯାଉଥିବା ଜଣାଯାଇଛି ।

# ଭାଜପା କୃଷକ ମୋର୍ଚ୍ଚାର ସଚିବାଳୟ ଘେରାଉ ଉଦ୍ୟମ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ସବୁ ଦଳ ବର୍ତ୍ତମାନ ଚାଷୀ ସମସ୍ୟାକୁ ନେଇ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛନ୍ତି। ଚାଷୀ ପ୍ରସଙ୍ଗରେ ଦିଲ୍ଲୀରେ ବିଜେଡି ନିଜର ଦମ୍ ଦେଖାଇବାକୁ ପ୍ରୟାସ କରିଥିବା ବେଳେ ଭାଜପା ରାଜଧାନୀରେ ସମାନ ଉଦ୍ୟମ କରିଛି। ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସଚିବାଳୟ ଘେରାଉ କରିବାକୁ ଉଦ୍ୟମ କରାଯାଇଛି। ରାଜ୍ୟରେ ମଣ୍ଡି ନ ଖୋଲିବା, କେନ୍ଦ୍ର ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ନ କିଣାଯିବା, ସୁଧ ମୁକ୍ତ ଋଣ ଚାଷୀମାନଙ୍କୁ ଯୋଗାଇଦେବା, କୃଷିଋଣ ଛାଡ଼ କରିବା, ଜମିକୁ ଜଳସେଚନ ଯୋଗାଇଦେବା ଆଦି ବିଭିନ୍ନ ପ୍ରସଙ୍ଗରେ ଭାଜପା ରାସ୍ତାକୁ ଓହ୍ଲାଇଥିଲା। ପୂର୍ବାହ୍ନ ୧୦ଟା ସମୟରେ ବିଭିନ୍ନ ଜିଲାରୁ ଆସିଥିବା କୃଷକ ମୋର୍ଚ୍ଚା ସଦସ୍ୟମାନେ ଦଳୀୟ କାର୍ଯ୍ୟାଳୟଠାରୁ ସଚିବାଳୟ ଅଭିମୁଖେ ବାହାରିଥିଲେ। ଚାଷୀମାନଙ୍କ ଭିନ୍ନ ଭିନ୍ନ ଚରିତ୍ରର ଅଭିନୟ କରି ରାସ୍ତାରେ ନାଟକ ମଧ୍ୟ କରାଯାଇଥିଲା। ରାଜ୍ୟରେ ଚାଷୀମାନେ କିପରି ଶୋଷଣର ଶିକାର ହେଉଛନ୍ତି ତା'ର


ସଚିବାଳୟ ଅଭିମୁଖେ ବାହାରିଥିବା ଭାଜପା କୃଷକ ମୋର୍ଚ୍ଚାର କର୍ମକର୍ତ୍ତାମାନେ।

ମଧ୍ୟ ନକଲ ନାଟକ ମାଧ୍ୟମରେ କରିଥିଲେ। ଏପରିକି କିଛି ମୋର୍ଚ୍ଚା ସଦସ୍ୟ ଧାନବସ୍ତା, ଲଙ୍ଗଳ, ଶଗଡ଼ ଆଦି ଧରି ରାଜଧାନୀରେ ପହଞ୍ଚିଥିଲେ। ଏହିପରି ଭାବେ ଶତାଧିକ ଚାଷୀ ରାଜଧାନୀଠାରେ ଏକତ୍ରିତ ହୋଇ ସଚିବାଳୟ ଅଭିମୁଖେ ଯାଇଥିଲେ।

ଭାଜପାର ଏହି ଶୋଭାଯାତ୍ରା କେଶରୀ ଟକିଜ୍ ନିକଟରେ ପହଞ୍ଚିବାପରେ ସେଠାରେ ପୋଲିସ୍ ରାସ୍ତା ଅବରୋଧ କରି ସେମାନଙ୍କୁ ଅଟକାଇଥିଲା। ଏହିସମୟରେ ପୋଲିସ ଏବଂ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ପ୍ରବଳ ଧସ୍ତାଧସ୍ତି ହୋଇଥିଲା। ଏହାପରେ ଚାଷୀମାନେ ସେଠାରେ ରାସ୍ତା ଉପରେ ଧାନ ଗଡାଇ ପ୍ରତିବାଦ କରିଥିଲେ। କିଛି ସମୟ ପରେ କୃଷକ ମୋର୍ଚ୍ଚା ସଦସ୍ୟମାନଙ୍କୁ ପୋଲିସ

■ଶଗଡ଼, ଲଙ୍ଗଳ ଧରି ପ୍ରତିବାଦ
■ପୋଲିସ ସହ ଧସ୍ତାଧସ୍ତି

ସେଠାରୁ ଉଠାଇ ନେଇ ରିଜର୍ଭ ଭିତରେ ଅଟକ ରଖିଥିଲା। ୨ଘଣ୍ଟା ପାଖାପାଖି ପୋଲିସ୍ ସେମାନଙ୍କୁ ଅଟକ ରଖିବାପରେ ଛାଡି ଦେଇଥିବା ଜଣାପଡିଛି। ଏହାପରେ ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଭାଜପା କୃଷକ ମୋର୍ଚ୍ଚାର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଭାଜପାର ଏହି ଚାଷ ସମାବେଶ ପାଇଁ ଦିନକ ଆଗରୁ ପଶ୍ଚିମ ଓ ଉତ୍ତର ଓଡ଼ିଶାର ଶତାଧିକ ଚାଷୀ ଭୁବନେଶ୍ୱରଠାରେ ପହଞ୍ଚିଥିଲେ। ଏ ନେଇ ସମୀର ମହାନ୍ତି କହିଛନ୍ତି ଯେ, କୃଷକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ କୃଷି ଋଣ ଛାଡ, ବ୍ୟାପକ ସଂଖ୍ୟାରେ ମଣ୍ଡି ଖୋଲାଯିବା, ଧାନ ମଣ୍ଡିରେ ପ୍ରତି କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ପ୍ରଦାନ ଏବଂ ରାଜ୍ୟ ସରକାର ଶହେ ଟଙ୍କାର ବୋନସ ଦେବା ଦରକାର । ରାଜ୍ୟ ସରକାର କିଛି ଦାୟିତ୍ୱ ନ ନେଇ କେବଳ ସମାଲୋଚନା କଲେ ରାଜ୍ୟରେ ଚାଷୀର ଉନ୍ନତି ହେବ ନାହିଁ ବୋଲି ସମୀର କହିଛନ୍ତି।

**WAREHOUSING OPEN SPACE AVAILABLE**
Warehousing open space (uncovered) with compound wall measuring appx. 30000 sq. ft. available on N.H. 5, Rudrapur, Pahala, Bhubaneswar. Ideally suitable or storage of telecom equipment, heavy machinery etc. Interested party may contact
**Mr. R.K. Barik: 9861084873**

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଫେରାର

ପୁରୁଷୋତ୍ତମପୁର,୮।୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ତଥା ହିଞ୍ଜିଳି ବ୍ଲକ ଅଞ୍ଚଳରେ ଜଣେ ଦଳିତ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ସୋମବାର ରାତିରେ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ନଂ.୫/୧୯ରେ ମାମଲା ରୁଜୁ କରିଛି। ମାମଲା ଏସ୍‌ସିଏସ୍‌ଟି ପରିସରଭୁକ୍ତ ହୋଇଥିବାରୁ ପୁରୁଷୋତ୍ତମପୁର ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ ଏହାର ତଦନ୍ତ ଦାୟିତ୍ୱ ନେଇଛନ୍ତି।

ଏତଲା ଅନୁଯାୟୀ, ନାବାଳିକାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେ ଶ୍ରମିକ ଭାବେ କାମ କରନ୍ତି। ଗ୍ରାମର ଜଣେ ଯୁବକ ଗାଁ ସ୍କୁଲ କାମ ଠିକା ନେଇଥିବାବେଳେ ନାବାଳିକା ଜଣକ ସେଠାରେ କାମରେ ନିୟୋଜିତ ହୋଇଥିଲେ। ଗତ ୩୧ ତାରିଖରେ ଏକୁଟିଆର ସୁଯୋଗ ନେଇ ବ୍ୟକ୍ତି ଜଣକ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏହି ଘଟଣା ବାହାରେ ପ୍ରଘଟ କଲେ ଜୀବନରୁ ମାରିବାକୁ ଧମକ ଦେଇଥିଲେ। ତା' ପରଠାରୁ ନାବାଳିକା ଜଣକ ଆଉ କାମକୁ ଯାଇ ନ ଥିଲେ। ଭୟରେ ଘଟଣା ସମ୍ପର୍କରେ ମଧ୍ୟ ଘରେ କାହାକୁ କହି ନ ଥିଲେ। ସୋମବାର ରାତିରେ ନାବାଳିକା ଜଣକ ଘଟଣା ସମ୍ପର୍କରେ ମା'ଙ୍କୁ ଜଣାଇଥିଲେ। ମା' ଝିଅକୁ ଆଣି ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ଅଜୟ କୁମାର ବାରିକ ଓ ଏସ୍ଆଇ ସୁନୀଲ କୁମାର ପ୍ରଧାନ ଅଭିଯୁକ୍ତ ଯୁବକଙ୍କ ଘରକୁ ଯାଇଥିଲେ। ମାତ୍ର ସେ ଫେରାର ହୋଇଯାଇଥିବା ଥାନାଧିକାରୀ କହିଛନ୍ତି। ନାବାଳିକାଙ୍କୁ ଡାକ୍ତରୀମାଇନା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସର ୩ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

**ଗୋଲ୍‌ଡେନ୍ ଫରେଷ୍ଟ୍‌ସ (ଇଣ୍ଡିଆ) ଲିମିଟେଡ୍**

**ନିବେଶକମାନଙ୍କ ପାଇଁ ନୋଟିସ**

୧. କମିଟି–ଜିଏଫ୍‌ଆଇଏଲ୍‌ଙ୍କ ନିକଟରେ ଶେଷ ତାରିଖ (ଜିଏଫ୍‌ଆଇଏଲ୍ ପାଇଁ ଅଗଷ୍ଟ ୧୦, ୨୦୦୬ ଏବଂ ଜିପିଏଲ୍ ପାଇଁ ଜାନୁୟାରୀ ୨୧, ୨୦୧୩) ସୁଦ୍ଧା ନିଜର ଦାବିକୁ ପଞ୍ଜୀକୃତ କରିବାରେ ଅକ୍ଷମ ହୋଇଥିବା ନିବେଶକମାନେ ଏବେ ସେମାନଙ୍କର ଦାବିକୁ କମିଟି–ଜିଏଫ୍‌ଆଇଏଲ୍ ଠିକଣାରେ ଡାକ ଯୋଗେ ଦାଏର କରିପାରନ୍ତି:
(i) ଦାବିକର୍ତ୍ତାମାନେ ଜମାର ମୂଳ/ନୋଟାରାଇଜ୍‌ଡ ପ୍ରତିଲିପି ଏବଂ ବର୍ତ୍ତମାନ ବ୍ୟାଙ୍କ ଖାତାର ଏକ ରଦ୍ଦ ହୋଇଥିବା ଚେକ୍‌ର ପ୍ରତିଲିପି ସଂଲଗ୍ନ କରିବା ଆବଶ୍ୟକ।
(ii) ଦାବି ଫର୍ମର ପ୍ରୋଫର୍ମା ଏବଂ ନିୟମ ଓ ସର୍ତ୍ତାବଳୀ www.goldenforestcommittee.comରେ ଦେଖାଯାଇପାରିବ।
(iii) ପୁନଃପୌନିକ ଜମା ମାମଲାରେ, ଦାବିକର୍ତ୍ତାମାନେ କେବଳ ପ୍ରଥମ ଏବଂ ଶେଷ କିସ୍ତି ରସିଦ୍ ଦାଖଲ କରିବା ଆବଶ୍ୟକ।
୨. କମିଟି ନିକଟରେ ନିଜର ଦାବି ଫାଇଲ୍ କରିଥିବା ନିବେଶକମାନଙ୍କ ହିତ ପାଇଁ, ବ୍ୟାଙ୍କ ବିବରଣୀ ଅପ୍‌ଲୋଡିଂ ଲାଗି ୱେବ୍ ପୋର୍ଟାଲ୍ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଖୋଲା ରହିବା ଜାରି ରହିବ।
ହେଲେ, ୱେବ୍ ପୋର୍ଟାଲ୍‌ରେ ଇତିମଧ୍ୟରେ ନିଜର ବିବରଣୀ ଅପ୍‌ଲୋଡ୍ କରିସାରିଥିବା ଦାବିକର୍ତ୍ତାମାନଙ୍କୁ ପୁନର୍ବାର ସେମାନଙ୍କ ବିବରଣୀ ଦାଏର କରିବାକୁ ପଡ଼ିବ ନାହିଁ।

କମିଟି - ଜିଏଫ୍‌ଆଇଏଲ୍
ଭିପିଓ ଝାରମାରୀ, ଅମ୍ବାଲା-ଚଣ୍ଡିଗଡ଼ ଜାତୀୟ ରାଜପଥ-୨୨,
୦୯।୦୧।୨୦୧୯ ତହସିଲ ଡେରା ବସ୍ସି, ଜିଲ୍ଲା ଏସ୍‌ଏଏସ୍ ନଗର (ମୋହାଲି)-୧୪୦୫୦୧
ଇ-ମେଲ: committee_gfil@rediffmail.com



ଧରିତ୍ରୀ
DHARITRI
ବୁଧବାର, ୯ ଜାନୁୟାରୀ , ୨୦୧୯

ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଉର୍ଦ୍ଧ୍ୱକୁ ଉଠିଥିବା ଯେ କୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ– ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ– ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। –ଶ୍ରୀଅରବିନ୍ଦ



# ହସ୍ତକ୍ଷେପ କାଳ

କେନ୍ଦ୍ର ସରକାରଙ୍କ ପକ୍ଷରୁ ଛୁଟିରେ ଯିବାକୁ ଦିଆଯାଇଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ଜାନୁୟାରୀ ୮ରେ ସୁପ୍ରିମକୋର୍ଟ ପୁନଃ ଅବସ୍ଥାପିତ କରିଛନ୍ତି। ଚୟନ କମିଟି ସହ ବିଚାରବିମର୍ଶ ନ କରି ସରକାର ତତ୍କ୍ଷଣାତ୍ ଏଭଳି ନିଷ୍ପତ୍ତି ନେବା ଉପରେ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ଏହାସହ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ଚୟନ କମିଟି ବର୍ମାଙ୍କ ସମ୍ପର୍କରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବ ବୋଲି ଅଦାଲତ କହିଛନ୍ତି। ଇତିମଧ୍ୟରେ ବର୍ମା କୌଣସି ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି। ଏହି ଦୃଷ୍ଟିରୁ ବିଚାର କଲେ ସୁପ୍ରିମ୍‌କୋର୍ଟଙ୍କ ରାୟ କେନ୍ଦ୍ର ପାଇଁ ଝଟକା ହୋଇଥିଲେ ମଧ୍ୟ ବର୍ମାଙ୍କ ସମ୍ପୂର୍ଣ୍ଣ ବିଜୟ ହୋଇଛି ବୋଲି କୁହାଯାଇପାରିବ ନାହିଁ। କାରଣ ଆଉ ୨୨ ଦିନ ପରେ ସିବିଆଇ ନିର୍ଦ୍ଦେଶକ ପଦରୁ ସେ ଅବସର ନେବେ। ଏଠାରେ ସୂଚନାଯୋଗ୍ୟ ଯେ, ସିବିଆଇ ନିର୍ଦ୍ଦେଶକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ଦେଖାଦେବା ପରେ ୨୦୧୮ ଅକ୍ଟୋବର ୨୩ରେ ସରକାର ଉଭୟଙ୍କୁ ଦାୟିତ୍ୱମୁକ୍ତ କରି ଛୁଟିରେ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଲୋକ ବର୍ମାଙ୍କ ସ୍ଥାନରେ ଏମ୍. ନାଗେଶ୍ୱର ରାଓଙ୍କୁ ଅନ୍ତରୀଣ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଥିଲା। ଏବେ ଶୀର୍ଷ ଅଦାଲତଙ୍କ ରାୟ କେନ୍ଦ୍ର ସରକାରଙ୍କୁ ଅଡୁଆରେ ପକାଇଛି।

ସିବିଆଇର ନମ୍ବର ୧ ଓ ୨ କୁହାଯାଉଥିବା ଅଧିକାରୀଙ୍କ ମଧ୍ୟରେ କ୍ଷମତା ଯୁଦ୍ଧ ସଂସ୍ଥାକୁ ନିନ୍ଦିତ କରିଛି। ଦୁର୍ନୀତିରେ ସମ୍ପୃକ୍ତ ରହିଥିବା କହି ସେମାନେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ ଲଗାଇଥିଲେ। ସେତେବେଳେ ଆଲୋଚନା ହୋଇଥିଲା ଯେ, ରାକେଶ ଓ ଆଲୋକ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଥିବା ପ୍ରଭାବଶାଳୀ ଦୁଇ ଶୀର୍ଷ ଅଧିକାରୀ ଗୋଷ୍ଠୀଙ୍କ ସହ ଯୋଗାଯୋଗରେ ଅଛନ୍ତି। ପିଏମ୍‌ଓ ଅଧିକାରୀଙ୍କ ହସ୍ତକ୍ଷେପ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଉଛି। ଅର୍ଥାତ୍ ସିବିଆଇକୁ ପିଏମ୍‌ଓର କେଉଁ ଗୋଷ୍ଠୀ ନିୟନ୍ତ୍ରଣ କରୁଛି, ତାହା ସୁନିଶ୍ଚିତ କରାଯିବା ଦିଗରେ ଏଭଳି ପ୍ରୟାସ ଚାଲିଛି ବୋଲି ଚର୍ଚ୍ଚା ହୋଇଥିଲା। ଏବେ ସୁପ୍ରିମ୍‌କୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ବିରୋଧୀ ଦଳ ସରକାରଙ୍କୁ ସମାଲୋଚନା କରିଛନ୍ତି। ବର୍ମା ରାଫାଲ ଦୁର୍ନୀତିର ତଦନ୍ତ କରୁଥିବା ବେଳେ କେନ୍ଦ୍ର ସରକାର ପ୍ରତିଶୋଧପରାୟଣ ହୋଇ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଥିଲେ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ସଦ୍ୟ ନିର୍ଦ୍ଦେଶ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଫାଲ ତଦନ୍ତରୁ କେହି ବଞ୍ଚାଇପାରିବେ ନାହିଁ ବୋଲି ସେ କହିଛନ୍ତି। ସେହିପରି ସୁପ୍ରିମ୍‌କୋର୍ଟଙ୍କ ରାୟ କେନ୍ଦ୍ର ପାଇଁ ଏକ ଉଚିତ ଶିକ୍ଷା ବୋଲି ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଅନ୍ୟପକ୍ଷରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଅଦାଲତଙ୍କ ରାୟକୁ ଏକ ସନ୍ତୁଳିତ ଆଭିମୁଖ୍ୟ ଭାବେ ଅଭିହିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଇଛି ଯେ, କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଭଳି ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ବାସ୍ତବତା ହେଲା ସିବିଆଇ ନିର୍ଦ୍ଦେଶକ ବର୍ମା ୨୦୧୭ ଫେବୃୟାରୀ ୧ରେ ଦାୟିତ୍ୱ ଗ୍ରହଣ କରିଥିଲେ। ୨ ବର୍ଷ ପାଇଁ ସେ ପଦବୀରେ ରହିବା ଧାର୍ଯ୍ୟ କରାଯାଇଥିଲା। ନିୟମ ଅନୁଯାୟୀ ସିବିଆଇ ନିର୍ଦ୍ଦେଶକଙ୍କୁ ଛୁଟିରେ ଯିବା ଲାଗି ସିଭିସି ନିର୍ଦ୍ଦେଶ ଦେଇପାରିବେ ନାହିଁ। ଏଥିରୁ ବୁଝିବାକୁ ହେବ ଯେ, ସରକାରଙ୍କ ହସ୍ତକ୍ଷେପ ଯୋଗୁ ଏକ ପ୍ରମୁଖ ତଦନ୍ତକାରୀ ସଂସ୍ଥା ତା'ର ବିଶ୍ୱସନୀୟତା ହରାଉଛି।

ଏଇ କିଛିବର୍ଷ ହେବ ଦେଖାଯାଉଛି, ସ୍ୱାଧୀନ ଓ ସ୍ୱତନ୍ତ୍ର ସଂସ୍ଥାଗୁଡ଼ିକ ରାଜନୈତିକ ହସ୍ତକ୍ଷେପ ଯୋଗୁ ଅଡୁଆରେ ପଡ଼ିଛନ୍ତି। ସରକାରଙ୍କୁ ସୁହାଇଲା ଭଳି ନିଷ୍ପତ୍ତି ନେଇ ନ ପାରିଲେ ସେଗୁଡ଼ିକ ଉପରେ ଅଙ୍କୁଶ ଲଗାଯାଉଛି। ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ଙ୍କ କାର୍ଯ୍ୟଶୈଳୀ ନେଇ ଅନେକ ପ୍ରଶ୍ନବାଚୀ ଉଠିଛି। ତେଣୁ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବା ଲାଗି ସୁଯୋଗ ଦିଆଯିବା ଆବଶ୍ୟକ। ବିଶେଷକରି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଓ ସିବିଆଇ ଭଳି ତଦନ୍ତ ସଂସ୍ଥା ବାହ୍ୟ ହସ୍ତକ୍ଷେପରୁ ଯେତେ ମୁକ୍ତ ରହିବେ, ତାହା ଗଣତନ୍ତ୍ର ପାଇଁ ସେତେ ଶୁଭଙ୍କର।

## ଚିରନ୍ତନୀ

ତେଜଇ ନବୀନ ଯେବେ ଆଜି ସେହି
ପରମ୍ପରା ପଥ
ଦିଅ ତାକୁ ଆଶୀର୍ବାଦ ହେଉ ଧନ୍ୟ
ହେଉ ସତ୍ୟବ୍ରତ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | | | 3 | C | | E | | D | | 5 | | 2 |
| | | | | | | | B | | | | | | | C |
| 8 | C | A | | 4 | | | | 9 | 5 | 0 | | | 1 | |
| | | 2 | E | | | | | | 7 | | | | | D |
| | | B | C | | | | 3 | 1 | 8 | | | | | |
| E | | | 4 | | 7 | | 1 | A | | B | | | | |
| B | 7 | 9 | | | 1 | | | | D | | | A | 8 | 0 |
| | | | | | | | 8 | | E | | | 1 | | |
| | 2 | | A | D | | | C | 0 | 6 | | | | 9 | |
| C | A | 8 | 2 | E | 0 | | | | 4 | | | | 6 | 7 |
| | 4 | C | 9 | | 5 | 6 | | | 0 | 8 | | | 7 | |
| | | 7 | | 3 | | | | | A | | 1 | | | |
| | 1 | 6 | | 2 | | B | 9 | 7 | | | | | | |
| | | | | 8 | D | | | | | 4 | | | E | |
| D | | | | A | 4 | 2 | | | B | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 8 | 4 | 6 | 2 | D | 1 | 3 | B | C | 0 | A | 7 | E | 9 |
| 7 | 1 | 9 | C | 8 | 4 | 2 | E | 0 | 6 | 5 | 3 | B | D | A |
| 2 | A | B | E | 1 | 3 | C | 6 | 7 | 8 | 9 | D | 5 | 0 | 4 |
| E | D | 3 | 7 | 9 | 0 | 5 | 8 | A | 1 | B | 4 | 2 | 6 | C |
| C | 6 | 0 | B | 5 | A | 4 | 9 | D | E | 2 | 7 | 8 | 3 | 1 |
| 3 | 2 | 7 | 9 | D | B | E | 5 | 6 | 4 | C | 8 | A | 1 | 0 |
| 8 | 0 | C | 3 | A | 5 | 9 | D | 4 | 2 | E | 1 | 6 | B | 7 |
| B | 5 | 6 | 4 | 7 | C | A | 1 | 8 | 9 | D | 0 | E | 2 | 3 |
| 1 | 9 | E | 0 | 6 | 8 | 7 | B | 2 | 3 | A | 5 | C | 4 | D |
| A | 4 | D | 2 | E | 1 | 3 | 0 | C | B | 7 | 6 | 9 | 8 | 5 |
| D | B | 8 | 5 | 3 | 9 | 6 | C | 1 | 7 | 4 | E | 0 | A | 2 |
| 0 | 7 | 2 | 1 | 4 | E | 8 | A | 5 | D | 6 | 9 | 3 | C | B |
| 4 | E | A | 8 | 0 | 7 | B | 2 | 3 | 5 | 1 | C | D | 9 | 6 |
| 9 | C | 1 | A | B | 6 | D | 7 | E | 0 | 3 | 2 | 4 | 5 | 8 |
| 6 | 3 | 5 | D | C | 2 | 0 | 4 | 9 | A | 8 | B | 1 | 7 | E |

ଗତକାଲିର ଉତ୍ତର

# କେତେ ସତ, କେତେ ମିଛ



ଡ. ସନ୍ତୋଷ କୁମାର ମହାପାତ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ରାଜନୈତିକ ଜୀବନର ସବୁଠୁ ବଡ଼ ଚ୍ୟାଲେଞ୍ଜ ୨୦୧୯ ସାଧାରଣ ନିର୍ବାଚନର ସମ୍ମୁଖୀନ ହେବାକୁ ଯାଉଛନ୍ତି। ବିଶେଷକରି କଂଗ୍ରେସ ବା ସମ୍ଭାବିତ ମହାମେଣ୍ଟ ତାଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ନିକଟରେ ୫ଟି ରାଜ୍ୟ ବିଶେଷକରି ହିନ୍ଦୀଭାଷୀ ରାଜ୍ୟରେ ଭାଜପା ବିପର୍ଯ୍ୟୟର ସମ୍ମୁଖୀନ ହେବା, ଦଳ ମଧ୍ୟରେ କମ୍ପନ ସୃଷ୍ଟି କରିଛି। ୨୦୧୪ ପରି ସଫଳତା ୨୦୧୯ରେ ମିଳିବ ନାହିଁ ବୋଲି ଭାଜପା ନେତୃତ୍ୱ ହୃଦୟଙ୍ଗମ କଲେଣି। ଏଣୁ ସେମାନେ କଳେବଳେକୌଶଳେ କ୍ଷମତାକୁ ବଜାୟ ରଖିବା ପାଇଁ ପ୍ରୟାସ ଚଳାଇଛନ୍ତି। ଏହି ଅବସରରେ ନରେନ୍ଦ୍ର ମୋଦି ପରୋକ୍ଷରେ ନୂତନ ବର୍ଷରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ବଦଳରେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ନୂଆବର୍ଷର ସନ୍ଧ୍ୟାରେ ଦୀର୍ଘ ୯୫ ମିନିଟ୍ ଧରି ଖବର ସରବରାହ ସଂସ୍ଥା ଏଏନ୍‌ଆଇକୁ ସାକ୍ଷାତ୍‌କାର ଦେଇ ଆତ୍ମପ୍ରଶସ୍ତି ଗାନ ସହ ବିରୋଧୀଙ୍କୁ ନିନ୍ଦା କରିଛନ୍ତି। ବିଭିନ୍ନ ଗଣମାଧ୍ୟମରେ ପ୍ରଦର୍ଶିତ ଏହି ସାକ୍ଷାତ୍‌କାର ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ ଥିଲା, ଯେଉଁଥିରେ ପ୍ରଧାନମନ୍ତ୍ରୀଙ୍କୁ ସୁହାଇଲା ପରି ପ୍ରଶ୍ନ କରାଯାଇଥିଲା। ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯଥା ରାମମନ୍ଦିର ନିର୍ମାଣ, ବିମୁଦ୍ରୀକରଣ, ଉର୍ଜିତ ପଟେଲଙ୍କ ଇସ୍ତଫା, ଜିଏସ୍‌ଟି, କଂଗ୍ରେସର କାର୍ଯ୍ୟକଳାପ, ସାବରିମାଳା ପରମ୍ପରା, ରଣଛାଡ, ତିନି ତଲାକ, ଲିଙ୍ଗ ସମାନତା ଉପରେ ନିଜ ମତ ରଖିଥିଲେ। କିନ୍ତୁ ପ୍ରଶ୍ନ ଏପରିଭାବେ ପଚରାଯାଇଥିଲା ଏବଂ ଉତ୍ତର ସେ ଏପରି ଭାବରେ ରଖିଥିଲେ ଯେ ନିତିଦିନିଆ ଘଟଣା ଉପରେ ଜ୍ଞାନ ନ ଥିବା ଜଣେ ବ୍ୟକ୍ତି ଭାବିବ ଯେ ଏ ସରକାର ଅମଳରେ ସବୁ ଠିକ୍ ଚାଲିଛି। ଦ୍ରୁତ ପ୍ରଗତି ଓ ଅଭିବୃଦ୍ଧି ଘଟୁଛି। କିନ୍ତୁ ବାସ୍ତବରେ ଏହା ଓଲଟା। ଯଦି ଜଣେ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତ୍‌କାରକୁ ଠିକ୍‌ଭାବେ ସମୀକ୍ଷା କରିବ ସେ ଏହି ସିଦ୍ଧାନ୍ତରେ ଉପନୀତ ହେବ ଯେ ପ୍ରଧାନମନ୍ତ୍ରୀ ଅଧା ସତ ଅଧା ମିଛ କହି ଲୋକଙ୍କୁ ନିଜ ଓ ନିଜ ଦଳ ସପକ୍ଷରେ ନେବା ପାଇଁ ପ୍ରୟାସ କରିଛନ୍ତି।

ପ୍ରଧାନମନ୍ତ୍ରୀ ନିଜକୁ ସାଧାରଣ ଜନତାଙ୍କ ଭଲପାଇବା ଓ ଆଶୀର୍ବାଦର ଇସ୍ତାହାର ଭାବେ ଅଭିହିତ କରିବା ସହିତ ଆଗାମୀ ଦିନରେ କଂଗ୍ରେସ ନେତୃତ୍ୱରେ ବିଭିନ୍ନ ଦଳକୁ ନେଇ ଯେଉଁ ମହାମେଣ୍ଟ ହେବାକୁ ଯାଉଛି ତାହା ସାଧାରଣ ଜନତାଙ୍କ ଆଶା, ଭରସା ପୂରଣ କରିପାରିବ ନାହିଁ ବୋଲି କହିଥିଲେ। ନିଜକୁ ଲୋକଙ୍କ ପ୍ରତୀକ ଭାବେ କହି ଆଗାମୀ ନିର୍ବାଚନରେ ଜନତା ବନାମ ମହାମେଣ୍ଟ ଲଢ଼େଇ ଦେଖିବାକୁ ମିଳିବ ବୋଲି କହିଥିଲେ। ଅତ୍ୟନ୍ତ କ୍ରୂର ସତ୍ୟ ହେଉଛି ବର୍ତ୍ତମାନର ରାଜନୀତିରେ କୌଣସି ନୈତିକତା, ଆଦର୍ଶବାଦ, ମାନବିକତା ଓ ମୂଲ୍ୟବୋଧ ଦେଖିବାକୁ ମିଳୁନାହିଁ। କଳେବଳେକୌଶଳେ କ୍ଷମତା ଅକ୍ତିଆର କରିବା ବିଭିନ୍ନ ରାଜନେତା ଓ ଦଳର ଲକ୍ଷ୍ୟ ହୋଇଛି। ଏଣୁ ଭାଜପା ହେଉ ବା ମହାମେଣ୍ଟ କେହି ଜନସାଧାରଣଙ୍କ ଆସ୍ଥାଭାଜନ ହେବେ ନାହିଁ। କିନ୍ତୁ ମେଣ୍ଟ ଗଠନ କରି ନିର୍ବାଚନ ଲଢ଼ିବା ଓ ମିଳିତ ସରକାର ଗଢ଼ିବା ଗଣତନ୍ତ୍ରର ଏକ ଅଂଶ। ଏହାକୁ ପ୍ରଧାନମନ୍ତ୍ରୀ ବିରୋଧ କରିବା ଅଗଣତାନ୍ତ୍ରିକ। ପୁନଶ୍ଚ ବର୍ତ୍ତମାନର ଭାଜପା ପୂର୍ବରୁ ଭାରତୀୟ ଜନସଂଘ ଥିଲା। ଏହା ଅନ୍ୟ ବିରୋଧୀ ଦଳଙ୍କ ସହିତ ମିଶି ଇନ୍ଦିରା ଗାନ୍ଧୀଙ୍କ କଂଗ୍ରେସ ବିରୋଧରେ ଲଢ଼ିଥିଲା ଏବଂ କଂଗ୍ରେସକୁ କ୍ଷମତାଚ୍ୟୁତ କରିଥିଲା। ୧୯୭୭ରେ ଯେଉଁ ଜନତା ଦଳ ସରକାର କରିଥିଲା, ତାହା ଏକ ମିଳିତ ସରକାର ଥିଲା, ଯେଉଁଥିରେ ଭାରତୀୟ ଜନସଂଘ ଏକ ଅଂଶୀଦାର ଦଳ ଥିଲା। ପରେ ଜନତା ପାର୍ଟିର ବିଲୟ ପରେ ୧୯୮୦ରେ ଭାରତୀୟ ଜନସଂଘ ଭାଜପା ନାମରେ ନୂଆ ଅବତାରରେ ଆବିର୍ଭୂତ ହୋଇଥିଲା। ପୁନଶ୍ଚ ଗୋଟିଏ ଦଳ ଶାସନ କଲେ ଏହା ବେଶି ଏକଛତ୍ରବାଦୀ ହେବାର ସମ୍ଭାବନା ଥାଏ। ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ୱାଇ.ଭି. ରେଡ୍ଡୀଙ୍କ କହିବା ଅନୁଯାୟୀ ମିଳିତ ସରକାର ସମୟରେ ଆର୍ଥିକ ଅଭିବୃଦ୍ଧି ଭଲ ହୋଇଛି। ବିଶେଷକରି ଉପା–୧ ସରକାର ଅମଳରେ ଆର୍ଥିକ ଅଭିବୃଦ୍ଧି, ଆଭ୍ୟନ୍ତରୀଣ ସଞ୍ଚୟ, ନିବେଶ ହାର ଅନ୍ୟ ସବୁ ସରକାର ତୁଳନାରେ ଅଧିକ ହୋଇଛି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଲୋକମାନେ ସବୁ ଦେଖୁଛନ୍ତି। ଯଦି ଏହା ସତ୍ୟ ତେବେ ତାଙ୍କ ସରକାର ପ୍ରଚାରରେ କାହିଁକି ଏତେ ଖର୍ଚ୍ଚ କରୁଛି? ୨୦୧୪–୧୫ରୁ ୨୦୧୭–୧୮ ମଧ୍ୟରେ ତାଙ୍କ ସରକାର ଗଣମାଧ୍ୟମରେ ୪୮୮୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ପ୍ରଧାନମନ୍ତ୍ରୀ ସ୍ୱୟଂ ଦଳୀୟ ସଭାପତି ପରି ବିଭିନ୍ନ ସଭାସମିତି ରାଲିରେ ଦଳ ସପକ୍ଷରେ ଏବଂ କଂଗ୍ରେସ ତଥା ବିରୋଧୀ ଦଳ ବିରୋଧରେ ପ୍ରଚାର କରିଛନ୍ତି। ବିମୁଦ୍ରୀକରଣ ସମ୍ପର୍କରେ ମତଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବିମୁଦ୍ରୀକରଣ ଏକ ଝଟ୍‌କା ନ ଥିଲା। ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ଏହା ଜରୁରୀ ଥିଲା। ବାସ୍ତବରେ ବିମୁଦ୍ରୀକରଣ ଏକ ରାଜନୈତିକ ପଦକ୍ଷେପ ଥିଲା। ନରେନ୍ଦ୍ର ମୋଦି ନିଜକୁ କଳାଧନ ଓ ଦୁର୍ନୀତି ବିରୋଧୀ ଭାବେ ପ୍ରତିପାଦନ କରି ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଜିତିବା ପାଇଁ ବିମୁଦ୍ରୀକରଣ ପଦକ୍ଷେପ ନେଇଥିଲେ। ଅନେକ ବିଶିଷ୍ଟ ଅର୍ଥନୀତିଜ୍ଞ ଏପରିକି ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଏହାକୁ ଏକ କ୍ରୂର ପଦକ୍ଷେପ ବୋଲି କହିଛନ୍ତି। ଏହାଦ୍ୱାରା କୌଣସି କଳାଧନ ଉଦ୍ଧାର ହେଲା ନାହିଁ ବରଂ କଳାଟଙ୍କାର ଅଧିକାରୀ ତାଙ୍କ କଳାଟଙ୍କାକୁ ଧଳା କରିପାରିଲେ। ଯେଉଁ ଲକ୍ଷ୍ୟ ନେଇ ବିମୁଦ୍ରୀକରଣ କରାଯାଇଥିଲା ତାହାର ଗୋଟିଏ ବି ପୂରଣ ହୋଇନାହିଁ। ବରଂ ଲୋକମାନେ ହଇରାଣ ହୋଇଛନ୍ତି ଏବଂ ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇଛି। ପ୍ରଧାନମନ୍ତ୍ରୀ ମଧ୍ୟ ଜିଏସ୍‌ଟି ସପକ୍ଷରେ କହିଛନ୍ତି। କିନ୍ତୁ ପ୍ରଶ୍ନକର୍ତ୍ତା ତାଙ୍କୁ ପଚାରିଲେ ନାହିଁ ଯେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲାବେଳେ କାହିଁକି ଜିଏସ୍‌ଟିକୁ ବିରୋଧ କରୁଥିଲେ। ଜିଏସ୍‌ଟି ଏକ ପରୋକ୍ଷ ଟିକସ ସଂସ୍କାର। ଏହାର ଆବଶ୍ୟକତା ଥିଲା। କିନ୍ତୁ ଏହା ଯେପରି ତରବରିଆ ଭାବେ କାର୍ଯ୍ୟକାରୀ କରାଗଲା ତାହାଦ୍ୱାରା ଅର୍ଥନୀତିର କ୍ଷତି ହୋଇଛି। ବ୍ୟବସାୟୀ ହଇରାଣ ହୋଇଛନ୍ତି। ଅର୍ଥନୈତିକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହୋଇଛି। ଭାରତରେ ପ୍ରଚଳିତ ଜିଏସ୍‌ଟି ଏକ ଜଟିଳ ପ୍ରକ୍ରିୟା ବୋଲି ବିଶ୍ୱବ୍ୟାଙ୍କ ମତ ଦେଇଛି। ଜିଏସ୍‌ଟି ଯୋଗୁ ଦରଦାମ୍ ହ୍ରାସ ପାଇବ, ଟିକସ ଫାଙ୍କି ରୋକାଯାଇପାରିବ ଏବଂ ଅଧିକ ରାଜସ୍ୱ ଆଦାୟ ହେବ ବୋଲି ଯାହା କୁହାଯାଇଥିଲା ତାହା ପୂରଣ ହୋଇପାରି ନାହିଁ। ଚଳିତ ଆର୍ଥିକବର୍ଷ ଏପ୍ରିଲରୁ ଅକ୍ଟୋବର ୨୦୧୮ ମଧ୍ୟରେ ୩୮,୮୯୬ କୋଟି ଟଙ୍କାର ଜିଏସ୍‌ଟି ଟିକସ ଫାଙ୍କି ଘଟିଛି। ଗତ ନଭେମ୍ବର ଓ ଡିସେମ୍ବରରେ ଧାର୍ଯ୍ୟଲକ୍ଷ୍ୟଠାରୁ କମ୍ ଜିଏସ୍‌ଟି ଆଦାୟ ହୋଇଛି। ସେହିପରି ଭାଜପା–ଶାସିତ ରାଜ୍ୟ କୃଷିଋଣ ଛାଡ କଲାବେଳେ ମୋଦି ବିରୋଧ କରୁ ନ ଥିଲେ। କିନ୍ତୁ କଂଗ୍ରେସ କଲା ବେଳକୁ ବିରୋଧ କରୁଛନ୍ତି।

ନରେନ୍ଦ୍ର ମୋଦି ପରୋକ୍ଷରେ କଂଗ୍ରେସ ତଥା ଅନ୍ୟ ବିରୋଧୀ ଦଳକୁ ଦୁର୍ନୀତିଗ୍ରସ୍ତ କହିଲାବେଳେ ନିଜକୁ ସ୍ୱଚ୍ଛ ବୋଲି କହିଛନ୍ତି। ଯଦି ଏହା ସତ କିପରି ବିଭିନ୍ନ ସଭାସମିତି, ରାଲିରେ ତାଙ୍କ ଦଳ ପକ୍ଷରୁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏସବୁ କିଏ ଦେଉଛି? ୨୦୧୭–୧୮ରେ ଭାଜପାର ଦଳୀୟ ପାଣ୍ଠିକୁ ୧୦୦୦ କୋଟି ଟଙ୍କା ଆସିଛି। ଯେଉଁମାନେ ଦେଇଛନ୍ତି ସେମାନେ କ'ଣ କିଛି ସୁବିଧା ନ ପାଇ ଦେଇଛନ୍ତି? ବର୍ତ୍ତମାନ ଦୁର୍ନୀତି ଅନ୍ତରଙ୍ଗ ପୁଞ୍ଜିବାଦ ବା କ୍ରୋନି କ୍ୟାପିଟାଲିଜମ୍‌ର ରୂପ ନେଇଛି। କରପ୍ସନ ପର୍‌ସିପସନ୍ ଇଣ୍ଡେକ୍ସରେ ଭାରତର ଅବନତି ଘଟିଛି। ଅର୍ଥାତ୍ ଦୁର୍ନୀତି ବୃଦ୍ଧି ପାଇଛି। ନରେନ୍ଦ୍ର ମୋଦି କହିଛନ୍ତି ଯେ, ଯେଉଁମାନେ ଦେଶର ସମ୍ପଦ ଲୁଟ୍‌କରି ଦେଶ ଛାଡିପଳାଇଛନ୍ତି ସେମାନଙ୍କୁ ପୁଣି ଦେଶକୁ ଅଣାଯିବ। ସେମାନଙ୍କଠାରୁ କଡ଼ାଗଣ୍ଡା ଆଦାୟ କରାଯିବ। କିନ୍ତୁ ବିଜୟ ମାଲ୍ୟା ଦେଶ ଛାଡ଼ିବା ପୂର୍ବରୁ ସିବିଆଇ ତରଫରୁ ଯେଉଁ ଡିଟେନ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିଲା ତାହାକୁ ଇନ୍‌ଫର୍ମକୁ କାହିଁକି ପରିବର୍ତ୍ତନ କରାଗଲା? ଏହି ପ୍ରଶ୍ନ ପ୍ରଧାନମନ୍ତ୍ରୀଙ୍କୁ ପଚାରିବାର ଥିଲା। ରିଜର୍ଭ ବ୍ୟାଙ୍କର ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୧୭–୧୮ରେ ବ୍ୟାଙ୍କଗୁଡ଼ିକରେ ହୋଇଥିବା ଠକାମିର ପରିମାଣ ୪୧,୨୦୦ କୋଟି ଟଙ୍କା, ଯାହା ୨୦୧୪–୧୫ଠାରୁ ୧୧୨% ଅଧିକ।

ଉର୍ଜିତ ପଟେଲଙ୍କ ଇସ୍ତଫା ଉପରେ ମତଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସେ ଇସ୍ତଫା ଦେବା ପାଇଁ ୬ ବା ୭ ମାସ ତଳୁ କହି ଆସୁଥିଲେ। କିନ୍ତୁ ଏ କଥା ଉର୍ଜିତ ପଟେଲ ଇସ୍ତଫା ଦେବା ସମୟରେ ପ୍ରଧାନମନ୍ତ୍ରୀ କାହିଁକି କହିଲେ ନାହିଁ? କୌଣସି ବ୍ୟକ୍ତି ସେପରି ଅଯଥା ଚାପର ବଶବର୍ତ୍ତୀ ନ ହେଲେ ରିଜର୍ଭ ବ୍ୟାଙ୍କର ଗଭର୍ନର ପଦରୁ ଇସ୍ତଫା ଦେବାକୁ ଚାହିଁବ ନାହିଁ। ନିକଟରେ ରିଜର୍ଭ ବ୍ୟାଙ୍କର ଗଚ୍ଛିତ ପାଣ୍ଠି ବା ରିଜର୍ଭରୁ ସରକାରଙ୍କୁ କିଛି ଅଂଶ ଦେବାକୁ ନେଇ ରିଜର୍ଭବ୍ୟାଙ୍କ ଉପରେ ସରକାରଙ୍କ ତରଫରୁ ଚାପ ଥିଲା, ଯାହା ତାଙ୍କ ଇସ୍ତଫାର କାରଣ। କେବଳ ଉର୍ଜିତ ପଟେଲ ନୁହନ୍ତି, ନୀତି ଆୟୋଗର ଉପାଧ୍ୟକ୍ଷ ଅରବିନ୍ଦ ପାନାଗାରିଆ, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ୍ ଇସ୍ତଫା ଦେଇଛନ୍ତି। ସିବିଆଇ ଭଳି ସଂସ୍ଥାର ମୁଖ୍ୟ ଆଲୋକ ବର୍ମାଙ୍କୁ ତାଙ୍କ କାର୍ଯ୍ୟକାଳ ପୂର୍ବରୁ ବାହାର କରିଦିଆଯାଇଛି। ଏପରିକି ବିଭିନ୍ନ ତଥ୍ୟ ପ୍ରଦାନ କରୁଥିବା ସିଏସ୍‌ଓ କାର୍ଯ୍ୟକଳାପରେ ହସ୍ତକ୍ଷେପ କରାଯାଉଛି। ଏହାର ଅର୍ଥ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଓ ନିୟାମକ ସଂସ୍ଥାର କାର୍ଯ୍ୟକଳାପରେ ସରକାର ଅଯଥାରେ ହସ୍ତକ୍ଷେପ କରୁଛନ୍ତି। ପୁନଶ୍ଚ ସାବରିମାଳା ମନ୍ଦିରରେ ମହିଳାମାନଙ୍କ ପ୍ରବେଶକୁ ନେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବିଭିନ୍ନ ମନ୍ଦିରରେ ବିଭିନ୍ନ ପ୍ରଥା ରହିଛି। ଭାଜପା ସୁପ୍ରିମ୍‌କୋର୍ଟଙ୍କ ରାୟ ବିରୋଧରେ ଯାଇ ମନ୍ଦିରରେ ମହିଳା ପ୍ରବେଶକୁ ବିରୋଧ କରିବାକୁ ପ୍ରଧାନମନ୍ତ୍ରୀ ସମାଲୋଚନା କରିନାହାନ୍ତି। ସେ କୁସଂସ୍କାରକୁ ବିରୋଧ କରିବାକୁ ଅନିଚ୍ଛୁକ। ଏପରିକି ରାମମନ୍ଦିର ପ୍ରସଙ୍ଗରେ କଂଗ୍ରେସକୁ ସମାଲୋଚନା କରିବାକୁ ପଛେଇ ନାହାନ୍ତି। ପ୍ରଧାନମନ୍ତ୍ରୀ ପ୍ରତ୍ୟେକ କଥାରେ ବିକାଶ କଥା କହିଛନ୍ତି। କିନ୍ତୁ ବିକାଶ ହୋଇଛି ଧନିକ ଶ୍ରେଣୀର। ୨୦୧୭ରେ ଯେତିକି ସମ୍ପଦ ସୃଷ୍ଟି ହୋଇଥିଲା ତାହାର ୭୩% ଯାଇଛି ୧% ଧନିକଙ୍କ ପାଖକୁ। ଅପରପକ୍ଷେ ବିକାଶ ସୂଚାଉଥିବା ବିଭିନ୍ନ ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତ ପୂର୍ବପରି ନିମ୍ନରେ ରହିଛି। କେତେକ କ୍ଷେତ୍ରରେ ଅବନତି ମଧ୍ୟ ଘଟିଛି। ଏହିସବୁ ପ୍ରଶ୍ନ ସାମ୍ବାଦିକ ପ୍ରଧାନମନ୍ତ୍ରୀଙ୍କୁ ପଚାରିବାର ଥିଲା।

# ନମସ୍କାର ଓ ଆଶୀର୍ବାଦ



ଅଲେଖ ଚନ୍ଦ୍ର ମିଶ୍ର

ନମସ୍କାର ଓ ଆଶୀର୍ବାଦ ଏ ଦୁଇଟି ଆପେକ୍ଷିକ ଶବ୍ଦ। ଦ୍ୱିତୀୟଟି ପ୍ରଥମର ଅନୁଚର। ନମଃ, ନମସ୍ତେ, ନମସ୍କାର, ଜୁହାର, ଓଳଗି, ଦଣ୍ଡବତ, ପ୍ରଣାମ ଓ ଅଭିବାଦନ– ଏ ସମସ୍ତ ଏକ ପର୍ଯ୍ୟାୟବାଚୀ ଶବ୍ଦ। ଏପରି ସମ୍ବେଦନଶୀଳ ଯେ ଏହାର ଉଚ୍ଚାରଣ କର୍ତ୍ତା ଏବଂ ଗ୍ରହୀତା ଉଭୟଙ୍କୁ ଆପ୍ୟାୟିତ କରେ। ଏଥିରେ ସାନବଡ଼, ଉଚ୍ଚନୀଚର ଭେଦଭାବ ରହିବା ଉଚିତ ନୁହେଁ। କାରଣ 'ସକଳ ଘଟେ ନାରାୟଣ, ବସନ୍ତି ଅନାଦି କାରଣ।' ବରଂ ଏହା କର୍ତ୍ତାଙ୍କର ବିନମ୍ରତାର ନିଦର୍ଶନ ଏବଂ ଗ୍ରହୀତାଙ୍କର ଶୁଭେଚ୍ଛାର ବାର୍ତ୍ତାବହ। ସମ୍ମାନ ପ୍ରଦାନ, ଭକ୍ତି ନିବେଦନ, ଆନୁଗତ୍ୟ ପ୍ରକାଶ, ସ୍ୱାଗତ ସମ୍ବର୍ଦ୍ଧନା, ସାକ୍ଷାତ ସମ୍ଭାଷଣ, କୃତଜ୍ଞତା ଜ୍ଞାପନ, ଖୁସି ପ୍ରକଟ ଇତ୍ୟାଦି ପାଇଁ ସଚରାଚର ବ୍ୟବହୃତ ଏହା ଏକ ଲୋକପ୍ରିୟ ମାଧ୍ୟମ। ସ୍ଥଳବିଶେଷରେ ଏହାର ପ୍ରକାରଭେଦ ଭିନ୍ନ ଭିନ୍ନ ହେଲେ ବି (ଯଥା ନାକରେ ନାକ ଘଷିବା, କାନ୍ଧରେ କାନ୍ଧ ମିଳେଇବା, କରମର୍ଦ୍ଦନ କରିବା ଇତ୍ୟାଦି) ଆମ ସଂସ୍କୃତିରେ ଏହାର ରୂପରେଖ ନିମ୍ନୋକ୍ତ ଢଙ୍ଗରେ ହୋଇଥାଏ– ଯଥା ଆପାଦମସ୍ତକ ଭୂଲୁଣ୍ଠିତ ଦଣ୍ଡବତ, ସାଷ୍ଟାଙ୍ଗ ପ୍ରଣିପାତ, ଭୂମିଷ୍ଠ ପ୍ରଣାମ, ଆଣ୍ଠୁ ମାଡି ପ୍ରଣାମ, ମୁଣ୍ଡ ମାଡି, ବେକ ନୁଆଇଁ, ପାଦ ସ୍ପର୍ଶ କରି, ପାଦରୁ ଧୂଳି ନେଇ ପ୍ରଣାମ, ଦଣ୍ଡାୟମାନ ଅଥବା ଚାଲୁ ଚାଲୁ ଗୋଟିଏ ବା ଦୁଇଟି ହାତ ଟେକି ଶିର ଅବନ୍ନୋତ କରି ସାଲ୍ୟୁଟ (ସଲାମ) କରିବା, ଜୋତା ଓହ୍ଲେଇ, ଟୋପି ବା ପଗଡି କାଢି ସମ୍ମାନ ଦେବା, ପାଦୋଦକ ପାଇବା ଇତ୍ୟାଦି। ଦେଶକାଳପାତ୍ର ଭେଦରେ ନମସ୍କାର ଉପରୋକ୍ତ ପ୍ରକ୍ରିୟାରେ ସମ୍ପାଦିତ ହୋଇଥାଏ। ଏହାର ମୂଳକଥା ହେଲା ଏଥିପାଇଁ ଇଚ୍ଛା ଓ ଆଗ୍ରହ ଥିବା ଉଚିତ। ନଚେତ୍ ଏହା 'ମାଗି ଓଳଗି, ଯାଚି କଲ୍ୟାଣ' ଭଳି ହାସ୍ୟାସ୍ପଦ ହୋଇଯାଏ। ସାଧାରଣତଃ ନମସ୍କାର ଉଦ୍ଦେଶ୍ୟରହିତ ଏବଂ ପ୍ରତ୍ୟାଶାବର୍ଜିତ ହେବା ବିଧେୟ। ତେଣୁ ନମଃ ଶବ୍ଦଟି ସମ୍ପ୍ରଦାନେ ଚତୁର୍ଥୀ ବିଭକ୍ତି ସମ୍ପନ୍ନ ହୋଇଥାଏ (କୃ ଧାତୁ ସଂଯୁକ୍ତ ହେଲେ ଦ୍ୱିତୀୟା)। ପୁନଶ୍ଚ ନମସ୍କାର ବେଳେ ମନ ନିର୍ମଳ ରହିବା ଉଚିତ। ଏ କ୍ଷେତ୍ରରେ ରାମାୟଣବର୍ଣ୍ଣିତ ଅନ୍ଧମୁନି ଉପାଖ୍ୟାନ ପ୍ରଣିଧାନଯୋଗ୍ୟ। ତାଙ୍କର ଅନ୍ଧତ୍ୱର କାରଣ ଥିଲା ପୂର୍ବଜନ୍ମରେ ତାଙ୍କ ଗୃହରେ ଅତିଥି ହୋଇଥିବା ଜଣେ ଋଷିଙ୍କୁ ସସ୍ତ୍ରୀକ ନମସ୍କାର କଲାବେଳେ ତାଙ୍କର ଗୋଦର ଗୋଡ଼କୁ ଦେଖି ଉଭୟେ ଘୃଣାରେ ଚକ୍ଷୁ ବନ୍ଦ କରିଦେଇଥିଲେ। ଏହା ଦେଖି ଅତିଥି ଋଷି ତାଙ୍କୁ କହିଥିଲେ ତଥାସ୍ତୁ। ସେହିପରି ବିନ୍ଧ୍ୟଗିରି ନିଜର ଗୁରୁ ଅଗସ୍ତିଙ୍କୁ ମୁଣ୍ଡମାଡି ନମସ୍କାର କଲାବେଳେ ତାଙ୍କ ମନରେ ଅହଂକାର ଦୂର ହୋଇ ନ ଥିଲା (ମେରୁ ପର୍ବତ ସହିତ ପ୍ରତିଯୋଗିତା ଯୋଗୁ)। ତେଣୁ ମହର୍ଷି ତାଙ୍କୁ ସେ ଫେରିବା ପର୍ଯ୍ୟନ୍ତ ସେମିତି ପଡି ରହିବାକୁ କହିଥିଲେ ଏବଂ ଆଉ ଫେରିଲେନି। ଦେବସଭାରେ ଶିବ ଶ୍ୱଶୁର ଦକ୍ଷଙ୍କୁ ନମସ୍କାର କରି ନ ଥିବାରୁ ଦକ୍ଷ ଶିବହୀନ ଯଜ୍ଞ କରିବାକୁ ନିଷ୍ପତ୍ତି ନେଲେ ଓ ସେଥିରୁ ଅନେକ ଅନର୍ଥ ସୃଷ୍ଟି ହେଲା। ଦକ୍ଷ ତାଙ୍କର ମସ୍ତକ ହରାଇ ଛେଳିମୁଣ୍ଡ ପାଇଲେ ଓ ଶିବ ତାଙ୍କର ପ୍ରାଣପ୍ରିୟା ପତ୍ନୀ ସତୀଙ୍କୁ ହରାଇଲେ।

ନମସ୍କାର ଯେପରି ଭିନ୍ନ ଭିନ୍ନ ତା'ର ପ୍ରତିକ୍ରିୟା ବା ଆଶୀର୍ବାଦ ସେହିପରି ନାନା ପ୍ରକାରର। ବୁଢ଼ାବୁଢ଼ୀଙ୍କୁ ନମସ୍କାର କଲେ ସେମାନଙ୍କ ଅନ୍ତର ଭିତରୁ ଯେଉଁ ନିଷ୍କାମ ଶବ୍ଦଗୁଡିକ ସ୍ଫୁରିତ ହୁଏ ତାହା ହେଲା "ବୁଢା ବା ବୁଢୀଟିଏ ହୋଇଥାଆ, ପାଚିଲାବାଳରେ ସିନ୍ଦୂର ଘେନିଥା, ତୋ ପାଦ ଅଗରେ କଣ୍ଟା ନ ବାଜୁ, ମୋ ଆୟୁଷ ତତେ ଲାଗିଯାଉ, ଦୀର୍ଘାୟୁ, ନିରାମୟ ହୋଇଥା, କୋଟି ପରମାୟୁ ହେଉ, ତୋର ସବୁ ରୋଗବୈରାଗ ମୋତେ ଝାଡିଝୁଡି ଦେ, ତୋର ଅନିଷ୍ଟ ପାଞ୍ଚୁଥିବା ଲୋକ ମୁହଁରେ ନିଆଁ ଲାଗୁ, ତୋର ସବୁ ବାଧାବିଘ୍ନ ଆଡ଼ ହୋଇଯାଉ, ତୋର ରାସ୍ତାରେ କଣ୍ଟା ନ ରହୁ ଇତ୍ୟାଦି।" ବୟସ୍କ କିମ୍ବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନମସ୍କାର କଲେ ସେମାନେ ସାଧାରଣତଃ କହିଥାନ୍ତି, ହେଲା ହେଲା, ତୁମକୁ କିଏ ଅକଲ୍ୟାଣ କରୁଛିରେ ବାବୁ, ସବୁ ମଙ୍ଗଳ ହେଉ। ଭଲରେ ରୁହ, ସୁଖ ଆନନ୍ଦରେ ଦିନ କାଟୁଥା ଇତ୍ୟାଦି।

ଶିକ୍ଷକ, ଗୁରୁ ଅଥବା ଗୁରୁଜନଙ୍କୁ ନମସ୍କାର କଲେ ସେମାନେ ମୁଣ୍ଡରେ ହାତ ରଖି ଆଶୀର୍ବାଦ କରନ୍ତି– ସିଦ୍ଧିରସ୍ତୁ, ବିଜୟୀ ଭବ, ସର୍ବତ୍ର କୃତକାର୍ଯ୍ୟ ହୁଅ, ସଫଳ ହୁଅ ଇତ୍ୟାଦି। ବ୍ରାହ୍ମଣ, ପୁରୋହିତ ଓ ପଣ୍ଡିତଙ୍କୁ ନମସ୍କାର କଲେ ତାଙ୍କ ମୁହଁରୁ ସ୍ୱତଃ ନିଃସୃତ ହୋଇଥାଏ– ମନୋବାଞ୍ଛା ପୂର୍ଣ୍ଣମସ୍ତୁ, ଦୀର୍ଘାୟୁ ଭବ, ଆୟୁଷ୍ମାନ୍ ଭବ, କୁଶଳମସ୍ତୁ, ସର୍ବାରିଷ୍ଟ ଶାନ୍ତିର୍ଭବତୁ, ମନୋଭୀଷ୍ଟ ସିଦ୍ଧିର୍ଭବତୁ ଇତ୍ୟାଦି। କିନ୍ତୁ ମାତାପିତାଙ୍କୁ ନମସ୍କାର କଲେ ଏ ସମସ୍ତ ଏକ ସ୍ଥାନରେ ପ୍ରାପ୍ତ ହୁଏ। ମୁନିଋଷିଙ୍କୁ ନମସ୍କାର କଲେ ତତ୍କ୍ଷଣାତ୍ ଫଳପ୍ରାପ୍ତି ହୁଏ ଏବଂ ସମସ୍ତ ସଙ୍କଟ ଦୂର ହୋଇଯାଏ ବୋଲି ବିଶ୍ୱାସ ରହିଛି। ଦେବଦେବୀଙ୍କୁ ନମସ୍କାର କଲେ ସେମାନେ କିଛି କୁହନ୍ତିନି ସିନା କିନ୍ତୁ ସେମାନଙ୍କର ସନ୍ତୁଷ୍ଟି ପ୍ରକାରାନ୍ତରେ ସୂଚେଇ ଦିଅନ୍ତି। ଶାସ୍ତ୍ରାନୁସାରେ ସୂର୍ଯ୍ୟଦେବତାଙ୍କୁ ନମସ୍କାର କଲେ ଯେଉଁ ଫଳପ୍ରାପ୍ତି ହୁଏ ତାହା ନିମ୍ନୋକ୍ତ ପ୍ରକାରର–

ଆଦିତ୍ୟସ୍ୟ ନମସ୍କାରଃ ଯେ କୁର୍ବନ୍ତି ଦିନେ ଦିନେ। ନ
ବ୍ୟାଧିର୍ନ ଶୋକସ୍ତେଷାଂ ଦାରିଦ୍ର୍ୟଂ ନୋପଜାୟତେ॥

ଏହା ଏକ ଅନୁଭୂତିର କଥା ଯେ ସାମାନ୍ୟ ନମସ୍କାରଟିଏ ବେଳେ ବେଳେ ଦୀର୍ଘଦିନର ତିକ୍ତ ସମ୍ପର୍କକୁ ମଧୁର କରିଦିଏ ଏବଂ ଅନେକ ଅସମାହିତ ମନୋମାଳିନ୍ୟ ଦୂର କରିଦିଏ। ଅତଏବ ନମସ୍କାର ପାଇଁ ଆଦୌ କୁଣ୍ଠା ରହିବା ଉଚିତ ନୁହେଁ, ପ୍ରତିପକ୍ଷରୁ ପ୍ରତିଦାନ ଥାଉ ବା ନ ଥାଉ। ମାତ୍ର କ୍ଷୋଭର କଥା କାଳକ୍ରମେ ନମସ୍କାରର ରୂପରେଖ ବଦଳିବାରେ ଲାଗିଛି ଏବଂ ତା' ସହିତ ବଦଳିଯାଉଛି ଆଶୀର୍ବାଦର ସଂଜ୍ଞା। ଏବେ ନମସ୍କର୍ତ୍ତାଙ୍କର ପ୍ରତିଦାନ ସ୍ୱରୂପ ଶୁଷ୍କ ପ୍ରତିନମସ୍କାରଟିଏ ହିଁ ଆଶୀର୍ବାଦର ସ୍ଥାନ ନେଉଛି। ନମସ୍କାରର ଶୁଦ୍ଧତା ସହିତ ଆଶୀର୍ବଚନର ଆନ୍ତରିକତା ବିଲୟର ଦ୍ୱାରଦେଶରେ ଉପନୀତ।

ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର, ୟୁନିଟ–୪
ଭୁବନେଶ୍ୱର, ମୋ–୯୪୩୮୬୭୩୮୯୮

## ଏଇ ଭାରତରେ

ପ୍ରତ୍ୟେକ ପ୍ରଜାତିର ଜୀବ ନିଜ ଛୁଆଙ୍କୁ ସ୍ନେହ କରନ୍ତି। କିନ୍ତୁ ଗୋଟିଏ ପ୍ରଜାତି ଅନ୍ୟ ପ୍ରଜାତିର ଛୁଆଙ୍କୁ ଭଲପାଇ ସେମାନଙ୍କୁ କ୍ଷୀରପାନ କରାଇବା ବିରଳ ନିଶ୍ଚୟ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ। ଚାରି ମା'ଛେଉଣ୍ଡ କୁକୁରଛୁଆଙ୍କୁ ଗାଈଟିଏ ସ୍ତନ୍ୟପାନ କରାଉଛି। ଏହା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମଣିଷ ମଣିଷ ମଧ୍ୟରେ ଦୂରତା ବଢ଼ିଚାଲିଥିବା ବେଳେ ଉତ୍ତରପ୍ରଦେଶର ରାସ୍ତାକଡରେ ଏକ ବୁଲାଗାଈ ମା'ଛେଉଣ୍ଡ ଚାରି କୁକୁର ଛୁଆଙ୍କୁ ସ୍ତନ୍ୟପାନ କରାଉଛି। ଏହି ଘଟଣା ମଣିଷ ସମାଜ ପାଇଁ ଏକ ଉଦାହରଣ ପାଲଟିଛି। ଏକ ଦୁର୍ଘଟଣାରେ ମା' କୁକୁରର ମୃତ୍ୟୁ ଘଟିଥିଲା। ଏହାପରେ କୁକୁରଛୁଆଙ୍କୁ ଲୋକେ ନେଇ ଶୋଇଥିବା ଗାଈର ପହ୍ନା ପାଖରେ ଛାଡିଦେଇଥିଲେ। ମା'ଛେଉଣ୍ଡ କୁକୁରଗୁଡିକ ଗାଈଠୁ କ୍ଷୀର ପିଇବା ଆରମ୍ଭ କରିଥିଲେ। ଗାଈ ମଧ୍ୟ ପ୍ରତିରୋଧ କରି ନ ଥିଲା। ଏହା ପରଠୁ ଛୁଆଗୁଡିକ ଗାଈଠୁ କ୍ଷୀର ପିଇବା ଅଭ୍ୟାସରେ ପଡିଗଲାଣି। ସୋସିଆଲ ମିଡିଆରେ ଏହାର ଭିଡିଓ ଭାଇରାଲ ହେବା ପରେ ଏହାକୁ ଦେଖୁଥିବା ଲୋକେ ବେଶ୍ ଭାବପ୍ରବଣ ହୋଇପଡୁଛନ୍ତି। ପ୍ରାଣୀଙ୍କ ମନରେ ଏପରି ଦିବ୍ୟଭାବନା ଜାଗ୍ରତ ହେଉଥିବା ବେଳେ ମଣିଷ କିପରି ଏଥିରୁ ଦୂରେଇ ଯାଉଛି ତାହା ଆଶ୍ଚର୍ଯ୍ୟଜନକ।

## ୨୫ ବର୍ଷ ତଳର ଧରିତ୍ରୀ

୯ ଜାନୁୟାରୀ ୧୯୯୪

- ମୁଖ୍ୟ ନିର୍ବାଚନ କମିଶନଙ୍କ ନେତୃତ୍ୱରେ ନିର୍ବାଚନ କମିଶନକୁ ବହୁ ସଦସ୍ୟ ବିଶିଷ୍ଟ କରିବା ନେଇ ବିଲ୍‌ରେ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମାଙ୍କ ସ୍ୱାକ୍ଷର ପରେ ଏହି ବିଲ୍‌ଟି ଆଇନରେ ପରିଣତ ହୋଇଛି।
- ନିର୍ବାଚନ ପ୍ରଚାର ବେଳେ ଡାକବାଜି ଯନ୍ତ୍ର ବ୍ୟବହାରକୁ ନିଷିଦ୍ଧ କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର ଟି. ଏନ୍. ଶେଷାନଙ୍କ ସୂଚନା।
- ଚାଇନାକୁ ବାଣିଜ୍ୟଭିତ୍ତିକ ଉପଗ୍ରହ ବିକ୍ରି ନେଇ ଆମେରିକାର ନିଷେଧାଜ୍ଞା ପ୍ରତ୍ୟାହାର।
- ୩ଜଣ ରୁଷିଆ ମହାକାଶଯାତ୍ରୀଙ୍କୁ ନେଇ ରୁଷିଆର ମହାକାଶଯାନ ସୋୟୁଜ–ଟିଏମ୍. ୧୪ର ମହାକାଶ ଯାତ୍ରା।

## ପାଠକ ଶ୍ରେଷ୍ଠ ବିଚାରକ

### କୃଷିଋଣ ଛାଡ଼ ଏକ ଖରାପ ପରମ୍ପରା

ମହାଶୟ,
ନିର୍ବାଚନ ଆସିଲେ ରାଜନୈତିକ ଦଳଗୁଡ଼ିକ ଭୋଟ ହାତେଇବା ପାଇଁ ନାନା ଘୋଷଣା କରନ୍ତି। ତନ୍ମଧ୍ୟରୁ କୃଷିଋଣ ଛାଡ଼ ଅନ୍ୟତମ। ମାତ୍ର ଏହା ଏକ ଖରାପ ପରମ୍ପରା। ଆଗରୁ ମଧ୍ୟ ଅନେକ ରାଜ୍ୟରେ କୃଷିଋଣ ଛାଡ଼ ହୋଇଥିଲା। ଏହି ପରମ୍ପରା ଚାଲି ଆସୁଥିବାରୁ ଚାଷୀମାନେ ଋଣ କରି ପରିଶୋଧ କରିବାକୁ ଆଗ୍ରହ ଦେଖାନ୍ତି ନାହିଁ। ସେମାନେ ଭାବିନିଅନ୍ତି ନିର୍ବାଚନ ଆସିଲେ ବଳେ ଋଣଛାଡ଼ ହୋଇଯିବ। ଦେଶର ଆର୍ଥିକ ସ୍ଥିତି ଉପରେ ଏହାର ଖୁବ୍ କୁପ୍ରଭାବ ପଡ଼େ। ଚାଷୀ ନିଜର ସାମର୍ଥ୍ୟ ଓ ଆବଶ୍ୟକତା ଅନୁଯାୟୀ ପ୍ରାୟ କୋଡିଏରୁ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ କରିଥାନ୍ତି। ଯେଉଁମାନେ କୃଷି ଆଳରେ ଧରାଧରି କରି ଲକ୍ଷ ଲକ୍ଷ ଟଙ୍କା ଋଣ କରନ୍ତି, ସେମାନେ ଏହି ଟଙ୍କାରେ ଗୃହନିର୍ମାଣ, ଗାଡିମୋଟର କ୍ରୟ, ବିବାହବ୍ରତ ଆଦି କରନ୍ତି। କାରଣ ଏହାର ସୁଧ କମ୍। କୃଷିଋଣ ଛାଡ଼ ହେଲେ ଏଇ ସୁବିଧାବାଦୀମାନଙ୍କର ହିଁ କଚେପୁଅ ବାର। ଯେତେ କୃଷିଋଣୀ ଅଛନ୍ତି, ତା' ଅପେକ୍ଷା ଢେର ଅଧିକ ଚାଷୀ ଅଛନ୍ତି ଯେଉଁମାନେ କଷ୍ଟେମଷ୍ଟେ ଚାଷ ଉଠାଇଥାନ୍ତି, ମାତ୍ର କୃଷିଋଣ କରନ୍ତି ନାହିଁ। କୃଷିଋଣ ଛାଡ଼ କରାଗଲେ ଏମାନେ ତ ଋଣ କରିନାହାନ୍ତି, ପାଇବେ କ'ଣ? ସେମାନେ ପସ୍ତାଇ ହୁଅନ୍ତି। ତେଣୁ କୃଷିଋଣୀମାନଙ୍କର ଯେଉଁ ହାରରେ ଋଣଛାଡ କରାଯାଉଛି, ସେହି ହାରରେ ଅନ୍ୟ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ। ଜମିକୁ ଜଳ, ଉତ୍ପାଦିତ ଦ୍ରବ୍ୟର ବିପଣନ ବ୍ୟବସ୍ଥା, ଶୀତଳଭଣ୍ଡାର ନିର୍ମାଣ ଇତ୍ୟାଦିକୁ ଅଗ୍ରାଧିକାର ଦେଲେ ଏ ଦେଶର କୃଷକ ମୁହଁରେ ହସ ଫୁଟିବ। ଚାଷୀ ଆତ୍ମହତ୍ୟା, ଆନ୍ଦୋଳନ ଠପ୍ ହୋଇଯିବ।

–ଅର୍ଜୁନ ରଣା, ବାଲିଶଙ୍କରା, ସୁନ୍ଦରଗଡ଼

### ଅସତ୍ୟ ଓ ଅଗ୍ରହଣୀୟ

କିଛିଦିନ ପୂର୍ବେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଟୁଇଟ୍ କରି କହିଥିଲେ ଯେ ସେ ନୀତୀଶଙ୍କ ପରି ରାଜ୍ୟରେ ମଦ ନିଷେଧ କରିନାହାନ୍ତି। ରାଜ୍ୟରେ ମଦ ସେବନ ଅପରାଧର ମୂଳ କାରଣ ନୁହେଁ। କିନ୍ତୁ ବିଭିନ୍ନ ସମୟରେ କରାଯାଇଥିବା ସର୍ବେକ୍ଷଣରୁ ଜଣାପଡିଛି ଯେ, ଦୁର୍ଘଟଣା, ରୋଗ, ହତ୍ୟା, ବଳାତ୍କାର ଓ ସାମାଜିକ ହିଂସାର ଅନ୍ୟତମ ମୁଖ୍ୟ କାରଣ ହେଉଛି ମଦ। ଏଣୁ ଯୋଗୀଙ୍କ ବକ୍ତବ୍ୟ ସମ୍ପୂର୍ଣ୍ଣ ଅସତ୍ୟ ଓ ଅଗ୍ରହଣୀୟ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଆଶା, ପାଚିକା ମହାସଂଘ ପକ୍ଷରୁ ହରତାଳ



ରାଜନଗର, ୮।୧(ଡିଏନଏ): ମଙ୍ଗଳବାର ଏଆଇଟିୟୁସି,ଏଆଇଟିୟୁ ଭଳି ପ୍ରମୁଖ ଟ୍ରେଡ ୟୁନିୟନ ପକ୍ଷରୁ ଭାରତବନ୍ଦ ଡାକରା ଦିଆଯାଇଥିଲା। ଏହି ଆହ୍ୱାନ କ୍ରମେ ଏଆଇଟିୟୁସି ରାଜନଗର ବ୍ଲକ କମିଟି ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିବା ବେଳେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୮ଦଫା ଦାବି ନେଇ ହରତାଳ କରାଯାଇଥିଲା। ରାଜନଗରସ୍ଥିତ ତାରିଣୀ ମନ୍ଦିର ନିକଟରୁ ଏହି ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା। ଶୋଭାଯାତ୍ରାକାରୀମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତି ବିରୋଧରେ ନାରାବାଜି କରିଥିଲେ। ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହରତାଳ କରିଥିଲେ। ଆଶା, ପାଚିକା, ସହାୟିକାମାନଙ୍କୁ ସରକାରୀ ଚାକିରୀର ମାନ୍ୟତା, ବୀମା, ପୋଷାକ, ପେନସନ, ପ୍ରତିମାସ ୧୦ ତାରିଖରେ ପାରିଶ୍ରମିକ ପ୍ରଦାନ ପ୍ରଭୃତି ୮ଦଫା ଦାବି ନେଇ ଏହି ହରତାଳ କରାଯାଇଥିଲା। କେନ୍ଦ୍ରାପଡା ଜିଲା ଏଆଇଟିୟୁସିର ଜିଲା ସଭାପତି ଅରୁଣ କୁମାର ରାଉତ, ରମଣୀ ରଞ୍ଜନ ରାଉତରାୟ, ରାଜନଗର ବ୍ଲକ କମିଟି ସଭାପତି ଶାନ୍ତିଲତା ସାହୁ, ମିନତୀ ସାମଲ, ନିରୂପମା ଦାସ, କବିତା ରାଉତ, ଦମୟନ୍ତୀ କୁଣ୍ଡ, ମିନତୀ ରାଉତ, ପ୍ରମିଳା ଜେନା, ପୁଷ୍ପାଞ୍ଜଳୀ ପାତ୍ର ପ୍ରମୁଖ ସରକାର ତୁରନ୍ତ ଦାବିଗୁଡିକ ପୂରଣ କରିବାକୁ ଚେତାବନୀ ଦେଇଥିଲେ।

### ସ ମିଲ ମାଲିକଙ୍କୁ ୩ ମାସ ଜେଲ ଦଣ୍ଡାଦେଶ

କେନ୍ଦ୍ରାପଡା ଅଫିସ/ରାଜନଗର, ୮।୧ (ଡି.ଏନ୍.ଏ): କେନ୍ଦ୍ରାପଡା ଜିଲା ରାଜନଗର ଜେଏମ୍ଏଫ୍‌ସି କୋର୍ଟରେ ଗତ ୩ ବର୍ଷ ଧରି ବନବିଭାଗ ପକ୍ଷରୁ ଚାଲିଥିବା ଏକ ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଜେଏମ୍ଏଫ୍‌ସି କୃଷ୍ଣ ଚନ୍ଦ୍ର ନାୟକ ଏହି ମାମଲାର ଶୁଣାଣି କରି ରାଜନଗରସ୍ଥିତ ଜଗନ୍ନାଥ ସ ମିଲ ମାଲିକ ସାନବଡ ଗୋପାଳପୁର ଗ୍ରାମର ଶ୍ରୀଧର ସାହୁଙ୍କୁ ୩ ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୩ ହଜାର ଟଙ୍କା ଜରିମାନା ଦେବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଶ୍ରୀଧର ଉପର କୋର୍ଟରେ ଅପିଲ କରିବା ଦାବି କରି ଜାମିନରେ ଯାଇଛନ୍ତି। ସୂଚନାଯୋଗ୍ୟ, ୨୦୧୫ ମେ ୨୮ରେ ବନ ବିଭାଗ ପକ୍ଷରୁ ଜଗନ୍ନାଥ ସ ମିଲ ଉପରେ ଚଢ଼ାଉ ହୋଇଥିଲା। ସେଠାରୁ କେତେକ ମୂଲ୍ୟବାନ ଚିରା କାଠ ସହ ସ ମିଲର ବିଭିନ୍ନ ଯନ୍ତ୍ରାଂଶକୁ ଜବତ କରାଯାଇଥିଲା। ଏନେଇ ଜେଏମ୍ଏଫ୍‌ସି କୋର୍ଟରେ ମାମଲା (ନଂ ୨ବିସିସି ୪୩/୧୫) ରୁଜୁ ହୋଇଥିଲା। ଏହି ସ ମିଲ ପାଇଁ ପୂର୍ବରୁ ଅଭିଯୁକ୍ତଙ୍କ ନାମରେ୨ ଥର ମାମଲା ରୁଜୁ ହୋଇଥିବା ବେଳେ ଏଥର ଦଣ୍ଡାଦେଶ ହୋଇଛି ବୋଲି ବନ ବିଭାଗ ପକ୍ଷରୁ ନିଯୁକ୍ତ ଆଇନଜୀବୀ ସୁଶ୍ରୀ ନାୟକ କହିଛନ୍ତି।

## ବେଲତଳ ମୌଜାରେ ଜମିର ଅହେତୁକ ମୂଲ୍ୟ ବୃଦ୍ଧି

# ଜମି କିଣା ବିକା ପ୍ରଭାବିତ

### ଗରିବ ଲୋକେ ଜମି ବିକି ନ ପାରି ହନ୍ତସନ୍ତ

ପଟ୍ଟାମୁଣ୍ଡାଇ,୮।୧(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ବେଲତଳ ମୌଜାରେ ଜମିର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇଛି । ୨୦୧୬ ମସିହାରେ ଏହି ମୌଜାରେ ଜମିର ମୂଲ୍ୟ ଡେସିମିଲ ପିଛା ୧ ଲକ୍ଷ ୨୦ହଜାର ଥିଲା । ସେହିବର୍ଷ ଜମିର ମୂଲ୍ୟ ନିର୍ଦ୍ଧାରଣ କମିଟି ପକ୍ଷରୁ ଡେସିମିଲ ପିଛା ଏହାର ମୂଲ୍ୟ ୧୩ ଲକ୍ଷ ୨୦ ହଜାର ଟଙ୍କାକୁ ବୃଦ୍ଧି ପାଇଥିଲା । ଫଳରେ ଜମି କିଣା ବିକା ପ୍ରଭାବିତ ହୋଇଛି । ଜମି ମାଲିକମାନେ ଜମିକୁ ବିକ୍ରି କରି ନ ପାରି ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧୀନସ୍ଥ ରାଜସ୍ୱ ଗ୍ରାମଗୁଡିକର ଜମି ଖର୍ଦ୍ଦି ବିକ୍ରି ପାଇଁ ସରକାରୀ ସ୍ତରରେ ଏକ ମୂଲ୍ୟ ନିର୍ଦ୍ଧାରଣ କମିଟି ରହିଛି । ଏହି କମିଟିରେ ତହସିଲଦାର, ସଦର ରାଜସ୍ୱ ନିରୀକ୍ଷକ, ଉପ ଜିଲାପାଳ, ସବ୍‌ରେଜିଷ୍ଟ୍ରାରଙ୍କ ସହିତ ଜନ ପ୍ରତିନିଧି ଭାବେ ଭୋଳାନାଥ ପାଢୀ, ସବ୍ୟସାଚୀ ମଲିକ ଓ ମିଟୁ ଦାଶ ସଭ୍ୟ ଥିବା ଜଣାପଡ଼ିଛି । ପ୍ରତି ୨ବର୍ଷରେ ଏହି କମିଟି ବୈଠକ ଅନୁଷ୍ଠିତ ହୋଇ ମୌଜାଗୁଡିକର ଜମି ଖର୍ଦ୍ଦି ବିକ୍ରୀ ପାଇଁ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ । ନିର୍ଦ୍ଧାରିତ ମୂଲ୍ୟକୁ ନେଇ ଜମି ମାଲିକମାନେ ଜମି କିଣାବିକା କରିଥାଆନ୍ତି ଓ ଧାର୍ଯ୍ୟ ରାଜସ୍ୱ (ଷ୍ଟାମ୍ପ ଚାର୍ଜ) ପଇଠ କରିଥାନ୍ତି । ମାତ୍ର ୨ବର୍ଷ ତଳେ କମିଟି ବୈଠକରେ ବେଲତଳ ମୌଜାର ଜମି ୧୩ ଲକ୍ଷ ୨୦ ହଜାରକୁ ବୃଦ୍ଧି କରାଯାଇଥିଲା । ଫଳରେ ଜମି କିଣିବା ଓ ବିକିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଅଧିକ ରାଜସ୍ୱ ଦାଖଲ ଯୋଗୁ ଜମି କିଣାବିକା କରିପାରୁ ନାହାନ୍ତି। ଏପରି କି ଦୁରାରୋଗରେ ପୀଡିତ ବ୍ୟକ୍ତିମାନେ ଟଙ୍କା ନ ଥିବାରୁ ଜମି ବିକ୍ରୀ କରିବାକୁ ଚାହିଁ ମଧ୍ୟ ବିକ୍ରି କରି ନ ପାରି ଚିକିତ୍ସା ଅଭାବରୁ ଅକାଳରେ ମୃତ୍ୟୁବରଣ କରୁଥିବା ଭଳି ଅଭିଯୋଗ ହୋଇଛି । ଜମିର ଅହେତୁକ ମୂଲ୍ୟ ବୃଦ୍ଧି ସମ୍ପର୍କରେ କମିଟିର ସଦସ୍ୟମାନେ ଜାଣି ନ ଥିବା କହୁଥିବା ବେଳେ ତତ୍କାଳୀନ ତହସିଲଦାର ବନମାଳୀ ତରାଇ କେଉଁ ସ୍ୱାର୍ଥ ପାଇଁ ମୂଲ୍ୟ ବୃଦ୍ଧି କଲେ ବୋଲି ସଦସ୍ୟମାନେ କହିଛନ୍ତି । ଏହାମଧ୍ୟରେ ୨ବର୍ଷ ବିତି ଯାଇଥିଲା ବେଳେ ଗତ ଡିସେମ୍ବର ୧୮ ତାରିଖରେ କେନ୍ଦ୍ରାପଡା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ମୂଲ୍ୟ ନିର୍ଦ୍ଧାରଣ କମିଟି ବୈଠକରେ ବେଲତଳ ମୌଜାର ବେଞ୍ଚ ମାର୍କ ଭାଲ୍ୟୁଏଶନ ବୃଦ୍ଧିକୁ ନେଇ ସଦସ୍ୟମାନେ ତୀବ୍ର ବିରୋଧ କରିଥିଲେ । ଏହାର ପୁନର୍ବିଚାର କରାଯିବା ନେଇ ଆଲୋଚନା ହୋଇଥିଲା ବେଳେ ନିଷ୍ପତ୍ତି ହୋଇ ନ ପାରିବାରୁ ସଦସ୍ୟମାନେ ଦସ୍ତଖତ ନ କରି ବୈଠକ ଛାଡି ଚାଲି ଆସିଥିଲେ । ଏହାସତ୍ତ୍ୱେ ଆଗାମୀ ୨ବର୍ଷ ପାଇଁ ପୁନର୍ବାର ବେଞ୍ଚ ମାର୍କ ଭାଲ୍ୟୁଏଶନ ୧୦ପ୍ରତିଶତ ବୃଦ୍ଧି କରାଯାଇଛି । ଯାହା ଫଳରେ ଏହି ମୌଜାର ୧ ଡେସିମିଲ ଜମି ୧୪ ଲକ୍ଷ ୫୨ ହଜାର ଟଙ୍କାରେ ବିକ୍ରି ହେବ । ଜମିର ବିକ୍ରୀ ମୂଲ୍ୟ ଅନୁସାରେ ଷ୍ଟାମ୍ପ ଚାର୍ଜ ଦେବାକୁ ପଡିବ । ଏହି ଘଟଣା କେନ୍ଦ୍ରାପଡା ଜିଲାପାଳଙ୍କୁ ଅବଗତ କରାଯାଇଛି। ତେବେ ବେଲତଳ ମୌଜାର କାଉନସିଲର ଉର୍ମିଳା ପଣ୍ଡା ଓ ସବିତା ନାୟକଙ୍କ ନେତୃତ୍ୱରେ ଗ୍ରାମବାସୀ ଜମିର ଅହେତୁକ ମୂଲ୍ୟ ବୃଦ୍ଧି ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରଛନ୍ତି । ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜମିର ଅହେତୁକ ମୂଲ୍ୟ ବୃଦ୍ଧିର ପୁନର୍ବିଚାର କରି ଲୋକଙ୍କ ସମସ୍ୟା ସମାଧାନ କରିବା ପାଇଁ ବେଲତଳ ଗ୍ରାମର ତ୍ରିଲୋଚନ ପଣ୍ଡା, ବ୍ରଜବନ୍ଧୁ ଦାଶ, ଗୋପୀନାଥ ଦାଶ, ପ୍ରମୋଦ ସାହୁ, ନାରାୟଣ ପ୍ରଧାନ, ଶ୍ୟାମସୁନ୍ଦର ସ୍ୱାଇଁ, ନଟବର ରାଉତ, ସନାତନ ବିଶ୍ୱାଳ, ସନ୍ତୋଷ କୁମାର ଦାସ, ପୂର୍ବତନ କାଉନସିଲର ଗୋପୀବଲ୍ଲଭ ନାୟକ, ବାସୁଦେବ ମହାନ୍ତି, ହାଡିବନ୍ଧୁ ନାୟକ ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ, ବେଲତଳ ମୌଜା ପଟ୍ଟାମୁଣ୍ଡାଇ ସହରକୁ ଲାଗି ରହିଛି । ତେବେ ଏହି ମୌଜାର ବଜାରକୁ ଲାଗି ରହିଥିବା ଜମିର ମୂଲ୍ୟ ଯାହା ଶେଷ ମୁଣ୍ଡରେ ଥିବା ପାଟଜମିର ମୂଲ୍ୟ ତାହା ରହିଥିବାରୁ ଜମି ବିକ୍ରି ନେଇ ସମସ୍ୟା ଉପୁଜିଛି ।

## ଆଶାକର୍ମୀ, ପାଚିକାଙ୍କ ଆନ୍ଦୋଳନ




ଆନ୍ଦୋଳନରତ ଆଶାକର୍ମୀ ଓ ପାଚିକା।

ମାର୍ଶାଘାଇ,୮।୧(ଡିଏନଏ)

ଜାନୁୟାରୀ ୮ ଓ ୯ ତାରିଖରେ ବିଭିନ୍ନ ଟ୍ରେଡ ୟୁନିୟନର ଭାରତ ବନ୍ଦ ଡାକରାରେ ସାମିଲ ହୋଇ ମାର୍ଶାଘାଇ,ମହାକାଳପଡା ଏବଂ ଗରଦପୁର ବ୍ଲକ ଆଶାକର୍ମୀ ସଂଘ ଏବଂ ପାଚିକା ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ମାର୍ଶାଘାଇ ବ୍ଲକ ଆଶାକର୍ମୀ ସଂଘ ସଭାନେତ୍ରୀ ଦ୍ରୌପଦୀ ସ୍ୱାଇଁଙ୍କ ନେତୃତ୍ୱରେ ମଙ୍ଗଳବାର ଶତାଧିକ ଆଶାକର୍ମୀ ଓ ପାଚିକା ଶିଳିପୁର ଛକରୁ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ଅବସରରେ ସେଠାରେ ଏକପ୍ରତିବାଦସଭା କରାଯାଇଥିଲା।ସଭାରେ ଯୋଗ ଦେଇଥିବା ବକ୍ତାମାନେ ପାଚିକା, ସହାୟିକାଏବଂ ଆଶା କର୍ମୀମାନଙ୍କୁ ସରକାରୀ ଚାକିରୀର ମାନ୍ୟତା ପ୍ରଦାନ,ସାମାଜିକ ସୁରକ୍ଷା ସହିତ ମାସିକ ୧୮ହଜାର ଟଙ୍କାର ବେତନ ପ୍ରଦାନ କରିବାକୁ ଦାବି କରିଥିଲେ। ଆଶା କର୍ମୀ ସଂଘର ବନ୍ଦନା ମଲିକ,ନମିତା ଦାସ,ପ୍ରତିମା ମଲିକ,ମହାକାଳପଡା ବ୍ଲକ ଆଶାକର୍ମୀ ସଂଘର ସଭାନେତ୍ରୀ ରଞ୍ଜୁଲତା ରାଉତ,ସଂପାଦିକା ରଶ୍ମିରେଖା ପରିଡା,ପାଚିକା ସଂଘର ସୀତା ସ୍ୱାଇଁ ,ମାର୍ଶାଘାଇ ବ୍ଲକ ପାଚିକା ସଂଘ ସଭାନେତ୍ରୀ ଦମୟନ୍ତୀ ସାମଲ, ଝରଣା ରାଉତ,ସାମାଜିକ କର୍ମୀ ସୀତାକାନ୍ତ ନାୟକ,ନାରାୟଣ ସାହୁ,ଉମାକାନ୍ତ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସବିତା ପଟ୍ଟନାୟକ, ଗୀତାଞ୍ଜଳୀ ବେହେରା,ଗୀତାଞ୍ଜଳୀ ନାୟକ,ମମତାମୟୀ ରାଉତରାୟ,ମମତା ମହାପାତ୍ର,ବିନୋଦିନୀ ଜେନା,ଉର୍ମିଳା ନାୟକ,ନିଳିମା ସେନାପତି,ବିନୋଦିନୀ ମଲିକ, ମହାକାଳପଡା ପାଚିକା ସଂଘର ଡାଙ୍ଗି ସ୍ୱାଇଁ,ଝରଣା ବେହେରା,ସୀତା ସ୍ୱାଇଁ,ମାର୍ଶାଘାଇ ବ୍ଲକ ପାଚିକା ସଂଘର ରୂପା ସ୍ୱାଇଁ,ଦମୟନ୍ତୀ ସାମଲ,ସଚି ବେହେରା,ରୀନା ପ୍ରଧାନ,ସବିତା ସାହୁ,ପ୍ରତିମା ନାୟକଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ଶ୍ରୀଜଗନ୍ନାଥ ସଙ୍କୀର୍ତ୍ତନ ମହାସଂଘ ବୈଠକ

# ସଂକୀର୍ତ୍ତନ ମାଧ୍ୟମରେ ସରକାରୀ ଯୋଜନାର ପ୍ରଚାର ଦାବି

ପାଟକୁରା, ୮।୧ (ଡି.ଏନ୍.ଏ.)



ବୈଠକରେ ଯୋଗଦେଇଥିବା କଳାକାରମାନେ।

ଶ୍ରୀଜଗନ୍ନାଥ ସଙ୍କୀର୍ତ୍ତନ ମହାସଂଘର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଆଶ୍ରମବାଲିକୁଦାସ୍ଥିତ ନାମାଚାର୍ଯ୍ୟ ବାୟାବାବାଙ୍କ ପୀଠରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଷ୍ଠାନର ସଭାପତି ନବଘନ ନାୟକ ସଭାପତିତ୍ୱ କରିଥିଲେ। କଳାକାରଙ୍କୁ ମାସିକ କଳାକାର ଭତ୍ତା ପ୍ରଦାନ, ସାଂସ୍କୃତିକ ଅନୁଷ୍ଠାନଙ୍କୁ ଆର୍ଥିକ ସହାୟତା, ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ଲାଗି ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲାରେ କଳାକାର ଚୟନ ପ୍ରକ୍ରିୟାରେ ଯୋଗ୍ୟ କଳାକାର ଚୟନ କରାଯାଇ କେତେଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଥିବା ବେଳେ ଆଉ କେତେଜଣ ଏଥିରୁ ବାଦ୍ ପଡ଼ିଛନ୍ତି। ବାଦ୍ ପଡ଼ିଥିବା ଯୋଗ୍ୟ କଳାକାରମାନଙ୍କୁ ତୁରନ୍ତ ଭତ୍ତା ମଞ୍ଜୁର କରିବାକୁ ବୈଠକରେ ସରକାର ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକମାନଙ୍କୁ ମଧ୍ୟ ଅବଗଥ କରାଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏତଦ୍‌ବ୍ୟତୀତ ସଙ୍କୀର୍ତ୍ତନ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ପ୍ରଚାର କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ଯୁଧିଷ୍ଠୀର ଦାସ, ସମ୍ପାଦକ ନିଶାମଣୀ ନନ୍ଦି, ଯୁଗ୍ମ ସମ୍ପାଦକ ବୈକୁଣ୍ଠ ଚରଣ ନାୟକ, କାର୍ଯ୍ୟକାରିଣୀ ସଦସ୍ୟ ସର୍ବଶ୍ରୀ କୈଳାସ ଚନ୍ଦ୍ର କର, ରତ୍ନାକର ସ୍ୱାଇଁ, ପ୍ରେମାନନ୍ଦ ନାୟକ, ଶ୍ରୀପତି ବେହେରା, ଅମୂଲ୍ୟ ନାୟକ, ପ୍ରଶାନ୍ତ କୁମାର ମହାନ୍ତି, ବ୍ୟୋମକେଶୀ ଭୂୟାଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଉପକାରାଗାରରେ ଯୋଗ ଶିକ୍ଷା

କେନ୍ଦ୍ରାପଡା ଅଫିସ, ୮।୧

ପତଞ୍ଜଳି ଯୋଗ ସମିତି କେନ୍ଦ୍ରାପଡା ଶାଖା ପକ୍ଷରୁ ବାରିମୂଳସ୍ଥିତ ଉପକାରାଗାର ପରିସରରେ ୭ ଦିନ ବ୍ୟାପୀ ଚାଲିଥିବା ଯୋଗ ବିଜ୍ଞାନ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସମିତିର ଯୋଗ ଗୁରୁ ବିଭୁ ପ୍ରସାଦ ଦାସ ଅନ୍ତେବାସୀଙ୍କୁ ଯୋଗଶିକ୍ଷା ଦେବା ସହ ସମାଜରେ ସତ୍ ମାର୍ଗରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ । ଶିବିରରେ ଉପକାରାଗାର ଜେଲର ସରୋଜ କୁମାର ବିଶ୍ୱାଳ, ମନୋଜ କୁମାର ସୂତାର, ତପନ କୁମାର ପରିଡା ପ୍ରମୁଖ ଉପସ୍ଥିତଥିଲେ । ସମିତିର ଜିଲା ସଂଯୋଜକ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଇଂ ବିଶ୍ୱନାଥ ବେହେରା ଓ ଦିଲୀପ କୁମାର ପରିଡା ଏହାକୁ ପରିଚାଳନା କରିଥିଲେ ।

## ବାଳିକା ଆତ୍ମରକ୍ଷା କୌଶଳ ଶିବିର

କେନ୍ଦ୍ରାପଡା ଅଫିସ, ୮।୧

ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ଚଳିତ ଶିକ୍ଷାବର୍ଷର ବାଳିକା ଆତ୍ମରକ୍ଷା କୌଶଳ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫୦ ଜଣ ଶିବିରାର୍ଥୀ ଯୋଗଦେଇଥିଲେ। ଅଧକ୍ଷା ଡ. ହୀରାମଣି ବେହୁରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଶିକ୍ଷାବିତ୍ ଡ. ପ୍ରଭାକର ମଲ୍ଲିକ, ଗୋଲଖ ଚନ୍ଦ୍ର ମହାଭୋଇ, ଡ. ସ୍ମୃତିରଞ୍ଜନ ବେହେରା ଓ ଡ.ମଥୁରୀ ଚରଣ ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଅତିଥିମାନେ ଆତ୍ମରକ୍ଷା ସମ୍ପର୍କରେ ଆଲୋକପାତ କରିବା ସହ ନୈତିକ ସାହସକୁ ପ୍ରୋତ୍ସାହିତ କରିଥିଲେ । ସଂଯୋଜିକା ଅଧାପିକା ସୌମ୍ୟାକାନ୍ତି ମିତାଶ୍ରୀ ଅତିଥି ପରିଚୟ ଓ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ।

## ପିଠା କାର୍ଯ୍ୟକ୍ରମ ପାଇଁ ୯ ପଞ୍ଚାୟତ ପୁରସ୍କୃତ

କେନ୍ଦ୍ରାପଡା ଅଫିସ, ୮।୧

ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଡିସେମ୍ବର ୧୫ରୁ ୨୦ ପର୍ଯ୍ୟନ୍ତ ପ୍ରତି ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସର୍ବୋତ୍ତମ କାର୍ଯ୍ୟ କରିଥିବା ପ୍ରତି ବ୍ଲକରୁ ଗୋଟିଏ ଲେଖାଏଁ ପଞ୍ଚାୟତକୁ ଚୟନ କରାଯାଇଛି। ଉକ୍ତ ପଞ୍ଚାୟତଗୁଡିକର ଉନ୍ନତି ନିମନ୍ତେ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି । ଏନେଇ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ନିର୍ଦ୍ଦେଶନାମା (ନଂ- ୫୪୬) ଅନୁଯାୟୀ, ଜିଲାର ୯ ପଞ୍ଚାୟତକୁ ପୁରସ୍କୃତ କରାଯାଇଛି। ସଦର ବ୍ଲକରେ କଂସାର ପଞ୍ଚାୟତରେ ହୋଇଥିବା ପିଠା କାର୍ଯ୍ୟକ୍ରମକୁ ସର୍ବୋତ୍ତମ ଭାବେ ଚୟନ କରାଯାଇଛି । ସେହିପରି ଆଳି ବ୍ଲକର ଦେମାଳ ପଞ୍ଚାୟତ, ଡେରାବିଶର ଗୁଆଳସିଂ, ଗରଦପୁରର କଳାବୁଦା, ମହାକାଳପଡାର ନାଞ୍ଚୁଡା, ମାର୍ଶାଘାଇର ଅଙ୍ଗୁଳାଇ, ପଟ୍ଟାମୁଣ୍ଡାଇର ଦୋଷିଆ, ରାଜକନିକାର ପି. ହାବଳଗଣ୍ଡ ଓ ରାଜନଗରର ବାଘମାରୀ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ଏହି ଅର୍ଥରାଶି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ରାଜ୍ୟ ସରକାରଙ୍କ ଏହି ଅର୍ଥରାଶି ଜରିଆରେ ମିଶନ ଶକ୍ତି ଗୃହ, ପାଠାଗାର, ଗାଧୁଆ ତୁଠ, କମ୍ୟୁନିଟି ସେଣ୍ଟର ଓ କୋଠଘର ଆଦି ନିର୍ମାଣ ହୋଇପାରିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ, ପିଠା କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତବାସୀଙ୍କ ପାଇଁ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନଠାରୁ ଆରମ୍ଭ କରି ପଞ୍ଚାୟତର ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କରାଯାଇ ହିତାଧିକାରୀଙ୍କ ସମସ୍ୟାର ଆଶୁ ସମାଧାନ କରାଯାଇଥିଲା ।

## ବେଆଇନ ଜବରଦଖଲ ଉଚ୍ଛେଦ



ବନ ବିଭାଗ କର୍ମଚାରୀ ଜବରଦଖଲ ଉଚ୍ଛେଦ କରୁଛନ୍ତି।

ମହାକାଳପଡା,୮।୧(ଡି.ଏନ୍.ଏ.)

ମହାକାଳପଡା ବନାଞ୍ଚଳ ଅଧୀନ ଖରିନାସି-ରାମନଗର ମୁଖ୍ୟ ରାସ୍ତାର ରାମଚଣ୍ଡୀ ଗଳିଆ ନଦୀର ମନଷା ମନ୍ଦିର ଘାଟ ନିକଟରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ ହୋଇଛି। ଏହି ଘାଟ ନିକଟରେ ଗାଧୋଇସାରି ଲୁଗା ବଦଳାଇବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଏକ ଗୃହ ନିର୍ମାଣ ହୋଇଥିଲା। ଏଥିପାଇଁ ଦେଢ଼ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା। ତେବେ ଉକ୍ତ ଗୃହ ଉପରେ ବ୍ଲକ ପ୍ରଶାସନକୁ ନ ଜଣାଇ କେହି ଜଣେ ଦୋକାନ କ୍ୟାବିନ ତିଆରି କରି ଦୋକାନ ସରଞ୍ଜାମ ଭର୍ତ୍ତି କରିଥିଲେ। ଏନେଇ ବନବିଭାଗରେ ଅଭିଯୋଗ ହେବା ପରେ ମହାକାଳପଡା ବନାଞ୍ଚଳ ଅଧିକାରୀ ବିଜୟ କୁମାର ପରିଡା ଓ ବନପାଳ ପଦ୍ମନାଭ ରାଉତଙ୍କ ସମେତ ଅନ୍ୟ ବନବିଭାଗ କର୍ମଚାରୀମାନେ ସେଠାରେ ଚଢ଼ାଉ କରି କ୍ୟାବିନକୁ ଉଚ୍ଛେଦ କରିଥିଲେ।

## ମାଟି ଭିତରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

ପଟ୍ଟାମୁଣ୍ଡାଇ, ୮।୧(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ଅଞ୍ଚଳର ନିମପୁର-ପୋଖରୀସାହି ନିକଟରେ ରାସ୍ତା ନିର୍ମାଣ ପାଇଁ ପଡୁଥିବା ମାଟି ଭିତରୁ ମଙ୍ଗଳବାର ସକାଳେ ଏକ ଗଳିତ ମୃତଦେହ ଉଦ୍ଧାର ହୋଇଛି । କୁକୁରମାନେ ମାଟି ଖୋଳି ଏହି ମୃତଦେହ ଖାଉଥିବା ବେଳେ ସ୍ଥାନୀୟ ଲୋକେ ଦେଖି ପଟ୍ଟାମୁଣ୍ଡାଇ ପୋଲିସରେ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଟିରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ଏହି ମୃତଦେହ ମାଳିପୁର ଗ୍ରାମ ପାଶୁରୀ ମଲିକ (୫୦)ଙ୍କର ବୋଲି ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିପାରିଛି। ମୃତ୍ୟୁର ପ୍ରକୃତ କାରଣ ଜଣା ପଡି ନ ଥିବା ବେଳେ ଏନେଇ ଗ୍ରାମବାସୀଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଡିସେମ୍ବର ୨୫ରେ ପୋଖରୀସାହି ଗ୍ରାମକୁ ଭଦ୍ରକ ଜିଲା ଧାମନଗର ଅଞ୍ଚଳର ସେକ ନଜଲ ମହମ୍ମଦଙ୍କଠାରୁ ଏକ ଚିଠି ଆସିଥିଲା। ଗ୍ରାମର ୨ ଜଣ ଯୁବକ ତନ୍ତ୍ରମନ୍ତ୍ର ସାଧନା କରି ଲୋକଙ୍କୁ ମାରି ଦେଉଥିବା ବିଷୟ ସେଥିରେ ଉଲ୍ଲେଖ କରାଯାଇଥିଲା। ଏହି ଅଞ୍ଚଳରେ ଏବେ ସୁଦ୍ଧା ୧୫ ଜଣଙ୍କ ଜୀବନ ଯାଇଥିବା ବେଳେ ଆଗକୁ ଆହୁରି ୨୦ ମୁଣ୍ଡ ଗଡିବ ବୋଲି ଚିଠିରେ ସତର୍କ କରି ଦିଆଯାଇଥିଲା। ଏବେ ଗଳିତ ମୃତଦେହ ମିଳିବା ପରେ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଚିଠି ସମ୍ପର୍କରେ ପୋଲିସ ପକ୍ଷରୁ ଠିକ୍ ଭାବେ ତଦନ୍ତ ହୋଇ ନ ଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଅପରପକ୍ଷେ ଚିଠି ସମ୍ପର୍କରେ ତଦନ୍ତ ହୋଇଥିବା ବେଳେ ଏଭଳି କିଛି ପ୍ରମାଣ ମିଳିନାହିଁ ବୋଲି ଏସ୍‌ଆଇ ସୁଦର୍ଶନ ସାହୁ କହିଛନ୍ତି।

## ଯୁବନେତା ଅଜୟଙ୍କ ବନ୍ଧୁମିଳନକୁ ନେଇ ଚର୍ଚ୍ଚା

# ଜରିମୂଳରେ ଜିଲା ଭାଜପା ସଭାପତିଙ୍କ କୁଶ ପୁତ୍ତଳିକା ଦାହ

ରାଜନଗର, ୮।୧(ଡିଏନଏ)

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି କେନ୍ଦ୍ରାପଡା ଜିଲାର ସମ୍ବେଦନଶୀଳ ରାଜନଗର ନିର୍ବାଚନମଣ୍ଡଳୀ ରାଜନୀତିରେ ନୂଆ ନୂଆ ଘଟଣା ଦେଖିବାକୁ ମିଳୁଛି। ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ବାରଗାଁର ମା' ମାଟିଆ ମଙ୍ଗଳା ପୀଠରେ ନିକଟରେ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିବା ଯୁବନେତା ଅଜୟ କୁମାର ବେହେରା ମଙ୍ଗଳବାର ନୂଆବର୍ଷ ଅବସରରେ ଏକ ବନ୍ଧୁମିଳନ ଉତ୍ସବ ଆୟୋଜନ କରିଥିଲେ। ବାରଗାଁ ମାଟିଆମଙ୍ଗଳା ଉନ୍ନୟନ ପରିଷଦର ସଭାପତି ବାସୁଦେବ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବରେ ବିଧାୟକ ଟିକେଟ ଦୌଡରେ ଥିବା ବିଜୟ ନାୟକ, ରଶ୍ମି ରଞ୍ଜନ ପ୍ରଧାନ, ସମୀର ପାତ୍ର, ହିମାଂଶୁ ପଣ୍ଡା, ସଦାଶିବ ଜେନା, ଦେବବ୍ରତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ପଟ୍ଟାମୁଣ୍ଡାଇ ଏନଏସି ସଭାପତି ପଦ୍ମନାଭ ପଣ୍ଡା, ଜୋନ ସଭାପତି ନଗେନ୍ଦ୍ର ପାତ୍ର, ଦିଲୀପ କୁମାର ରାଉତ, ବସନ୍ତ କୁମାର ମିଶ୍ରଙ୍କ ସହିତ ବରିଷ୍ଠ ଭାଜପା ନେତା କୈଳାସ ଚନ୍ଦ୍ର ପରିଡା, ଦିଲୀପ ପାତ୍ର, ବିଜୟ କୁମାର ବଳ, ନୀଳମଣି ସାହାଣୀ, ଦେବଦତ୍ତ ରାଉଳ, ମଙ୍ଗୁଳି ଚରଣ ରାଉତ, ଶ୍ୟାମ ସୁନ୍ଦର ଭୂୟାଁ, ନିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ଏନଏସିରୁ ବହୁ ସଂଖ୍ୟକ ସମର୍ଥକ ଯୋଗ ଦେଇଥିଲେ। ତେବେ ଏହି ବନ୍ଧୁମିଳନ ଉତ୍ସବକୁ ନେଇ ରାଜନଗର ଭାଜପା ସଂଗଠନରେ ବିଭାଜନର ବାସ୍ନା ବାରି ହୋଇଛି। ଦୀର୍ଘଦିନ ଧରି ରାଜନଗର ବ୍ଲକରେ ଭାଜପାର ସାଂଗଠନିକ କ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ଆସୁଥିବା ଏବଂ ୨୦୧୯ ନିର୍ବାଚନ ପାଇଁ ଦଳୀୟ ଟିକେଟ ଦୌଡରେ ଥିବା ବରିଷ୍ଠ ଭାଜପା ନେତା ଜ୍ଞାନଦେବ ବେଉରା ଏବଂ ପୂର୍ବତନ ବିଧାୟକ ଅଲେଖ କୁମାର ଜେନାଙ୍କୁ ଏହି ବନ୍ଧୁମିଳନ ଉତ୍ସବକୁ ଡକା ନ ଯିବା ଘଟଣାକୁ ନେଇ ରାଜନୈତିକ ବିଶେଷଜ୍ଞମାନେ ଭିନ୍ନମତ ପୋଷଣ କରିଛନ୍ତି। ଅପରପକ୍ଷରେ ଏହି ବନ୍ଧୁ ମିଳନ ଉତ୍ସବରେ ବାଦ ପଡିଥିବା ଦୁଇନେତାଙ୍କ ସମର୍ଥକମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ତେବେ ନେତାଙ୍କ ଅନୁପସ୍ଥିତିର ପ୍ରତିଫଳନ ବନ୍ଧୁମିଳନ ପର୍ବର କେତେ ଘଣ୍ଟା ପରେ ଜରିମୂଳ ବଜାର ଠାରେ ଦେଖିବାକୁ ମିଳିଛି। ମାଟିଆମଙ୍ଗଳା ମନ୍ଦିରରୁ ୨ କିଲୋମିଟର ଦୂର ଜରିମୂଳ ବଜାରରେ କେନ୍ଦ୍ରାପଡା ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ ଏବଂ ନିର୍ବାଚନମଣ୍ଡଳୀ ପ୍ରଭାରୀ ଗଗନ ବିହାରୀ ସାହୁଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏହା ପଛରେ କାହାର ହାତ ରହିଛି, ଏ ନେଇ ଚର୍ଚ୍ଚା ଜୋର ଧରିଛି। ଏ ନେଇ ଯୁବନେତା ବେହେରାଙ୍କୁ ପଚାରିବାରୁ ସେ ଏ କୁଶ ପୁତ୍ତଳିକା ଦାହ ସଂପର୍କରେ ଜାଣି ନ ଥିବା କହିଛନ୍ତି।

# ଧର୍ମଘଟରେ ଆଂଶିକ ପ୍ରଭାବ, ବୁଧବାର ସ୍କୁଲ ଛୁଟି

କେନ୍ଦ୍ରାପଡା ଅଫିସ, ୮।୧




କେନ୍ଦ୍ରାପଡା ସହରରେ ଆନ୍ଦୋଳନରେ ସାମିଲ ହୋଇଥିବା ବିଭିନ୍ନ ଟ୍ରେଡ ୟୁନିୟନର କର୍ମକର୍ତ୍ତାମାନେ।

କେନ୍ଦ୍ର ସରକାରଙ୍କ ଅର୍ଥନୀତିକୁ ବିରୋଧ କରି ୧୦ଟି ଟ୍ରେଡ ୟୁନିୟନ ପକ୍ଷରୁ ଦିଆଯାଇଥିବା ୪୮ ଘଣ୍ଟିଆ ବନ୍ଦ ଡାକରା କେନ୍ଦ୍ରାପଡା ଜିଲାରେ ଆଂଶିକ ପ୍ରଭାବ ପକାଇଛି । ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ଦାଶରଥି ଶତପଥୀ ଜିଲାର ସମସ୍ତ କଲେଜ ଓ ବିଦ୍ୟାଳୟକୁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଟ୍ରେଡ ୟୁନିୟନ ସଦସ୍ୟ ଓ ମିଳିତ ବିରୋଧୀ ରାଜନୈତିକ ଦଳର ନେତା ଓ କର୍ମୀମାନେ ମଙ୍ଗଳବାର ସକାଳ ୬ଟାରୁ ଧର୍ମଘଟ ଆରମ୍ଭ କରିଥିଲେ। ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିଥିଲେ । ସହରର ତିନିମୁହାଣିଠାରେ ରାସ୍ତା ଅବରୋଧ ସହ ସହରର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା କରିଥିଲେ । ଏହି ଅବସରରେ ଜିଲା ସଭାପତି ଚିନ୍ମୟ ବେହୁରା କହିଥିଲେ, କେନ୍ଦ୍ର ସରକାର ଦରଦାମ ନିୟନ୍ତ୍ରଣରେ ଅସମର୍ଥ ହୋଇଛନ୍ତି । ସେହିପରି ସର୍ବନିମ୍ନ ମାସିକ ମଜୁରି ୧୮ ହଜାର ଟଙ୍କା କରିବା, ପ୍ରଚଳିତ ଶ୍ରମ ଆଇନକୁ ଠିକ ଭାବେ ପାଳନ କରିବା, ଲାଭଦାୟକ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ସହ ଘରୋଇକରଣକୁ ବନ୍ଦ କରିବା ଆଦି ୧୨ଟି ଦାବି ଉପସ୍ଥାପନ କରି ଟ୍ରେଡ ୟୁନିୟନ ପକ୍ଷରୁ ଏହି ଧର୍ମଘଟ ଡକାଯାଇଛି । ଏହା ଦେଶର ହିତ ପାଇଁ ହୋଇଥିବାରୁ ମିଳିତ ବିରୋଧି ଦଳ ଏହି ଧର୍ମଘଟରେ ସାମିଲ ହୋଇଛନ୍ତି । ସିଆଇଟିୟୁ, ଆଇଏନଟିୟୁସି, ଏଆଇଟିୟୁସି, ଏଚଏମ୍ଏସ୍, ଏଆଇସିସିଟିୟୁ ପ୍ରମୁଖ ଶ୍ରମିକ ସଂଗଠନ ଏହି ଧର୍ମଘଟର ନେତୃତ୍ୱ ନେଇଥିବା ବେଳେ କଂଗ୍ରେସ ଦଳର ବହୁ ବରିଷ୍ଠ ନେତା ଏଥିରେ ସାମିଲ ହୋଇଥିଲେ।

**ରାଜକନିକା,(ଡି.ଏନ୍.ଏ.)–** କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ଡକାଯାଇଥିବା ୨ ଦିନିଆ ଭାରତ ବନ୍ଦ ପାଇଁ ରାଜକନିକାରେ ବସ ଓ ଅଟୋ ଚଳାଚଳ ଠପ୍ ହୋଇଯାଇଥିଲା। ରାଜକନିକାରୁ କଣ୍ଡିଆବାଟେ ଯାଜପୁର ଅଞ୍ଚଳକୁ ଯାଉଥିବା ବସ ଚଳାଚଳ ବନ୍ଦ ରହିବାରୁ ରୋଗୀମାନେ ମେଡିକାଲ ଯିବା ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏଥିସହ ବ୍ଲକର ବିଭିନ୍ନ ସ୍ଥାନରେ ଥିବା ବ୍ୟାଙ୍କ ଓ ଶିକ୍ଷାଅନୁଷ୍ଠାନଗୁଡିକ ମଧ୍ୟ ବନ୍ଦ ରହିଥିଲା। ତେବେ ଦୋକାନ ବଜାର ଖୋଲାଥିଲେ ମଧ୍ୟ ବେପାରବଣିଜ ଭଲ ହୋଇ ନ ଥିବା ଦୋକାନୀମାନେ କହିଛନ୍ତି।

## ସଂକ୍ଷେପରେ

### କାଳିଆ ଫର୍ମ ପାଇଁ ପଞ୍ଚାୟତ ଅଫିସ୍‌ରେ ଧସ୍ତାଧସ୍ତି

ଆଳି, ୮।୧ (ଡି.ଏନ୍.ଏ.):ରାଜ୍ୟ ସରକାର ଚାଷୀଙ୍କ ସହାୟତା ପାଇଁ କାଳିଆ ଯୋଜନା ଆରମ୍ଭ କରିଥିବା ବେଳେ ଏଥିପାଇଁ ଆବେଦନ ପତ୍ର ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ମିଳୁଛି। ଗତ ୬ରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଯୋଜନାରେ ଅର୍ନ୍ତଭୁକ୍ତ ହେବା ଲାଗି ବହୁ ଚାଷୀ ପଞ୍ଚାୟତ ଅଫିସ୍‌ରେ ଧାଡ଼ି ଲଗାଉ ଥିବା ବେଳେ ଫର୍ମ ମିଳୁ ନଥିବା ଦେଖାଯାଉଛି। ଚାଷୀମାନେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଠିଆ ହେବା ପରେ ଫର୍ମ ନ ପାଇ ଫେରି ଆସୁଥିବା ବେଳେ କେତେକ ସ୍ଥାନରେ ଏ ନେଇ ଯୁକ୍ତିତର୍କ ଓ ଧସ୍ତାଧସ୍ତି ହେବା ଭଳି ଘଟଣା ନଜରକୁ ଆସିଛି। ଆଳି ବ୍ଲକ ମେଣ୍ଡପୁର ପଞ୍ଚାୟତ କାର୍ଯ୍ୟାଳୟକୁ ଫର୍ମ ଆଣିବାକୁ ଯାଇଥିବା ବେଳେ ଫର୍ମ ନ ମିଳିବାରୁ ସୋମବାର କାର୍ଯ୍ୟାଳୟ ପରିସରରେ ଚାଷୀମାନେ ଧସ୍ତାଧସ୍ତି ହୋଇଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଫର୍ମ ବାଣ୍ଟୁ ଥିବା ବେଳେ କେତେଜଣ ଚାଷୀ ଜବରଦସ୍ତି କାର୍ଯ୍ୟାଳୟ ଭିତରେ ପଶି ଫର୍ମ ଛଡାଛଡ଼ି କରିଥିଲେ। ଫଳରେ କାର୍ଯ୍ୟନିର୍ବାହୀ ଅଧିକାରୀ ପଞ୍ଚାୟତ ଅଫିସ୍‌ରେ ତାଲା ପକାଇ ପଳାଇଥିଲେ। କୃଷି ବିଭାଗ ପକ୍ଷରୁ ପ୍ରତି ପଞ୍ଚାୟତକୁ ଆବଶ୍ୟକ ଫର୍ମ ଯୋଗାଇଦେବାର ନିୟମ ଥିଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷ ଫର୍ମ ଦେଉ ନଥିବା ଜଣାପଡିଛି। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

### ସ୍ୱାଧୀନତା ସଂଗ୍ରାମୀ ସରସ୍ୱତୀ ଦେବୀଙ୍କ ଜୟନ୍ତୀ ପାଳିତ

**କେନ୍ଦ୍ରାପଡା ଅଫିସ,୮।୧:** କେନ୍ଦ୍ରାପଡା ଜିଲା ରାଜନଗର ବିଧାନସଭା ମଣ୍ଡଳୀର ପ୍ରଥମ ବିଧାୟିକା ସ୍ୱର୍ଗତା ସରସ୍ୱତୀ ଦେବୀଙ୍କ ୧୦୫ତମ ଜୟନ୍ତୀ ଉତ୍ସବ ସହରର ଗରାପୁରଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ରାପଡା ଜିଲା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଜୟ ସାମଲ ଓ ସଂଘର ସଭାପତି ଡ. ଉପେନ୍ଦ୍ର ନାଥ ପ୍ରଧାନ ସ୍ୱର୍ଗତା ଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ ଡ. ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇ ସ୍ୱର୍ଗତା ଦେବୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ଅତିଥିମାନେ କହିଥିଲେ, ୧୯୫୨ରେ ରାଜ୍ୟର ପ୍ରଥମ ବିଧାନସଭା ନିର୍ବାଚନରେ ସ୍ୱର୍ଗତା ଦେବୀ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ନିର୍ବାଚିତ ହୋଇଥିଲେ । ସ୍ୱାଧିନତା ସଂଗ୍ରାମରେ, ରାଜନୀତି କ୍ଷେତ୍ରରେ ଓ ସମାଜ ଗଠନରେ ତାଙ୍କର ଭୂମିକା ଅତୁଳନୀୟ ଥିଲା । ଅନ୍ୟମାନଙ୍କ ମଧ୍ୟରେ ସଭାରେ ଜିଲା ବିକାଶ ସାମୁଖ୍ୟର ମନ୍ମଥ କୁମାର ରାଉତ, ବୈଷ୍ଣବ ଚରଣ ସ୍ୱାଇଁ, ଅରୁଣ କୁମାର ମହାନ୍ତି, କୃତ୍ତିବାସ ସ୍ୱାଇଁ, ଗୌରାଙ୍ଗ ଚରଣ ସାହୁ ଓ ନିରଞ୍ଜନ ଖଟୁଆ ପ୍ରମୁଖ ଯୋଗଦେଇଥିଲେ ।

■ ମଣ୍ଡିରେ ଅବ୍ୟବସ୍ଥା

# ଧାନର ଅଭାବୀ ବିକ୍ରି: ଚାଷୀ ହତାଶ

■ଇ-ରେଜିଷ୍ଟ୍ରେଶନ ବାବଦରେ ଜାଣୁନାହାନ୍ତି ଅଧିକାଂଶ ଚାଷୀ

■ପ୍ରଚାର ପ୍ରସାର ପାଇଁ ସରକାରୀସ୍ତରରେ ବ୍ୟବସ୍ଥା ହେଉ ନଥିବାରୁ ଅସନ୍ତୋଷ

ପାଟକୁରା, ୮।୧ (ଡି.ଏନ୍.ଏ.)

ଚାଷୀଙ୍କ ସମସ୍ୟା ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଦୋଷ ଲଦାଲଦି ହେଉଥିବା ବେଳେ ପ୍ରକୃତରେ ଏହାର ସମାଧାନ ଦିଗରେ କେହି ଦୃଷ୍ଟି ଦେଉ ନ ଥିବା ଦେଖାଯାଉଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଚାଷୀଙ୍କ ସମସ୍ୟାକୁ ନେଇ ମଙ୍ଗଳବାର ସଚିବାଳୟ ଘେରାଉ କରିଥିବା ବେଳେ କେନ୍ଦ୍ରର ଚାଷୀ ମାରଣ ନୀତିକୁ ନେଇ ଦିଲ୍ଲୀ ରାଜରାସ୍ତାରେ ଗର୍ଜିଥିଲେ ରାଜ୍ୟ ସରକାର। କିନ୍ତୁ ରାଜନେତାଙ୍କ ଏଭଳି ଲୋକଦେଖାଣିଆ ଦରଦ ଚାଷୀଙ୍କ ସମସ୍ୟା ସୁଧାରି ପାରୁ ନଥିବା ଗରଦପୁର ବ୍ଲକର କେତେଜଣ ଚାଷୀ ଅଭିଯୋଗ କରିଛନ୍ତି।

ବ୍ଲକ ଅଧୀନ ୯ଟି ସମବାୟ ସମିତିରେ ଧାନ କିଣିବା ପାଇଁ ସରକାରୀ ମଣ୍ଡି ଖୋଲିଛି। ମଣ୍ଡିରେ ଏଫ୍ଏକ୍ୟୁ କିସମ ଧାନ କୁଇଣ୍ଟାଲ ପିଛା ୧୭୫୦ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଛି। କିନ୍ତୁ ମଣ୍ଡିରେ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ଯୋଗୁ ଚାଷୀମାନେ ଧାନର ପ୍ରକୃତ ମୂଲ୍ୟ ପାଇପାରୁ ନହାନ୍ତି। ସମୁଦାୟ ୯ଟି ସମବାୟ ସମିତିରେ ୧୪, ୪୫୦ ଜଣ ସଭ୍ୟ ଥିବା ବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୪, ୨୨୦ଜଣ ଇ-ରେଜିଷ୍ଟ୍ରେଶନ (ଅନ୍‌ଲାଇନ୍ ନାମ ପଞ୍ଜୀକରଣ) କରିଛନ୍ତି। ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ ନକଲେ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରି ପାରିବେ ନାହିଁ ବୋଲି ସରକାରୀ ନିୟମ ରହିଛି। କିନ୍ତୁ ବ୍ଲକ ଅଞ୍ଚଳର ବହୁ ଚାଷୀ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ ସମ୍ପର୍କରେ ଜାଣି ପାରୁନାହାନ୍ତି। ଫଳରେ ସେମାନେ ମଣ୍ଡିରେ ଧାନ ବିକ୍ରି କରି ନ ପାରି ବେପାରୀଙ୍କୁ କମ୍ ଦରରେ ବିକୁଛନ୍ତି। କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ହୋଇଥିବା ବେଳେ ବେପାରୀଙ୍କୁ ଚାଷୀମାନେ ମାତ୍ର ୧୨୫୦ଟଙ୍କାରେ ବିକ୍ରି କରୁଥିବା ଦେଖାଯାଉଛି। ସେପଟେ ନାମ ପଞ୍ଜୀକୃତ କରିଥିବା ଚାଷୀମାନେ ମଧ୍ୟ ମଣ୍ଡିରେ ଧାନ ବିକ୍ରି କରିବାକୁ ଯାଇ ନାନା ଅସୁବିଧା ଭୋଗୁଛନ୍ତି।

### ଏମାନେ କୁହନ୍ତି...

“ ଇ-ରେଜିଷ୍ଟ୍ରଶନ ସମ୍ପର୍କରେ ଜାଣି ନଥିବାରୁ ମଣ୍ଡିରେ ଧାନ ଦେଇ ପାରିନାହିଁ। ଏ ନେଇ ସମବାୟ ସମିତି କାର୍ଯ୍ୟାଳୟରେ ପୂର୍ବରୁ ସଚେତନତା କାର୍ଯ୍ୟକ୍ରମ କରାଯାଇ ନାହିଁ। ତେବେ ସରକାରଙ୍କ ପକ୍ଷରୁ ନାମ ପଞ୍ଜୀକରଣ କରିବ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ କରାଗଲେ ବହୁ ଚାଷୀ ଉପକୃତ ହୋଇପାରନ୍ତେ।

**-ପ୍ରତାପ ଚନ୍ଦ୍ର ପରିଡ଼ା,ହରିଦାସପୁର, ଚାଷୀ**

“ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ବହୁ ଲୋକଙ୍କୁ ଖୋସାମତ କରିବାକୁ ପଡୁଛି। ଏ ଦେଇ ସରକାର କରିଥିବା ନିୟମାବଳୀକୁ ସରଳୀକରଣ କରାଗଲେ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖିନ ହେବେନାହିଁ।

**-କୈଳାସଚନ୍ଦ୍ର ମିଶ୍ର, ପରକଣା, ଚାଷୀ**

“ ନାମ ପଞ୍ଜୀକରଣ କରି ନଥିବାରୁ ମଣ୍ଡି ଧାନ ବିକ୍ରି କରିହେଉନି। ତେଣୁ ଏବର୍ଷ ସବୁ ଧାନ ବେପାରୀଙ୍କୁ ବିକ୍ରି କରିଛି।

**-ଗୌରାଙ୍ଗ ନାୟକ, ପରକଣା, ଚାଷୀ**

“ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକୃତ କରିଥିବା ଚାଷୀ ମାନେ କେବଳ ଧାନ ମଣ୍ଡିରେ ବକ୍ରି କରିପାରିବେ। ଯେଉଁମାନେ ନାମ ପଞ୍ଜୀକରଣ କରିଛନ୍ତି, ସେମାନେ ସୁରୁଖୁରୁରେ ଧାନ ବିକ୍ରି କରି ପାରୁଛନ୍ତି।

**-ପ୍ରଦୀପ କୁମାର ଭଞ୍ଜ, ଗରଦପୁର ବ୍ଲକ ଯୋଗାଣ ନିରୀକ୍ଷକ**

# ଏକତା ହିଁ ବିକାଶର ଚାବିକାଠି

■୬୬୨ ବର୍ଗ ଅଧାପକ ଓ କର୍ମଚାରୀ ସଂଘ ବାର୍ଷିକୋତ୍ସବ

ଡେରାବିଶ, ୮।୧ (ସ୍ୱ.ପ୍ର.)

ନିଖିଳ ଓଡ଼ିଶା ବେସରକାରୀ ୬୬୨ ବର୍ଗ ଅଧାପକ ଓ କର୍ମଚାରୀ ସଂଘର ୧୪ତମ ବାର୍ଷିକ ଉତ୍ସବ ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଭିତରବଣ୍ଟସ୍ଥିତ ଡେଲଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବୈଠକରେ କେନ୍ଦ୍ରାପଡ଼ା ଜିଲା ସଭାପତି ଅଧାପକ ବସନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ବରିଷ୍ଠ ବିଜେଡି ନେତା ପ୍ରମୋଦ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକତା ହିଁ ବିକାଶର ଚାବିକାଠି ବୋଲି ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ବିକଶିତ ରାଷ୍ଟ୍ର ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରୀଛାତ୍ରଙ୍କ ଭିତରେ ମଣିଷ ପଣିଆ ଭାବନା ସୃଷ୍ଟି କରିବା ଓ ରାଷ୍ଟ୍ର ପ୍ରେମ ଜାଗ୍ରତ କରିବାରେ ଶିକ୍ଷକଙ୍କ ଗୁରୁତ୍ୱ ଯଥେଷ୍ଟ ରହିଥାଏ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ରାଜ୍ୟ ସଂଘ ସଭାପତି ଅଧାପକ ଗୋଲକ ନାୟକ ମୁଖ୍ୟବକ୍ତା, ଉପସଭାପତି ଅଧାପକ କୈଳାସ ଚନ୍ଦ୍ର ମହାପାତ୍ର, ଯୁକ୍ତ ୨ ସଂଘ ରାଜ୍ୟ ସମ୍ପାଦକ ସତାପଉଦ୍ଦିନ ଅହମ୍ମଦ୍, ଯୁକ୍ତ ୩ ସଂଘ ସମ୍ପାଦକ ଡା. ଗଗନ ବେଉରିଆ ଓ ଡେଲଟା କଲେଜ ଅଧକ୍ଷ ଅମିୟ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧାପକ ପ୍ରଦୀପ ଜେନା ଅତିଥି ପରିଚୟ ଦେଇଥିଲେ। ଜିଲା ସଂଘ ସମ୍ପାଦକ ଅଧାପକ ଗଦାଧର ବେହେରା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପକ ବିକ୍ରମ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କେତେଜଣ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଉତ୍ସବରେ ଯୋଗଦେଇଥିବା ସଂଘର କର୍ମକର୍ତ୍ତାମାନେ।

## ଦୁବାଇରୁ ଆସିପାରୁନି ଓଡ଼ିଆ ଶ୍ରମିକଙ୍କ ମୃତଦେହ

ଆଳି, ୮।୧ (ଡି.ଏନ୍.ଏ.)

ଆଳି ଥାନା ଅଧୀନ ରାଧାନଗର ଗ୍ରାମର ଦୁଃଶାସନ ପାତ୍ର(୫୫) ଦୁବାଇକୁ ପାଣି ପାଇପ୍ କାର୍ଯ୍ୟ କରିବାକୁ ଯାଇଥିବା ବେଳେ ଗତ ୩୧ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଇତିମଧ୍ୟରେ ଘଟଣାକୁ ୯ଦିନ ବିତିଥିବା ବେଳେ ଦୁଃଶାସନଙ୍କ ମୃତଦେହ ଓଡ଼ିଶା ଆଣିବାକୁ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ପରିବାର ଲୋକେ। ମଙ୍ଗଳବାର ଆଳି ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଓ ଆଇଆଇସି ମହେଶ୍ୱର ସେଠୀ ଦୁଃଶାସନଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇ ଥିବା ବେଳେ ମୃତଦେହ ଫେରାଇ ଆଣିବାକୁ ଜିଲା ପ୍ରଶାସନକୁ ଜଣାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶ ଯେ, ୫ବର୍ଷ ପୂର୍ବେ ଦୁଃଶାସନ ଦୁବାଇକୁ ପାଣି ପାଇପ୍ କାର୍ଯ୍ୟ କରିବାକୁ ଯାଇଥିଲେ। ଗତ ୩୧ ତାରିଖରେ ସେଠାରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାରେ ଦୁଃଶାସନଙ୍କ ସହ କାମ କରୁଥିବା ଗ୍ରାମର ଅନ୍ୟ କେତେଜଣ ଲୋକ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ତେବେ ୯ଦିନ ପରେ ବି ତାଙ୍କ ମୃତଦେହ ଓଡ଼ିଶା ଆସି ପାରି ନଥିବାରୁ ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

# ବଡ଼ଭାଇ ଶାବଳ ମାଡ଼ରେ ସାନଭାଇ ଗୁରୁତର

ରାଜନଗର, ୮।୧(ଡିଏନଏ)

ମଙ୍ଗଳବାର ରାଜନଗର ଗାଁରେ ବଡଭାଇର ଶାବଳ ମାଡରେ ସାନଭାଇ ଗୁରୁତର ଆହତ ହୋଇଛନ୍ତି । ପ୍ରକାଶ ଯେ, ଅପରାହ୍ନ ପ୍ରାୟ ୪ ଟା ସମୟରେ ରାମଚନ୍ଦ୍ର ବେହେରାଙ୍କ ମଝିଆଁ ପୁଅ ଗୌତମ (୩୨) ଘରେ ଶୋଇଥିବା ସାନଭାଇ ନରୋତ୍ତମ (୨୮)ଙ୍କୁ କିଛି ଟଙ୍କା ମାଗିଥିଲେ। ସାନଭାଇ ଟଙ୍କା ଦେବାକୁ ମନା କରିବାରୁ ସେ ପାଖରେ ପଡିଥିବା ଏକ ଶାବଳରେ ଭାଇର ମୁଣ୍ଡକୁ ଏକ ଶକ୍ତ ପାହାର ଦେଇଥିଲେ। ବଡଭାଇର ମାଡରେ ନରୋତ୍ତମଙ୍କ ବାମପଟ କାନ ଛିଣ୍ଡି ବାହାରି ଯାଇଥିବା ବେଳେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଛି। ତାଙ୍କ ନାକ ଓ ପାଟିରୁ ରକ୍ତସ୍ରାବ ହେଉଛି। ନରୋତ୍ତମଙ୍କୁ ପଡୋଶୀ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏତେ ଚାତର**
**ମାଛ ବିକି ବିକି ଦିନ ଯାଉଥିଲା**
**ଲଗାଉଛି ଗନ୍ଧ ଅତର ।**

ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇ ବର୍ତ୍ତମାନର ଧନଗର୍ବରେ ମତୁଆଲା ହୋଇ ଅହଙ୍କାର କରିବସେ। ତେବେ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରି ଆସିଛି, ତାହା ସେ ମନରୁ ପାସୋରି ନ ଦେବା ଉଚିତ। ଅଭାବୀ ଜୀବନ ବିତାଇଥିବା ବ୍ୟକ୍ତି ସମୟକ୍ରମେ ଧନଶାଳୀ ହୋଇଯିବା ପରେ ନିଜକୁ ଅନ୍ୟ ଆଗରେ ଦେଖେଇ ହବାରେ ସଙ୍କୋଚ କରୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏଡୁଟିକି ଏଡ଼େଟାଏ**
**ଟେକାଟିକୁ ପଥରଟାଏ ।**

ଯିଏ ଯାହାକୁ ବିପଦରେ ପକାଇବାକୁ ଯେତେ ଚେଷ୍ଟା କରିଥାଏ ତାକୁ ଦିନେ ନା ଦିନେ ତାହାଠୁ ବଡ଼ ବିପଦ ବରଣ କରିବାକୁ ପଡ଼ିଥାଏ। ଅନ୍ୟର ମନ୍ଦ ପାଞ୍ଚୁଥିବା ବ୍ୟକ୍ତିଙ୍କୁ ଈଶ୍ୱର କେବେହେଲେ କ୍ଷମା ଦେଇ ନ ଥାନ୍ତି। ବିଳମ୍ବେ ହେଉ ପଛେ କୃତକର୍ମର ଫଳ ଭଗବାନ ତାକୁ ନିଶ୍ଚିତ ଦେଇଥାନ୍ତି। ଯିଏ ଯାହାକୁ ଅନ୍ୟାୟରେ କ୍ଷତିରେ ପକାଇବାକୁ ଯେତେ ପେଞ୍ଚ କରିଥାଏ ଈଶ୍ୱର ତା'ପାଇଁ ତହୁଁ ଅଧିକ ପେଞ୍ଚ ପ୍ରସ୍ତୁତ କରି ରଖିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

# କ୍ରିକେଟ ଟୁର୍ନାମେଣ୍ଟ: ମଲ୍ଲିକେଶ୍ୱରପୁର ବିଜୟୀ



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

ଡେରାବିଶ, ୮।୧ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତସ୍ଥିତ ପଲେଇ ୟୁଥ୍ କ୍ଲବ ଆନୁକୂଲ୍ୟରେ ପଲେଇ ପଞ୍ଚାୟତ ଖେଳପଡ଼ିଆରେ ଚାଲିଥିବା ଦିନିକିଆ କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ୮ଟି ଟିମ୍ ଭାଗନେଇଥିଲେ। ଅନୁଆପଡ଼ା ଓ ମଲ୍ଲିକେଶ୍ୱରପୁର ଶିବଶକ୍ତି କ୍ରିକେଟ୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଆପଡ଼ାକୁ ହରାଇ ମଲ୍ଲିକେଶ୍ୱରପୁର ଚାମ୍ପିୟନ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କଂଗ୍ରେସ ନେତା ରଘୁନାଥ ଶତପଥୀ ମୁଖ୍ୟଅତିଥି ଓ ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନ, ତପନ କୁମାର ବାରିକ, ସମିତିସଭ୍ୟ ମାନସ କୁମାର ଜେନା, ସମବାୟବିତ୍ ରବୀନ୍ଦ୍ର ନାଥ ବେହେରା, ଓବିସି ସେଲ୍ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରାଜେନ୍ଦ୍ର ଶର୍ମା, ଶୁଭଜିତ୍ ଶର୍ମା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ହିମାଂଶୁ ନାୟକ, ପ୍ରିୟବ୍ରତ ଶର୍ମା, ସରୋଜ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋହଡ଼ି ଧମାକା
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

ଧରିତ୍ରୀ ପ୍ରଭାବ

### ପୋଡ଼ିଯାଇଥିବା ନାବାଳିକାଙ୍କୁ ମିଳିଲା ଚିକିତ୍ସା ସହାୟତା

**ରଘୁନାଥପୁର, ୮ ।୧( ଡି.ଏନ.ଏ.):** ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଗୋପାଳପୁର ଗାଁର ନାରାୟଣ ଲେଙ୍କାଙ୍କ ଝିଅ ସସ୍ମିତା ଗତ ଶୁକ୍ରବାର ଡିବିରି ନିଆଁରେ ପୋଡି ହୋଇ ଗୁରୁତର ହୋଇ ପଡିଥିଲେ। ବାପାଙ୍କ ପାଖରେ ଅର୍ଥ ନ ଥିବାରୁ ସେ ଅଧିକ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ନେଇ ନ ପାରି ଝିଅକୁ ଆଣି ଘରେ ରଖିଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପରେ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି। ଜିଲାପାଳ ଯାମିନୀ ଷଡଙ୍ଗୀ ନାରାୟଣଙ୍କୁ ୫ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିବା ସହ ତାଙ୍କ ଆକାଉଣ୍ଟକୁ ଅବଶିଷ୍ଟ ୧୫ ହଜାର ଟଙ୍କା ପଠାଇବା ବ୍ୟବସ୍ଥା କରାଇଛନ୍ତି। ଅନ୍ୟପକ୍ଷରେ ଜନୈକ ଦମ୍ପତି ଚିକିତ୍ସା ନିମନ୍ତେ ୩ ହଜାର ଟଙ୍କା ତାଙ୍କ ଚିକିତ୍ସା ପାଇଁ ପ୍ରଦାନ କରିଛନ୍ତି। ଅର୍ଥାଭାବରୁ ସସ୍ମିତାଙ୍କ ବାପା ଝିଅକୁ ଅଧିକ ଚିକିତ୍ସା ନିମନ୍ତେ କଟକ ନେଇ ନ ପାରି ଚିନ୍ତାଗ୍ରସ୍ତ ଥିଲେ। ସସ୍ମିତା ପଢୁଥିବା ପାଣ୍ଡରା ସ୍କୁଲର ଶିକ୍ଷକ ଓ ସେହି କ୍ଲଷ୍ଟରର ସିଆରସିସି ରତ୍ନାକର ବେହେରାଙ୍କ ଉଦ୍ୟମ କ୍ରମେ ତାଙ୍କୁ ବାପାଙ୍କ ସହ ମେଡିକାଲକୁ ନେଇ ଅଧିକ ଚିକିତ୍ସା ବ୍ୟବସ୍ଥା କରାଇଛନ୍ତି। ସସ୍ମିତାଙ୍କ ବାପା ଜଣେ ଦିନ ମଜୁରିଆ ସାଙ୍ଗକୁ ନୁଆଣିଆ ଚାଳ ଘର ରହୁଥିବାରୁ ଗତ ୫ ଦିନ ହେଲା ତାଙ୍କ ସମ୍ପର୍କୀୟଙ୍କ ଘରେ ଝିଅକୁ ରଖିଥିଲେ ବୋଲି ନାରାୟଣ କହିଛନ୍ତି।

### ଆଖିରେ ଲଙ୍କାଗୁଣ୍ଡ ପକାଇ ବାଇକ୍ ଲୁଟ୍

**କୁଜଙ୍ଗ,୮।୧(ସ୍ୱ.ପ୍ର):** କଟକ-ପାରାଦୀପ ରାଜ୍ୟ ରାଜପଥ ଓ ୫ନଂ.(କ) ଜାତୀୟ ରାଜପଥର ସଂଯୋଗକାରୀ ରାସ୍ତା ଭୂତମୁଣ୍ଡାଇ ନିକଟରେ ଜଣେ ଇଫ୍‌କୋ କର୍ମଚାରୀଙ୍କଠାରୁ ବାଇକ୍ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ବାଇକ୍ (ନଂ.ଓଆର୍୨୧ ସି-୩୦୭୪) ନେଇଯାଇଛନ୍ତି। ପ୍ରକାଶ ଯେ, ଭେଜିବାରୀ ପାଟେରାର ଫଗୁ ସ୍ୱାଇଁଙ୍କ ପୁଅ ସନ୍ତୋଷ ସବୁଦିନ ଭଳି କମ୍ପାନୀରୁ କାର୍ଯ୍ୟ ସାରି ସନ୍ଧ୍ୟା ୭ଟାରେ ଘରକୁ ଫେରୁଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ବାଇକରେ ଆସି ଅତର୍କିତ ଭାବେ ତାଙ୍କ ଉପରକୁ ଲଙ୍କାଗୁଣ୍ଡ ଫିଙ୍ଗିଥିଲେ। ସନ୍ତୋଷ ସେଠାରେ ପଡି ଚିତ୍କାର କରୁଥିବାବେଳେ ସେମାନେ ବାଇକ୍ ନେଇ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ସନ୍ତୋଷଙ୍କୁ ଉଦ୍ଧାର କରି କୁଜଙ୍ଗ ମେଡିକାଲ ଆଣିଥିଲେ।

### ଗଡ଼ିଲା କାଳିଆ ରଥ



**ଜଗତ୍‌ସିଂହପୁର ଅଫିସ, ୮।୧:** କାଳିଆ ଯୋଜନାକୁ ଲୋକାଭିମୁଖୀ କରିବା ପାଇଁ ଏଣିକି ପ୍ରତି ପଞ୍ଚାୟତରେ ବୁଲିବ ସଚେତନତା ରଥ। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ଏହି ରଥର ଶୁଭ ଉଦ୍‌ଘାଟନ କରିଛନ୍ତି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ ଦାସ। ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ। ଏହି ସଚେତନତା ରଥ ଜିଲାର ୮ ବ୍ଲକର ସମସ୍ତ ପଞ୍ଚାୟତ ପରିକ୍ରମା କରି ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ। ଯୋଜନାର ପ୍ରଥମ ପର୍ଯ୍ୟାୟରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ। ପ୍ରତି ଚାଷୀ ପରିବାରକୁ ଚଳିତ ସିଜନ୍‌ରେ ଚାଷ, ବିହନ, ସାର, କୀଟନାଶକ ଔଷଧ ଆଦି ବାବଦକୁ ୫,୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯିବ। ନିୟନ୍ତ୍ରିତ ବଜାର କମିଟି ସେକ୍ରେଟାରୀ ସୂର୍ଯ୍ୟକାନ୍ତ ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ୟବସାୟୀଙ୍କ ପରଲୋକ

**ବାଲିକୁଦା,୮।୧(ସ୍ୱ.ପ୍ର.):** ବାଲିକୁଦା ବଜାରର ବ୍ୟବସାୟୀ କ୍ଷେତ୍ରମୋହନ ନାଥ (୫୮)ଙ୍କ ସୋମବାର ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ଘର ବାଲିକୁଦା ପଞ୍ଚାୟତର ବାଲିସାହି ଗାଁରେ। କାଠଗୋଲା ଛକରେ ତାଙ୍କର ତ୍ରିନାଥ କ୍ଲଥ ଷ୍ଟୋର ନାମରେ ଏକ ବହୁ ପୁରାତନ ଲୁଗା ଦୋକାନ ଅଛି। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଭାଜପା ନେତା ରଘୁନନ୍ଦନ ଦାସ, ସରପଞ୍ଚ ଅନୁସୂୟା ସାହୁ, ରାଜକିଶୋର ସାହୁ, ସମିତିସଭ୍ୟ ସୌମ୍ୟଜିତ୍ ମହାପାତ୍ର, ବିକ୍ରମ ପରିଡା, ଜିଲ୍ଲା କଂଗ୍ରେସ ଓବିସି ସେଲ ଉପାଧ୍ୟକ୍ଷ ଆର୍ତ୍ତବନ୍ଧୁ ବିଶ୍ୱାଳ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

■ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ଦାବି ପ୍ରସଙ୍ଗ

# ୧୧ରେ ଜିଲା ପ୍ରଶାସନ ସହ ଆଲୋଚନା

■୩୦ରେ ଆଞ୍ଚଳିକ ସୁରକ୍ଷା ସମିତିର ଆନ୍ଦୋଳନ ଡାକରା
■ଭୂତମୁଣ୍ଡାଇରେ ସୁପର ସ୍ପେଶିଆଲିଟି ହସ୍‌ପିଟାଲ ପ୍ରତିଷ୍ଠା ଦାବି
■ଶିଳ୍ପ ପ୍ରଦୂଷଣରେ କ୍ଷତଗ୍ରସ୍ତ ହେଉଛନ୍ତି ଜନସାଧାରଣ

**କୁଜଙ୍ଗ,୮।୧(ସ୍ୱ.ପ୍ର.)**

କୁଜଙ୍ଗ ସୂଚନା କେନ୍ଦ୍ରରେ ସୋମବାର ଜଗତ୍‌ସିଂହପୁର ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଜନ ଅଭିଯୋଗ ଶୁଣାଣି କରିବାବେଳେ ଆଞ୍ଚଳିକ ସୁରକ୍ଷା ସମିତିର ଆନ୍ଦୋଳନ ଡାକରା ବିଷୟରେ ଆଲୋଚନା ପାଇଁ ଚାହିଁଥିଲେ। ତେବେ ଏହି ଆଲୋଚନ ଆସନ୍ତା ୧୧ ତାରିଖରେ କରିବାକୁ ସ୍ଥିର ହୋଇଛି। ସୂଚନାଯୋଗ୍ୟ, କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇଠାରେ ସୁପର ସ୍ପେସିଆଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଆସନ୍ତା ୩୦ ତାରିଖରେ ରାଜ୍ୟ ଓ ଜାତୀୟ ରାଜପଥ ଅବରୋଧ ସହ ଅର୍ଥ ନୈତିକ ଅବରୋଧ କରିବାକୁ ଡାକରା ଦିଆଯାଇଛି। ଏହି ଅର୍ଥନୈତିକ ଅବରୋଧ ହେଲେ ପାରାଦୀପ ଶିଳ୍ପ ସହର ଏକ ପ୍ରକାର ଠପ୍ ହୋଇଯିବ। ତେଣୁ ଏହି ଆନ୍ଦୋଳନ ଡାକରା ଜିଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି ବୋଲି ସମିତିର ଆବାହକମଣ୍ଡଳୀ ସଦସ୍ୟ ସଞ୍ଜୟ ସ୍ୱାଇଁ, ଅରକ୍ଷିତ ଦାସ, ବାବୁରାମ ଚୌଧୁରୀ ଓ ମିନର୍ଭା ପରିଡ଼ା ପ୍ରମୁଖ କହିଛନ୍ତି। ଦୀର୍ଘଦିନ ଧରି ସମିତି ଆନ୍ଦୋଳନ କରିଆସୁଥିବା ବେଳେ ଏଥରର ଆନ୍ଦୋଳନ ନିର୍ଣ୍ଣାୟକ ହେବ ବୋଲି ସେମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପାରାଦୀପରେ ଗଢି ଉଠିଥିବା ଶିଳ୍ପ ସଂସ୍ଥା ପାଇଁ ସ୍ଥାନୀୟ ଚାଷୀମାନେ ପ୍ରାୟ ୪୦ ହଜାର ଏକର ଚାଷଜମି ଦେଇଛନ୍ତି। ପ୍ରତିବଦଳରେ ଆବଶ୍ୟକ କ୍ଷତିପୂରଣ ଓ ନିଯୁକ୍ତି ମିଳିବା ତ ଦୂରର କଥା, ଶିଳ୍ପ ଜନିତ ପ୍ରଦୂଷଣରେ ଏବେ ସେମାନଙ୍କ ଜୀବନ ଯିବାକୁ ବସିଛି। ଭେଣ୍ଡିଆ ପୁଅ କର୍କଟ, ବୃକକ ଓ ହୃଦ୍‌ରୋଗ ଆଦିର ଶିକାର ହେଉଛି। ଏହି ଅଞ୍ଚଳରେ ପ୍ରଦୂଷଣ ମାତ୍ରା ଏଭଳି ହୋଇଛି ଯେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହାକୁ ରେଡ୍ ଜୋନ୍ ଅନ୍ତର୍ଭୁକ୍ତ କରିଛି। ୧୫ଟି ବୃହତ ଶିଳ୍ପ ଥିବା ସତ୍ତ୍ୱେ ଏଠାରେ ପୁଣି ପେଟ୍ରୋକେମିକାଲ୍ସ ଓ ଜେଏସ୍‌ଡବ୍ଲ୍ୟୁ ଭଳି ଶିଳ୍ପ ପ୍ରତିଷ୍ଠା କରିବାକୁ ପ୍ରସ୍ତୁତି ଚାଲିଛି। ଯେଉଁ ହାରରେ ଶିଳ୍ପ ବୃଦ୍ଧିପାଉଛି, ସେହି ହାରରେ ପ୍ରଦୂଷଣ ଓ ରୋଗବ୍ୟାଧି ବ୍ୟାପିବାରେ ଲାଗିଛି। ସବୁ ବୃହତ ବନ୍ଦରରେ ସୁପରସ୍ପେଶିଆଲିଟି ହସ୍ପିଟାଲ ଥିବାବେଳେ ପାରାଦୀପ ଭଳି ଦେଶର ୨ୟ ବୃହତ ବନ୍ଦର ଅଞ୍ଚଳବାସୀ କାହିଁକି ସେଥିରୁ ବଞ୍ଚିତ ହେବେ ବୋଲି ସମିତିର କର୍ମକର୍ତ୍ତାମାନେ ପ୍ରଶ୍ନ କରିଛନ୍ତି। ସମିତିର ଏହି ଆନ୍ଦୋଳନ ପ୍ରତି ସମର୍ଥନ ବଢୁଥିବାବେଳେ ଆସନ୍ତା ୧୧ରେ ହେବାକୁ ଥିବା ଆଲୋଚନା ଉପରେ ସମସ୍ତଙ୍କ ନଜର ରହିଛି।

## ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ

**ପାରାଦୀପ,୮।୧(ସ୍ୱ.ପ୍ର.)**

ପାରାଦୀପ ଲକ୍ ଥାନା ଅଞ୍ଚଳରେ ମଙ୍ଗଳବାର ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ହୋଇଛି। ଏହା ଜଣାପଡ଼ିବା ପରେ ଯୁବତୀଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଭିଡିଓ ଭାଇରାଲ କରିଥିବା ଯୁବକ ଜଣଙ୍କ ଫେରାର ହୋଇ ଯାଇଛନ୍ତି। ଅଭିଯୋଗ ପାଇବାପରେ ପୋଲିସ ସତ୍ୟାସତ୍ୟ ଜାଣିବାକୁ ଏକ୍ସପର୍ଟ ଟିମ୍‌ର ସହାୟତା ନେଇଛି। ଭିଡିଓ ଅରିଜିନାଲ କି ଏଡିଟିଂ କରାଯାଇଛି ତାହା ଜଣାପଡ଼ିବା ପରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ବି.କେ. ବେହେରା କହିଛନ୍ତି। ଭିଡିଓଟି ଏବେ ହ୍ୱାଟସଆପ୍ ମାଧ୍ୟମରେ ମୋବାଇଲରୁ ମୋବାଇଲ ଘୁରି ବୁଲୁଛି। ଭିଡିଓ ଭାଇରାଲ କରିଥିବା ଯୁବକ ଜଣଙ୍କ ଯୁବତୀଙ୍କ ପ୍ରେମିକ ଥିଲେ। ତେବେ ଉଭୟଙ୍କ ଅନ୍ତରଙ୍ଗ ମୁହୂର୍ତ୍ତରେ ଯୁବକ ଏହି ଭିଡିଓ ରେକର୍ଡ କରିଥିବା ଜଣାପଡ଼ିଛି। ୫୯ ମିନିଟ୍‌ର ଭିଡିଓ ଓ ୫ଟି ଫଟୋ ଭାଇରାଲ ହୋଇଛି। ସୂଚନାଯୋଗ୍ୟ, ଗତବର୍ଷ ପାରାଦୀପରେ ଜଣେ ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ହୋଇଥିଲା। ଉକ୍ତ ଘଟଣା ସେତେବେଳେ ଏଠାରେ ବେଶ ଚର୍ଚ୍ଚାର ବିଷୟ ହୋଇଥିଲା। ଏବେ ଯୁବତୀଙ୍କ ଘଟଣା ପୁଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଅନ୍ୟପକ୍ଷରେ ଦିନକୁ ଦିନ ଏଭଳି ଘଟଣା ଘଟୁଥିଲେ ମଧ୍ୟ ପୋଲିସ ପକ୍ଷରୁ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆ ଯାଉ ନ ଥିବା ସ୍ଥାନୀୟଲୋକେ ଅଭିଯୋଗ କରିଛନ୍ତି। ଏ ଦିଗରେ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀ ଦୃଷ୍ଟିଦେବାକୁ ଦାବି ହୋଇଛି।



ସ୍କଲାର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବରେ ଉପସ୍ଥିତ କ୍ରୀଡ଼ାବିତ୍।

## ସିଡିପିଓ ଅଫିସ ଘେରିଲେ ଅଙ୍ଗନୱାଡି କର୍ମୀ



ଅଙ୍ଗନୱାଡି କର୍ମୀମାନେ ସିଡିପିଓ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବାଲିକୁଦା,୮।୧(ସ୍ୱ.ପ୍ର.)**

ଟ୍ରେଡ୍ ୟୁନିୟନ ଡାକରାରେ ମଙ୍ଗଳବାର ବାଲିକୁଦା ସିଡିପିଓଙ୍କ ଅଫିସ ସମ୍ମୁଖରେ ଅଙ୍ଗନାୱାଡି କର୍ମୀମାନେ ଧାରଣା ଦେଇଛନ୍ତି। ସଂଘ ପକ୍ଷରୁ ଦୁଇଦିନ ଧରି କାର୍ଯ୍ୟବନ୍ଦ କରାଯିବ ବୋଲି ସଂଘର ବ୍ଲକ ସଭାନେତ୍ରୀ ଶଶିରେଖା ଦାସ କହିଛନ୍ତି। ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ମାସିକ ୧୮ ହଜାର ଦରମା, ଅବସରପ୍ରାପ୍ତ କର୍ମଚାରୀଙ୍କୁ ୩ ହଜାର ଟଙ୍କା ଭତ୍ତା ଓ ସ୍କିମ ୱାର୍କରରୁ ୱାର୍କର ମାନ୍ୟତା ପ୍ରଦାନ ଆଦି ୪ ଦଫା ଦାବି ନେଇ ଏହି ଆନ୍ଦୋଳନ କରାଯାଇଛି। କର୍ମୀ ଓ ସହାୟିକାମାନେ ଏକ ଶୋଭାଯାତ୍ରାରେ ଈଶ୍ୱରପୁରସ୍ଥିତ ସମିଲ ଛକଠାରୁ ବାହାରି ବ୍ଲକ ଆଇସିଡିଏସ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ପରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସଂଘର ଜିଲା ସଭାପତି ପ୍ରେମଲତା ସେଠୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ପ୍ରତିବାଦ ସଭାରେ ବ୍ଲକ ସଂଘ ସମ୍ପାଦିକା ଦେବଦୂତି ବିଶ୍ୱାଳ, ସଭ୍ୟା ସୁପ୍ରଭା ଦାସ, ଲିଜା ବେହେରା, ରୀନା ଦାସ, ସରୋଜିନୀ ଦାସ, ଦୀପ୍ତିମୟୀ ସାହୁ, ସର୍ମିଷ୍ଠା ଦତ୍ତ, ଗୀତାରାଣୀ ମହାନ୍ତି, କଲ୍ୟାଣୀ ପଣ୍ଡା, ସରୋଜିନୀ ମିଶ୍ର, ଇତିଶ୍ରୀ ନାୟକ, ବିନ୍ଦୁପ୍ରଭା ଜେନା, ସୁଚିତ୍ରା ନାୟକ, ସ୍ମିତାରାଣୀ ମଲ୍ଲିକ, ଗୋଲମଣି ମହାରଣା, ରଶ୍ମିତା ରାଉତ ପ୍ରମୁଖ ସାମିଲ ଥିଲେ। ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ବିଭାଗ ପ୍ରମୁଖ ସଚିବଙ୍କ ଉଦ୍ଦେଶ୍ୟରେ ସିଡିପିଓ ସରଳା ଦେଇଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା।

### ପୋଡ଼ିହୋଇ ମହିଳାଙ୍କ ମୃତ୍ୟୁ

**ବାଲିଆ,୮।୧**

ବିରିଡ଼ି ଥାନା ଅଧୀନ ବୁଢାପଡ଼ା ଗ୍ରାମ ଉପରସାହିରେ ପୋଡ଼ିହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁଦର୍ଶନ ଭୋଇଙ୍କ ସ୍ତ୍ରୀ ବନି(୩୫)। ପ୍ରକାଶ ଯେ, ୭ ତାରିଖ ସକାଳେ ବନି ଘର ପାଖରେ କୁଟା ଜାଳି ନିଆଁ ପୋଉଁଥିଲେ। ଏହି ସମୟରେ ତାଙ୍କ ଶାଢିରେ ନିଆଁ ଲାଗିଯାଇଥିଲା। ସେ ଘରକୁ ଦୌଡ଼ିଯାଇ ଦେହରେ ପାଣି ପକାଇବାକୁ ଉଦ୍ୟମ କରିବା ସହ ଗାଁ ଲୋକଙ୍କୁ ଡାକ ପକାଇଥିଲେ। ସେତେବେଳକୁ ତାଙ୍କ ଦେହର ୭୫ ଭାଗ ପୋଡିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ୩ ପୁଅ ଥିବାବେଳେ ସ୍ୱାମୀ ସୁଦର୍ଶନ ଜଣେ ଦିବ୍ୟାଙ୍ଗ। ସେ ଭାରତ ଫାଇନାନ୍ସ ଓ ସାଟିନ ଫାଇନାନ୍ସ ମହିଳା ଗ୍ରୁପର ସଦସ୍ୟା ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଗ୍ରୁପର ସଭାପତି ରେଣୁକା ଭୋଇ, ସମ୍ପାଦିକା ସୀତାଞ୍ଜଳୀ ଭୋଇ ଓ ଅନ୍ୟ ସଭ୍ୟମାନେ ଶୋକବ୍ୟକ୍ତ କରିଛନ୍ତି।

## ସ୍କଲାର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

**ଜଗତ୍‌ସିଂହପୁର ଅଫିସ,୮।୧**

ସ୍ଥାନୀୟ ସିପି-ମକୁନ୍ଦପୁରସ୍ଥିତ ସ୍କଲାର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ଜିଲା ସଂସ୍କୃତି ଅଧିକାରୀ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ କରିଥିଲେ। ନିଷ୍ଠା ଓ ଲକ୍ଷ୍ୟ ରହିଲେ ନିଶ୍ଚିତ ସଫଳତା ମିଳିବ ବୋଲି ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ କ୍ରୀଡା କ୍ଷେତ୍ରରେ ପିଲାମାନେ ସୁନାମ ଅର୍ଜନ କରିବା ଆବଶ୍ୟକ ବୋଲି କହିଥିଲେ। ସାମାଜିକ କର୍ମୀ ପ୍ରଦୀପ୍ତ ମିତ୍ର ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଜିଲାପି ଦୌଡ଼, ଗଣିତ ଦୌଡ଼, ଆଳୁ ଚାମଚ ଦୌଡ଼, ଲମ୍ଫ ଡିଆଁ, ଡିସ୍‌କସ୍, ସଟପୁଟ୍, ବେଲୁନ ଫଟାଇବା, ମଟର ଛୁଇଁ ଗୋଟାଇବା, କୌତୁକ ପୋଷାକ ଆଦି ସିନିୟର, ଜୁନିୟର, ସବ୍‌ଜୁନିୟର ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା।

## ବିରିଡ଼ି, ରାହାମାରେ ଧାନମଣ୍ଡି ଉଦ୍‌ଘାଟିତ

**ବିରିଡ଼ି/ବାଲିଆ,୮।୧(ଡି.ଏନ.ଏ.)**

ବିରିଡ଼ି ବ୍ଲକ ଉତ୍ତରଶାସନ ପ୍ରାଥମିକ କୃଷି ସମବାୟ ସମିତିରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏହାକୁ ସମବାୟ ସମିତି ସଭାପତି ପୀତାମ୍ବର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଉପସଭାପତି ଅଞ୍ଜନା ସାହୁ, ସମ୍ପାଦକ ଶଙ୍କର୍ଷଣ ସାହୁ, ପୂର୍ବତନ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ସିଂ, ସହ ସମ୍ପାଦକ ବିଦ୍ୟାଧର ମହାପାତ୍ର, ଡାଟା ଅପରେଟର ମନୋରଞ୍ଜନ ମଲ୍ଲିକ, ସୌମ୍ୟରଞ୍ଜନ ବେହେରା, ରମାନାଥ ଦାଶଙ୍କ ସମେତ ପରିଚାଳନା ପରିଷଦର ସଭ୍ୟ ଓ ଧାନ କ୍ରୟ କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ। ପ୍ରଥମ ଦିନ ୯ ଚାଷୀଙ୍କଠାରୁ ୪ ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଏହି ସମିତିରେ ଶଙ୍ଖପୁର, ଦରଡ଼ାଗ୍ରାମ, ଉତ୍ତରଶାସନ ଓ ହାଜିପୁର ପଞ୍ଚାୟତର ମୋଟ ୪୨୬ ଚାଷୀ ଧାନ ବିକ୍ରି କରିବାକୁ ନାମ ପଞ୍ଜୀକୃତ କରିଛନ୍ତି। ସେମାନଙ୍କଠାରୁ ମୋଟ ୨୧,୭୦୫ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରତି ମଙ୍ଗଳବାର ଧାନ ସଂଗ୍ରହ ହେବ। ସାଧାରଣ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୧୭ ଶହ ୫୦ଟଙ୍କା ରହିଥିବା ବେଳେ ଏ ଗ୍ରେଡ ଧାନ କୁଇଣ୍ଟାଲ ପ୍ରତି ୧୭ ଶହ ୭୦ ଟଙ୍କା ଦେବାକୁ ସରକାର ଧାର୍ଯ୍ୟ କରିଛନ୍ତି।

**ରାହାମା,(ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ ବୋଧେଇ ସମବାୟ ସମିତି ପରିସରରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ତିର୍ତ୍ତୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଜାତା ମହାନ୍ତି ମୁଖ୍ୟଅତିଥି, ବିଡିଓ ରଞ୍ଜନ କୁମାର ପରିଡ଼ା, ଯୋଗାଣ ଅଧିକାରୀ ଯଶୋବନ୍ତ ମଲ୍ଲିକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଆଶିଷ ସେଠୀ, ସରପଞ୍ଚ ସନ୍ତୋଷ ସେଠୀ, ପିପ୍ପଳ ମାଧବ ସରପଞ୍ଚ ଶ୍ରୀମତୀ ସେଠୀ, ସମିତିର ସଭାପତି ନୃସିଂହ ଚରଣ ନାୟକ, ସମ୍ପାଦକ ବିମଳ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଏହି ମଣ୍ଡିରେ ୩୯ ପଞ୍ଜିକୃତ ଚାଷୀ ୧୧ କୁଇଣ୍ଟାଲ ୫୨ କିଲୋ ଧାନ ଦେଇଛନ୍ତି। ଉକ୍ତ ଧାନ ସ୍ଥାନୀୟ ମୈତ୍ରୀ ଡିଲରକୁ ହସ୍ତାନ୍ତର କରାଯାଇଛି। ନିରଞ୍ଜନ ଲେଙ୍କା, ସମୀର କୁମାର ବିଶ୍ୱାଳ, ପରକ୍ଷିତ ସେଠୀ, ଅଜିତ ବାରିକ, ରବିନାରାୟଣ ସାହୁ, ମନୋରଞ୍ଜନ ଦାସ, ଦିଲୀପ ମହାନ୍ତି, ଶରତ ପାତ୍ର, କୃଷ୍ଣ ଦାସ, ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ରାହାମାରେ ଅତିଥି ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ବାଲିକୁଦା,୮।୧(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତ ବରୁଗୁଡ଼ିପଦା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ରନାଥ ସାହୁଙ୍କ(୬୧)ଙ୍କ ପରଲୋକ ଘଟିଛି। ୨ ଦିନ ତଳେ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଦୀର୍ଘବର୍ଷ ଧରି ଏରସମା ବ୍ଲକ ପଞ୍ଚପଲ୍ଲିର ଗ୍ରାମେଶ୍ୱର ହାଇସ୍କୁଲରେ ଶିକ୍ଷକତା କରି ଗତବର୍ଷ ଅବସର ନେଇଥିଲେ। ତାଙ୍କ ବିୟୋଗରେ ପୂର୍ବତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ରନାଥ ଜେନା, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁ, ଶୁଭଜ୍ୟୋତି ମହାପାତ୍ର, ସୋନାଲି ପ୍ରଧାନ, କଳ୍ପନା ଖଟୁଆ, ଶିକ୍ଷକ ଅମିତାଭ ରାଉତ, ସୁଦର୍ଶନ ଦାସ, ଅଜୟ ସାହୁ, ପ୍ରତାପ ପରିଡ଼ା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଡଙ୍ଗାବୁଡ଼ି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି




ନିପାଣିଆ ଡଙ୍ଗାବୁଡ଼ି ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ସମୂହ ମହମବତି ପ୍ରଜ୍ୱଳନ କରାଯାଉଛି।

**କୁଜଙ୍ଗ,୮।୧(ସ୍ୱ.ପ୍ର)**

ନିପାଣିଆ ଡଙ୍ଗାବୁଡ଼ି ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ମଙ୍ଗରାଜପୁର ପଞ୍ଚାୟତର ହସିଣା ଗ୍ରାମରେ କ୍ୟାଣ୍ଡେଲ ଶୋଭାଯାତ୍ରା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବଳଦେବଜୀଉ ଯୁବକ ସଂଘ ପକ୍ଷରୁ ପ୍ରିୟରଞ୍ଜନ ପାଣି, ଅକ୍ଷୟ ତରାଇ, ପିଣ୍ଟୁ ସାହୁ, ସ୍ୱାଗତ ତରାଇ ପ୍ରମୁଖ ଏହି କ୍ୟାଣ୍ଡେଲ ଶୋଭଯାତ୍ରାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଯୁବ ସାମାଜିକ କର୍ମୀ ସୀମାଞ୍ଚଳ ପଣ୍ଡା ଓ ସରପଞ୍ଚଙ୍କ ପ୍ରତିନିଧି ବିପିନ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ।

■ ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

## ଅଭିଯୁକ୍ତ ଗୁପ୍‌ଚୁପ୍ ଦୋକାନୀ ଗିରଫ

**ବ୍ରହ୍ମପୁର ଅଫିସ,୮।୧**

ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ବ୍ରହ୍ମପୁର ବଡବଜାର ଥାନା ପୋଲିସ ମଙ୍ଗଳବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେତୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଜଣକ ହେଲେ ଜଗତ୍‌ସିଂହପୁର ଅଞ୍ଚଳର ମନୋଜ ସାମଲ (୨୨)। ସେ ବ୍ରହ୍ମପୁର ତୁଳସୀନଗରସ୍ଥିତ ଏକ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଗୁପ୍‌ଚୁପ୍ ବିକ୍ରି କରୁଥିଲେ ବୋଲି ଜଣାପଡିଛି।

ପ୍ରକାଶଯେ, ୨୦୧୮ ନଭେମ୍ବର ୧୭ରେ ବଡ଼ବଜାର ଥାନା ଅଞ୍ଚଳର ଏକ ସାହିରୁ ଜନୈକା ଯୁକ୍ତ ୨ ପଢୁଥିବା ଜଣେ ନାବାଳିକା ଛାତ୍ରୀ ଘରୁ କଲେଜ ଯାଉଥିବା ସମୟରେ କେହି ଅପହରଣ କରି ନେଇଥିବା ଥାନାରେ ନାବାଳିକାଙ୍କ ବାପା ଏତଲା ଦେଇଥିଲେ । ପୋଲିସ ନଂ. ୧୮୭/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସୋମବାର ଜଗତ୍‌ସିଂହପୁରରୁ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ମନୋଜଙ୍କୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀମାଇନା କରିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ନେଇ ଆଇଆଇସି ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।



ଅଭିଯୁକ୍ତ ମନୋଜ ସାମଲ ।

ସୂଚନାଯୋଗ୍ୟ, ନାବାଳିକାଙ୍କ ଉଚ୍ଚଶିକ୍ଷା ପାଇଁ ତାଙ୍କ ପିତାମାତା ବ୍ରହ୍ମପୁରରେ ଭଡାରେ ରହୁଛନ୍ତି । ଛାତ୍ରୀ ଜଣକ ଏକ କଲେଜରେ ପଢୁଥିବା ବେଳେ ଅଭିଯୁକ୍ତ ମନୋଜଙ୍କ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ପରେ ଗତ ନଭେମ୍ବର ୧୭ରେ ନାବାଳିକା ଜଣକ ଘରୁ କଲେଜ ଯାଉଥିବା କହି ରେଳବାଇ ଷ୍ଟେଶନ ଆସି ମନୋଜଙ୍କ ସହିତ ଜଗତ୍‌ସିଂହପୁର ପଳାଇ ଆସିଥିଲେ । ସେଠାରେ ନାବାଳିକାଙ୍କୁ ମନୋଜ ବିବାହ କରି ସ୍ୱାମୀ-ସ୍ତ୍ରୀ ପରି ଚଳି ଆସୁଥିଲେ । ଅପରପକ୍ଷେ ପରିବାର ବର୍ଗ ବହୁ ଖୋଜାଖୋଜି କରି ନ ପାଇବା ପରେ ବଡ଼ବଜାର ଥାନାରେ ଏତଲା ଦେଇଥିଲେ ।

### ଚୋରି ସାମଗ୍ରୀ ଜବତ, ୨ ଅଟକ

**ତିର୍ତ୍ତୋଲ,୮।୧(ଡି.ଏନ.ଏ.)**

ତିର୍ତ୍ତୋଲ ପୋଲିସ ମଙ୍ଗଳବାର କଟକ-ପାରାଦୀପ ରାସ୍ତାର ବାଲିପାଟଣା ଛକରୁ ଚୋର ସନ୍ଦେହରେ ୨ଜଣଙ୍କୁ ଧରି ଥାନାରେ ଅଟକ ରଖିଛି। ସେମାନଙ୍କଠାରୁ ଏକ ସ୍କୁଟର, ବ୍ୟାଟେରୀ, ଗ୍ୟାସ ସିଲିଣ୍ଡର, ଗ୍ୟାସ ଚୁଲା ଓ ବିଭିନ୍ନ ବାସନକୁସନ ଜବତ ହୋଇଛି। ପ୍ରକାଶ ଯେ, ଏହି ଥାନା ଅନ୍ତର୍ଗତ ଜଇପୁରରଠାରେ ଥିବା ଏସବିଆଇ ଏଟିମ ଭାଙ୍ଗି ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ୩ଟି ବ୍ୟାଟେରି ଚୋରି କରି ନେଇଥିଲେ। ଏ ସମ୍ପର୍କରେ ବ୍ୟାଙ୍କ ତରଫରୁ ଥାନାରେ ଅଭିଯୋଗ କରାଯାଇଥିଲା। ସେହିପରି କୋଟକଣା ଗ୍ରାମର କ୍ଷୀରୋଦ ସାହୁଙ୍କ ଘରୁ ଗ୍ୟାସ ସିଲିଣ୍ଡର, ଗ୍ୟାସ ଚୁଲା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ ନଂ.୮/୧୯ ଓ ୯/୧୯ରେ ଦୁଇଟି ପୃଥକ ମାମଲା ରୁଜୁ କରିଥିଲା। ୨ ଜଣ ବ୍ୟକ୍ତି ଏକ ସ୍କୁଟରରେ କିଛି ସାମଗ୍ରୀ ନେଇ ସନ୍ଦେହଜନକ ଭାବେ ବାଲିପାଟଣା ଛକ ନିକଟରେ ଯାଉଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ।

## ସଂକ୍ଷେପରେ

### ବାଲିତୁଠରେ ଜଳିଗଲା ୪ ବଖରା

**କୁଜଙ୍ଗ,୮।୧(ସ୍ୱ.ପ୍ର.):** ଢିଙ୍କିଆ ପଞ୍ଚାୟତର ପାଣିଗଡ଼ିଆ କନ୍ଧାରେ ନିତ୍ୟାନନ୍ଦ ସାହୁଙ୍କ ୪ ବଖରା ଘର ଜଳିଯାଇଛି। ବାଲିତୁଠ ପୋଲ ନିକଟରେ ତାଙ୍କ ଘର। ବିଦ୍ୟୁତ୍ ଶର୍ଟ୍ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। କୁଜଙ୍ଗ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ବହୁ ଘର କରଣା ସମାଗ୍ରୀ ପୋଡି ନଷ୍ଟ ହୋଇଛି।

### ବାଇଗଣୀରେ ଘରପୋଡ଼ି

**ବାଲିକୁଦା,୮।୧(ସ୍ୱ.ପ୍ର.):** ବାଲିକୁଦା ତହସିଲ ଅଧୀନ ଅଳାବୋଳ ପଞ୍ଚାୟତର ବାଇଗଣି ଗ୍ରାମରେ ଅଗ୍ନିକାଣ୍ଡ ଘଟି ରାଜକିଶୋର ନାୟକଙ୍କ ଗୋଟିଏ ବଖରା ପୋଡ଼ିଯାଇଛି। ମଶା ଧୂଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଗାଁ ଲୋକେ ପ୍ରଥମେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ବାଲିକୁଦା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଛି।

### କୋର୍ଟ ଆଦେଶରେ ଚିକିଣିଆ ଧାନ ଖଳା କାର୍ଯ୍ୟ ବନ୍ଦ

**ରଘୁନାଥପୁର, ୮।୧( ଡି.ଏନ.ଏ.):** ରଘୁନାଥପୁର ବ୍ଲକ ଚିକିଣିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣାଧୀନ ଖଳା କାମ ଜଗତ୍‌ସିଂହପୁର ଜିଲା ଜଜ୍‌ଙ୍କ ଆଦେଶ ବଳରେ ପୋଲିସ ବନ୍ଦ କରିଛି। ସୂଚନାଯୋଗ୍ୟ ଗୋଚର ଜମିରେ କାର୍ଯ୍ୟ ସ୍ଥଳକୁ ଯାଇ ସମିତିସଭ୍ୟା କାମ ବନ୍ଦ କରିବାକୁ କହିବା ସମୟରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ଏ ନେଇ ସମିତିସଭ୍ୟା ଓ ୩ ଖଣ୍ଡ ଗାଁର ମହିଳା କୋର୍ଟର ଶରଣାପନ୍ନ ହୋଇଥିଲେ। କୋର୍ଟ ଏ ସମ୍ପର୍କରେ ସମନ ଅପରପକ୍ଷକୁ କରିଥିଲେ ସୁଦ୍ଧା ସେମାନେ ଏହାକୁ ଗ୍ରହଣ ନ କରି କାମ ସାରିଦେବାକୁ ତତ୍ପର ହୋଇଥିଲେ। କୋର୍ଟ ଆସନ୍ତା ଜାନୁୟାରୀ ୧୭ରେ ଅପରପକ୍ଷ ନିଜର ପକ୍ଷ ନ ରଖିବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବା ନିମନ୍ତେ ଆଦେଶ ଦେଇଛନ୍ତି। ଏ ସମ୍ପର୍କରେ ଏସଡିପିଓ ଏବଂ ଏଏସଆଇ ସୋମବାର ରାତିରେ ଘଟଣାସ୍ଥଳକୁ ଯାଇ ଉଭୟ ପକ୍ଷଙ୍କୁ ଅବଗତ କରିଛନ୍ତି।

# ଚାରିଆଡେ କେନ୍ଦ୍ର ବିରୋଧୀ ଗର୍ଜନ

**ଜଗତ୍‌ସିଂହପୁର ଅଫିସ,୮।୧**

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ କର୍ମଚାରୀ ଫେଡେରେଶନ ଡାକରାରେ ୧୦ଦଫା ଦାବି ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଜଗତ୍‌ସିଂହପୁରରେ ଧର୍ମଘଟ କରାଯାଇଛି। ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ନିକଟରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଶ୍ରମିକ ସମାବେଶ ହୋଇଥିଲା। ଏଥିରେ ସଙ୍ଗଠନ କର୍ମକର୍ତ୍ତାମାନେ କହିଲେ ଯେ ମୋଦି ସରକାର ପୁଞ୍ଜିପତିଙ୍କ ସ୍ୱାର୍ଥରେ ଥିବାବେଳେ ସାଧାରଣ ଜନତାଙ୍କ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। କେନ୍ଦ୍ର ସରକାର ପ୍ରଚଳିତ ଶ୍ରମ ଆଇନ ସଂଶୋଧନ ପ୍ରତ୍ୟାହାର କରିବା,ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ସମେତ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ କରିବା, ଧାନ କୁଇଣ୍ଟାଲ ୩,୦୦୦ ଟଙ୍କା ଓ ଶ୍ରମିକ କୃଷକଙ୍କ ପାଇଁ ପୁରୁଣା ପେନସନ୍ ଯୋଜନା ପ୍ରଚଳନ କରିବା, ବ୍ୟାଙ୍କ ବୀମା, ରେଳ ପ୍ରତିରକ୍ଷା ଆଦି କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ଲଗାଣ ବନ୍ଦ କରିବାକୁ ସେମାନେ ଦାବି କରିଥିଲେ। ଅନ୍ୟପକ୍ଷରେ ଧର୍ମଘଟ ସତ୍ତ୍ୱେ ସହରରେ ଦୋକାନ, ବଜାର ସ୍ୱାଭାବିକ ଭାବେ ଖୋଲାଥିଲା। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଚାଲିଥିଲା।



ଜଗତ୍‌ସିଂହପୁରରେ ଧର୍ମଘଟ ବେଳେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଅଳ୍ପ କେତେକ କାର୍ଯ୍ୟାଳୟ କିଛି ସମୟ ବନ୍ଦ ରହିବା ପରେ ଖୋଲିଥିଲା।

**ବିରିଡ଼ି/ବାଲିଆ,(ଡି.ଏନ.ଏ.):** କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଆହ୍ୱାନ କ୍ରମେ ବିରିଡ଼ି ବ୍ଲକ କ୍ଷେତ ମଜଦୁର ୟୁନିୟନ, ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ, ଓଡ଼ିଶା ଫରେଷ୍ଟ ଉଡ ଏଗ୍ରିକଲଚର ଓ ବିଲଡିଂ କନ୍‌ଷ୍ଟ୍ରକ୍ସନ ୱାର୍କସ ୟୁନିୟନ, ସିଆଇଟିୟୁ ବନ୍ଦ ପାଳନ କରାଯାଇଛି। ସଙ୍ଗଠନଗୁଡିକ ବିରିଡ଼ି ଛକରେ ରାସ୍ତାରୋକୋ କରିବା ସହ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ପ୍ରତିବାଦ ସଭା କରିଥିଲେ। ପରେ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ କ୍ଷେତ ମଜଦୁର ସଂଘ ସଭାପତି ବିଷ୍ଣୁ ଚରଣ ଦଳାଇ, ଓଡ଼ିଶା ଫରେଷ୍ଟ ଉଡ୍ ଏଗ୍ରିକଲଚର ଓ ବିଲଡିଂ କନଷ୍ଟ୍ରକ୍ସନ ୱାର୍କସ ୟୁନିୟନ ଜିଲା ସଭାପତି ସୁନିଲ ମହାନ୍ତି, ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ବ୍ଲକ ସଭାନେତ୍ରୀ ବବିତା ଦାସ, ସାଧାରଣ ସମ୍ପାଦିକା କବିତା ପଟ୍ଟନାୟକ, ଭାରତୀୟ କ୍ଷେତ ମଜଦୁର ସଂଘ ଜାତୀୟ ପରିଷଦ ସଭ୍ୟ ତ୍ରୈଲୋକ୍ୟ ଜେନା, ସିଟୁର ସଭାପତି ନଟବର ପଲେଇ, ଶ୍ରମିକନେତା ଯୁଧିଷ୍ଠିର ଦାସ, ଦଳିତ ମୁକ୍ତି ମଞ୍ଚର ଜିଲା ଆବାହକ ଗଣେଶ ଚନ୍ଦ୍ର ମାଣିଆ, ଜିଲ୍ଲା କମିଟି ସଭ୍ୟ ବେଣୁଧର ବାରିକ, ପ୍ରଶାନ୍ତ କୁମାର ମାଣିଆ, ସନ୍ତୋଷ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ। ସମସ୍ତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ଓ ଗାଡିମୋଟର ଚଳାଚଳ ବନ୍ଦ ଥିଲାବେଳେ ଦୋକାନ ବଜାର ଖୋଲା ଥିଲା। ବ୍ଲକ, ତହସିଲ ଓ ଅନ୍ୟାନ୍ୟ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ଝୁଲୁଥିଲେ ମଧ୍ୟ ଭିତରେ କାର୍ଯ୍ୟ ଚାଲିଥିଲା।

**ଏରସମା,(ସ୍ୱ.ପ୍ର.):** ଏରସମା ବ୍ଲକରେ ମଙ୍ଗଳବାର ବନ୍ଦ ପାଳନ ହୋଇଛି। କେନ୍ଦ୍ର ସରକାରଙ୍କ ନୀତିକୁ ବିରୋଧ କରି ବିଜେଡି, କଂଗ୍ରେସ ଓ ସିପିଆଇ କର୍ମକର୍ତ୍ତାମାନେ ଏଥିରେ ସାମିଲ ହୋଇଥିଲେ। ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା କଂଗ୍ରେସର ରାଜ୍ୟ ପ୍ରଚାର କମିଟି ସଦସ୍ୟ ସାରଦା ପ୍ରସନ୍ନ ଜେନା, ଶ୍ରମିକନେତା ଜୟନ୍ତ ବିଶ୍ୱାଳ, କଂଗ୍ରେସ ସେବାଦଳ ଏରସମା ଶାଖା ସଭପତି ରବୀନ୍ଦ୍ର କୁମାର ମୁଦୁଲି, କଂଗ୍ରେସ ବ୍ଲକ ସଭାପତି ନିତ୍ୟାନନ୍ଦ ଦାସ, ପଲିକଣ୍ଠାର ପୂର୍ବତନ ସରପଞ୍ଚ ପ୍ରହ୍ଲାଦ କୁଅଁର, ପୂର୍ବତନ ସମିତି ସଭ୍ୟ ଶଶିଭୂଷଣ ସ୍ୱାଇଁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

**କୁଜଙ୍ଗ,(ସ୍ୱ.ପ୍ର.):** ମଙ୍ଗଳବାର କୁଜଙ୍ଗରେ ଦୁଇଦିନିଆ ଭାରତ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ହିନ୍ଦ୍ ମଜଦୁର ସଭାର ନେତା ତଥା ବିଜୁ ଶ୍ରମିକ ସାମୁଖ୍ୟର ରାଜ୍ୟ ଉପସଭାପତି ଆଇନଜୀବୀ ଅମୃତ ଦାସ, ଶ୍ରମିକ ନେତା ଗୋଲେଖ ଚନ୍ଦ୍ର ନାୟକ, ଚିତ୍ରସେନ ରାୟ, ଅକ୍ଷୟ କର, ଅଜୟ ସ୍ୱାଇଁ, ବୈଷ୍ଣବ ଚରଣ ମାଝୀ, ବିକ୍ରମ ତରାଇ, ଚନ୍ଦ୍ରକାନ୍ତ ସାମଲ, ଭରତ ରାଉତ, ପ୍ରଫୁଲ୍ଲ ଖଟୁଆ, ଅଜୟ ସ୍ୱାଇଁ ପ୍ରମୁଖ ବିଭିନ୍ନ ଶିଳ୍ପାଞ୍ଚଳରେ ପ୍ରତିବାଦ ସଭା କରିଥିଲେ। କୁଜଙ୍ଗ ଥାନା ଛକରେ ଏଆଇଟିଇୟୁସି ଆହ୍ୱାନ କ୍ରମେ ରାଜ୍ୟ ସମ୍ପାଦିକା ଜିନ୍ମୟୀ ସାହାଣୀଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ଆଶା, ଅଙ୍ଗନୱାଡି କର୍ମୀ, ନିର୍ମାଣ ଶ୍ରମିକ ସଂଘ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ବନ୍ଦ ପ୍ରଭାବରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। କଟକ–ପାରାଦୀପ ରାଜ୍ୟରାଜପଥ ଅବରୋଧ କରାଯାଇଥିଲା। ଏଆଇଟିୟୁସି ଜଗତ୍‌ସିଂହପୁର ଜିଲା ସମ୍ପାଦକ ସୁବାସ ମହାପାତ୍ର, ଶରତ ବେହେରା, ହୃଷିକେଶ ନାଥ, ହରେକୃଷ୍ଣ ମାଝୀ, ଦେବେନ୍ଦ୍ର ଆଚାର୍ଯ୍ୟ, ରବୀନ୍ଦ୍ର ସାମଲ, ଶ୍ରୀନିବାସ ଝୁଝାରସିଂହ ପ୍ରମୁଖ ସାମିଲ ହୋଇଥିଲେ।

### ପାରାଦୀପରେ ବ୍ୟାପକ ପ୍ରଭାବ


ପାରାଦୀପରେ ଧର୍ମଘଟରେ ସାମିଲ ହୋଇଥିବା ଶ୍ରମିକ ନେତା ଓ ଶ୍ରମିକମାନେ।

**ପାରାଦୀପ,(ସ୍ୱ.ପ୍ର.)**

ପାରାଦୀପ ଶିଳ୍ପାଞ୍ଚଳରେ ମଙ୍ଗଳବାର ହୋଇଥିବା ଧର୍ମଘଟର ବ୍ୟାପକ ପ୍ରଭାବ ପଡିଛି। ଅର୍ଥାତ୍ ପାରାଦୀପ ବନ୍ଦରର ପଣ୍ୟ କାରବାର ଓ ସମସ୍ତ ରାଷ୍ଟ୍ରାୟତ ବ୍ୟାଙ୍କର ଅର୍ଥ କାରବାର ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଏଥିସହ ବଜାର, ଗାଡି ଚଳାଚଳ, ଶିକ୍ଷାନୁଷ୍ଠାନ ଆଦି ବନ୍ଦ ହୋଇଥିଲା। ୧୫ଟି ବୃହତ ଶିଳ୍ପ, ତୈଳ ବିଶୋଧନାଗାର, ପିପିଏଲ, ଇଫ୍‌କୋ ଆଦି କାରଖାନା ଭିତରେ ଚାଲିଥିଲେ ମଧ୍ୟ ପ୍ରଭାବିତ ହୋଇଛି। କାରଣ ସେଥିରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସକାଳ ୫ଟାରୁ ଶ୍ରମିକମାନେ ନିଜ ନିଜ ୟୁନିୟନ ପତାକା ଧରି ବନ୍ଦରର ୫ ଗେଟ୍ ସମ୍ମୁଖରେ ବସିଯାଇଥିଲେ। ପରେ ୟୁନିୟନ ନେତାମାନେ ପହଞ୍ଚି କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏଆଇଟିୟୁସି, ଆଇଏନ୍‌ଟିୟୁସି, ସିଆଇଟିୟୁ, ଏଚ୍‌ଏମ୍‌ଏସ୍ ସହବନ୍ଧିତ ୟୁନିୟନ ନେତା ଅରିନ୍ଦମ ସର୍ଖେଲ, ଅଭୟ ସାହୁ, ସୁବାସ ମହାପାତ୍ର, ବିଭୂତି ମହାରଣା, ସନାତନ ବେହେରା, ଯତିକାନ୍ତ ବେହେରା ପ୍ରମୁଖ ଧର୍ମଘଟର ନେତୃତ୍ୱ ନେଇଥିଲେ। ଅଠରବାଙ୍କୀ ଗେଟ୍‌ରେ ଶ୍ରମିକ, ଆଶା କର୍ମୀ ବସିଯିବାରୁ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ବନ୍ଦ ପାଳନକୁ ବଜେଡି, କଂଗ୍ରେସ ଓ ଅନ୍ୟ କେତକ ଦଳ ସମର୍ଥନ କରିଥିଲେ।



ବିରିଡ଼ିରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


କୁଜଙ୍ଗରେ ବନ୍ଦ ପାଳନ ଅବସରରେ ଶ୍ରମିକ ନେତା ଓ ସଂଗଠନ କର୍ମକର୍ତ୍ତାମାନେ ପ୍ରତିବାଦ ପ୍ରଦର୍ଶନ କରୁଛନ୍ତି।


## ଧରିତ୍ରୀ CAREER APPOINTMENT
every Wednesday & Saturday

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs. 27000/-. (Part Time/Full Time)
Contact: 9938676412

**REQUIRED**
OFFICE ASSISTANT
For a Press with Computer/ Oriya Typing knowledge will be preferred.
Contact: 9337024339
email: anil_yadavji@rediffmail.com

**କୁକ୍ ଆବଶ୍ୟକ**
ଭୁବନେଶ୍ୱରର ଏକ ରେଷ୍ଟୁରାଣ୍ଟ (ଫୁଡ୍ ଟ୍ରକ୍) ପାଇଁ ଅଭିଜ୍ଞ ଇଣ୍ଡିଆନ୍, ଚାଇନିଜ୍ ଓ ମେକ୍ସିକାନ୍ କୁକ୍ ଆବଶ୍ୟକ।
ଯୋଗାଯୋଗ
୮୩୨୮୮୩୭୭୪୭, ୯୩୪୮୪୬୫୫୯୦

ନିଶ୍ଚିତ ଭର୍ତ୍ତି OMIରେ ପୁଅ/ ଝିଅ ଆବଶ୍ୟକତା
BRANCH MANAGER -30 NOS, ASSISTANCE MANAGER - 20 NOS, OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନି + ରହିବା (Free) ଆୟ - 6500-8500 ଟ୍ରେନି ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

**Urgent Required for BBSR AIRPORT**
Qualification : 10th To Graduate
Post : C.S.A, Ground Staff, Cabin, Crew, Loader, Helper
Salary : 18000-35000 + Free Accommodation + Food
7694934663, 9090391585

**JOIN LIC AS AGENT**
Get:
- Stipend Per Month
- Attractive Commission
- Gratuity & more
Age: 18+
Qualification: 10th & above
To join Contact: 7064693160
For Bhubaneswar & Near Areas.

**Req. for Limited Co.**
❶ ପୂର୍ବତନ ସୈନିକ
❷ ଡ୍ରାଇଭର (HMV-LMV)
ବେତନ-19500-27500 ସବୁ ସୁବିଧା / ଡ୍ୟୁଟି ୫ ଘଣ୍ଟା ଡ୍ୟୁଟି - ଓଡ଼ିଶା, ମଧ୍ୟପ୍ରଦେଶ ମୋଟ ଖାଲି ପଦବୀ-215
ପ୍ରାର୍ଥୀମାନେ ନିଜ Bio-data ଇମେଲ୍ କରନ୍ତୁ
nutekindialimited2019@gmail.com
Phone. No. 08057878485

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately: Mob: 8763257042

**URGENT REQUIRED**
ରାୟଗଡ଼ା, ଅନୁଗୁଳ, ବ୍ରହ୍ମପୁର, ମୟୂରଭଞ୍ଜ, ଭଦ୍ରକ, କଟକ, ଭୁବନେଶ୍ୱର OFFICE STAFF ଆବଶ୍ୟକ।
Salary: 24,000/-.
Qualification: 9th to 10th or above.
Contact: 8018284966

NATURAL TOUCH PLYWOOD ପାଇଁ MARKETING EXECUTIVE (M/F) ଆବଶ୍ୟକ। ଦରମା 8,000/- ରୁ 10,000/-. PETROL 2000, ରହିବା ମାଗଣା + INCENTIVE. ଦୋକାନ ପାଇଁ SALESMAN ଆବଶ୍ୟକ।
ଶୀଘ୍ର ଯୋଗାଯୋଗ:-
9437001718

**URGENT REQUIREMENT STAFF**
For Bhubaneswar.
Tandoor Cook, Indian Cook, Bengali/ Odia Cook, Helper & Waiter.
Contact:
8338888804/ 6370777458

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 08033948529
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303523302

JOBS IN AIRPORT (ONLY MALE)
Post : GROUND STAFF
➡ Qual. : 9th Pass,10th & +2
➡ Age : 18 To 28 Years
➡ Salary : 10,000/- To 25,000/-
Global Certification With 100% Job
Blaze Aviation, Plot No : 576/3398, Nayapalli, Bhubaneswar.
7077708313, 7077708315

**DIRECT JOINING**
CUSTOMER CARE / BPO
Data Entry / Back Office
Qual. 10th, +2, ITI, Degree, Etc.
Salary : Rs.7000 To Rs.15000 (with Accommodation)
BBSR. 9090658710

**SWOSTI GROUP** HOTELS . RESORTS . TRAVELS SINCE 1981
SWOSTI GROUP (Hotels-Resorts-Travels-Education)
Requires following posts urgently for its Hotels & Travel Division

| Sl | Name of the post | Qualification & Experience |
|---|---|---|
| HOTEL DIVISION (CANDIDATES TO BE POSTED AT BHUBANESWAR & CHILIKA) | | |
| 1 | DGM Sales & Mktg. | Graduate with MBA in marketing with 15 yrs experience in any hospitality industry. |
| 2 | Relationship Manager | Graduate with MBA in marketing with 5-7 yrs experience in any hospitality industry |
| 3 | Asst. Mgr. HR / HR Executive | Graduate with MBA in HR with 5-7 yrs experience |
| 4 | BQT Mgr. / Asst. BQT Mgr | Degree/ Diploma In Hotel Mgmt., with More than 5 yrs of experience with IDS knowledge |
| 5 | FnB Executive | Degree/ Diploma In Hotel Mgmt., with More than 3 yrs experience with IDS knowledge |
| 6 | Reservation Asst. / Reservation Executive | Graduate with at least 3 yrs experience from any star category hotel with IDS knowledge. |
| 7 | Steward / Sr. Steward | H.S.C pass having 2-3 yrs relevant experience from any star category hotel. |
| 8 | Room Attendant | |
| 9 | Housekeeping Asst. | |
| 10 | Guest Relation Executive | Degree/ Diploma In Hotel Mgmt., with More than 03 yrs of experience with IDS knowledge. |
| 11 | Front Office Asst./ Supervisor | |
| 12 | Lifeguard (Swimming Pool) | HSC Pass with life & safety certificate & 2-3 yrs experience |
| 13 | Swimming Pool Attendant | HSC Pass with 2–3 yrs experience in Pool Maintenance. |
| 14 | Spa therapist(Male/Female) | Course on Massage Therapy from a recognized University with Min. 2 Yrs experience in relevant field. |
| 15 | Maint. Manager / Asst. Maint. Mgr. | Degree / Diploma in Mechanical Engg. With 10 yrs & above experience in hospitality industry |
| 16 | Electrical / Plumbing / HVAC Supervisors / Technicians | Minimum 3 yrs experience in hospitality industry. |
| 17 | COMMI –I / II / III (Indian, Chinese, Conti, South Indian, Bakery & Halwai) | Diploma / Craft Course in Hotel Management with Minimum 3 yrs experience in hospitality industry. |
| TRAVELS DIVISION (CANDIDATES TO BE POSTED AT BHUBANESWAR) | | |
| 1 | Mgr. / Asst. Mgr. Sales | 5. Asst. Mgr./ Exec. Inbound & Outbound Tours |
| 2 | Asst. Mgr./ Exec. Transport | 6. International Ticketing Executive |
| 3 | Inbound & Outbound Tours Asst. | 7. VISA Services Asst. |
| 4 | . Transport Desk In-charge | 8. Drivers |

Sl. No. 1-7 Candidates with at least 5 yrs experience in any professional travel company will be preferred.
For Drivers - 10th Pass having LMV / HMV license with transport badge with minimum 5 yrs experience.
Salary will commensurate with Qualification, Experience & Efficiency
Candidates may apply within seven days to Email:info@swosti.com M-09338091727 / 08594999396

**V.C.S. INDIA**
House Keeping & Facility Services
- Markerting Executive
- Marketing Managers
- Facility Manager
- Female Telecaller
- House keeping boys
Contact 7077726920
Send your C.V. with attach passport photo to vcs.odisha@vivencyindia.in

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

**OMM SAI INFRATECH**
ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9776141333

**OrissaPOST** HERE . NOW
WANTED
TRANSLATORS:-
Well versed in English and Oriya.
Apply within 7 days to :
recruitment@orissapost.com
Pay & perks will be the best in the industry for deserving candidates.

**OFFICE OF THE DISTRICT & SESSIONS JUDGE-CUM-CHAIRMAN, DLSA, KALAHANDI, BHAWANIPATNA**
ADVERTISEMENT
Applications in the prescribed format are invited from the desirous candidates for recruitment to the posts of Jr. Clerk of District Legal Services Authority (DLSA). Such appointment shall be governed by the provisions of Odisha Group-C and Group-D posts (Contractual Appointment) Rules, 2013.
**CATEGORY WISE VACANCY POSITION:**

| Name of the Post | UR | SEBC | SC | ST | Total | Scale of pay |
|---|---|---|---|---|---|---|
| Jr. Clerk, DLSA | 01 | -- | 01 | -- | 02 | Rs.8,880/- |

**LAST DATE FOR RECEIPT OF APPLICATIONS**:- The application along with the required documents and self attested copies of certificates must reach the **office of the Chairman, District Legal Services Authority, Kalahandi, Bhawanipatna** on or before **29.01.2019** either by Post or may be dropped in the box provided for the purpose on each working day. Applications received in the office after the last date by any means shall be summarily rejected. N.B.:- For format of application, eligibilities of the candidates, fees for examination, scheme of examination, details of syllabus for each subject, list of documents to be submitted along with the application, kindly visit the below web link https://districts.ecourts.gov.in>kalahandi and www.kalahandi.nic.in.
**Sd./- Chairman,**
**District Legal Services Recruitment Committee,**
**Kalahandi, Bhawanipatna**

**APPOINTMENT**
BEST PLACE TO BUILD YOUR CAREER
SKY AUTOMOBILES is hiring for Dhenkanal & Jajpur Dealership.
SERVICE ADVISORS & FLOOR SUPERVISORS.
Diploma or Degree or ITI in Automobiles or Mechanical Motor Mechanic having minimum 2 years of experience in automobile service. Minimum Diploma is mandatory for service advisors Freshers are also encouraged to appear the interview. For the above two positions, four wheeler driving license is a must.
Interested persons can attend Walk-In-Interview with their updated CV, one photograph and original certificates.
WALK IN INTERVIEW
9th & 10th January 2019, Time - 10am to 3pm
SKY AUTOMOBILES sales • service • spares - SINCE 1987
P.O - Bhanpur, NH-5, CUTTACK - 753011
7440025916, 7873008800 skycuttack@gmail.com
Persons unable to attend walk in interview can forward their CV to hrodisha@skyautomobiles.in.


ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ବନ୍ଦ ପାଳନ ବିଫଳ: ଭାଜପା

ଭୁବନେଶ୍ୱର, ୮।୧(ବ୍ୟୁରୋ): ବିରୋଧୀଙ୍କ ଭାରତ ବନ୍ଦ ଡାକରା ପରେ ବି ଓଡିଶାରେ କୌଣସି ପ୍ରଭାବ ପଡିନାହିଁ ବରଂ କଂଗ୍ରେସ ଏବଂ ବିଜେଡିର ମଧୁଚନ୍ଦ୍ରିକା ପଦାରେ ପଡିଛି। ଓଡିଶାରେ ଏହି ବନ୍ଦରେ କେଉଁ ଶ୍ରମିକ ସଙ୍ଗଠନ ରାସ୍ତାକୁ ଆସି ନ ଥିଲା । ଜନଜୀବନ ସମ୍ପୂର୍ଣ୍ଣ ସ୍ୱାଭାବିକ ଥିଲା । ସମସ୍ତ ଜିଲାରେ ଗାଡି ଚଳାଚଳ ସ୍ୱାଭାବିକ ଥିଲା । ଦୋକାନ ବଜାର ପୁରା ପୁରି ଖୋଲା ଥିଲା । କେବଳ ସ୍କୁଲ କଲେଜକୁ ବନ୍ଦ କରି ରାଜ୍ୟ ସରକାର ଏହି ବନ୍ଦକୁ ସରକାରୀସ୍ତରରେ ସମର୍ଥନ କରିଥିଲେ ବୋଲି ରାଜ୍ୟ ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିତାମ୍ବର କହିଛନ୍ତି, ଏହି ବନ୍ଦ ଡାକରା ଶ୍ରମିକ ପାଇଁ ଉଦିଷ୍ଟ ନ ଥିଲା। ଏହା ପଛରେ ରହସ୍ୟ ଥିଲା କଂଗ୍ରେସ ବିଜେଡି ଏବଂ ସମସ୍ତ ବାମପନ୍ଥୀ ଦଳର ମଧୁଚନ୍ଦ୍ରିକା। ତିନି ତିନୋଟି ରାଜନୈତିକ ଦଳ ମିଳିତ ପ୍ରଚେଷ୍ଟାରେ ବି ଏହି ବନ୍ଦକୁ ସଫଳ କରାଯାଇପାରିଲା ନାହିଁ। ବନ୍ଦକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଚାଲ ଧରାପଡିଛି । କଂଗ୍ରେସ ହେଉଛି ବିଜେଡିର ଆଶାବାଡ଼ି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ମୁଖ୍ୟମନ୍ତ୍ରୀ ଏହାକୁ ପ୍ରମାଣ କରିଛନ୍ତି ବୋଲି ପିତାମ୍ବର କହିଛନ୍ତି ।

### ଆହୁରି କମିବ ଶୀତ ଉପରମୁହାଁ ପାରଦ

ଭୁବନେଶ୍ୱର,୮।୧(ବ୍ୟୁରୋ): ରାଜ୍ୟରେ ଶୀତର ପ୍ରକୋପ ହ୍ରାସ ପାଇ ଚାଲିଛି। ପାରଦ ଉପରମୁହାଁ ହୋଇଛି। ଗତ ୪ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୫ରୁ ୬ ଡିଗ୍ରୀ ସେଲସିୟସ ବଢ଼ିଗଲାଣି। ଶୀତ ଆହୁରି କମିଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ମାତ୍ର ୪ଟି ସ୍ଥାନକୁ ବାଦ ଦେଲେ ସମସ୍ତ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ର ୧୦ ଡିଗ୍ରୀ ସେଲସିୟସ ଉପରେ ରହିଛି। ମଙ୍ଗଳବାର ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୯.୬, କେନ୍ଦୁଝର ୯.୨, ସୁନ୍ଦରଗଡ଼ ୮.୫, ଫୁଲବାଣୀ ୯, ସୋନପୁର ୯.୪, ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉତ୍ତର ପୂର୍ବ ଦିଗ ହିମାଳୟ ଆଡୁ ରାଜ୍ୟକୁ ପ୍ରବାହିତ ଥଣ୍ଡା ପବନ ବନ୍ଦ ହୋଇଯାଇଛି। ଫଳରେ ପାରଦ ଉପରମୁହାଁ ହୋଇଛି। ଆସନ୍ତା ୧୧ ତାରିଖ ବେଳକୁ ପାରଦ ଆହୁରି କମିବ। ୧୪ ତାରିଖ ବେଳକୁ ପୁଣି ୨ ଡିଗ୍ରୀ ହ୍ରାସ ପାଇବ। ଶୀତର ପ୍ରକୋପ ସାମାନ୍ୟ ବଢ଼ିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

### ୨୫ରେ କଟକ ଆସିବେ ରାହୁଲ
### ୨ ଲକ୍ଷ ଲୋକଙ୍କ ସମାଗମ ପାଇଁ ପ୍ରସ୍ତୁତି

କଟକ ଅଫିସ/ ଭୁବନେଶ୍ୱର, ୮।୧ (ବ୍ୟୁରୋ): ଆସନ୍ତା ୨୫ ତାରିଖରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କଟକ ଆସିବେ। ବାଲିଯାତ୍ରା ପଡ଼ିଆରେ ରାହୁଲ ଏକ ସାଧାରଣ ସଭାରେ ଯୋଗଦେବେ। ୨ ଲକ୍ଷ ଲୋକଙ୍କ ସମାଗମ ପାଇଁ ପ୍ରସ୍ତୁତି ଚାଲିଥିବା ନଗର କଂଗ୍ରେସ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ ସୂଚନା ଦେଇଛନ୍ତି। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟ କଂଗ୍ରେସ ଭବନରେ ଏକ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ରାହୁଲ ସକାଳ ୯ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ତାଙ୍କୁ ରୋଡ୍ ଶୋ'ରେ କଟକ ଇନ୍‌ଡୋର ଷ୍ଟାଡିୟମକୁ ନିଆଯିବ। ସେଠାରେ ରାହୁଲ ଦଳର ସମସ୍ତ ସାଙ୍ଗଠନିକ କାର୍ଯ୍ୟକର୍ତ୍ତାଙ୍କ ସହ ଦିନ ସାଢ଼େ ୧୨ଟାରୁ ସାଢ଼େ ଗୋଟାଏ ପର୍ଯ୍ୟନ୍ତ ଆଲୋଚନା କରିବେ। ମଧ୍ୟାହ୍ନ ବିରତି ପରେ ଅର୍ଥାତ୍ ଅପରାହ୍ଣ ୨ଟାରେ ଉପର ବାଲିଯାତ୍ରା ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ରାହୁଲ ଉଦ୍‌ବୋଧନ ଦେବେ। କଟକରୁ ଫେରି ସନ୍ଧ୍ୟାରେ ରାହୁଲ ଭୁବନେଶ୍ୱରରେ ସିଭିଲ ସୋସାଇଟିମାନଙ୍କ ଦ୍ୱାରା ଆୟୋଜିତ ଏକ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଦଳର ରାଜ୍ୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ରାହୁଲ ଯୋଗଦେବେ ବୋଲି ଥିବା ମୋକିମ ସୂଚନା ଦେଇଛନ୍ତି। ଏହାସହ ଆସନ୍ତା ଫେବୃୟାରୀରେ ରାହୁଲ ଦୁଇଥର ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଏ ସଂକ୍ରାନ୍ତରେ କୌଣସି ନିର୍ଦ୍ଦିଷ୍ଟ ତାରିଖ ସ୍ଥିର ହୋଇ ନ ଥିବା ରାଜ୍ୟ ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନା ଜଣାଇଛନ୍ତି।





ଭାରତ ବନ୍ଦ




୧୦ ଶ୍ରମିକ ସଂଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ଧର୍ମଘଟ ଡାକରା ପରିପ୍ରେକ୍ଷୀରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀଙ୍କ ରାସ୍ତା ଅବରୋଧ, ଅଟକି ରହିଥିବା ଗାଡ଼ିମୋଟର ଏବଂ ଟାୟାର ପୋଡ଼ା ଯାଉଛି।

# ପଞ୍ଚାୟତ, ପୌର ସଂସ୍ଥାକୁ ସମ୍ପତ୍ତି ଟିକସ ଆଦାୟ କ୍ଷମତା ଦିଅ

ଭୁବନେଶ୍ୱର,୮।୧(ବ୍ୟୁରୋ)

ପଞ୍ଚାୟତ ଓ ପୌର ସଂସ୍ଥାଗୁଡ଼ିକ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ନାହାନ୍ତି। ସମ୍ପତ୍ତି ଟିକସ ଆଦାୟ କ୍ଷମତା ଦେବା ନେଇ ପଞ୍ଚଦଶ ଅର୍ଥ କମିଶନ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏ ପର୍ଯ୍ୟନ୍ତ ପଞ୍ଚାୟତିରାଜ ସଂସ୍ଥା ଏବଂ ପୌର ସଂସ୍ଥାଗୁଡ଼ିକୁ ସମ୍ପତ୍ତି କର ଆଦାୟର କ୍ଷମତା ପ୍ରଦାନ କରାଯାଇ ନ ଥିବାରୁ କମିଶନ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଅଗ୍ରାଧିକାର ଭିତ୍ତିରେ ଏ ଦିଗରେ ପଦକ୍ଷେପ ନେବାକୁ ଗୁରୁତ୍ୱାରୋପ କରିଛନ୍ତି । ଟିକସ ଆଦାୟର ପରିସର ବୃଦ୍ଧି ହେଲେ ପଞ୍ଚାୟତିରାଜ ସଂସ୍ଥା ଓ ପୌର ସଂସ୍ଥାଗୁଡ଼ିକର ଆର୍ଥିକ ସ୍ୱାବଲମ୍ବନଶୀଳତା ବଢ଼ିବ । ପଞ୍ଚଦଶ ଅର୍ଥ କମିଶନ ଅଧ୍ୟକ୍ଷ ଏନ. କେ. ସିଂହଙ୍କ ନେତୃତ୍ୱରେ ଓଡ଼ିଶା ଆସିଥିବା କମିଶନ ସଦସ୍ୟମାନେ ମଙ୍ଗଳବାର ପଞ୍ଚାୟତିରାଜ ସଂସ୍ଥା, ପୌରସଂସ୍ଥା, ଶିଳ୍ପ ଓ ବାଣିଜ୍ୟ ସଂଗଠନର ପ୍ରତିନିଧିମାନଙ୍କୁ ପୃଥକ୍ ପୃଥକ୍ ସାକ୍ଷାତ କରି ବିସ୍ତୃତ ଆଲୋଚନା କରିଛନ୍ତି । ଏହି ଆଲୋଚନା ପ୍ରଥମ ପର୍ଯ୍ୟାୟରେ ପଞ୍ଚାୟତ ଓ ପୌରସଂସ୍ଥାଗୁଡ଼ିକର ଆର୍ଥିକ ସ୍ୱଚ୍ଛଳତା, ସାମର୍ଥ୍ୟ ଏବଂ ଆଞ୍ଚଳିକ ସ୍ତରରେ ଟିକସ ଆଦାୟର ସରଳ ଉପାୟ ନେଇ ବିଚାରବିମର୍ଶ ହୋଇଛି । ତିନିସ୍ତରୀୟ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ଆର୍ଥିକ କ୍ଷମତାର ବିକେନ୍ଦ୍ରୀକରଣ ନେଇ କମିଶନ ସଦସ୍ୟମାନେ ପ୍ରତିନିଧିମାନଙ୍କ ସହ ଏକମତ ହୋଇଛନ୍ତି । ପଞ୍ଚାୟତ ଓ ପୌରସଂସ୍ଥାଗୁଡ଼ିକର ଟିକସ ଆଦାୟର ସାମର୍ଥ୍ୟ ଓ ପରିସର ବ୍ୟାପକ କରିବା ନେଇ କମିଶନ ଗୁରୁତ୍ୱାରୋପ କରିଛନ୍ତି। ମହିଳା ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶାର ପଦକ୍ଷେପ ଏକ ଉଜ୍ଜ୍ୱଳ ଉଦାହରଣ ବୋଲି କମିଶନ ଉଲ୍ଲେଖ କରିଛନ୍ତି । କମିଶନଙ୍କୁ ଭେଟିଥିବା ପଞ୍ଚାୟତିରାଜ ଏବଂ ପୌର ସଂସ୍ଥାର ୧୬ ଜଣ ପ୍ରତିନିଧିଙ୍କ ମଧ୍ୟରୁ ୧୦ ଜଣ ମହିଳା ହୋଇଥିବାରୁ କମିଶନ ସନ୍ତୋଷ ପ୍ରକାଶ କରିଛନ୍ତି । ସେହିପରି ବୈଠକର ଦ୍ୱିତୀୟ ପର୍ଯ୍ୟାୟରେ ଶିଳ୍ପ ଓ ବାଣିଜ୍ୟ ସଂଗଠନଗୁଡ଼ିକର ପ୍ରତିନିଧିମାନଙ୍କୁ କମିଶନ ସାକ୍ଷାତ କରିଛନ୍ତି । ଦେଶର ୭୨ ଭାଗ ଖଣିଜ ସମ୍ପଦ ଓଡ଼ିଶାରେ ରହିଛି ମାତ୍ର ସେଗୁଡ଼ିକର ସେତେଟା ବିକାଶ ହୋଇପାରିନାହିଁ । ଏଥିଯୋଗୁ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି ଆଖିଦୃଶିଆ ହୋଇ ପାରିନାହିଁ । ବିପୁଳ ପରିମାଣରେ ଖଣିଜ ସମ୍ପଦ ଭରି ରହିଥିଲେ ମଧ୍ୟ ଓଡ଼ିଶା ଏପର୍ଯ୍ୟନ୍ତ ଏହାର ପ୍ରକୃତ ସାମର୍ଥ୍ୟକୁ ଅଭିବୃଦ୍ଧି କ୍ଷେତ୍ରରେ ଉପଯୋଗ କରିପାରି ନ ଥିବା କମିଶନ ସୂଚନା ଦେଇଛନ୍ତି । ବୈଠକ ଶେଷ ପର୍ଯ୍ୟାୟରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ଅତୀତରେ ଓଡ଼ିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କେତେକ କାର୍ଯ୍ୟକ୍ରମ ଭଲ ଓ ଫଳପ୍ରଦ ହୋଇଥିଲେ ମଧ୍ୟ ଆହୁରି ଅନେକ କିଛି କରିବାକୁ ବାକି ରହିଛି । ଭିତ୍ତିଭୂମି କ୍ଷେତ୍ର ରାଜ୍ୟର ବିକାଶ ଲାଗି ନିହାତି ଆବଶ୍ୟକ ଏବଂ ଏହା ଓଡ଼ିଶାକୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଶିଳ୍ପ ରାଜ୍ୟ ରୂପେ ଗଢ଼ି ତୋଳିବ । ରାଜନୈତିକ ସ୍ଥିରତା ଏବଂ ସମ୍ବଳର ପ୍ରକୃତ ଉପଯୋଗ ହେଲେ ଓଡ଼ିଶାର ଭବିଷ୍ୟତ ଆହୁରି ଉଜ୍ଜ୍ୱଳ ହେବ ବୋଲି କମିଶନ ମତବ୍ୟକ୍ତ କରିଛନ୍ତି ।

**ପଞ୍ଚଦଶ ଅର୍ଥ କମିଶନଙ୍କ ପରାମର୍ଶ**

- ଖଣିଜ ସମ୍ପଦ ବିନିଯୋଗ ହୋଇପାରି ନ ଥିବାରୁ ଉଦ୍‌ବେଗ ପ୍ରକାଶ କଲେ କମିଶନ
- ଆର୍ଥିକ କ୍ଷମତା ପ୍ରଦାନ ଉପରେ ଗୁରୁତ୍ୱ
- ରାଜନୈତିକ ସ୍ଥିରତା, ସମ୍ବଳର ଉପଯୋଗ ହେଲେ ବିକାଶ ତ୍ୱରାନ୍ୱିତ ହେବ

## ଚାଷୀଙ୍କ ନାଁରେ ଦିଲ୍ଲୀରେ ବିଜେଡିର ପିକ୍‌ନିକ୍ ସମାବେଶ: କଂଗ୍ରେସ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଚାଷୀ ପ୍ରସଙ୍ଗକୁ ନେଇ ମଙ୍ଗଳବାର ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାଜପା ଓ ବିଜେଡ଼ି କେବଳ ଚାଷୀଙ୍କ ନାଁରେ ନାଟକବାଜି କରି ଚାଲିଛନ୍ତି। ପ୍ରଦେଶ କିଷାନ କଂଗ୍ରେସ ସଭାପତି ଅମିୟ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ଚାଷୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଛନ୍ତି। ଦିଲ୍ଲୀରେ ବିଜେଡି ଚାଷୀ ସମସ୍ୟା ନାଁରେ ପିକ୍‌ନିକ୍ ସମାବେଶ କରୁଛି ବୋଲି ଅମିୟ ଅଭିଯୋଗ କରିଛନ୍ତି।

ଅମିୟ କହିଛନ୍ତି, ଚାଷୀ ଉତ୍ପାଦନ ଖର୍ଚ୍ଚର ମୂଲ୍ୟ ପାଉ ନାହିଁ। ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ମଣ୍ଡି ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଚାଷୀ ନିର୍ଦ୍ଧାରିତ ଏମ୍‌ଏସ୍‌ପିଠାରୁ ୫ଶହ ୬ଶହ ଟଙ୍କା କମ୍‌ରେ ଧାନ ବିକିବାକୁ ବାଧ ହେଉଛି। ଚାଷୀଙ୍କୁ କୁଇଣ୍ଟାଲ ପିଛା ଶହେ ଟଙ୍କା ବୋନସ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଘୋଷଣା ପ୍ରତାରଣାରେ ପରିଣତ ହୋଇଛି। ଚାଷୀଙ୍କ ବାସ୍ତବ ସ୍ଥିତିକୁ ବିଜେଡ଼ି ଦଳ ଅଣଦେଖା କରି ପାର୍ଲାମେଣ୍ଟ ଘେରାଉ କରୁଛି। ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଏପରି ୭ଟି ରାଜ୍ୟ କୃଷିଋଣ ଛାଡ଼ ନେଇ ଘୋଷଣା କରିଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ ଏହା ନ କରି କେବଳ ବାହାସ୍ଫୋଟ ମାରିଚାଲିଛନ୍ତି। କେନ୍ଦ୍ର ସରକାର ଏମ୍‌ଏସ୍‌ପି ବୃଦ୍ଧି ଦିଗରେ ଗୁରୁତ୍ୱ ନ ଦେବା କିମ୍ବା କୃଷିଋଣ ଛାଡ଼ ନ କରି କେବଳ ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଥା ବଡ଼,କାମ କମ୍। ସ୍ୱାମୀନାଥନ କମିଟି ସୁପାରିସ ଆଧାରରେ ଚାଷୀଙ୍କୁ କୃଷି ଉତ୍ପାଦନ ଖର୍ଚ୍ଚରେ ଦେଢ଼ଗୁଣା ମୂଲ୍ୟ ଦିଆଯିବା ପାଇଁ ଦେଇଥିବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ଚାଷୀଙ୍କଠାରୁ କୃଷିଋଣ ଛାଡ଼, ଧାନର ଏମ୍‌ଏସ୍‌ପି ୨୯୩୦ ଟଙ୍କାକୁ ବୃଦ୍ଧି ନ କରନ୍ତି ତେବେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ସାରା ରାଜ୍ୟରେ ଚାଷୀ ଆନ୍ଦୋଳନ ପ୍ରତି ଗାଁ ସ୍ତରରୁ ବ୍ୟାପକ କରାଯିବ ବୋଲି ଅମିୟ କହିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଦେଶ କିଷାନ କଂଗ୍ରେସ ତରଫରୁ ସମସ୍ତ ଜିଲାର ଚାଷୀ ପ୍ରତିନିଧିମାନଙ୍କୁ ନେଇ ଦଳର ରାଜ୍ୟ କାର୍ଯ୍ୟାଳୟରୁ ଏକ ପଦଯାତ୍ରା ବାହାରିଥିଲା। ଧାନର ସହାୟକ ମୂଲ୍ୟ ବୃଦ୍ଧି, କୃଷି ଋଣଛାଡ଼ ଓ ବୋନସ୍ ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଯଦି ସରକାର ଯଥାଶୀଘ୍ର ଦିଲ୍ଲୀ ଛାଡି ପଲ୍ଲୀରେ ମେଳି ହୋଇଥିବା ଚାଷୀଙ୍କ ବାସ୍ତବ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି ଆନ୍ଦୋଳନକୁ ଦୁର୍ବାର କରାଯିବ।



ମଙ୍ଗଳବାର ପ୍ରଦେଶ କିଷାନ କଂଗ୍ରେସର କର୍ମକର୍ତ୍ତାମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରି ଫେରୁଛନ୍ତି।

## ଚାଷୀଙ୍କୁ ଧାନର ନିର୍ଦ୍ଧାରିତ ମୂଲ୍ୟ ମିଳୁନି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଧାନର ଏମ୍‌ଏସ୍‌ପି ୨୯୩୦ଟଙ୍କା କରିବା ଦାବିରେ ମଙ୍ଗଳବାର ବିଜେଡି ପକ୍ଷରୁ କେନ୍ଦ୍ର ସରକାରଙ୍କ ବିରୋଧରେ ଦିଲ୍ଲୀଠାରେ କୃଷକ ଅଧିକାର ସମାବେଶ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଶାସକ ଦଳ କେନ୍ଦ୍ର ବିରୋଧରେ ଗର୍ଜିବା ସହ ରାଷ୍ଟ୍ରପତିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛି। ବିଜେଡିର ଏହି ପ୍ରତିବାଦକୁ କେନ୍ଦ୍ର ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ବିଜେଡି ମୁହଁରେ ବ୍ରଣ ହେଲେ ଛାଇ ପଡିବା ପରି ବିତଣ୍ଡା କରୁଛି। କେନ୍ଦ୍ର ସରକାର ନିର୍ଦ୍ଧାରିତ କରିଥିବା ମୂଲ୍ୟ ବି ରାଜ୍ୟ ସରକାର ଦେଇପାରୁ ନାହାନ୍ତି ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, ଚାଷ ଓ ଚାଷୀର ବିଷୟକୁ ନେଇ ବର୍ତ୍ତମାନ ରାଜ୍ୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଏହା ଆଉ ରାଜନୈତିକ ବାଦ ବିବାଦର ପ୍ରସଙ୍ଗ ହୋଇ ରହିନାହିଁ । ଜନବିଦ୍ରୋହ ଏବେ ଗାଁ ଗଣ୍ଡାରେ ଆରମ୍ଭ ହୋଇଗଲାଣି । ତାପରୁ ମୁକୁଳିବା ଲାଗି ବିଜେଡି ମୁହଁ ଲୁଚାଇବାକୁ ଦିଲ୍ଲୀରେ ସୁଆଙ୍ଗ ରଚିବାର ବ୍ୟବସ୍ଥା କରିଛି। ଚାଷ ହେଲା ରାଜ୍ୟର ବିଷୟ। ମୁଖ୍ୟମନ୍ତ୍ରୀ ମହାଶୟ ନିଜ ଦାୟିତ୍ୱରୁ ମୁକୁଳିପାରିବେ ନାହିଁ । ଏପର୍ଯ୍ୟନ୍ତ ମଣ୍ଡି କାହିଁକି ଖୋଲିଲାନାହିଁ, କେନ୍ଦ୍ର ସରକାର ଦେଉଥିବା ୧୭୫୦ ଟଙ୍କା ଚାଷୀ ପାଇପାରୁ ନାହାନ୍ତି, ଏ ପ୍ରଶ୍ନର ଉତ୍ତର ତାଙ୍କୁ ଦେବାକୁ ପଡ଼ିବ । ଗତବର୍ଷ ଧାନ କୁଇଣ୍ଟାଲ ମୂଲ୍ୟ ୧୫୫୦ ଟଙ୍କା ଥିବାବେଳେ କେନ୍ଦ୍ର ସରକାର ଏହାର ମୂଲ୍ୟବୃଦ୍ଧି କରି ୧୭୫୦ ଟଙ୍କା କରିଛନ୍ତି । ଚଳିତବର୍ଷ ନିର୍ବାଚନର ବର୍ଷ ହୋଇଥିବା ହେତୁ, ବିଜେଡି ନିଜର ପାଣ୍ଠି ସଂଗ୍ରହ ପାଇଁ ମିଲ୍ ମାଲିକମାନଙ୍କ ସହ ସାଲିସ୍ କରିଛି । ସେଥିପାଇଁ ଚାଷୀ ମଧ୍ୟସ୍ଥିମାନଙ୍କ ଜରିଆରେ କୁଇଣ୍ଟାଲ ପିଛା ୧ହଜାରରୁ ସର୍ବାଧିକ ୧୨ଶହ ଟଙ୍କାରେ ଧାନ ବିକିବାକୁ ବାଧ ହେଉଛି । ମୁଖ୍ୟମନ୍ତ୍ରୀ ନିଜର ଦାୟିତ୍ୱ ଠିକ୍‌ଭାବେ ନ ତୁଲାଇ ନିଜ ମୁଣ୍ଡରୁ ଦୋଷ ଛଡାଇବା ପାଇଁ ଚେଷ୍ଟା କରୁଛନ୍ତି । କିଛିବର୍ଷ ତଳେ ସୋହେଲାରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଏମଏସପି ଉପରେ ଚାଷୀଙ୍କୁ ଶହେ ଟଙ୍କାର ବୋନସ ଦେବେ । ଆଶ୍ଚର୍ଯ୍ୟଜନକ ଭାବେ ସେ କଥାକୁ ସେମାନେ ଭୁଲିଯାଇଛନ୍ତି। ଲୁଚିଛି ନା ଗୋଡ ଦୁଇଟା ଦିଶୁଛି। ଏ ଠକାମିକୁ ଲୋକେ ଏଥର ଧରିବେ। ମୁଖ୍ୟମନ୍ତ୍ରୀ ନିଜର ଦୁର୍ବଳତାକୁ ଲୁଚାଇବା ପାଇଁ ମିଛ କହିବାର ବାଟ ଧରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି ।

## ରକ୍ତରେ ଭିଜିଲା ଶୁଳିଆ ପୀଠ

ବଲାଙ୍ଗୀର ଅଫିସ, ୮।୧

ଆଦିବାସୀଙ୍କ ପ୍ରସିଦ୍ଧ ଧାର୍ମିକସ୍ଥଳୀ ଶୁଳିଆ ପୀଠରେ ମଙ୍ଗଳବାର ସହସ୍ରାଧିକ ପଶୁପକ୍ଷୀ ବଳି ଦିଆଯାଇଛି। ପୌଷ ମାସ ଶୁକ୍ଳପକ୍ଷ ପ୍ରଥମ ମଙ୍ଗଳବାର ପରମ୍ପରା ଅନୁଯାୟୀ ପାଳିତ ହୋଇଆସୁଥିବା ଏହି ଶୁଳିଆ ଯାତ୍ରା ବଳିପ୍ରଥାକୁ ନେଇ ବେଶ୍ ଚର୍ଚ୍ଚିତ ହୋଇରହିଛି । ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲତାପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖଇରଗୁଡାସ୍ଥିତ ମୁଖ୍ୟ ଶୁଳିଆ ପୀଠ ବଡଖଲା ଓ କୁମୁରିଆସ୍ଥିତ ସାନଖଲାରେ ଶୁଳିଆ ଯାତ୍ରା ଅନୁଷ୍ଠିତ ହେବା ସହ ସହସ୍ରାଧିକ ସଂଖ୍ୟାରେ କୁକୁଡା, ଛେଳିମେଣ୍ଢା, ବତକ, ପାରା ଓ ପୋଢ଼ ବଳି ପଡିଛି । ଏହି ଦୁଇ ପୀଠ ସହ ଜିଲାର ସଦର ବ୍ଲକ ଅନ୍ତର୍ଗତ ମିର୍ଦ୍ଧାପାଲି, ତୁଷରା ନିକଟସ୍ଥ ଚାଣ୍ଡିପଦର ଓ ଖର୍ଲିକାନୀଠାରେ ଶୁଳିଆ ପୂଜା ଓ ବଳି ଦିଆଯାଇଛି । ଜିଲାରେ ଶୁଳିଆ ଯାତ୍ରାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ପୋଲିସ ବିଭାଗ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରିଥିଲେ ।

ଖଇରଗୁଡା ଗ୍ରାମ ନିକଟ ଶୁଳିଆ ଡଙ୍ଗର ପାଦଦେଶରେ ଥିବା ପ୍ରସିଦ୍ଧ ଶୁଳିଆ ପୀଠ ବଡଖଲାଠାରେ ମଙ୍ଗଳବାର ସକାଳ ପ୍ରାୟ ୮ଟାରୁ ଶୁଳିଆ ପୂଜା ଆରମ୍ଭ ହୋଇଥିଲା । ବିଭିନ୍ନ ପ୍ରକାର ରୋଗ, ଦୁଃଖ, କ୍ଲେଶ ଓ ସମସ୍ୟା ଦୂର କରିବାକୁ ଶ୍ରଦ୍ଧାଳୁମାନେ ଗୁହାରି କରିଥିଲେ । ଯେଉଁ ଶ୍ରଦ୍ଧାଳୁମାନଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥିଲା ସେମାନେ ବଳି ଉଦ୍ଦେଶ୍ୟରେ ଆଣିଥିବା କୁକୁଡା, ପାରା, ବତକ, ଛେଳି, ମେଣ୍ଢା ଓ ପୋଢକୁ ଶୁଳିଆ ବୁଢ଼ାଙ୍କୁ ଅର୍ପଣ କରିଥିଲେ । ପରେ ବାଜା ବଜାଇ ଶୁଳିଆ ପୀଠକୁ ପୂଜା ଓ ବଳି ପାଇଁ ଥିବା ପଶୁପକ୍ଷୀ ଅଣାଯାଇଥିଲା । ସେଠାରେ ଦେହେରିଆମାନେ ବଳି ଦେଇଥିଲେ । ଅନୁରୂପ ଭାବେ ନିକଟସ୍ଥ କୁମୁରିଆ ଗାଁର ସାନଖଲାରେ ମଧ୍ୟ ପାରମ୍ପରିକ ପୂଜା ଓ ବଳି ସମ୍ପନ୍ନ ହୋଇଥିଲା । ବଡଖଲାରେ ୪୦ରୁ ଉର୍ଦ୍ଧ୍ୱ ବଳି ପଡ଼ିଥିଲା।

## ବନାବିରା ଗୁଳିକାଣ୍ଡ ଘଟଣା
## ମୁଖ୍ୟ ଅଭିଯୁକ୍ତ ବଣ୍ଟି ଗିରଫ

ସୋହେଲା,୮।୧(ଡି.ଏନ.ଏ)

୨୦୧୮ ଫେବୃୟାରୀ ୨୨ ତାରିଖ ରାତିରେ ବରଗଡ ଜିଲା ସୋହେଲା ଥାନା ଅନ୍ତର୍ଗତ ବନାବିରା ନିକଟରେ ସଂଘଟିତ ଗୁଳିକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ବଣ୍ଟି ଓରଫ ଆୟୁଷ୍ମାନ ପୁରୋହିତ(୨୮)ଙ୍କୁ ପୋଲିସ ମଙ୍ଗଳବାର ସମ୍ବଲପୁରରୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ବଣ୍ଟିଙ୍କ ବିରୋଧରେ ସମ୍ବଲପୁର ଟାଉନ ଥାନାରେ ୧୦ଟି ଓ ଖେତରାଜପୁର ଥାନାରେ ଗୋଟିଏ ମାମଲା ରହିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ପୋଲିସ ସୂଚନା ଦେଇଛି।

## ନବ ନିର୍ମାଣ କୃଷକ ସଙ୍ଗଠନର ଧାରଣା

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଧାନର ଏମ୍‌ଏସ୍‌ପି ବୃଦ୍ଧିକୁ ନେଇ ଦିଲ୍ଲୀରେ ବିଜେଡି କରିଥିବା କୃଷକ ଅଧିକାର ସମାବେଶକୁ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କଡା ସମାଲୋଚନା କରାଯାଇଛି। ବିଧାନସଭାର ସର୍ବସମ୍ମତି ପ୍ରସ୍ତାବ ଅନୁଯାୟୀ ଧାନର ଏମ୍‌ଏସପି ୨୯୩୦ଟଙ୍କା ଏବଂ ପ୍ରତ୍ୟେକ ଚାଷୀକୁ ୫ହଜାର ଟଙ୍କାର ସୁରକ୍ଷା ଭତ୍ତା ଦେବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇ ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି। ଏହି ଅବସରରେ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଶାସକ ବିଜେଡି ଚାଷୀଙ୍କୁ ଭତ୍ତା ଦେବାକୁ କୁଣ୍ଠିତ ହେଉଛନ୍ତି। ହେଲେ 'କାଳିଆ' ଯୋଜନା ନାଁରେ ଚାଷୀଙ୍କୁ ଭୂତାଉଛନ୍ତି। ରାଜ୍ୟ ସଭା ଓ ଲୋକ ସଭାରେ ପ୍ରଭାବୀ ଢଙ୍ଗରେ ଧାନ ଦର ପାଇଁ ଲଢେଇ ନ କରି କର୍ମୀଙ୍କୁ ଦିଲ୍ଲୀ ନେଇ ଆନ୍ଦୋଳନ କରିବା ହାସ୍ୟାସ୍ପଦ ବୋଲି ଅକ୍ଷୟ କହିଛନ୍ତି। ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି ଯେ, ୫୦ହଜାର କୋଟି ଟଙ୍କା ଜରିମାନା ଖଣି ମାଫିଆଙ୍କର ଛାଡ କରାଯାଇଥିବା ବେଳେ ସରକାର ବୁଝିଲେ। ମାତ୍ର ଚାଷୀଙ୍କୁ ୫ହଜାର ଟଙ୍କା ଲେଖାଏଁ ସୁରକ୍ଷା ଭତ୍ତା ଦେବା ଅବାସ୍ତବ ବୋଲି ସରକାର କହିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ସଙ୍ଗଠନ ପକ୍ଷରୁ ୩ଘଣ୍ଟା ପର୍ଯ୍ୟନ୍ତ ରାଜଭବନ ସମ୍ମୁଖରେ ଧାରଣା ଦିଆଯିବାପରେ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ପାଇଁ ...

**ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ସମ୍ପର୍କରେ କେତୋଟି ଜାଣିବା କଥା...**

ଦୁଗ୍ଧ ଏକ ସୁଷମ ଖାଦ୍ୟ । ଏହାର ଗୁଣାତ୍ମକ ମାନ ପାଇଁ ଏହାକୁ ଅମୃତ ସହ ତୁଳନା କରାଯାଇଥାଏ । ସୁସ୍ଥ ଗାଈ ବା ମଇଁଷି ଠାରୁ ଉତ୍ପାଦିତ ଦୁଗ୍ଧ ସାଧାରଣତଃ ନିର୍ମଳ, ସ୍ୱଚ୍ଛ ଓ ରୋଗ ଜୀବାଣୁ ବିହୀନ ହୋଇଥାଏ । ଗୋପାଳକ ଭାଇ ଭଉଣୀମାନେ ଦୁଗ୍ଧର ଦୁହିଁବା ପ୍ରଣାଳୀ, ପରିବେଶ ତଥା ଦୁହିଁବା ପୂର୍ବ ଓ ପରର ସାବଧାନତା ଅବଲମ୍ବନ କଲେ ପରିଷ୍କାର ତଥା ସ୍ୱଚ୍ଛ ଦୁଗ୍ଧ ମିଳିପାରିବ ।

**ସ୍ୱଚ୍ଛ ଦୁଗ୍ଧ କ'ଣ–**

ସ୍ୱଚ୍ଛ ଦୁଗ୍ଧ କହିଲେ ମଇଳା, ଗୁଣ୍ଡ ବା କାଠିକୁଟାର ଅଂଶ ନଥିବା, କୌଣସି ପ୍ରକାର ଦୁର୍ଗନ୍ଧ ବିହୀନ, ରୋଗ ଜୀବାଣୁ କମ୍ ଥିବା ବା ନଥିବା ଓ ସାଧାରଣ ଭାବରେ ସବୁ ପ୍ରକାର ଖାଦ୍ୟ ଗୁଣଯୁକ୍ତ ହୋଇଥିବା ଦରକାର ।

–ଏହା ପରିଷ୍କାର ଓ ସୁସ୍ଥ ଗାଈ/ମଇଁଷିଠାରୁ ମିଳିଥାଏ ।

–ପରିଷ୍କାର ପରିଚ୍ଛନ୍ନ ବାତାବରଣରେ ସଂଗ୍ରହ ଓ ସଂରକ୍ଷଣ ହୋଇଥାଏ ।

–ଏଥିରେ ଆଖିକୁ ଦେଖାଯାଉଥିବା ମଇଳା ଅଥବା କିଛି ଦୁର୍ଗନ୍ଧ ନ ଥାଏ ।

–ଏହି ଦୁଗ୍ଧରେ ଖୁବ୍ କମ୍ ଜୀବାଣୁ ଥାନ୍ତି କିନ୍ତି ସଂକ୍ରାମକ ଜୀବାଣୁ ନ ଥାନ୍ତି ।

**ସ୍ୱଚ୍ଛ ଦୁଗ୍ଧର ଆବଶ୍ୟକତା:**

–ଅପରିଷ୍କାର ଦୁଗ୍ଧରେ ଜୀବାଣୁ ଦ୍ରୁତ ଗତିରେ ବଢ଼ି କ୍ଷୀରକୁ ବହୁତ କମ୍ ସମୟରେ ନଷ୍ଟ କରିଥାନ୍ତି । ସ୍ୱଚ୍ଛ ଦୁଗ୍ଧ ବହୁତ ସମୟ ପର୍ଯ୍ୟନ୍ତ ନଷ୍ଟ ନ ହୋଇ ରହିଥାଏ, ଫଳରେ ବଜାର ଚାହିଦା ଅଧିକ ହେବା ସହ ମନୁଷ୍ୟ ବ୍ୟବହାର ପାଇଁ ନିରାପଦ ।

–ଦୁଗ୍ଧରେ ପ୍ରାୟ ସମସ୍ତ ଖାଦ୍ୟସାର ଆମମାନଙ୍କର ଦରକାରୀ ଅନୁପାତରେ ଥିବାରୁ ଆବାଳ ବୃଦ୍ଧବନିତା ତଥା ରୋଗୀମାନେ ଆନନ୍ଦରେ ଗ୍ରହଣ କରିଥାନ୍ତି ।

–ଭଲ ତଥା ଖାଣ୍ଟି କ୍ଷୀର ପାଇଁ ବହୁ ଲୋକ ଅଧିକ ଟଙ୍କା ଦେବାକୁ ପଛାଇ ନ ଥାନ୍ତି ।

–ସରକାରୀ ସ୍ତରରେ ଦୁଗ୍ଧର ଗୁଣାତ୍ମକ ମାନ ପରୀକ୍ଷା କରାଯାଏ, ଯେପରି କି ବଜାରରେ ବିକ୍ରି ହେଉଥିବା କ୍ଷୀରର ମାନ ଠିକ୍ ରହିବ ଏବଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟରେ ଆଞ୍ଚ ଆସିବ ନାହିଁ ।

–ଦୁଗ୍ଧର ଗୁଣାତ୍ମକମାନ ପାଇଁ ମନୁଷ୍ୟଙ୍କୁ ଏହା ବିଭିନ୍ନ ରୋଗରୁ ରକ୍ଷା କରିଥାଏ ; ଯଥା– ଟାଇଫଏଡ୍, ତରଳଝାଡ଼ା ଇତ୍ୟାଦି । କାରଣ ଏହି ରୋଗଗୁଡ଼ିକ କ୍ଷୀର ଦ୍ୱାରା ଅଧିକାଂଶ ସ୍ଥଳେ ସଂକ୍ରମିତ ହୋଇଥାଏ ।



–ସ୍ୱଚ୍ଛ ଦୁଗ୍ଧରୁ ପ୍ରସ୍ତୁତ ଦ୍ରବ୍ୟ ସ୍ୱାସ୍ଥ୍ୟକର ଏବଂ ବହୁତ ସମୟ ବ୍ୟବହାର ଉପଯୋଗୀ ହୋଇ ରହିଥାଏ, ତେଣୁ ଏହାଦୂରଦୂରାନ୍ତକୁ ପରିବହନ ହେଲେ ମଧ୍ୟ ନଷ୍ଟ ହେବାର ଆଶଙ୍କା କମ୍ ଥାଏ ।

**ସ୍ୱଚ୍ଛକ୍ଷୀର ପାଇବା କିପରି:**

ପରିଷ୍କାର ବା ସ୍ୱଚ୍ଛ କ୍ଷୀର ପାଇବା ପାଇଁ ମୁଖ୍ୟତଃ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

**ଗୁହାଳ ଓ ପାରିପାର୍ଶ୍ୱର ପ୍ରଭାବ–**ଗୁହାଳ ଓ ତା'ର ଆଖପାଖ ସବୁବେଳେ ସଫା ଓ ଶୁଖିଲା ରଖନ୍ତୁ । ଗୋବର ସଦାସର୍ବଦା ଗୁହାଳଠାରୁ ଅତିକମ୍‌ରେ ୧୦୦ ମିଟର ଦୂରରେ ପକାନ୍ତୁ । ଏହା ପରିପାର୍ଶ୍ୱର ପ୍ରଭାବ ମାଛି, ମଶା, ମୂଷା, ଅସରପା ଓ ଜୀବାଣୁ ସଂଖ୍ୟା କମ୍ କରିବାରେ ସାହାଯ୍ୟ କରିଥାଏ ।

–ଗୁହାଳ ଉଚ୍ଚା ସ୍ଥାନରେ ଥିବା ସହିତ ଏହା ମଧ୍ୟ ଦେଇ ପବନ ଚଳାଚଳ କରୁଥିବା ଦରକାର । ଗୁହାଳରେ ଉପଯୁକ୍ତ ବାୟୁଚଳାଚଳ ହେଉଥିଲେ ପ୍ରାଣୀଟି ଶ୍ୱାସଜନିତ ରୋଗରୁ ମୁକ୍ତି ପାଇଥାଏ ।

–ଗୁହାଳର ଦୈର୍ଘ୍ୟ ଉତ୍ତର– ଦକ୍ଷିଣ ଦିଗରେ ରହିଲେ ସୂର୍ଯ୍ୟକିରଣ ସକାଳେ ଓ ସନ୍ଧ୍ୟା ସମୟରେ ଘର ଭିତରେ ପଡିଲେ ଗୁହାଳ ବିଶୋଧିତ ହୋଇଥାଏ ।

–ଗୁହାଳର ଚଟାଣ ଜଳ ନିରୋଧୀ ହେବା ଦରକାର ଯାହା ଗୁହାଳର ଅପରିଷ୍କାର ପାଣିକୁ ନାଳ ଦେଇ ବାହାରକୁ ଛାଡିବାର ବ୍ୟବସ୍ଥା କରାନ୍ତୁ ।

–ଗୁହାଳର ଛାତ ମସୃଣ ଓ ବୁଢ଼ିଆଣୀ ଜାଲ, ଧୂଳି ବା ଅଳିଆରୁ ମୁକ୍ତ ହେବା ଆବଶ୍ୟକ ।

–ବର୍ଷକୁ ଥରେ ଗୁହାଳ କାନ୍ଥରେ ଚୂନ ଲେପିବା ଭଲ ।

–ଦୁଗ୍ଧ ଦୁହିଁବା ପୂର୍ବରୁ ଗୁହାଳ ଚଟାଣରେ ହାଲକା ପାଣି ଛାଟନ୍ତୁ ଫଳରେ ଗୁହାଳରେ ଉଡୁଥିବା ଧୂଳି ବସିଯିବ ।

–ଦୁଗ୍ଧ ଦୁହିଁବା ସ୍ଥାନଟିକୁ ସନ୍ତସନ୍ତିଆ ରଖନ୍ତୁ ନାହିଁ ।

–ଗୋମହିଷାଦିଙ୍କୁ ଟିଙ୍କ, ଉକୁଣି, ମଶା ଓ ମାଛି ଦାଉରୁ ରକ୍ଷା କରିବା ପାଇଁ ନିୟମିତ ରାସାୟନିକ ଔଷଧ ସିଞ୍ଚନ କରନ୍ତୁ ।

**–ଡା.ରଞ୍ଜନ କୁମାର ମହାନ୍ତ**
*ପ୍ରାଣୀବିଜ୍ଞାନ ବିଶେଷଜ୍ଞ, ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, କଟକ*
**–ଡା. ସାରଦା ପ୍ରସନ୍ନ ସାହୁ**
*ପ୍ରାଣୀଧନ ଅଧିକାରୀ, ପ୍ରାଣୀପାଳନ, ଦୁଗ୍ଧ ଓ ମତ୍ସ୍ୟ ବିଭାଗ, ନୂଆଦିଲ୍ଲୀ,*
*ମୋ:୯୪୩୮୪୦୮୧୦୫*

# ନାଡେପ କମ୍ପୋଷ୍ଟ



**ରାହୁଲ ଦେବ ବେହେରା**

ସହରରେ ଥିବା ବିଭିନ୍ନ ପ୍ରକାର ଅଳିଆ ଆବର୍ଜନା ତଥା ଗାଁ ଗହଳିରେ ଥିବା କୁଟାପତ୍ର, ଫସଲର ଅଦରକାରୀ ଅଂଶ, କଦଳୀଗଛର ଅବଶେଷ ଓ ଆଖୁଛେଦା ପ୍ରଭୃତିକୁ ବ୍ୟବହାର କରି କମ୍ପୋଷ୍ଟ ପ୍ରସ୍ତୁତ କରାଯାଇଥାଏ । ହଚିନ୍‌ସନ୍ ଏବଂ ରିଚାର୍ଡ୍ସ ୧୯୨୧ରେ ପ୍ରଥମେ ନଡା/କୁଟାରୁ ଇଂଲଣ୍ଡରେ କମ୍ପୋଷ୍ଟ ତିଆରି କରିଥିଲେ । ସେହିଦିନଠାରୁ ଏପର୍ଯ୍ୟନ୍ତ ଯେତେ ପ୍ରକାରର କମ୍ପୋଷ୍ଟ ପ୍ରସ୍ତୁତ ପ୍ରଣାଳୀ ହେଲାଣି, ସେଥିମଧ୍ୟରୁ ଏହି କମ୍ପୋଷ୍ଟ ଅନ୍ୟତମ ।

**ନାଡେପ କମ୍ପୋଷ୍ଟ :** ଏହି ପଦ୍ଧତିର ବିକାଶ ପ୍ରଥମେ ମହାରାଷ୍ଟ୍ରର ଜଣେ ଗାନ୍ଧିବାଦୀ କର୍ମଚାରୀ ନାରାୟଣ ଦେଓ ସାଧାରୀ ପାଣ୍ଡେଙ୍କ ଦ୍ୱାରା କରାଯାଇଥିଲା । ତେଣୁ ତାଙ୍କ ନାମ ଅନୁସାରେ ଏହି ପଦ୍ଧତିକୁ ନାଡେପ ପଦ୍ଧତି କୁହାଯାଏ । ଏହି ପଦ୍ଧତିରେ ଅଳ୍ପ ପରିମାଣର ଗୋବର ବ୍ୟବହାର କରାଯାଇ କମ୍ପୋଷ୍ଟ ପ୍ରସ୍ତୁତ କରାଯାଇପାରେ ଏବଂ ଏଥିରେ ପ୍ରାୟ ଉଦ୍ଭିଦ ଉପଯୋଗୀ ସମସ୍ତ ଖାଦ୍ୟ ଉପାଦାନ ରହିଥାଏ ତଥା ପ୍ରଦୂଷଣ ମଧ୍ୟ ଦୂର କରାଯାଇପାରେ ।

**ଖତ ପ୍ରସ୍ତୁତି ପ୍ରଣାଳୀ**

ନାଡେପ କମ୍ପାଷ୍ଟ ପ୍ରସ୍ତୁତି ପାଇଁ ନିମ୍ନଲିଖିତ ଜିନିଷଗୁଡିକର ଆବଶ୍ୟକତା ରହିଛି ।

– ଉଦ୍ଭିଦ ଓ ଫସଲରୁ ମିଳୁଥିବା ଦରକାରୀ ଅଂଶ ଯେପରିକି ଶୁଖିଲା କୁଟା ନଡା, କାଠି, ମୂଳ ଡାଳ ଇତ୍ୟାଦି ଆନୁମାନିକ ୧୪ରୁ ୧୫ କୁଇଣ୍ଟାଲ ଏବଂ ଏଥିରୁ ପ୍ଲାଷ୍ଟିକ୍, କାଚ ତଥା ପଥର ବାହାର କରିଦେବା ଦରକାର ।

– ୧୦–୧୦୦କି.ଗ୍ରା ଗୋବର, ଗୋବର ଗ୍ୟାସ, ପ୍ଲାଣ୍ଟରୁ ନିର୍ଗତ ହେଉଥିବା ଅବଶିଷ୍ଟାଂଶ ମଧ୍ୟ ବ୍ୟବହାର କରାଯାଇପାରେ ।

– ଆବଶ୍ୟକ ହେଉଥିବା ଜଳର ପରିମାଣ ବର୍ଷାଦିନେ କମ୍ ଏବଂ ଖରାରେ ଅଧିକ ଜଳ ସହ ଗାଈମୂତ୍ର ବ୍ୟବହାର କରିପାରିଲେ ଅଧିକ ସୁଫଳ ମିଳିଥାଏ ।

**ନାଡେପ ଖତକୁ ପୂର୍ଣ୍ଣ କରିବା ପ୍ରଣାଳୀ**

– ସବୁ ଜିନିଷ ଯୋଗାଡ଼ କରିସାରିବା ପରେ ନାଡେପ ଖତକୁ ପୂରଣ କରାଯିବା ଆବଶ୍ୟକ । ଖତଟି ପୂର୍ଣ୍ଣ କରିବା ପୂର୍ବରୁ ଖତର ନିମ୍ନ ଭାଗ ତଥା ଭିତର ପାଖକୁ ଗୋବର ଓ ପାଣିଦ୍ୱାରା ଭଲଭାବେ ଲିପା ହେବା ଦରକାର । ୩ଟି ସ୍ତରର ଏହି ଖତ ଭର୍ତ୍ତି ହୋଇଥାଏ ।

**ପ୍ରଥମ ସ୍ତର:** ପତ୍ର, ଡାଳ, ମୂଳ ଓ ଗଛର ଅନ୍ୟାନ୍ୟ ଅଦରକାରୀ ଅଂଶ ଦ୍ୱାରା ୬ ଇଞ୍ଚ ମୋଟାର ଖତଟିକୁ ଭର୍ତ୍ତି କରିବା ଦରକାର ।

**ଦ୍ୱିତୀୟ ସ୍ତର:** ୫କି.ଗ୍ରା. କଞ୍ଚା ଗୋବରକୁ ୧୦୦ରୁ ୧୫୦ ଲିଟର ପାଣିରେ ଗୋଳାଇ ଏହି ସ୍ତର ଉପରେ ଏଭଳି ଛିଞ୍ଚାଯିବା ଦରକାର, ଯେପରିକି ଖତ ଭିତରେ ପଡିଥିବା ପ୍ରଥମ ସ୍ତରର ସମସ୍ତ ଜୈବ ପଦାର୍ଥ ରୂପରେ ଓଦା ହୋଇଯିବ ।

**ତୃତୀୟ ସ୍ତର:** ଓଦା ହୋଇ ଯାଇଥିବା ପତ୍ର, କୁଟା ଆଦି ଜୈବ ପଦାର୍ଥ ଉପରେ ୫୦ରୁ ୭୦ କି.ଗ୍ରା ଓଜନର ଗୁଣ୍ଡମାଟି ପକାଇବା ଦରକାର । ମାଟି ପକାଇବା ପରେ ପୁଣି ପାଣି ଛିଞ୍ଚିବା ଆବଶ୍ୟକ । ଏହିଭଳି ସ୍ତର କରି ଖତକୁ ପୂର୍ଣ୍ଣ କରିବା ଜରୁରୀ ।

**ସ୍ଥାନ ନିରୂପଣ:**

– ଉଚ୍ଚା ଓ ଶୁଖିଲା ସ୍ଥାନ ନିରୂପଣ କରାଯିବା ଆବଶ୍ୟକ ।

– କମ୍ପୋଷ୍ଟ ତିଆରିରେ ପାଣିର ଆବଶ୍ୟକତା ଥିବାରୁ ପାଣି ମିଳୁଥିବା ସ୍ଥାନରେ ହେବା ଦରକାର ।

– ଫସଲ ଚାଷ କରିବା ଜମି, ପାଖାପାଖି ଏହି ସ୍ଥାନ ନିରୂପଣ କଲେ ଯାତାୟାତଜନିତ ଖର୍ଚ୍ଚ ଓ ସମୟର ଅପଚୟ କମ୍ ହୋଇଥାଏ ।

– ଏହି କମ୍ପୋଷ୍ଟ ପାଇଁ ଏମିତି ଜାଗାରେ ଖତ ଖୋଳନ୍ତୁ, ଯେଉଁଠି ବାୟୁ ଚଳାଚଳ ମୁକ୍ତ ଭାବରେ ହୋଇପାରୁଥିବ ।

*– କୃଷି ବୈଜ୍ଞାନିକ, ବଲାଙ୍ଗୀର,*
*ମୋ– ୯୪୩୮୧୪୨୪୦୧*



# ତରଭୁଜ ଚାଷ ସମ୍ପର୍କରେ...



ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୩.୫ ମିଟର ଏବଂ ମନ୍ଦାକୁ ମନ୍ଦା ୦.୬ ରୁ ୧.୨ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜା ହେବା ଲାଗି ମନ୍ଦା ଉପରେ କିଛି ପାଳ ଘୋଡ଼ାଇ ଦିଅନ୍ତୁ । ଉନ୍ନତ କିସମ – ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା । ସଙ୍କର କିସମ – ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍ ।

# ଡାଲୁଆ ଧାନ ତଳି ପ୍ରସ୍ତୁତି

ଡାଲୁଆ ଧାନ ପାଇଁ (ଏକ ହେକ୍ଟର ଚାଷ ଲାଗି ୨୫ ଡେସିମିଲ ଜମିରେ ତଳି ପଡ଼େ) ତଳି କିଆରିକୁ କାଦୁଅ କରି ଶେଷ ଓଡ଼ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ । ୧୨–୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର ପ୍ରୟୋଗ କରନ୍ତୁ ।

–ବିହନରୁ କଣ୍ଢା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ ।

–ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ ।

–ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ ।

ବିହନ କିସମ : ସଅଳ – ଖଣ୍ଡଗିରି, ପାରିଜାତ, ଯୋଗେଶ ଓ ସିଦ୍ଧାନ୍ତ । ମଧ୍ୟମ – ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ ଓ ଗଜପତି ।

–କିଆରିରେ ପାଣି ଚାଲିବା ନିମନ୍ତେ ନାଳି ମାନ ରଖନ୍ତୁ ।

## ଜନଜୀବନ ...

ଥିବାରୁ ଦୂର ଦୂରାନ୍ତକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ହୀନସ୍ତା ହୋଇଥିଲେ । ବସଷ୍ଟାଣ୍ଡ ଓ ରେଳ ଷ୍ଟେଶନରେ ଶହଶହ ଯାତ୍ରୀ ଦୀର୍ଘ ସମୟ ଧରି ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ଅପେକ୍ଷା କରି ରହିଥିବା ଦେଖାଯାଇଥିଲା । କଟକ, ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ଯାଜପୁର, ଅନୁଗୋଳ, ଝାରସୁଗୁଡ଼ା ଆଦି ସ୍ଥାନରେ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ହାତରେ ବ୍ୟାନର ଧରି ପ୍ରତିବାଦ କରିଥିଲେ । ସଚିବାଳୟ କର୍ମଚାରୀମାନେ ଧର୍ମଘଟକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୯ଟା ୩୦ ପୂର୍ବରୁ କାର୍ଯ୍ୟାଳୟକୁ ଆସିଥିଲେ । ରାଜଧାନୀରେ ସିପିଆଇ, ସିପିଆଇ(ଏମ),ଆଇଏନଟିୟୁସି,ଏଆଇଟିୟୁସି,ଏଚଏମଏସ, ସିଆଇଟିୟୁ, ଏଆଇସିସିଟିୟୁ, ୟୁଟିୟୁସି, ଏଲପିଏଫ ଆଦି ସଂଗଠନଗୁଡ଼ିକର ରାଜ୍ୟ ଶାଖାଗୁଡ଼ିକ ଧର୍ମଘଟ ପାଳନ କରିଥିଲେ । ଧର୍ମଘଟକାରୀମାନେ ମାଷ୍ଟରକ୍ୟାଣ୍ଟିନ ଛକ, ନୟାପଲ୍ଲୀ, ବାଣୀବିହାର, ଡମଣା, ଚନ୍ଦ୍ରଶେଖରପୁର, ଜୟଦେବ ବିହାର ଛକ, ଏଜି ଛକ, ରାଜମହଲ ଛକ, ସଚିବାଳୟ ସମ୍ମୁଖ, ସାମନ୍ତରାପୁର ଆଦି ବିଭିନ୍ନ ସ୍ଥାନରେ ପିକେଟିଂ କରୁଥିବା ଦେଖାଯାଇଥିଲା । ରାଜଧାନୀରେ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ୪୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ସମସ୍ତ ଶିଳ୍ପ, ବ୍ୟବସାୟ ପ୍ରତିଷ୍ଠାନ, ପରିବହନ, ବ୍ୟାଙ୍କ ବୀମା, ତୈଳ ନିଗମ, ଭାରତୀୟ ଖାଦ୍ୟ ନିଗମ, ବିଏସ୍‌ଏନ୍‌ଏଲ୍ ଆଦି କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରାଯାଇଥିଲା । ନରେନ୍ଦ୍ର ମୋଦିଙ୍କ ସରକାର ସମୟରେ ଦେଶର ଶ୍ରମଜୀବୀ, ଖୁଚୁରା ବ୍ୟବସାୟୀ ଓ ଠିକା ଶ୍ରମିକମାନଙ୍କର ଜୀବନ ଦୁର୍ବିଷହ ହୋଇ ପଡ଼ିଛି । ବର୍ଷକୁ ୧୨ ହଜାର ଚାଷୀ ଆତ୍ମହତ୍ୟା କରୁଛନ୍ତି । ବିଦେଶୀ ପୁଞ୍ଜିପତିମାନେ ଘରୋଇ ବଜାରରୁ ୮୮ ହଜାର କୋଟି ଟଙ୍କାର ପ୍ରତ୍ୟାହାର କରିବା ଯୋଗୁ ନିଯୁକ୍ତି କ୍ଷେତ୍ରରେ ପ୍ରଭାବ ପଡ଼ିବ । କେନ୍ଦ୍ର ସରକାର ଯଦି ଜନ ବିରୋଧୀ ନୀତିଗୁଡ଼ିକୁ ପ୍ରତ୍ୟାହାର ନ କରନ୍ତି ତେବେ ଆଗାମୀ ଦିନରେ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ସିପିଆଇ(ଏମ) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜନାର୍ଦ୍ଦନ ପତି କହିଛନ୍ତି । ବୁଧବାର ଦ୍ୱିତୀୟ ଦିନ ଦେଶବ୍ୟାପୀ ବନ୍ଦ ପାଳନରେ ସାମିଲ ହେବାକୁ ଟ୍ରେଡ୍‌ୟୁନିୟନ ଗୁଡ଼ିକ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି । ବୁଧବାର ମଧ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ ରଖିବାକୁ ବିଭିନ୍ନ ଜିଲାପାଳମାନେ ନିଷ୍ପତ୍ତି ନେଇଛନ୍ତି । ଯାନବାହନ ଚଳାଚଳ ପୁଣି ପ୍ରଭାବିତ ହେବାର ଆଶଙ୍କା ରହିଛି ।

## ସମ୍ବିଧାନ ସଂଶୋଧନ ବିଲ୍ ...

ଧାର୍ଯ୍ୟ ସୀମା ଲାଗୁ ହେବ ନାହିଁ । ଆର୍ଥିକ ଦୁର୍ବଳ ଶ୍ରେଣୀ ପାଇଁ ସ୍ଥାନ ସଂରକ୍ଷଣ ନିମନ୍ତେ ସମ୍ବିଧାନରେ ସଂଶୋଧନ ଆବଶ୍ୟକ ପଡୁଛି । ସେଥିପାଇଁ ସରକାର ସମ୍ବିଧାନ (୧୨୪ତମ ସଂଶୋଧନ) ବିଲ୍, ୨୦୧୯ ଆଣିଛନ୍ତି । ପୂର୍ବରୁ କୋଟା ସୁବିଧା ଲାଗି କେବଳ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ପଛୁଆକୁ ମାନଦଣ୍ଡ ଭାବେ ଗ୍ରହଣ କରାଯାଇଥିଲା । କଂଗ୍ରେସ ଇସ୍ତାହାରରେ ଏଭଳି କୋଟା ସମ୍ପର୍କରେ ଉଲ୍ଲେଖ କରିଥିବାରୁ ଏହା ଏବେ ବିରୋଧୀ ଦଳ ଲାଗି ପରୀକ୍ଷା ବୋଲି ଜେଟ୍‌ଲୀ କହିଥିଲେ । ଭାଜପା ମଧ୍ୟ ଏହାର ଇସ୍ତାହାରରେ ଆର୍ଥିକ ଦୁର୍ବଳଙ୍କ ଲାଗି ସ୍ଥାନ ସଂରକ୍ଷଣକୁ ସମର୍ଥନ କରିଥିଲା ଏବଂ ଏହାକୁ ଲାଗୁ କରିବା ଦିଗରେ କାର୍ଯ୍ୟ କରୁଛି । ସମ୍ବିଧାନ ପ୍ରଣେତାମାନେ ସ୍ଥିତି ଓ ସୁଯୋଗର ସମାନତା ସମ୍ପର୍କରେ କହିଥିବା ଅର୍ଥମନ୍ତ୍ରୀ ଉଲ୍ଲେଖ କରିଥିଲେ । ଯଦି ବିରୋଧୀ ଦଳ ବିଲ୍‌କୁ ସମର୍ଥନ କରୁଛନ୍ତି ତେବେ ଖୋଲା ହୃଦୟରେ କରିବା ଉଚିତ, ଅନିଚ୍ଛାକୃତ ଭାବେ ନୁହେଁ ବୋଲି ଜେଟ୍‌ଲୀ କହିଥିଲେ । ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ରାଜ୍ୟ ବିଧାନସଭାଗୁଡିକର ଅନୁମୋଦନ ଆବଶ୍ୟକ ନାହିଁ ବୋଲି ସେ କହିଥିଲେ । ଏହା କାର୍ଯ୍ୟକାରୀ ହେଲେ ଦେଶରେ ପ୍ରଥମ ଅର୍ଥନୈତିକ ସ୍ଥାନ ସଂରକ୍ଷଣ ହେବ । ସୋମବାର କେନ୍ଦ୍ର କ୍ୟାବିନେଟ ସାଧାରଣ ବର୍ଗର ଆର୍ଥିକ ଦୁର୍ବଳଙ୍କ ଲାଗି ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଥିଲା ।

## ରାଉରକେଲାରେ ...

ଗତ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦ୍‌ଘାଟନ କରିଥିଲେ । ଏୟାର ଓଡ଼ିଶା ଏହି ବିମାନବନ୍ଦରରୁ ବିମାନ ଉଡ଼ାଣ ଆରମ୍ଭ କରିଥିଲା । କିନ୍ତୁ ବିଭିନ୍ନ ସମସ୍ୟା ପରେ ଏୟାର ଓଡ଼ିଶା ପକ୍ଷରୁ ବିମାନ ସେବା ବନ୍ଦ କରିଦିଆଯାଇଛି । ଏଠାରେ ପୁନଃ ବିମାନ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି । ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆ ବିମାନ ମଧ୍ୟରୁ ଏକ ବିମାନକୁ ଭାୟା ଝାରସୁଗୁଡ଼ା ଦେଇ ଯିବା ପାଇଁ ଏଏଆଇ(ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ)କୁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଏହା ଭିତରେ ରାଜ୍ୟର ଆଉ ଏକ ନୂତନ ବିମାନବନ୍ଦର ପ୍ରତିଷ୍ଠା ପାଇଁ ଡିଜିସିଏ ପକ୍ଷରୁ ଲାଇସେନ୍ସ ମିଳିବା ପରେ ରାଜ୍ୟବାସୀ ବିଶେଷକରି ରାଉରକେଲାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି ।

ସୂଚନାଯୋଗ୍ୟ, ପୂର୍ବରୁ ରାଉରକେଲା ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ସମ୍ପର୍କରେ ଡିଜିସିଏ ପକ୍ଷରୁ ସମୀକ୍ଷା ହୋଇଥିଲା ଏବଂ ବିମାନ ଉଡ଼ାଣ ପାଇଁ 'ଉଡ଼େ ଦେଶ୍ କା ଆମ୍ ନାଗରିକ(ଉଡ଼ାନ୍)' ଯୋଜନାରେ ଏହି ବିମାନବନ୍ଦର ପ୍ରସ୍ତୁତ ଅଛି ବୋଲି ଘୋଷଣା କରାଯାଇଥିଲା । ଓଡ଼ିଶାରେ ଆଉ ୩ଟି ନୂତନ ବିମାନବନ୍ଦର ହେବ ବୋଲି ଗତବର୍ଷ ସେପ୍ଟେମ୍ବରରେ ଏଏଆଇ ପକ୍ଷରୁ ଘୋଷଣା କରାଯାଇଥିଲା । ସେଗୁଡ଼ିକ ହେଲା ଜୟପୁର, ରାଉରକେଲା ଓ କଳାହାଣ୍ଡିର ଉତ୍କେଲା । ଏହି ୩ଟି ବିମାନବନ୍ଦରର ଭିତ୍ତିଭୂମି ବିକାଶ ପାଇଁ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ସୂଚନା ମିଳିଛି ।

ପ୍ରଥମ ପୃଷ୍ଠାରୁ...

## ଆଲୋକ ବର୍ମା ...

ଶୀର୍ଷ ଅଧିକାରୀଙ୍କୁ ବାଧ୍ୟତାମୂଳକ ଭାବେ ଛୁଟିରେ ପଠାଇଦେଇଥିଲେ । ଏଥିସହ ୧୯୮୯ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ଏମ୍.ନାଗେଶ୍ୱର ରାଓଙ୍କୁ ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରିଥିଲେ । ଫଳରେ ବର୍ମା ଓ ଅସ୍ଥାନା ପୃଥକ୍ ଭାବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ କେନ୍ଦ୍ରର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ । ବର୍ମା ଆସନ୍ତା ୩୧ରେ ଅବସର ନେବାକୁ ଥିବାବେଳେ ତାଙ୍କ ଆବେଦନର ଶୁଣାଣି ଶେଷ କରି ମଙ୍ଗଳବାର ରାୟ ଶୁଣାଇଛନ୍ତି ସୁପ୍ରିମକୋର୍ଟ । ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିଜ ରାୟରେ କହିଛନ୍ତି, ସିବିଆଇ ନିର୍ଦ୍ଦେଶକଙ୍କୁ ଚୟନ କରି ନିଯୁକ୍ତି ଦେଉଥିବା ତଥା ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ଉଚ୍ଚକ୍ଷମତାସମ୍ପନ୍ନ କମିଟି ସିଭିସିଙ୍କ ତଦନ୍ତ ଆଧାରରେ ବର୍ମାଙ୍କ ଉପରେ ନିଷ୍ପତ୍ତି ନେବ । ଏହି କମିଟିର ବୈଠକ ୧ ସପ୍ତାହ ମଧ୍ୟରେ ଡକାଯିବା ଉଚିତ ବୋଲି ଖଣ୍ଡପୀଠରେ ସାମିଲ ଥିବା ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଯୋସେଫ୍ ସ୍ପଷ୍ଟ କରିଛନ୍ତି । ସିଜେଆଇ ଗୋଗୋଇ ଏହି ରାୟ ଲେଖିଥିବାବେଳେ ରାୟ ଶୁଣାଇବା ସମୟରେ କୋର୍ଟରୁମ୍‌ରେ ଉପସ୍ଥିତ ନ ଥିଲେ । ଏହାବ୍ୟତୀତ ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ସିବିଆଇର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଏମ୍. ନାଗେଶ୍ୱର ରାଓଙ୍କୁ ତଦନ୍ତକାରୀ ସଂସ୍ଥାର ଯୁଗ୍ମ ନିର୍ଦ୍ଦେଶକ ଭାବେ କେନ୍ଦ୍ର ସରକାର ନିଯୁକ୍ତି ଦେଇଥିବା ନିଷ୍ପତ୍ତିକୁ ମଧ୍ୟ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି ।

## ୨୯ ଜିଲାରେ...

ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, ଗଜପତି, କୋରାପୁଟ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ସୁନ୍ଦରଗଡ଼, ଢେଙ୍କାନାଳ, ବରଗଡ଼, ନୂଆପଡ଼ା, କେନ୍ଦୁଝର, ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା ଏବଂ ସୁବର୍ଣ୍ଣପୁର ।

## ଭାରତ ବନ୍ଦ : ଖୋର୍ଦ୍ଧାରୋଡ୍ ଡିଭିଜନରେ ରେଳ ଚଳାଚଳ ପ୍ରଭାବିତ

ଜଟଣୀ,୮।୧(ଡି.ଏନ.ଏ.)

ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଭାରତ ବନ୍ଦ ଡାକରା ପରିପ୍ରେକ୍ଷୀରେ ମଙ୍ଗଳବାର ଖୋର୍ଦ୍ଧାରୋଡ୍ ରେଳ ଡିଭିଜନରେ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଥିଲା । ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ଓ ବିଭିନ୍ନ ରେଳ ଷ୍ଟେଶନରେ ଆନ୍ଦୋଳନକାରୀଙ୍କ ରେଳରୋକୋ ଯୋଗୁ କେତେକ ଟ୍ରେନ୍‌ର ଚଳାଚଳକୁ ରେଳ କର୍ତ୍ତୃପକ୍ଷ ବାତିଲ କରିଥିଲେ । ଆଉ କେତେଗୋଟିକୁ ଆଂଶିକ ବାତିଲ୍ ସହ ଅନ୍ୟ ଟ୍ରେନ୍‌କୁ ବିଭିନ୍ନ ସ୍ଥାନରେ ନିୟନ୍ତ୍ରଣ କରି ରଖିଥିଲେ । ଭଦ୍ରକ ଷ୍ଟେଶନରେ ଚେନ୍ନାଇ–ହାଓଡା କରମଣ୍ଡଳ, ଯାଜପୁର–କେନ୍ଦୁଝରରୋଡ୍‌ରେ ଖଡ଼ଗପୁର ପାସେଞ୍ଜରକୁ ନିୟନ୍ତ୍ରଣ କରି ରଖାଯାଇଥିଲା । ସେହିପରି ଭୁବନେଶ୍ୱର–ହାଓଡା ଜନଶତାବ୍ଦୀ ଏକ୍ସପ୍ରେସ୍, ପୁରୀ–ହାଓଡା ଶତାବ୍ଦୀ, ଭୁବନେଶ୍ୱର–ବଲାଙ୍ଗୀର ଇଣ୍ଟରସିଟି, ପୁରୀ–ଏଲ୍‌ଟିଟି ଏକ୍ସପ୍ରେସ୍, ଦୁର୍ଗ–ପୁରୀ ଏକ୍ସପ୍ରେସ୍ ଓ ହାଓଡା–ଚେନ୍ନାଇ ମେଲ୍‌କୁ ଭୁବନେଶ୍ୱର ଷ୍ଟେଶନରେ ରଖାଯାଇଥିଲା । ଖୋର୍ଦ୍ଧାରୋଡ୍‌ରେ ବିଶାଖାପାଟଣା–ଅମୃତସର ହୀରାକୁଦ ଏକ୍ସପ୍ରେସ୍, ହାଇଦ୍ରାବାଦ–ହାଓଡା ଇଷ୍ଟକୋଷ୍ଟ, ନଗରକୋଏଲ ସାଲିମାର, ମହୀଶୂର–ହାଓଡା ଏକ୍ସପ୍ରେସ୍ ଟ୍ରେନ୍ ରହିଥିଲା । ମଞ୍ଚେଶ୍ୱର ଷ୍ଟେଶନରେ ହାଓଡା–ପୁରୀ ଏକ୍ସପ୍ରେସ୍ ଓ ମୁଜାଫରପୁର–ଯଶୋବନ୍ତପୁର ଏକ୍ସପ୍ରେସ୍ ରହିଥିବା ବେଳେ ରମ୍ଭାରେ ତିରୁପତି–ଭୁବନେଶ୍ୱର ଏକ୍ସପ୍ରେସ୍, ବ୍ରହ୍ମପୁରରେ ଯଶୋବନ୍ତପୁର– ହାଓଡା, ଇଚ୍ଛାପୁରମ୍‌ରେ ସିକନ୍ଦରାବାଦ–ହାଓଡା ଫାଲକ୍‌ନାମା ଏକ୍ସପ୍ରେସ୍, କଟକରେ ବୋକାରୋ ଷ୍ଟିଲ ସିଟି–ପୁରୀ ଗରିବ ରଥ, ନରାଜରେ ବିକାନେର–ପୁରୀ ଓ ଡେଲାଙ୍ଗ ଷ୍ଟେଶନରେ ପୁରୀ–ପାରାଦୀପ ଇଣ୍ଟରସିଟି ଟ୍ରେନ୍‌କୁ ନିୟନ୍ତ୍ରଣ କରି ରଖାଯାଇଥିଲା । ପରବର୍ତ୍ତୀ ଅବସ୍ଥାରେ ଏହି ଟ୍ରେନ୍‌ଗୁଡିକର ଚଳାଚଳ ଆରମ୍ଭ ହୋଇଥିଲା । ସେହିପରି ଭୁବନେଶ୍ୱର–ବିଶାଖାପାଟଣା–ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍, ପୁରୀ–କଟକ–ପୁରୀ ପାସେଞ୍ଜର, କଟକ–ବ୍ରହ୍ମପୁର–କଟକ ପାସେଞ୍ଜର, କଟକ–ଭଦ୍ରକ–କଟକ ପାସେଞ୍ଜର, ବ୍ରହ୍ମପୁର–କଟକ ମେମୁ ପାସେଞ୍ଜର, କଟକ–ପାରାଦୀପ ମେମୁ, ଭୁବନେଶ୍ୱର–ବ୍ରହ୍ମପୁର ପାସେଞ୍ଜର ଟ୍ରେନ୍‌କୁ ସମ୍ପୂର୍ଣ୍ଣ ବାତିଲ କରାଯାଇଥିଲା । ଏହାଛଡ଼ା ପଲାସା–କଟକ ପାସେଞ୍ଜରକୁ ମଞ୍ଚେଶ୍ୱର ଓ କଟକ ମଧ୍ୟରେ, ପୁରୀ–ଗୁଣୁପୁର–ପୁରୀ ପାସେଞ୍ଜରକୁ ପୁରୀ ଓ ବ୍ରହ୍ମପୁର ଷ୍ଟେଶନ ମଧ୍ୟରେ ରେଳ କର୍ତ୍ତୃପକ୍ଷ ସାମୟିକ ଭାବେ ବାତିଲ କରିଥିଲେ ।



> ଇଞ୍ଜୁରୀ ପାଇଁ ମୁଁ ବ୍ରିସ୍‌ବେନ ଇଣ୍ଟରନ୍ୟାଶନାଲରୁ ଓହରିଯାଇଥିଲେ ହେଁ ଅଷ୍ଟ୍ରେଲିଆନ ଓପନ ବେଳକୁ ଫିଟ୍ ହୋଇଯାଇଥିବି ।
> –ରାଫାଲ ନାଡାଲ, ବିଶିଷ୍ଟ ଟେନିସ୍ ଖେଳାଳି



> କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ପେସ୍ ବୋଲିଂରେ ଶ୍ରେଷ୍ଠ ହୋଇପାରେ କିନ୍ତୁ ବ୍ୟାଟିଂରେ ନୁହେଁ ।
> –ଇଆନ ଚାପେଲ, ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ

## ସଂକ୍ଷେପରେ

### ସୂର୍ଯ୍ୟକାନ୍ତଙ୍କ ପାଇଁ ଲକି ଗ୍ରାଉଣ୍ଡ

**ଭୁବନେଶ୍ୱର, ୮।୧ (ସ୍ପୋର୍ଟ୍ସ ବ୍ୟୁରୋ):** ଅଲ୍‌ରାଉଣ୍ଡର ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ପାଇଁ ବିକାଶ କ୍ରିକେଟ୍ ଗ୍ରାଉଣ୍ଡ୍ ବେଶ୍ ଲକି ସାବ୍ୟସ୍ତ ହୋଇଛି। ଗୋଆ ବିପକ୍ଷ ଚଳିତ ରଣଜୀ ମ୍ୟାଚ୍‌ରେ ସୂର୍ଯକାନ୍ତ ଓଡ଼ିଶାର ପ୍ରଥମ ଇନିଂସରେ ୨ୟ ସର୍ବାଧିକ ସ୍କୋର କରିଥିଲେ। ୮ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ସୂର୍ଯ୍ୟକାନ୍ତ ୫୯ ବଲରୁ ୫ ଚୌକା ଓ ୪ ଛକା ସହାୟତାରେ ୬୫ ରନ କରି ଆଉଟ୍ ହୋଇଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟରେ ଯାହା ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋରର ମାନ୍ୟତା ପାଇଛି। ସେହିଭଳି ବୋଲିଂରେ ମଧ ସୂର୍ଯ୍ୟକାନ୍ତ ୫ ଜଣ ଗୋଆ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇବାରେ ସଫଳ ହୋଇଥିଲେ। ପୂର୍ବରୁ ଡିସେମ୍ବର ୧୪ରୁ ୧୭ ପର୍ଯ୍ୟନ୍ତ ଏଠାରେ ରାଜସ୍ଥାନ ବିପକ୍ଷ ଖେଳାଯାଇଥିବା ମ୍ୟାଚରେ ମଧ ୨୬ ବର୍ଷୀୟ ସୂର୍ଯ୍ୟକାନ୍ତ ଅର୍ଦ୍ଧଶତକ ଅର୍ଜନ କରିଥିଲେ।

### ୩୫୦ କ୍ଲବରେ ବସନ୍ତ

**ଭୁବନେଶ୍ୱର, ୮।୧ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର ଅଭିଜ୍ଞ ଦ୍ରୁତ ବୋଲର ବସନ୍ତ ମହାନ୍ତି ପ୍ରଥମ ଶ୍ରେଣୀ କ୍ରିକେଟରେ ୩୫୦ ଉଇକେଟ୍ ଅକ୍ତିଆର କରିଛନ୍ତି। ଗୋଆ ବିପକ୍ଷରେ ଏଠାରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ବସନ୍ତ ଏହି କୃତିତ୍ୱ ହାସଲ କରିଛନ୍ତି। ଏହି ମ୍ୟାଚ୍ ପୂର୍ବରୁ ବସନ୍ତ ୯୦ ମ୍ୟାଚ୍‌ରୁ ୩୪୮ ଉଇକେଟ୍ ଅକ୍ତିଆର କରିଥିଲେ। ୩୫୦ କ୍ଲବରେ ସାମିଲ ହେବାକୁ ତାଙ୍କୁ ଆଉ ୨ ଉଇକେଟ୍ ଆବଶ୍ୟକ ହେଉଥିଲା। ଗୋଆ ଇନିଂସରେ ବସନ୍ତ ପ୍ରଥମେ ଓପନର୍ ସୁମିରନଙ୍କୁ ଆଉଟ୍ କରିଥିଲେ। ଏହାପରେ ସୂର୍ଯ୍ୟାଶ ପ୍ରଭୁଦେଶାଇଙ୍କୁ ସନ୍ଦୀପ ପଟ୍ଟନାୟକଙ୍କ ହାତରେ କ୍ୟାଚ୍ କରାଇ ବସନ୍ତ ଏହି ମାଇଲଷ୍ଟୋନ ଛୁଇଁଥିଲେ। ବସନ୍ତ ବର୍ତ୍ତମାନ ୯୧ ମ୍ୟାଚ୍‌ରୁ ୩୫୦ ଉଇକେଟ୍ ହାସଲ କରିସାରିଛନ୍ତି। ଚଳିତ ସିଜନରେ ଚମତ୍କାର ଫର୍ମରେ ଥିବା ଏହି ଡାହାଣହାତୀ ଦ୍ରୁତ ବୋଲର ବର୍ତ୍ତମାନ ସୁଦ୍ଧା ୮ ମ୍ୟାଚ୍‌ରୁ ୪୦ ଉଇକେଟ୍ ଅକ୍ତିଆର କରିସାରିଛନ୍ତି।

### ■ ସୂର୍ଯ୍ୟକାନ୍ତଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

# ବୃହତ ଅଗ୍ରଣୀ ଅଭିମୁଖେ ଓଡ଼ିଶା

**ଭୁବନେଶ୍ୱର, ୮।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଭ୍ରମଣକାରୀ ଗୋଆ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ବୃହତ ଅଗ୍ରଣୀ ଅଭିମୁଖେ ଅଗ୍ରସର ହେଉଛି। ଗ୍ରୁପ୍-ସି'ର ଏହି ମ୍ୟାଚ୍‌ର ମଙ୍ଗଳବାର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଘରୋଇ ଓଡ଼ିଶା ୨ୟ ଇନିଂସରେ ୧୧ ଓଭରରେ ଗୋଟିଏ ଉଇକେଟ୍ ହରାଇ ୩୭ ରନ ସଂଗ୍ରହ କରିଛି। ଅନୁରାଗ ଷଡ଼ଙ୍ଗୀ ୨୩ ଓ ଦେବାଶିଷ ସାମନ୍ତରାୟ ୯ ରନ କରି ଅପରାଜିତ ରହିଛନ୍ତି। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଓପନର୍ ସନ୍ଦୀପ ପଟ୍ଟନାୟକ ୨ୟ ଇନିଂସର ପ୍ରଥମ ବଲରେ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ହାତରେ ୯ ଗୋଟି ଉଇକେଟ ରହିଥିବାବେଳେ ଓଡ଼ିଶା ଏବେ ମୋଟ୍ ଉପରେ ୨୭୩ ରନରେ ଅଗ୍ରଣୀ ଲାଭ କରିଛି। ପୂର୍ବରୁ ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ୩୫୨ ରନ ଜବାବରେ ଗୋଆ ୧୧୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶାର ଅଲ୍‌ରାଉଣ୍ଡର ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଅର୍ଦ୍ଧଶତକ ସହ ୫ ଉଇକେଟ୍ ସଫଳତା ୨ୟ ଦିବସର ସବୁଠାରୁ ଉଲ୍ଲେଖନୀୟ ଘଟଣା ରହିଥିଲା।

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୨୯/୭ରୁ ଖେଳ ଆରମ୍ଭ କରି ଓଡ଼ିଶା ମଙ୍ଗଳବାର ଦମ୍‌ଦାର ବ୍ୟାଟିଂ କରିଥିଲା। ବିଶେଷ କରି ସିଜନରେ ପ୍ରଥମଥର ଲାଗି ଓଡ଼ିଶାର ନିମ୍ନକ୍ରମର ବ୍ୟାଟ୍ସମ୍ୟାନମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଫଳରେ ଓଡ଼ିଶା ୩୫୦ ରନ ଅତିକ୍ରମ କରିବାରେ ସଫଳ ହୋଇଥିଲା। ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ ଅଭିଷେକ ରାଉତ ଓ ସୂର୍ଯ୍ୟକାନ୍ତ ୮ମ ଉଇକେଟ୍‌ରେ ୭୮ ରନର ମୂଲ୍ୟବାନ ପାର୍ଟନରଶିପ କରିଥିଲେ। ଦଳୀୟ ସ୍କୋର ୨୭୮ ରନ ହୋଇଥିବାବେଳେ ଉଦୀୟମାନ ବ୍ୟାଟ୍ସମ୍ୟାନ ଅଭିଷେକ ୩୩ ରନ କରି ଦିବସର ପ୍ରଥମ ଖେଳାଳିଭାବେ ଆଉଟ୍ ହୋଇଥିଲେ। ତେବେ ସୂର୍ଯ୍ୟକାନ୍ତ ନିମ୍ନକ୍ରମରେ ବସନ୍ତ ମହାନ୍ତିଙ୍କ ସହ ମିଶି ଦଳୀୟ ସ୍କୋରକୁ ୩୦୦ ରନ ଅତିକ୍ରମ କରାଇବା ସହିତ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଦଳୀୟ ସ୍କୋର ୩୦୪ ହୋଇଥିବାବେଳେ ସୂର୍ଯ୍ୟକାନ୍ତ ୬୫ ରନ କରି ଆଉଟ୍ ହୋଇଥିଲେ। ୫୯ ବଲର ଇନିଂସ ମଧ୍ୟରେ ସୂର୍ଯ୍ୟକାନ୍ତ ୫ ଚୌକା ଓ ୪ ଛକା ମାରିଥିଲେ। ଏହାପରେ ଅନ୍ତିମ ଉଇକେଟ୍ ଯୋଡ଼ିରେ ବସନ୍ତ ଓ ରାଜେଶ ମହାନ୍ତି ୪୮ ରନର ମହତ୍ତ୍ୱପୂର୍ଣ୍ଣ ଭାଗୀଦାରି କରିବାରୁ ଓଡ଼ିଶା ୧୧୧.୫ ଓଭରରେ ୩୫୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବସନ୍ତ ୨୮ ରନ (୪୦ ବଲ୍, ୩ ଚୌକା, ୧ ଛକା) କରି ଅନ୍ତିମ ବ୍ୟାଟ୍ସମ୍ୟାନ ଭାବେ ଆଉଟ୍ ହୋଇଥିଲେ। ତେବେ ଯୁବ ଖେଳାଳି ରାଜେଶ ୨୫ ବଲରୁ ୪ ଚୌକା ଓ ଗୋଟିଏ ଛକା ସହାୟତାରେ ୩୦ ରନ କରି ଅପରାଜିତ ରହିଥିଲେ। ଭ୍ରମଣକାରୀ ଗୋଆ ପକ୍ଷରୁ ଲକ୍ଷ୍ୟ ଗର୍ଗ ଓ ଅମେଘେ ସୁନୀଲ ଦେଶାଇ ୩ଟି ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ଗୋଆର ଦୁଇ ଓପନର୍ ଅଧିନାୟକ ସଗୁନ କାମାତ (୪୩ ରନ) ଓ ସୁମିରନ ଅମୋନକର (୨୦ ରନ) ଭଲ ଆରମ୍ଭ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୪୯ ରନ ସଂଗ୍ରହ କରିଥିଲେ। ତେବେ ଏହି ଯୋଡ଼ି ଭାଙ୍ଗିବା ପରେ ଗୋଆର ଅନ୍ତିମ ୯ ଉଇକେଟ୍ ଆଉ ୬୭ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଗୋଆ ମାତ୍ର ୧୧୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ସୂର୍ଯ୍ୟକାନ୍ତ ୫ ଉଇକେଟ୍ ନେଇଥିବାବେଳେ ବସନ୍ତ (୨) ଓ ରାଜେଶ (୨) ବଳକା ଉଇକେଟ ବାଣ୍ଟି ନେଇଥିଲେ।



ସୂର୍ଯ୍ୟକାନ୍ତ ପ୍ରଧାନ।

#### ସଂକ୍ଷିପ୍ତ ସ୍କୋର

- ଓଡ଼ିଶା ପ୍ରଥମ ଇନିଂସ- ୩୫୨/୧୦, ୧୧୧.୫ ଓଭର (ସନ୍ଦୀପ ୧୦୦, ସୂର୍ଯ୍ୟକାନ୍ତ ୬୫, ଶାନ୍ତନୁ ୫୯, ରାଜେଶ ୩୦*, ଅମୋଘ ୩/୭୭)।
- ଗୋଆ ପ୍ରଥମ ଇନିଂସ- ୧୧୬/୧୦, ୩୯ ଓଭର (ସଗୁନ ୪୩, ସୁମିନରନ ୨୦, କିନାନା ଭାଜ ୧୭*, ସୂର୍ଯ୍ୟକାନ୍ତ ୫/୪୮)।
- ଓଡ଼ିଶା ୨ୟ ଇନିଂସ- ୩୭/୧, ୧୧ ଓଭର (ଅନୁରାଗ ୩୩*, ଶାନ୍ତନୁ ୯*, ସନ୍ଦୀପ ୦, କ୍ରିଷ୍ଣନ ଦାସ ୧/୬)।

# ମାର୍ଚ୍ଚରେ ହେବ ଆଇପିଏଲ୍

**ନୂଆଦିଲ୍ଲୀ, ୮।୧ (ପି.ଟି.)**

ଚଳିତ ବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ପୂର୍ବବର୍ଷ ତୁଳନାରେ ଆଗୁଆ ଅର୍ଥାତ ମାର୍ଚ୍ଚ ୨୩ରୁ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ସେ ସମୟରେ ଦେଶରେ ସାଧାରଣ ନିର୍ବାଚନ ହେବାର ସମ୍ଭାବନା ରହିଛି। ତେଣୁ ଏହି ଟି୨୦ ମେଗାଇଭେଣ୍ଟର କିଛି ମ୍ୟାଚ ବିଦେଶରେ ଖେଳାଯିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ମାତ୍ର ସାଧାରଣ ନିର୍ବାଚନ ସତ୍ତ୍ୱେ ଆଇପିଏଲ ମ୍ୟାଚ ବିଦେଶରେ ଖେଳାଯିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଚେୟାରମ୍ୟାନ ବିନୋଦ ରାୟ ଓ ପୂର୍ବତନ ମହିଳା ଅଧିନାୟିକା ଡାଏନା ଇଡୁଲ୍‌ଜୀଙ୍କୁ ନେଇ ଗଠିତ ପ୍ରଶାସକ କମିଟି ବୈଠକ ଏଠାରେ ମଙ୍ଗଳବାର ବସିଥିଲା। ଏଥିରେ ଟି୨୦ ଲିଗ୍‌ର ଭେନ୍ୟୁ ଓ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ତ୍ତୃପକ୍ଷ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ସହିତ ଆଲୋଚନା କରାଯିବ। ବିଶେଷ ସ୍ଥଳରେ ଭେନ୍ୟୁକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରେ ବୋଲି ବୈଠକ ପରେ ରାୟ ସୂଚନା ଦେଇଛନ୍ତି। ନିର୍ବାଚନ ଘୋଷଣା ପରେ କୌଣସି ରାଜ୍ୟରେ ଭୋଟ ଗ୍ରହଣ, ପୁନଃ ଭୋଟ ଗ୍ରହଣ ଅବା ପ୍ରଧାନମନ୍ତ୍ରୀଙ୍କ ରାଲି ହୁଏ ସେ କ୍ଷେତ୍ରରେ ବିକଳ୍ପ ଭେନ୍ୟୁକୁ ପ୍ରସ୍ତୁତ କରି ରଖାଯିବ ବୋଲି ରାୟ ସୂଚନା ଦେଇଛନ୍ତି। ପୂର୍ବରୁ ଶେଷ ଥର ପାଇଁ ମାର୍ଚ୍ଚ ମାସରେ ଆଇପିଏଲ ୨୦୧୦ରେ ହୋଇଥିଲା। ଏହାପରଠାରୁ ଏହି ଲିଗ୍ ଏପ୍ରିଲ ପ୍ରଥମାର୍ଦ୍ଧରୁ ଅରମ୍ଭ ହୋଇ ମେ ମାସ ଶେଷ ଭାଗରେ ସମ୍ପନ୍ନ ହୋଇ ଆସୁଛି। ମେ ୩୦ରୁ ଇଂଲଣ୍ଡରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଆରମ୍ଭ ହେଉଥିବାରୁ ଚଳିତ ବର୍ଷ ଆଗୁଆ ଆଇପିଏଲ ଆୟୋଜନ କରାଯାଇଛି। ସରକାରୀ ଏଜେନ୍ସିଗୁଡ଼ିକ ସହିତ ଆଲୋଚନା ପରେ ଭେନ୍ୟୁ ଓ ମ୍ୟାଚ ତାରିଖ ଘୋଷଣା କରାଯିବ ବୋଲି ରାୟ କହିଛନ୍ତି। ଖବର ଅନୁସାରେ ଲୋକସଭା ନିର୍ବାଚନ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହେବାକୁଥିବାରୁ ଟୁର୍ନାମେଣ୍ଟର କାର୍ଯ୍ୟସୂଚୀରେ ପରିବର୍ତ୍ତନ ଆବଶ୍ୟକ ପଡ଼ିବ ନାହିଁ।




# ଅଙ୍ଗୁଳାଇ କପ୍: ଜୁଭେନାଇଲ ସେମିରେ

**ମାର୍ଶାଘାଇ, ୮।୧ (ଡିଏନଏ):** ମାର୍ଶାଘାଇ ବ୍ଲକ୍ ଅଙ୍ଗୁଳାଇ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ୧୪ତମ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱରର ସ୍କାନ କ୍ରିକେଟ କ୍ଲବ୍‌କୁ ହରାଇ କଟକର ଜୁଭେନାଇଲ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ସ୍କାନ ପ୍ରଥମେ ବ୍ୟାଟିଂ କରି ୨୩.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୭୭ରନ୍ ସଂଗ୍ରହ କରିଥିଲା। ଜବାବରେ ଜୁଭେନାଇଲ ୨୪ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରନେଇଥିଲା। ଜୁଭେନାଇଲ ଦଳ ତରଫରୁ ସର୍ବାଧିକ ୫୬(୩୬) ରନ୍ କରିଥିବା ଦେବାଶିଷ ସାମନ୍ତରାୟ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ବନ୍ଧୁକ ଚାଳନା ପ୍ରତିଯୋଗିତା



ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ବନ୍ଧୁକଚାଳନା ପ୍ରତିଯୋଗିତା।

**ଭୁବନେଶ୍ୱର, ୮।୧ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମ ଲକ୍ଷ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଗତ ୫ ଓ ୬ ତାରିଖ ଦୁଇଦିନଧରି ଅନୁଷ୍ଠିତ ହୋଇ ଯାଇଛି। ଉତ୍କଳ କରାଟେ ସ୍କୁଲରେ ଉପଲବ୍ଧ ଇଲେକ୍‌ଟ୍ରୋନିକ୍ ଶୁଟିଂ ରେଞ୍ଜରେ ଏହି ପ୍ରତିଯୋଗିତା ଜୁନିୟର ଓ ସିନିୟର ଏୟାର ରାଇଫଲ, ଏୟାର ପିସ୍ତଲ ବିଭାଗରେ ହୋଇଥିଲା। ଏଥିରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଛି। ଏହାକୁ ମିଶାଇ ଚଳିତବର୍ଷ ମୋଟ ୬ଟି ପ୍ରତିଯୋଗିତା ଆୟୋଜନ ହେବ ଏବଂ ପ୍ରଦର୍ଶନ ଆଧାରରେ ରାଜ୍ୟ ଖେଳାଳି ର୍‍ୟାଙ୍କିଙ୍ଗ୍ କରାଯିବ। ୬ଷ୍ଠ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବା ପ୍ରତିଯୋଗୀଙ୍କୁ ଲକ୍ଷ୍ୟ ଓଡ଼ିଶା ଟ୍ରଫି ପ୍ରଦାନ କରାଯିବ ବୋଲି ଓଡ଼ିଶା ରାଇଫଲ ଆସୋସିଏଶନ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।

### ■ ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ୍

# କଳିଙ୍ଗ ଟାଇଗର ସେମିରେ

**ବାଙ୍କୀ, ୮।୧ (ସ୍ୱ.ପ୍ର.):** ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡ଼ା ମହାବେରଣା କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟ ସ୍ତରୀୟ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ ଖେଳ ମଙ୍ଗଳବାର ଖୋର୍ଦ୍ଧା କଳିଙ୍ଗ ଟାଇଗର ଓ ଅତ୍ରି ବାଘମାରୀ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳିଙ୍ଗ ଟାଇଗର ଦଳ ଅତ୍ରି ବାଘମାରୀକୁ ୧୬ରନରେ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଖୋର୍ଦ୍ଧା ୮ଉଇକେଟ୍ ହରାଇ ୨୩୮ରନ କରିଥିଲା। ସ୍ୱାଧୀନ ପାଇକରା ୫୧ ଏବଂ ବିଶ୍ୱଜିତ ମହାପାତ୍ର ୫୩ରନ୍ ସଂଗ୍ରହ କରିଥିଲେ। ବାଘମାରୀ ଦଳର ଅନିଲ ନାଏକ ଓ ବର୍ଣ୍ଣି ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ବାଘମାରୀ ଦଳ ୨୩୯ରନର ବିଜୟ ଲକ୍ଷ୍ୟନେଇ ୨୦ଓଭରରେ ୯ଉଇକେଟ ହରାଇ ୨୨୨ରନ କରିଥିଲା। ଖୋର୍ଦ୍ଧାର ଅମିତ ବେହେରା ୪ ଓ ସ୍ୱାଧୀନ ପାଇକରା ୨ଉଇକେଟ ନେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଖୋର୍ଦ୍ଧାର ସ୍ୱାଧୀନ ପାଇକରାଙ୍କୁ ସମ୍ମାନିତ ଅତିଥି ପୂର୍ବତନ ପଶୁଧନ ନିରୀକ୍ଷକ ଶଙ୍କର୍ଷଣ ନାଏକ ପୁରସ୍କୃତ କରିଥିଲେ। ଭଗବାନ ପ୍ରଧାନ ଶରତ ରାଉତ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ପ୍ରଭାତ ପଣ୍ଡା, ରମାକାନ୍ତ ସାହୁ ଓ ଘୋଷକ ସ୍ୱାଧନ ନାଏକ, ମୁନା ମହାନ୍ତି ଦାୟିତ୍ୱ ନିର୍ବାହ କରିଥିଲେ। ବୁଧବାର ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍ ଓ କଳିଙ୍ଗ ଟାଇଗର୍ସ ଖୋର୍ଦ୍ଧା ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସଦାଶିବ ଦାସ ପ୍ରକାଶ କରିଛନ୍ତି।



ସ୍ୱାଧୀନ ପାଇକରା ପୁରସ୍କାର ଗ୍ରହଣ କରୁଛନ୍ତି।

# ଟିମ୍ ଇଣ୍ଡିଆକୁ ଇମ୍ରାନଙ୍କ ଅଭିନନ୍ଦନ

**ଇସଲାମବାଦ୍, ୮।୧ (ପି.ଟି.):** ପ୍ରଥମ ଏସୀୟ ରାଷ୍ଟ୍ରଭାବେ ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ସିରିଜ ଜିତିବାର ବିରଳ କୃତିତ୍ୱ ହାସଲ କରିଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ଏହି ସଫଳତା ଲାଗି ପାକିସ୍ତାନ ପ୍ରଧାନମନ୍ତ୍ରୀ ତଥା ପ୍ରାକ୍ତନ କ୍ରିକେଟ ଅଧିନାୟକ ଇମ୍ରାନ ଖାଁ ଶୁଭେଚ୍ଛା ଜଣାଇଛନ୍ତି। 'ପ୍ରଥମ ଏସୀୟ ଦେଶ ଭାବେ ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ ଜିତିଥିବା ବିରାଟ କୋହଲି ଏବଂ ତାଙ୍କ ଦଳକୁ ଅଭିନନ୍ଦନ' ବୋଲି ଇମ୍ରାନ ଟୁଇଟ୍ ଯୋଗେ ଜଣାଇଛନ୍ତି। ଇମ୍ରାନ ପାକିସ୍ତାନ ପକ୍ଷରୁ ୮୮ ଟେଷ୍ଟ ଓ ୧୭୫ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଇମ୍ରାନ ଖାଁଙ୍କ ନେତୃତ୍ୱରେ ପାକିସ୍ତାନ ୧୯୯୨ ଆଇସିସି ବିଶ୍ୱକପ୍ ଚାମ୍ପିୟନ ହୋଇଥିଲା। ଏହି ବିଶ୍ୱକପ୍ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହୋଇଥିଲା। ପ୍ରକାଶଯୋଗ୍ୟ, ଅଷ୍ଟ୍ରେଲିଆ ବିପକ୍ଷ ଚାରି ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ଭାରତ ୨-୧ରେ ଜିତିଥିଲା। ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ସିରିଜ ଖେଳିବାର ୭୧ ବର୍ଷ ପରେ ଭାରତ ଏହି ସୌଭାଗ୍ୟ ଲାଭ କରିଥିଲା।

# ଚଞ୍ଚଳା ଟ୍ରଫି ଫାଇନାଲରେ ଷ୍ଟଡ୍

**ରାଜନଗର, ୮।୧ (ଡି.ଏନ.ଏ.):** ବଡପଲ୍ଲୀସ୍ଥିତ ମିନିଷ୍ଟାଡିୟମରେ ପଲ୍ଲିଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟର ପ୍ରଥମ ସେମିଫାଇନାଲରେ ଯାଜପୁରର ଇଲେଭେନଷ୍ଟାରକୁ ୨୮ ରନରେ ହରାଇ ଖୋର୍ଦ୍ଧାର ଷ୍ଟଡ୍ କ୍ରିକେଟ ଆସୋସିଏଶନ ଫାଇନାଲରେ ପ୍ରବେଶ କରିଛି। ଟସ ଜିତି ଖୋର୍ଦ୍ଧା ୨୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୯୯ ରନ କରିଥିଲା। ଏସ.ପ୍ରବୀଣ କୁମାର ୫୬, ପି. ରବିକିରଣ ୪୦, ଆଇ. ଏସ. ଗିରି ୩୦ ରନ କରିଥିଲେ। ୨୦୦ ରନ ବିଜୟ ଲକ୍ଷ୍ୟକୁ ପିଛାକରି ଯାଜପୁର ଦଳ ୨୯.୨ ଓଭରରେ ୧୭୧ ରନ କରିବାକୁ ସକ୍ଷମ ହୋଇଥିଲା। ସୌମ୍ୟେଶ ବିଶ୍ୱାଳ ୨୮, ଜ୍ଞାନ ରଞ୍ଜନ ସ୍ୱାଇଁ ୬୬ ରନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ କୋଇଲିପୁର ସେବା ସମବାୟ ସମିତିର ସମ୍ପାଦକ ଘନଶ୍ୟାମ ଜେନା, କୋଇଲିପୁର ପଞ୍ଚାୟତର ସମିତିସଭ୍ୟା ପୂର୍ଣ୍ଣିମା ପ୍ରଧାନ, ଆଇସିଆଇସିଆଇ ବ୍ୟାଙ୍କର ରାଜନଗର ଶାଖା ପରିଚାଳକ ସୁଧାଂଶୁ ଶେଖର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନିରୋଦ ବଳ, ସୁବାସ ଚନ୍ଦ୍ର ପ୍ରଧାନ ଖେଳ ପରିଚାଳନା କରିଥିଲେ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧ ୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା. 15131 **ନୋଟିସ୍** ତା 28.12.18

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛିକି, ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନ କାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାରୀ କିଛି ଆପତ୍ତି ଥାଏ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ହେବ ନାହିଁ ।

| କ୍ର. ନଂ | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ✓ ଏମ୍. ମୁଲେର ପି-✓ଲାଜାରାଉସ୍ ମୁଲେର ଏଫ୍.ଏଲ୍-୨୭୫ ବାସନ୍ତୀ କଲୋନୀ ୪ର୍ଥ ପର୍ଯ୍ୟାୟ,ରାଉରକେଲା ଜି-ସୁନ୍ଦରଗଡ଼ | ଏଫ୍.ଏଲ୍-୨୭୫ ବାସନ୍ତୀ କଲୋନୀ ୪ର୍ଥ ପର୍ଯ୍ୟାୟ ରାଉରକେଲା ଜି-ସୁନ୍ଦରଗଡ଼ | ୧)ବେଲାରାଣି ମୁଲେର (ସ୍ତ୍ରୀ) ୨)ମୀରା ମୁଲେର (ବି.କନ୍ୟା) ୩)ସଜଲ କୁମାର (ପୁଅ) ୪)କୁମାର ଦେବାଶିଷ (ପୁଅ) ୫)ମୀତା ମୁଲେର (ବି.କନ୍ୟା) ୬)ସୀମା ମୁଲେର (କନ୍ୟା) |

ସ୍ୱା- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**MUNICIPAL OFFICE, KENDRAPARA**
**'e' Procurement Notice No. 103/ Dt. 07.01.2019**
**Bid Identification No. KM-09-2018/19**

| | | | |
|---|---|---|---|
| 1 | Procurement Officer - Publisher / Officer Inviting the Tender / Bids (OIT) | : | Executive Officer, Kendrapara Municipality, Kendrapara |
| 2 | Name of the Work | : | Renovation of Mahabhoi Tank of Kendrapara Municipality in Ward No. 8 |
| 3 | Estimated Cost (Approx.) of the Works | : | Rs. 2,74,36,000/- |
| 4 | Date & Time of availability of bid document in the portal | : | From 11 A.M. of Dt. 09.01.2019 to 5 P.M. of Dt. 25.01.2019 |
| 5 | Date & Time of Technical bid Opening | : | 11 A.M. of 28.01.2019 |
| 6 | Date & Time of Financial bid Opening | : | 11 A.M. of 31.01.2019 |
| 7 | Period of completion | : | 12 Months |

(1) Other details can be seen from Detailed Notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

**Sd./- Executive Officer,**
**Kendrapara Municipality**

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF**
**RURAL WORKS, BHUBANESWAR**

No.1340-O

Lr.No. 370 Dt. 07 .1.2019

**"e" Procurement Notice for bridge works in Odisha**
**(Online-9(Lumpsum-Bridge)/2018-19 dt. 05.1.2019)**

1. Name of the work : Constn. of bridge work
2. Total No. of works : 2(Two) nos.
3. Estimated cost : Varied from 1056.14 lakh to Rs 1945.95 lakh
4. Class of contractor : Spl. & Super Class as applicable
5. Period of completion : 24 (Twenty four) calendar months
6. Other details :

| Procurement Officer | Bid Identification No. | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Engineer-in-Chief, Rural Works, Odisha, Bhubaneswar | Online- 9(Lumpsum Bridge) /2018- 19 | 2 (Two) nos | 11.1.2019 at 11.00 AM | 28.1.2019 up to 3.00 PM |

Other details can be seen in the bidding documents, which is available in website **www.tendersorissa.gov.in**.

**Sd./- Engineer-in-Chief , Rural Works**
**Odisha, Bhubaneswar**

25123/11/0053/1819

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER,**
**RUKURA CANAL DIVISION, ROURKELA – 4**
Tele/Fax: 0661- 2664291, E-mail: eerid_rkl@yahoo.co.in

**SHORT QUOTATION CALL NOTICE NO: 02 /2018-19**

No.1098-A: Sealed Quotations in plain papers are invited by the Executive Engineer, Rukura Canal Division, Rourkela -4 on behalf of Governor of Odisha from the registered Firms/Authorized Dealers/Distributors Manufacturers having valid GSTIN Certificate, PAN Card, Service Tax registration for the following works as detailed in the table so as to reach the office of the undersigned on or before 18.01.2019 upto 1.00 P.M(on all working days). The quotation will be opened on same day i.e on dt.18.01.2019 at 4.00 PM in presence of the quotationers or their authorised representatives if they so desired . If the office happens to be closed on the scheduled date of opening, then the quotation will be opened on the next working day at the same time. The quotation shall be submitted separately for each work detailed below.

| Sl. No. | Name of the work | Unit | Estimated amount (Including G.S.T) in Rs | Security (EMD)in Rs | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | Supplying, Fitting & Fixing of Siren (1 PH Horizontal durable mounting Siren motor operated 230V A.C of range 5 km. in the Dam site of Rukura Irrigation Project | 01 No | 68735.00 | 700.00 | 15( fifteen) days from the issue of purchase order |
| 2 | Procurement of 02nos 12V battery for Diesel Generator located at Spillway site of Rukura Irrigation Project | 01 No | 25000.00 | 300.00 | 07(Seven) days from the issue of purchase order |

Quotation must be accompanied by security deposit (EMD) of the amount specified for the work in the table above drawn in favour of Executive Engineer , Rukura Canal Division, Rourkela. Security deposit will have to be in any one of the forms as specified in the bidding document i.e. KVP/Postal Saving Account/Deposit receipt of scheduled Bank / Post Office Time Deposit Account duly pledged in favour of the Executive Engineer, Rukura Canal Division, Rourkela. Quotation must also be accompanied by photo copy of valid GSTIN Certificate, PAN card, contractor license/ Registration certificate if any.
The undersigned reserves the right to reject any or all quotations without assigning any reason thereof.

**Executive Engineer**
**Rukura Canal Division, Rourkela**

32087/11/0001/1819



ଭାରତ ବିପକ୍ଷ ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆର ବ୍ୟାଟିଂ, ବୋଲିଂ, ସିଲେକ୍ସନ ଓ ରଣକୌଶଳରେ ତ୍ରୁଟି ରହିଥିଲା ।
–ମାଇକେଲ ଭନ୍, ପୂର୍ବତନ ଇଂଲଣ୍ଡ ଅଧିନାୟକ



ଭାରତର ଧୈର୍ଯ୍ୟପୂର୍ଣ୍ଣ ବୋଲିଂ ଆକ୍ରମଣ ବିରୋଧରେ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନମାନେ ଆକ୍ରମଣାତ୍ମକ ଖେଳିବା ଉଚିତ୍ ନ ଥିଲା ।
–ସିମନ୍ କାଟିଚ୍, ପୂର୍ବତନ ଅଷ୍ଟ୍ରେଲୀୟ ଖେଳାଳି

## ସଂକ୍ଷେପରେ

### ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ସିରିଜରୁ ବୁମ୍‌ରାଙ୍କୁ ବିଶ୍ରାମ

**ସିଡ୍‌ନୀ, ୮।୧(ପି.ଟି.):** ଚମତ୍କାର ଫର୍ମରେ ଥିବା ଯୁବ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ଦିନିକିଆ ଓ ନ୍ୟୁଜିଲାଣ୍ଡ ଟି୨୦ ସିରିଜରୁ ବିଶ୍ରାମ ଦିଆଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ଐତିହାସିକ ଟେଷ୍ଟ ସିରିଜ ବିଜୟ ପରେ ମଙ୍ଗଳବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବୁମ୍‌ରାଙ୍କୁ ଏହି ଦୁଇ ସୀମିତ ଓଭରବିଶିଷ୍ଟ ସିରିଜରୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛି। ବୁମ୍‌ରା ଏହି ସିରିଜରେ ୨୧ ଉଇକେଟ୍ ଅକ୍ତିଆର କରି ଅଷ୍ଟ୍ରେଲୀୟ ସ୍ପିନର ନାଥନ ଲିୟନଙ୍କ ସହ ଯୁଗ୍ମଭାବେ ବୋଲିଂରେ ଶୀର୍ଷରେ ରହିଥିଲେ। 'ବୋଲରଙ୍କ ଉପରୁ ଚାପ ହ୍ରାସ କରିବା ପାଇଁ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରୁ ବିଶ୍ରାମ ଦିଆଯାଇଛି' ବୋଲି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି। ଏହି ଦୁଇ ସିରିଜ ଲାଗି ପୂର୍ବରୁ ଘୋଷିତ ଭାରତୀୟ ଦଳରେ ବୁମ୍‌ରା ସାମିଲ ଥିଲେ। ବୁମ୍‌ରାଙ୍କ ସ୍ଥାନରେ ଉଦୀୟମାନ ବାମହାତୀ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ଏବଂ ପଞ୍ଜାବର ସିଦ୍ଧାର୍ଥ କଉଲଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଜାନୁୟାରୀ ୧୨ରୁ ସିଡ୍‌ନୀରେ ଆରମ୍ଭ ହେବ। ସେହିଭଳି ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ୫ ଦିନିକିଆ ଓ ୩ ଟି୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଦିନିକିଆ ସିରିଜ ଜାନୁୟାରୀ ୨୩ରୁ ନାପିଅରରେ ଏବଂ ଟି୨୦ ସିରିଜ ଫେବୃୟାରୀ ୬ରୁ ୱେଲିଂଟନରେ ଆରମ୍ଭ ହେବ।

### ୨୩ବର୍ଷରୁ କମ୍ ମହିଳା ଟି୨୦ ଦଳ ଘୋଷିତ

**କଟକ ଅଫିସ,୮।୧:** ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ରାଜକୋଟ ଠାରେ ୨୩ବର୍ଷରୁ କମ୍ ମହିଳା ଟି-୨୦ ଟୁର୍ନାମେଣ୍ଟ ଖେଳାଯିବ । ଉକ୍ତ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ମଙ୍ଗଳବାର ରାଜ୍ୟ ୧୫ଜଣିଆ ଦଳ ଘୋଷଣା କରାଯାଇଛି। ଗ୍ରୁପ-ଇରେ ଓଡ଼ିଶା ସ୍ଥାନ ପାଇଥିବା ବେଳେ ପ୍ରଥମ ୩ଟି ମ୍ୟାଚ୍ ନିମନ୍ତେ ଏହି ଦଳ ଚୟନ କରାଯାଇଛି । ଓଡ଼ିଶା ଦଳ: ସୁଶ୍ରୀ ଦିବ୍ୟଦର୍ଶିନୀ(ଅଧିନାୟିକା), କାଜଲ ଜେନା, ଅଞ୍ଜଳି ସିଂ, ରାଣୀ ଟୁଡୁ, ସୁମିତ୍ରା ସାହୁ(ଉଇକେଟ କିପର), ସୁନିତା ମୁର୍ମୁ, ଶୁଭ୍ର ନିର୍ଝରିଣୀ ସ୍ୱାଇଁ, ରାଜଶ୍ରୀ ସ୍ୱାଇଁ (ଉପଅଧିନାୟିକା), ଲୁଇସା ଦାସ, ବର୍ଷାରାଣୀ ସିଂ, ରିମାଲକ୍ଷ୍ମୀ ଏକ୍କା, ଇନ୍ଦ୍ରାଣୀ ଛତ୍ରିଆ, ରାମେଶ୍ୱରୀ ନାୟକ, କୁନି ଭଦ୍ର, ମୋନାଲିସା ରାଉତ ।

### ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ବୃହତ୍ ବିଜୟ

**କଟକ ଅଫିସ,୮।୧:** କଟକରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ୫ଟି ମ୍ୟାଚ୍ ଖେଳାଯାଇଛି । ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ବୃହତ୍ ରନ ବ୍ୟବଧାନରେ ହାଓଡା ଆଇଆଇଇଏସ୍‌ଟି ବିଶ୍ୱବିଦ୍ୟାଳୟକୁ ହରାଇଛି । ବର୍ଦ୍ଧମାନ ପ୍ରଥମେ ବ୍ୟାଟିଂ କରି ଓପନର ପ୍ରଦୀପ୍ତ ବାନାର୍ଜୀଙ୍କ ୧୦୧ରନ୍ ବଳରେ ୪ ଉଇକେଟ ହରାଇ ୨୬୨ରନ୍ କରିଥିଲା । ଜବାବରେ ହାଓଡା ୧୩୫ରନ୍‌ରେ ଅଲଆଉଟ ହୋଇଥିଲା । ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ଦିବ୍ରୁଗଡ଼ ବିଶ୍ୱବିଦ୍ୟାଳୟ ୧୦ ଉଇକେଟରେ ମହାତ୍ମା ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ହରାଇଛି । ପ୍ରଥମେ ବ୍ୟାଟିଂ କରିଥିବା ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ ମାତ୍ର ୩୫ରନ୍‌ରେ ଅଲଆଉଟ ହୋଇଥିଲା। ବିନା ଉଇକେଟରେ ଦିବ୍ରୁଗଡ଼ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ କଲିକତା ବିଶ୍ୱବିଦ୍ୟାଳୟ ୮ ଉଇକେଟରେ ମଗଧ ବିଶ୍ୱବିଦ୍ୟାଳୟକୁ ହରାଇଥିଲା । ମଗଧ ପକ୍ଷରୁ ଧାର୍ଯ୍ୟ ୧୨୨ରନ୍‌ର ବିଜୟ ଲକ୍ଷ୍ୟକୁ କଲିକତା ୨ ଉଇକେଟ ବିନିମୟରେ ହାସଲ କରିଛି । ରେଭେନଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୨ରେ କଲ୍ୟାଣୀ ବିଶ୍ୱବିଦ୍ୟାଳୟ ୮ ଉଇକେଟରେ ଡିଡିୟୁ ଗୋରଖପୁରକୁ ହରାଇଥିଲା । ଅର୍ନବ ଭଟାଚାର୍ଯ୍ୟଙ୍କ ୮୭ରନ୍ ସହାୟତାରେ କଲ୍ୟାଣୀ ଦଳ ୮ ଉଇକେଟ ହରାଇ ୨୩୮ରନ୍ କରିଥିଲା । ଗୋରଖପୁର ୧୬୭ରନ୍‌ରେ ସମସ୍ତ ଉଇକେଟ ହରାଇ ପରାଜୟବରଣ କରିଥିଲା । ଡ୍ରିମ୍‌ସ ଗ୍ରାଉଣ୍ଡରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୧୦ ଉଇକେଟରେ ଗୁଆହାଟୀ ବିଶ୍ୱବିଦ୍ୟାଳୟକୁ ହରାଇଛି । ଗୁଆହାଟୀ ୮୪ରନରେ ଅଲଆଉଟ ହୋଇଥିବା ବେଳେ ବନାରସ ବିନା ଉଇକେଟରେ ମ୍ୟାଚକୁ ଜିତିଥିଲା ।

# ଇଷ୍ଟବେଙ୍ଗଲର କଷ୍ଟସାଧ୍ୟ ବିଜୟ

**ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ଆଇ-ଲିଗ୍ ଫୁଟବଲ ମ୍ୟାଚରେ ଶକ୍ତିଶାଳୀ ଇଷ୍ଟବେଙ୍ଗଲ ଯୁବ ଖେଳାଳିଙ୍କୁ ନେଇ ଗଠିତ ଇଣ୍ଡିଆନ ଆରୋଜ ବିପକ୍ଷରେ କଷ୍ଟସାଧ୍ୟ ବିଜୟ ହାସଲ କରିଛି। ଆରୋଜ୍‌ଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବା ଇଷ୍ଟବେଙ୍ଗଲ ଶେଷରେ ୨-୧ ଗୋଲରେ ବିଜୟୀ ହୋଇ ୩ ପଏଣ୍ଟ ପାଇଛି। ବିଜୟୀ ଦଳ ପକ୍ଷରୁ ଲାଲଦାନମାୱିଆ(ପେନାଲ୍ଟି) ୨୬ ଓ ଜୋବି ଜଷ୍ଟିନ ୬୪ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ଆରୋଜ ପକ୍ଷରୁ ନିନ୍‌ଥୋଇ ୯୦ତମ

## ଆଇ-ଲିଗ୍

ମିନିଟରେ ପେନାଲ୍ଟି ଜରିଆରେ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ଜୋବି ଜଷ୍ଟିନ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ଚଳିତ ସିଜନରେ ଆଇ-ଲିଗ୍‌ର ଏହାଥିଲା ୬୦ତମ ମ୍ୟାଚ। ଇଷ୍ଟବେଙ୍ଗଲ ଅପେକ୍ଷାକୃତ ଶକ୍ତିଶାଳୀ ହୋଇଥିଲେ ହେଁ ଚମତ୍କାର ଖେଳିଥିଲା ଆରୋଜର ଯୁବ ବାହିନୀ। କଳିଙ୍ଗ ଷ୍ଟାଡିୟମକୁ ଘରୋଇ ପଡ଼ିଆଭାବେ ବ୍ୟବହାର କରୁଥିବା ଆରୋଜ ଉତ୍ସାହୀ ପ୍ରଦର୍ଶନ କରି ଇଷ୍ଟବେଙ୍ଗଲକୁ କଡ଼ା ଟକ୍କର ଦେଇଥିଲା। ପ୍ରଥମାର୍ଦ୍ଧରେ ଉଭୟ ଦଳ ପ୍ରାୟତଃ ସମକକ୍ଷ ପ୍ରଦର୍ଶନ କରିଥିଲେ। ଯୁବ ଆରୋଜର ଡିଫେନ୍ସ ଲାଇନ୍ ଶକ୍ତିଶାଳୀ ମନେ ହୋଇଥିବାବେଳେ ଅଭିଜ୍ଞତାର ଉପଯୋଗ କରିଥିଲା କଲିକତା ଦଳ। ଗୋଲ ଦେବାର ପ୍ରଥମ ସୁଯୋଗ ସୃଷ୍ଟି କରିଥିଲା ଆରୋଜ। ରାହୁଲ କେ.ପି.ଙ୍କଠାରୁ ଆସିଥିବା ଲଙ୍ଗ ପାସ୍‌କୁ ବିକ୍ରମ ପ୍ରତାପ ନିୟନ୍ତ୍ରଣକୁ ଆଣିଥିଲେ ହେଁ ଦୁର୍ଭାଗ୍ୟଜନକ ଭାବେ ଗୋଲରେ ପରିଣତ କରି ନ ପାରି ସୁଯୋଗ ହାତଛଡ଼ା କରିଥିଲେ। ଅନ୍ୟପକ୍ଷରେ ଅଧିକାଂଶ ସମୟ ମିଡ୍‌ଫିଲ୍ଡରେ ଖେଳିଥିବା ଇଷ୍ଟବେଙ୍ଗଲ ଆକ୍ରମଣ ପାଇଁ ସୁଯୋଗ ଅପେକ୍ଷାରେ ରହିଥିଲା। ମ୍ୟାଚର ୨୬ତମ ମିନିଟରେ ଆରୋଜ ବକ୍ସର ବାମ ପଟରୁ ଜେମି ସାଣ୍ଟୋସଙ୍କନିକଟରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରି ଲାଲଦାନମାୱିଆଙ୍କୁ ଇଷ୍ଟବେଙ୍ଗଲକୁ ୧-୦ରେ ଅଗ୍ରଣୀ କରାଇଥିଲେ। ୩୦ତମ ମିନିଟରେ ଅଗ୍ରଣୀ ବ୍ୟବଧାନକୁ ବଢ଼ାଇବା ପାଇଁ କଲିକତା ଦଳ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଥିଲା। ବକ୍ସ ଏରିଆ ଭିତରେ ଲାଲଦାନମାୱିଆଙ୍କୁ ଆରୋଜର ଜିତେନ୍ଦ୍ର ସିଂ ଫାଉଲ୍ ମାରିବାରୁ ଇଷ୍ଟବେଙ୍ଗଲକୁ ପେନାଲ୍ଟି ସୁଯୋଗ ମିଳିଥିଲା। ମାତ୍ର ଇଣ୍ଡିଆନ ଆରୋଜ ଗୋଲକିପର ପ୍ରଭସୁଖାନ ଗିଲ୍ ଚମତ୍କାର ସେଭ୍ କରି ପ୍ରତିପକ୍ଷ ଦଳ ଆଶାରେ ପାଣି ଭରିଥିଲେ।

ଦ୍ୱିତୀୟାର୍ଦ୍ଧରେ ଆରୋଜ ଦଳ ଅଧିକ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରି ଗୋଲ ପରିଶୋଧ ଉଦ୍ୟମ କରିଥିଲା। ଇଷ୍ଟବେଙ୍ଗଲର ରକ୍ଷଣଭାଗ ଦୁର୍ବଳ ମନେ ହୋଇଥିଲେ ହେଁ ଫରୱାର୍ଡମାନେ ଅଗ୍ରଣୀ ବ୍ୟବଧାନକୁ ବଢ଼ାଇବା ପାଇଁ ଉଦ୍ୟମ ଅବ୍ୟାହତ ରଖିଥିଲେ। ବକ୍ସ ଏରିଆ ମଧ୍ୟରେ ଆଉ ଏକ ତ୍ରୁଟି ଆରୋଜ ପାଇଁ ମହଙ୍ଗା ପଡ଼ିଥିଲା। ସାମଦ ମାରିଥିବା ଶଟ୍‌କୁ ଆରୋଜ ଗୋଲକିପର ଅଟକାଇ ଦେଇଥିଲେ ହେଁ ବଲ୍‌କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣି ପାରି ନ ଥିଲେ। ଗୋଲକିପରଙ୍କ ଦ୍ୱାରା ସେଭ୍ ହୋଇ ଫେରିଆସୁଥିବା ବଲ୍‌କୁ ଜୋବି ଜଷ୍ଟିନ ଗୋଲରେ ପରିଣତ କରି ୬୪ତମ ମିନିଟରେ ଇଷ୍ଟବେଙ୍ଗଲର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ମ୍ୟାଚ ଆଗକୁ ବଢ଼ିବା ସହ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଖେଳାଳିମାନେ ନିୟମ ବହିର୍ଭୂତ ଭାବେ ଖେଳିଥିବାରୁ ଦ୍ୱିତୀୟାର୍ଦ୍ଧରେ ୨ ଖେଳାଳିଙ୍କୁ ରେଡ୍‌କାର୍ଡ ମିଳିଥିଲା। ୫୬ତମ ମିନିଟରେ ଇଷ୍ଟବେଙ୍ଗଲର ଲାଲରାମ ଚୁଲୋଭା ଏବଂ ୮୪ତମ ମିନିଟରେ ଆରୋଜର ଅଙ୍କିତ ଯାଦବ (ଦ୍ୱିତୀୟ ହଳଦିଆ କାର୍ଡ) ଦଣ୍ଡିତ ହୋଇଥିଲେ। ଶେଷ ପର୍ଯ୍ୟନ୍ତ ମନୋବଳ ହରାଇ ନ ଥିବା ଆରୋଜ ଦଳକୁ ଶେଷରେ ସୁଫଳ ମିଳିଥିଲା। ୮୯ତମ ମିନିଟରେ ଆଶିଷ ରାୟଙ୍କୁ ଇଷ୍ଟବେଙ୍ଗଲର ମନୋଜ ଫାଉଲ୍ ମାରିବାରୁ ଆରୋଜକୁ ପେନାଲ୍ଟି ସୁଯୋଗ ଦିଆ ଯାଇଥିଲା। ୯୦ତମ ମିନିଟରେ ନିନ୍‌ଥୋଇ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ଅବଶିଷ୍ଟ ସମୟରେ ମ୍ୟାଚକୁ ସମାନ ସ୍ତରକୁ ଆଣିବା ପାଇଁ ଆରୋଜ ଉଦ୍ୟମ କରିଥିଲେ ହେଁ ଇଷ୍ଟବେଙ୍ଗଲ ତାହା ହେବାକୁ ଦେଇ ନ ଥିଲା।



ଇଣ୍ଡିଆନ୍ ଆରୋଜ ଓ ଇଷ୍ଟବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।




ଜୋବି ଜଷ୍ଟିନ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

### ନ୍ୟୁଜିଲାଣ୍ଡର କ୍ଲିନ୍‌ସୁଇପ୍

**ନେଲସନ (ନ୍ୟୁଜିଲାଣ୍ଡ), ୮।୧:** ଭେଟେରାନ ବ୍ୟାଟ୍ସମ୍ୟାନ ରସ୍ ଟେଲର ଓ ଉଦୀୟମାନ ତାରକା ହେନରୀ ନିକୋଲାସଙ୍କ ଶତକ ବଳରେ ଘରୋଇ ନ୍ୟୁଜିଲାଣ୍ଡ ମଙ୍ଗଳବାର ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୧୧୫ ରନରେ ପରାସ୍ତ କରିଛି। ଏଥିସହ କେନ୍ ୱିଲିୟମସନଙ୍କ ଦଳ ସିରିଜକୁ ୩-୦ରେ କ୍ଲିନ୍‌ସୁଇପ୍ କରିଛି। ପୂର୍ବରୁ ପ୍ରଥମ ଓ ୨ୟ ଦିନିକିଆକୁ କିୱି ଦଳ ଯଥାକ୍ରମେ ୪୫ ଓ ୨୧ ରନରେ ଜିତିଥିଲା। ଜାନୁୟାରୀ ୧୧ରେ ସିରିଜର ଏକମାତ୍ର ଟି୨୦ ମ୍ୟାଚ୍ ଅକ୍‌ଲାଣ୍ଡରେ ଖେଳାଯିବ। ସ୍ଥାନୀୟ ସାକ୍ସଲନ ଓଭାଲରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୪ ଉଇକେଟ୍ ହରାଇ ୩୬୪ ରନର ବିଶାଳ ସ୍କୋର କରିଥିଲା। ଘରୋଇ ଦଳ ପକ୍ଷରୁ ୩୪ ବର୍ଷୀୟ ଟେଲର ସର୍ବାଧିକ ୧୩୭ ରନ କରିଥିଲେ। ଟେଲର ତାଙ୍କ ୨୦ତମ ଶତକୀୟ ଇନିଂସ ଅବସରରେ ୧୩୧ ବଲର ସାମ୍ନା କରି ୯ ଚୌକା ଓ ୪ ଛକା ମାରିଥିଲେ। ସେହିଭଳି ନିକୋଲାସ ୮୦ ବଲରୁ ୧୨ ଚୌକା ଓ ୩ ଛକା ସହାୟତାରେ ୧୨୪ ରନର ବିସ୍ଫୋରକ ଶତକ ହାସଲ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅଧିନାୟକ ୱିଲିୟମସନ (୫୫ ରନ) ମଧ୍ୟ ଉପଯୋଗୀ ବ୍ୟାଟିଂ କରିଥିଲେ। ଭ୍ରମଣକାରୀ ଶ୍ରୀଲଙ୍କା ପକ୍ଷରୁ ଅଧିନାୟକ ଲସିଥ୍ ମାଲିଙ୍ଗା ସର୍ବାଧିକ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଶ୍ରୀଲଙ୍କା ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ନିରୋଶାନ ଡିକ୍‌ୱେଲା (୪୬), ଧନଞ୍ଜୟ ଡି ସିଲ୍‌ଭା (୩୬) ଓ କୁଶଳ ପେରେରା (୪୩)ଙ୍କ ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ୪୧.୪ ଓଭରରେ ୨୪୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବ ମ୍ୟାଚ୍‌ରେ ବିସ୍ଫୋରକ ଶତକ ହାସଲ କରିଥିବା ଥିସାରା ପେରେରା ଏହି ମ୍ୟାଚ୍‌ରେ ମଧ୍ୟ ୬୩ ବଲରୁ ୮୦ ରନ (୭ ଚୌକା, ୩ ଛକା) ମାରାଥନ ଇନିଂସ ଖେଳିଥିଲେ ମଧ୍ୟ ଦଳକୁ ଜିତାଇ ପାରି ନ ଥିଲେ।






ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦଙ୍କଠାରୁ ପୁରସ୍କାର ଗ୍ରହଣ କରିବା ଅବସରରେ ଯାଶିତା ରାଉତ ଓ ଆରୁଷୀ ଶ୍ରୀଚନ୍ଦନ।

### ମୁମ୍ବାଇ ଇଣ୍ଟରନ୍ୟାଶନାଲ ଚେସ୍: ଆରୁଷୀ, ଯାଶିତା ପ୍ରଥମ

**ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)**

ମୁମ୍ବାଇ ଇଣ୍ଟରନ୍ୟାଶନାଲ ଚେସ୍ ଟୁର୍ନାମେଣ୍ଟର ୪ର୍ଥ ସଂସ୍କରଣ ଡିସେମ୍ବର ୩୦ରୁ ଜାନୁୟାରୀ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ମୁମ୍ବାଇରେ ଅନୁଷ୍ଠିତ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ଆରୁଷୀ ଶ୍ରୀଚନ୍ଦନ ଓ ଯାଶିତା ରାଉତ ନିଜ ବୟସ ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ୧୩ ବର୍ଷରୁ କମ୍ ଜୁନିୟର ଟୁର୍ନାମେଣ୍ଟର ୯ ବର୍ଷରୁ କମ୍ ବୟସବର୍ଗରେ ଆରୁଷୀ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେହିପରି ୧୦ ବର୍ଷରୁ କମ୍ ବର୍ଗରେ ଯାଶିତା ପ୍ରଥମ ହୋଇଛନ୍ତି। ଫଳରେ ଟୁର୍ନାମେଣ୍ଟରୁ ଆରୁଷୀ ୫୬ ଓ ଯାଶିତା ୧୩୭ ଏଲୋ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟତମ ଓଡ଼ିଆ ଖେଳାଳି ମନୀଷ କୁମାର ୧୩ ବର୍ଷରୁ କମ୍ ଜୁନିୟର କାଟେଗୋରିରେ ୪ର୍ଥ ସ୍ଥାନ ଅଧିକାର କରି ୪୪ ଏଲୋ ରେଟିଂ ପଏଣ୍ଟ ପାଇଛନ୍ତି। ଭାରତର ପ୍ରଥମ ଚେସ୍ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ ଅତିଥିଭାବେ ଯୋଗଦେଇ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଓଡ଼ିଶା ପ୍ରତିଯୋଗୀଙ୍କୁ ଏସଆର ଚେସ୍ ସେଣ୍ଟର ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

### ରାମକୁମାର, ଅଙ୍କିତାଙ୍କ ବିଜୟ ଅଭିଯାନ

**ମେଲବୋର୍ନ, ୮।୧(ପି.ଟି.):** ଏଠାରେ ଆରମ୍ଭ ହୋଇଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତର ରାମକୁମାର ରାମନାଥନ ଓ ଅଙ୍କିତା ରାଇନା ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ତେବେ କର୍ମନ କୌର ଥାଣ୍ଡି ମହିଳା ସିଙ୍ଗଲ୍ସରୁ ବିଦାୟ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ୨୧ତମ ସିଡ୍ ରାମକୁମାର ୬-୩, ୬-୨ ସିଧାସଳଖ ସେଟ୍‌ରେ ସ୍ପେନର ସର୍ଜିଓ ଗୁଇଟେରେଜ-ଫେରୋଲଙ୍କୁ ପରାସ୍ତ କରିଛନ୍ତି। ପ୍ରଜନେଶ ଗୁଣେଶ୍ୱରନ ବୁଧବାର କ୍ରୋଏସିଆର ଭିକ୍ଟର ଗାଲୋଭିକ୍‌ଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ୨୦୫ତମ ସ୍ଥାନରେ ରହିଥିବା ଅଙ୍କିତା ୬-୨, ୬-୨ ସିଧାସଳଖ ସେଟ୍‌ରେ ଫ୍ରାନ୍ସର ମାୟରଟିଲେ ଜର୍ଜେସଙ୍କୁ ହରାଇ ଦେଇଛନ୍ତି। ଅଙ୍କିତା ପରବର୍ତ୍ତୀ ରାଉଣ୍ଡରେ ବିଶ୍ୱର ୧୪୦ତମ ର୍‍ୟାଙ୍କ୍ ସ୍ପେନର ପାଉଲା ବାଡୋସା ଗିବର୍ଟଙ୍କୁ ଭେଟିବେ।

### ହିରୋ ରାଇଡର୍ସଙ୍କ ମଧ୍ୟରେ ମେନା ଶ୍ରେଷ୍ଠ

## ଡାକାର ରାଲି



**ପିସ୍‌କୋ (ପେରୁ), ୮।୧ (ପି.ଟି.)**

କଷ୍ଟସାଧ୍ୟ ଡାକାର ରାଲିରେ ହିରୋ ମୋଟୋ ସ୍ପୋର୍ଟ୍ସର ଆରମ୍ଭ ଉତ୍ସାହଜନକ ରହିଛି। ଟିମ୍‌ର ରାଇଡରମାନଙ୍କ ମଧ୍ୟରେ ସ୍ପେନର ଓରିଅଲ ମେନାଙ୍କ ପ୍ରଦର୍ଶନ ସବୁଠାରୁ ଭଲ ରହିଛି। ଷ୍ଟେଜ୍-୧ ରେସ୍‌ରେ ସେ ୧୪ତମ ସ୍ଥାନରେ ରହିଥିବା ବେଳେ ତାଙ୍କ ଟିମ୍‌ମେଟ ତଥା ଭାରତର ସି.ଏସ. ସନ୍ତୋଷ ୨୦ତମ ସ୍ଥାନ ଅଧିକାର କରିଛନ୍ତି। ଲିମାରୁ ପିସ୍କୋ ପର୍ଯ୍ୟନ୍ତ ୮୪ କିଲୋମିଟର ବିଶିଷ୍ଟ ସ୍ପେଶାଲ ଷ୍ଟେଜ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ରାଇଡର ସନ୍ତୋଷ ଲିଡର ତଥା ହୋଣ୍ଡା ଫ୍ୟାକ୍ଟ୍ରି ରେସିଂର ଜୋଆନ ବ୍ୟାରେଡାବୋର୍ଟ (୫୭ମିନିଟ ଓ ୩୬ ସେକେଣ୍ଡ)ଙ୍କଠାରୁ ୯ମ ମିନିଟ ୧୩ ସେକେଣ୍ଡ ପଛୁଆ ତାଙ୍କ ରେସ୍ ଶେଷ କରିଥିଲେ। ଡାକାର ହେଉଛି ବିଶ୍ୱର ସବୁଠାରୁ କଷ୍ଟସାଧ୍ୟ ଅଫ୍-ରୋଡ୍ ରାଲି। ଏହାର ପରବର୍ତ୍ତୀ ପର୍ଯ୍ୟାୟ ସାନ୍ ଜୁଆନ ଡି' ମାର୍କୋନାଠାରେ ହେବ। ସନ୍ତୋଷ ପ୍ରଥମ ଷ୍ଟେଜରେ ତାଙ୍କ ପ୍ରଦର୍ଶନ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଷ୍ଟେଜ୍‌ରେ ତାଙ୍କ ବାଇକ୍‌ର କୌଣସି କ୍ଷତି ଘଟିନାହିଁ।

# ଶରଥ-ମନିକାଙ୍କୁ ମିକ୍ସଡ ଡବଲ୍ସ ଟାଇଟଲ

**କଟକ ଅଫିସ,୮।୧**

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ମିକ୍ସଡ ଡବଲ୍ସ ଟାଇଟଲ ଜିତିଛନ୍ତି ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ(ପିଏସ୍‌ପିବି) ଯୋଡ଼ି ଶରଥ କମଲ ଓ ମନିକା ବାତ୍ରା । ଫାଇନାଲରେ ଏହି ଯୋଡ଼ି ପିଏସ୍‌ପିବିର ଅନ୍ୟ ଏକ ଯୋଡ଼ି ମାନଭ ଠାକର-ଅର୍ଚ୍ଚନା ଗିରିଶ କାମଥଙ୍କୁ ପରାସ୍ତ କରିଛନ୍ତି । ପ୍ରଥମ ଦୁଇଟି ସେଟ୍ ଶରଥ-ମନିକାଙ୍କ ଅକ୍ତିଆରରେ ରହିଥିଲା । ୧୧-୯, ୧୨-୦ ପଏଣ୍ଟରେ ସେ ଏହି ଦୁଇଟି ସେଟ ଜିତିଥିଲେ । ୩ୟ ସେଟରେ ମାନଭ-ଅର୍ଚ୍ଚନା ୧୦-୧୨ ପଏଣ୍ଟରେ ଜିତି ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ । ମାତ୍ର ୪ର୍ଥ ତଥା ନିର୍ଣ୍ଣାୟକ ସେଟରେ ଏସିଆନ ଗେମ୍ସର ବ୍ରୋଞ୍ଜ ପଦକ ବିଜେତା ଯୋଡ଼ି ଶରଥ-ମନିକା ୧୧-୬ ପଏଣ୍ଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ପ୍ରତିଯୋଗିତାରୁ ଆୟୋଜକ ଓଡ଼ିଶାର ଅଭିଯାନ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଛି । ପୂର୍ବରୁ ଟିମ ଇଭେଣ୍ଟରେ ଦଳ

## ଜାତୀୟ ଟିଟି

ବିଦା ହୋଇଥିବା ବେଳେ ମଙ୍ଗଳବାର ଖେଳାଯାଇଥିବା ସିଙ୍ଗଲ୍ସରେ ମଧ୍ୟ ଓଡ଼ିଶା ପ୍ରତିଯୋଗୀମାନେ ପରାସ୍ତ ହୋଇଛନ୍ତି । ସିଙ୍ଗଲ୍ସ ପୁରୁଷ ବର୍ଗ ମୁଖ୍ୟ ଡ୍ରରେ ଆସିଫ ହକ୍ ପ୍ରଥମ ରାଉଣ୍ଡରେ ବାଇ ପାଇଥିବା ବେଳେ ଦ୍ୱିତୀୟ ରାଉଣ୍ଡରେ ତାମିଲନାଡୁର ଶିବାନନ୍ଦ ଶେସାଦ୍ରୀଙ୍କଠାରୁ ୨-୩ରେ ହାରିଥିଲେ । ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ଏମ. ଈଶ୍ୱର ରାଓ ମଧ୍ୟ ପ୍ରଥମ ରାଉଣ୍ଡରେ ବାଇ ପାଇ ଦ୍ୱିତୀୟ ରାଉଣ୍ଡରେ ହାରିଥିଲେ । ଈଶ୍ୱର ହରିୟାଣାର ଜୁବିନ କୁମାରଙ୍କଠାରୁ ୦-୩ ସେଟରେ ପରାସ୍ତ ହୋଇଛନ୍ତି । ସ୍ନେହମୟ ମଲ୍ଲିକ ପ୍ରଥମ ରାଉଣ୍ଡରେ ଆନ୍ଧ୍ରପ୍ରଦେଶର ଏସ୍. ପାଣ୍ଡେଙ୍କ ଠାରୁ ୧-୩ ସେଟରେ ପରାସ୍ତ ହୋଇ ସିଧାସଳଖ ବାଦ ପଡ଼ିଥିଲେ । କ୍ରିଷ୍ଣା ପୃଷ୍ଟି ଆସାମର ଅଲିକୋ ହାଜାରିକାଙ୍କ୍‌ଠାରୁ ମଧ୍ୟ ପ୍ରଥମ ରାଉଣ୍ଡରେ ୦-୩ ସେଟରେ ହାରି ବିଦାୟ ନେଇଛନ୍ତି । ଏକମାତ୍ର ମହିଳା ଓଡ଼ିଆ ଖେଳାଳି ଭାବେ ସିଙ୍ଗଲ୍ସ ଇଭେଣ୍ଟ ଖେଳିଥିବା ସମର୍ଥା ପୃଷ୍ଟି ପ୍ରଥମ ରାଉଣ୍ଡରେ ଅଡିଟ୍ସ ଆଣ୍ଡ ଆକାଉଣ୍ଟ୍ସ ଦଳର ପୂଜା ଶର୍ମାଙ୍କଠାରୁ ୧-୩ରେ ହାରିଥିଲେ ।



ମଙ୍ଗଳବାର ମିକ୍ସଡ୍ ଡବଲ୍ସ ଫାଇନାଲ୍ ଅବସରରେ ପ୍ରତିଯୋଗୀମାନେ।

## ସଂକ୍ଷେପରେ

### ଭିଭିପାଟ୍ ସଚେତନତା ପାଇଁ ପଞ୍ଚାୟତକୁ ଗଡ଼ିଲା ଗାଡ଼ି

ରସୁଲପୁର,୮।୧(ଡି.ଏନ୍.ଏ.)- ରସୁଲପୁର ବ୍ଲକରେ ଆସନ୍ତା ସାଧାରଣ ନିର୍ବାଚନକୁ ନେଇ ତତ୍ପରତା ପ୍ରକାଶ ପାଇଛି। ଚଳିତବର୍ଷ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ଭୋଟିଂ ମେଶିନ ସହ ଭୋଟର୍ସ ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ(ଭିଭିପାଟ) ସଂଯୋଗ କରାଯିବ। ଏହାର ମୂଲ୍ୟବୋଧ ସମ୍ପର୍କରେ ସାଧାରଣ ଭୋଟରଙ୍କୁ ସଚେତନ କରାଯିବା ପାଇଁ ମଙ୍ଗଳବାର ବ୍ଲକ ପକ୍ଷରୁ ସଚେତନତା ରଥ ଗାଁକୁ ଯାଇଛି। ଏହି ଅବସରରେ ୫ଟି ମୋବାଇଲ ଦଳ ବ୍ଲକ ଅଧିନରେ ଥିବା ୧୬୦ଟି ରାଜସ୍ୱ ଗ୍ରାମକୁ ଯାଇ ଭୋଟରଙ୍କୁ ସଚେତନ କରାଇବ । ଏହି କ୍ରମରେ ପ୍ରଥମ ଦଫାରେ ଏହି ବ୍ଲକ ଅଧିନସ୍ଥ ଲକ୍ଷ୍ମୀନଗର, ପହଁଗା, ଶ୍ରୀବନ୍ତପୁର, ଜାବରା ଓ ବଡକଇଁଚି ପଞ୍ଚାୟତର ଗୋଟିଏ ଲେଖାଏ ଗାଁ ବୁଲି ଭୋଟରମାନଙ୍କୁ ସଚେତନ କରିଛି। ପୂର୍ବ ନିର୍ବାଚନ ସମୟରେ ଇଭିଏମ ମେଶିନ ଭୋଟିଂର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଥିଲା। ଭୋଟରମାନଙ୍କ ଭୋଟଦାନ ଅଧିକାରକୁ ସୁଦୃଢ କରିବା ପାଇଁ ଭିଭିପାଟ୍ ମେସିନ ବ୍ୟବହାର କରାଯାଉଛି ବୋଲି ରସୁଲପୁର ବିଡିଓ ଉମାକାନ୍ତ ପରିଡା ଓ ଏବିଡିଓ ଅସିତ୍ କୁମାର ପାତ୍ର ସଚେତନତା ରଥ ଉଦ୍‌ଘାଟନ ଅବସରରେ ମତ ରଖିଛନ୍ତି। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ଦିବ୍ୟକାନ୍ତି ମିଶ୍ର କାର୍ଯ୍ୟକ୍ରମ ଏ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

### ବନ୍ଧଡିହ ପଞ୍ଚାୟତରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ରସୁଲପୁର,୮।୧(ଡି.ଏନ୍.ଏ.)- ରସୁଲପୁର ବ୍ଲକ ଅଧିନସ୍ଥ ବରୀ ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଥିବା ବନ୍ଧଡିହ ପଞ୍ଚାୟତରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବ ବାହିନୀର ବରିଷ୍ଠ ସଭ୍ୟ ପ୍ରମୋଦ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବରୀ ବିଧାୟକ ଦେବାଶିଷ ନାୟକ, ସମ୍ମାନିତ ଅତିଥି ଭାବରେ ରସୁଲପୁର ବିଡିଓ ଉମାକାନ୍ତ ପରିଡା, ସରପଞ୍ଚ ପ୍ରଫୁଲ୍ଲ ସାହୁ, ବରୀ ବ୍ଲକ ବିଜେଡି ସଭାପତି ସେକ୍ ସଫିଉଦ୍ଦିନ, ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ବିଜୁ ଯୁବ ବାହିନୀର ଜିଲା ଓ ବ୍ଲକ ସଂଯୋଜକ ସାଗର ଦାସ ଓ ସତ୍ୟ ଦାସ, ଯୁବନେତା ଗଣେଶ୍ୱର ସାହୁ, ବିଚିତ୍ର ମହାନ୍ତି, ସରୋଜ ସାହାଣୀ, ଶ୍ୟାମସୁନ୍ଦର ବେହେରା, ବିଦ୍ୟାଧର ମଲ୍ଲିକ, ବିପିନ ମଲ୍ଲିକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ସଫଳତମ ଯୋଜନା ସମ୍ପର୍କରେ ମତ ରଖିଥିଲେ। ଯୁବ ବାହିନୀର ସଦସ୍ୟମାନେ ସାଧାରଣ ଲୋକଙ୍କ କାର୍ଯ୍ୟରେ ଲାଗିବା ପାଇଁ ବଦ୍ଧପରିକର ବୋଲି ମତ ରଖିଥିଲେ।

### ଲୋଡର ଚାପାରେ ଶ୍ରମିକଙ୍କ ମୃତ୍ୟୁ

ରସୁଲପୁର,୮।୧(ଡି.ଏନ.ଏ.)- ରସୁଲପୁର ବ୍ଲକ ଅଧୀନ ୧୬ନଂ. ଜାତୀୟ ରାଜପଥର ମୂଳାପାଳ ଛକ ନିକଟରେ ମଙ୍ଗଳବାର ସକାଳେ ରାଜପଥ ନିର୍ମାଣ କାମ ଚାଲୁଥିବା ବେଳେ ଲୋଡର ଚାପାରେ ଜଣେ ଶ୍ରମିକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ଉତ୍ତରପ୍ରଦେଶର ବାଲୁଧା ଥାନା ଅଞ୍ଚଳର ଶ୍ୟାମସୁନ୍ଦର। ମିଳିଥିବା ସୂଚନାର ଅନୁଯାୟୀ, ଶ୍ୟାମସୁନ୍ଦର କାର୍ଯ୍ୟସ୍ଥଳରେ ଥକା ମେଣ୍ଟାଉଥିବା ବେଳେ ରାସ୍ତା ନିର୍ମାଣରେ ନିୟୋଜିତ ଏକ ଲୋଡର ମେଶିନ ବେପରୁଆ ଭାବେ ଆସି ଶ୍ରମିକଙ୍କ ଉପରେ ଚଢିଯାଇଥିଲା। ଏ ନେଇ ବୁଲଦ କମ୍ପାନୀର ଠିକାଦାର ନବୁଲ ୱାଜଦ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ କମ୍ପାନୀ ଲୋକଙ୍କୁ ହସ୍ତାନ୍ତର କରିଛି।

# ବିଷାକ୍ତ ପାଣି ବଳୟରେ ଶିଳ୍ପାଞ୍ଚଳ

- ୧୩.୪ ଗୁଣ ଅଧିକ ଫେନୋଲିକ କମ୍ପାଉଣ୍ଡ
- ୧.୪୬ ଗୁଣ ଅଧିକ ସାୟାନାଇଡ
- କେନ୍ଦ୍ରୀୟ ପରୀକ୍ଷାଗାର ରିପୋର୍ଟ ସାଂଘାତିକ
- ପ୍ରଭାବଶାଳୀ ଶିଳ୍ପକୁ ଏସ୍‌ପିସିବିର ମାଫ୍

ଯାଜପୁର ଅଫିସ/ କଳିଙ୍ଗନଗର (ଡି.ଏନ.ଏ.), ୮।୧

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର କେନ୍ଦ୍ରୀୟ ପରୀକ୍ଷାଗାରରେ କଳିଙ୍ଗନଗର ଶିଳ୍ପାଞ୍ଚଳର ଜଳ ନମୁନା ପରୀକ୍ଷାରେ ପୁଣି ବିଷାକ୍ତ ଦ୍ରବ୍ୟ ମିଳିଥିବା ସୂଚନା ମିଳିଛି। ତେବେ ନଭେମ୍ବର ମାସର ରିପୋର୍ଟ ଅପେକ୍ଷା ଡିସେମ୍ବର ମାସରେ ସାମାନ୍ୟ ହ୍ରାସ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ବିଶେଷକରି ନୀଳାଚଳ ଇସ୍ପାତ ନିଗମ ଲିଃ, ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ ଓ ମେସ୍କୋ ଷ୍ଟିଲର ବିଷାକ୍ତ ପାଣି ମିଶୁଥିବା ଗଣ୍ଡାନାଳାର କୁସୁନପୁର ବ୍ରିଜ୍ ନିକଟ ଜଳ ଅଧିକ ବିଷାକ୍ତ ବୋଲି ଜଣାପଡିଛି। ଏହି ଜଳ ନମୁନାରେ ଅନୁଜ୍ଞେୟ ସୀମିତ (ପରମିସିବୁଲ ଲିମିଟ)୦.୦୦୫(ମିଲିଗ୍ରାମ/ଲିଟର)ଠାରୁ୧୩.୪ ଗୁଣ ଅଧିକ ଫେନୋଲିକ କମ୍ପାଉଣ୍ଡ(କୋଇଲାକ୍ତ ପଦାର୍ଥ) ଓ ୦.୦୫ (ମିଲିଗ୍ରାମ/ଲିଟର) ଠାରୁ ୧.୪୬ ଗୁଣ ଅଧିକ ସାୟାନାଇଡ ମିଳିଛି। ତେବେ ଏହି ଜଳ ପ୍ରଦୂଷଣ ପାଇଁ ଅନ୍ୟ ଏକ ପ୍ରଭାବଶାଳୀ କମ୍ପାନୀର ସମ୍ପୃକ୍ତି ରହୁଥିଲେ ହେଁ ଏସ୍‌ପିସିବି ତାକୁ ମାଫ୍ କରିଦେବା ବିଡ଼ମ୍ବନା ବୋଲି ମତପ୍ରକାଶ ପାଇଛି।

ଶିଳ୍ପାଞ୍ଚଳ ଦେଇ ପ୍ରବାହିତ ଗଣ୍ଡନାଳା ଯାଜପୁର ଜିଲାର ଜୀବନରେଖା ଭାବେ ପରିଚିତ ବ୍ରାହ୍ମଣୀର ଉପନଦୀ ଖରସ୍ରୋତାରେ ମିଶୁଛି। ଗଣ୍ଡାନାଳା ଓ ଖରସ୍ରୋତା ପାଣି ଅଧିକ ବିଷାକ୍ତ ହେଉଥିବା ଦୀର୍ଘଦିନରୁ ଅଭିଯୋଗ ହୋଇଆସୁଛି। ରାଜ୍ୟ ସରକାର ଏହାର କୌଣସି ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଜିଲାର ଶିଳ୍ପାଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ କିଡ୍‌ନୀ ସହିତ ବିଭିନ୍ନ ଜଳବାହିତ ରୋଗ ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ଏସ୍‌ପିସିବି ନିୟମିତ ଭାବେ ନିଜର କର୍ତ୍ତବ୍ୟ ପାଳନ ପୂର୍ବକ ଜଳ ନମୁନା ସଂଗ୍ରହ କରି ପରୀକ୍ଷା ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଆସୁଛି । ଜଳନମୁନା ପରୀକ୍ଷାରେ ପ୍ରାୟତଃ ପାଣି ବିଷାକ୍ତ ହେଉଥିବା ରିପୋର୍ଟ ଆସୁଛି। ହେଲେ ରାଜ୍ୟ ସରକାର ଶିଳ୍ପକୁ ଅନ୍ଧାଧୁନିଆ ଭାବେ ଗ୍ରହଣ କରୁଥିବାରୁ ଜଳ ପ୍ରଦୂଷଣକୁ ଗୁରୁତ୍ୱ ଦେଉ ନାହାନ୍ତି। ଏଥିପାଇଁ ସାଧାରଣ ଲୋକେ ମୃତ୍ୟୁବରଣ କରୁଥିଲେ ହେଁ ଶାସକ ଦଳର ସ୍ଥାନୀୟ ଲୋକ ପ୍ରତିନିଧି କିମ୍ବା ସରକାରଙ୍କ ଚିନ୍ତା ନ ଥିବା ମନେ ହେଉଛି। ଜଳ ପ୍ରଦୂଷଣରେ ଲୋକେ ମଲେହଜେ କାହାର ଯାଏଆସେ ବୋଲି ରାଜନେତାମାନେ ଭାବୁଛନ୍ତି। ଏହି କ୍ରମରେ ଗତ ୨୦।୧୨।୨୦୧୮ ତାରିଖରେ କେନ୍ଦ୍ରୀୟ ପରୀକ୍ଷାଗାର ବୈଜ୍ଞାନିକ ବି.ଏନ୍. ସେନାପତିଙ୍କ ଦ୍ୱାରା ଜଳନମୁନା ଦାଖଲ ହେବାପରେ ସେହିଦିନ ହିଁ ବିଶ୍ଳେଷଣ କରାଯାଇଥିଲା। ବିଶ୍ଳେଷଣରେ ବ୍ରାହ୍ମଣୀ ନଦୀର କବାଟବନ୍ଧ ନିକଟରୁ ସଂଗୃହିତ ଜଳ ନମୁନାରେ ୦.୦୩୩ ଫେନୋଲିକ ଓ ୦.୦୪୩ ସାୟାନାଇଡ, ଖରସ୍ରୋତା ନଦୀର ୱାଟର ଇନଟେକ ପଏଣ୍ଟରେ ୦.୦୩୨ ଫେନୋଲିକ ଓ ୦.୦୪୭ ସାୟାନାଇଡ, ଗଣ୍ଡାନାଳାର ଓଲଳା ନିକଟ ପାଣିରେ ୦.୦୩୯ ଫେନୋଲିକ ଓ ୦.୦୩୩ ସାୟାନାଇଡ, ଗଣ୍ଡାନାଳାର କୁସୁପୁର ବ୍ରିଜ୍ ନିକଟ ପାଣିରେ ୦.୦୬୭ ଫେନୋଲିକ ଓ ୦.୦୭୩ ସାୟାନାଇଡ, ଗଣ୍ଡାନାଳାର ମାର୍ଥାପୁର ନିକଟ ପାଣିରେ ୦.୮୧ ଫେନୋଲିକ ଓ ୦.୦୬୩ ସାୟାନାଇଡ, ଖରସ୍ରୋତା ନଦୀର ଯୋକଡିଆ ବ୍ରିଜ ନିକଟ ପାଣିରେ ୦.୦୫୬ ଫେନୋଲିକ ଓ ୦.୦୬୦ ସାୟାନାଇଡ ଏବଂ ଖରସ୍ରୋତା ଖଣ୍ଡିତରା ନିକଟ ଜଳ ନମୁନାରେ ୦.୦୪୮ ଫେନୋଲିକ ଓ ୦.୦୪୦ ସାୟାନାଇଡ ଥିବା ଜାଣିବାକୁ ମିଳିଛି। ସ୍ୱାଭାବିକ ଭାବେ ବର୍ଷା ସମୟରେ ଅଧିକ ବିଷାକ୍ତ ଦ୍ରବ୍ୟ ଫେନୋଲିକ ଓ ସାୟାନାଇଡ ମିଳିଥାଏ। କିନ୍ତୁ ଡିସେମ୍ବର ୧୯ତାରିଖ କିମ୍ବା ପୂର୍ବରୁ କୌଣସି ବର୍ଷା ହୋଇ ନ ଥିବାବେଳେ ଜଳନମୁନା ରିପୋର୍ଟରେ ଏଭଳି ସାଂଘାତିକ ବିଷାକ୍ତ ଦ୍ରବ୍ୟ ମିଳିବା ବିପଦାପନ୍ନ ବୋଲି ମତପ୍ରକାଶ ପାଇଛି। ଏହି ଧାରା କେବେ ଶେଷ ହେବ ବୋଲି ଲୋକେ ସଂଶୟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ କଳିଙ୍ଗନଗରର ସର୍ବବୃହତ କାରଖାନା ଟାଟା ଷ୍ଟିଲ ଅନ୍ଧାରିପୋଲ ଦେଇ ମଝିରେ ମଝିରେ ବିଷାକ୍ତ ପାଣି ଛାଡୁଥିବା ଅଭିଯୋଗ ହେଉଥିଲେ ହେଁ ଜଳପ୍ରଦୂଷଣ ତାଲିକାରେ ନାମ ନ ରହିବା ଏସ୍‌ପିସିବିର କାର୍ଯ୍ୟ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା କୁହନ୍ତି ଶିଳ୍ପାଞ୍ଚଳର ଜଳପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ଏସ୍‌ପିସିବି ପକ୍ଷରୁ ସବୁପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିରେ କୌଣସି ପ୍ରକାର ପାତରଅନ୍ତର କରାଯାଉ ନାହିଁ ବୋଲି ବେହେରା କହିଛନ୍ତି।

### ଯୁକ୍ତ ୨ପରୀକ୍ଷା ପାଇଁ ପ୍ରସ୍ତୁତି, ସିସି ଟିଭି ସଂଯୋଗରୁ ଆରମ୍ଭ

ରସୁଲପୁର,୮।୧(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପରୀକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମହାବିଦ୍ୟାଳୟରେ ସିସି ଟିଭି ସଂଯୋଗରୁ ଏହି ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି କଲେଜର ଅଧକ୍ଷ କିଶୋର ଚନ୍ଦ୍ର ଜେନା ପ୍ରକାଶ କରିଛନ୍ତି । ଯୁକ୍ତ ୨ ପରୀକ୍ଷାକୁ ଅବାଧ, ନିରପେକ୍ଷ ଓ ଶୃଙ୍ଖଳିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଭିଯାନ ଜାରି ରହିଛି । ବିଶେଷକରି ପରୀକ୍ଷା ସମୟରେ ପ୍ରଶ୍ନପତ୍ର ଲିକ୍, ଛାତ୍ରୀଛାତ୍ରମାନେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ, କପି ଆଦିକୁ ରୋକିବାକୁ ପ୍ରତ୍ୟେକ କଲେଜକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ-ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ମୁତାବକ ପ୍ରତ୍ୟେକ ପରୀକ୍ଷା ହଲ, କଲେଜ ସମ୍ମୁଖ, କାର୍ଯ୍ୟାଳୟ ପ୍ରକୋଷ୍ଠ ଆଦିରେ ସିସି କାମେରା ଲଗାଯାଇଛି। ପରୀକ୍ଷା ସମୟରେ କୌଣସି ଅଘଟଣ ଘଟିଲେ ଅବା ପରୀକ୍ଷାର ସାଧୁତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଲେ ସିସି ଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଇ ତ୍ରୁଟି ବିଚ୍ୟୁତିକୁ ଧରାଯାଇ ପାରିବା ସହ ଦୋଷୀଙ୍କୁ ଦଣ୍ଡିତ କରାଯାଇ ପାରିବ ବୋଲି ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

## ବ୍ରାହ୍ମଣୀ ପୋଲ ଉପରେ ତୀର୍ଥଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ

# ଜଣେ ମୃତ, ୧୦ରୁ ଊର୍ଦ୍ଧ୍ୱ ଆହତ

ରସୁଲପୁର/ଧର୍ମଶାଳା, ୮।୧(ଡି.ଏନ୍.ଏ.)

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ନିକଟସ୍ଥ ବ୍ରାହ୍ମଣୀ ପୋଲ ଉପରେ ମଙ୍ଗଳବାର ଭୋର ସମୟରେ କଲିକତାର ନିଉଟାଉନ ଅଞ୍ଚଳରୁ ପୁରୀ ଅଭିମୁଖେ ଆସୁଥିବା ଏକ ତୀର୍ଥଯାତ୍ରୀ ବସ୍(ଡବ୍ଲ୍ୟୁବି୬୧-ଏ-୨୫୯୧) ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଘଟଣାସ୍ଥଳରେ ବସ୍ ଖଲାସିଙ୍କ ମୃତ୍ୟୁ ହୋଇଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି। ଏସମ୍ପର୍କରେ ଖବରପାଇ ଧର୍ମଶାଳା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଖଲାସି ପଶ୍ଚିମବଙ୍ଗ ହୁଗୁଳି ଅଞ୍ଚଳର ଦେବା ଦାସଙ୍କ ମୃତଦେହକୁ ଜବତ କରିବା ସହ ଆହତଙ୍କୁ ସ୍ଥାନୀୟ ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ଆହତଙ୍କ ମଧ୍ୟରେ କଲିକତାସ୍ଥିତ ନିଉଟାଉନ ଅଞ୍ଚଳର ସଂଗୀତା ବିଶ୍ୱାସ(୩୦) ଓ ତାଙ୍କ ସ୍ୱାମୀ ତରୁଣ ବିଶ୍ୱାସ(୩୮)ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପୋଲିସ ଏହି ଘଟଣାରେ ଏକ ମାମଲା (ନଂ-୧୧/୧୮) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, କଲିକତାର ନିଉଟାଉନ ଅଞ୍ଚଳରୁ ଏକ ତୀର୍ଥଯାତ୍ରୀ ବାହୀ ବସ୍ ସୋମବାର ସନ୍ଧ୍ୟାରେ ପୁରୀ ଅଭିମୁଖେ ବାହାରିଥିଲା। ବସ୍‌ରେ ୧୦ରୁ ଊର୍ଦ୍ଧ୍ୱ ଶିଶୁ, ଜଣେ ବୃଦ୍ଧଙ୍କ ସମେତ ୬୫ଜଣ ଯାତ୍ରୀ ଥିଲେ। ବ୍ରାହ୍ମଣୀ ପୋଲ ଉପରେ ଏକ ପାଲ ବୋଝେଇ ଟ୍ରକ୍ ଯାନ୍ତ୍ରିକ ତ୍ରୁଟି କାରଣରୁ ଛିଡ଼ା ହୋଇଥିଲା। ଭୋର ସମୟରେ କୁହୁଡ଼ି ଅଧିକ ଥିବାରୁତୀର୍ଥଯାତ୍ରୀ ବସ୍‌ର ଡ୍ରାଇଭର ଟ୍ରକ୍‌କୁ ଦେଖି ନ ପାରି ଧକ୍କା ଦେଇଥିଲେ। ଫଳରେ ଗାଡି ସମ୍ମୁଖରେ ବସିଥିବା ଖଲାସିଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା।



ଦୁର୍ଘଟଣାଗ୍ରସ୍ତ ବସ୍ ।

## ଦୁର୍ଘଟଣାସ୍ଥଳରେ ପୁଣି ଦୁର୍ଘଟଣା, ସ୍କୁଟି ଚାଳକ ଗୁରୁତର

ରସୁଲପୁର,୮।୧(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବ୍ରାହ୍ମଣୀ ନଦୀ ପୋଲ ଉପରେ ଏକ ତୀର୍ଥଯାତ୍ରୀବାହୀ ବସ୍ ମଙ୍ଗଳବାର ଭୋର୍ ସମୟରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା। ସେହି ସ୍ଥାନରେ ସନ୍ଧ୍ୟା ସାଢେ ୬ଟା ସମୟରେ ପୁଣି ଏକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମର ଲକ୍ଷ୍ମୀଧର ନାୟକ(୬୫) ଗୁରୁତର ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ପାଇଁ ରାଜପଥ କର୍ତ୍ତୃପକ୍ଷଙ୍କୁ ଦାୟୀ କରାଯାଉଛି। ପୂର୍ବରୁ ଘଟିଥିବା ଦୁର୍ଘଟଣାରେ ପୋଲ ଉପରେ ଭଙ୍ଗା କାଚ, ଲୁହାଖଣ୍ଡ, ବସ୍ ସମ୍ମୁଖର ଭଙ୍ଗା ଅଂଶ, ମୃତ ଓ ଆହତ ବ୍ୟକ୍ତିର ରକ୍ତ ପଡ଼ି ରହିଛି। କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍‌କୁ ଘଟଣାସ୍ଥଳରୁ ହଟାଇ ଦିଆଯାଇଛି। ମାତ୍ର ପୋଲ ଉପରକୁ ପରିଷ୍କାର କରାଯାଇ ନାହିଁ । ଫଳରେ ବହୁ ବାଇକ୍ ଆରୋହୀ ଏହି ବାଟ ଦେଇ ଯିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆହତ ଲକ୍ଷ୍ମୀଧର ବାରବାଟୀରୁ ଜାରକା ଆଡକୁ ସ୍କୁଟିରେ ଯାଉଥିବା ବେଳେ ଏହି ସ୍ଥାନରେ ରାସ୍ତାର ଅବସ୍ଥା ଦେଖି ହଡବଡେଇ ଯାଇ ସ୍କୁଟିର ବ୍ରେକ୍ ମାରି ଦେଇଥିଲେ। ଏହି ସମୟରେ ପଛରୁ ଆସୁଥିବା ଆଉ ଏକ ବାଇକ ଲକ୍ଷ୍ମୀଧରଙ୍କ ସ୍କୁଟିକୁ ଧକ୍କା ଦେଇ ପଳାଇ ଯାଇଥିଲା । ଫଳରେ ଘଟଣା ସ୍ଥଳରେ ସେ ଛିଟିକି ପଡିଥିଲେ । ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଁଚି ଆହତ ଲକ୍ଷ୍ମୀଧରଙ୍କୁ ଧର୍ମଶାଳା ଡାକ୍ତରଖାନାକୁ ନେଇ ଥିଲେ।

### ମା' ତାରିଣୀଙ୍କ ପ୍ରତିଷ୍ଠା ଦିବସ

ବିଞ୍ଝାରପୁର,୮।୧(ଡି.ଏନ୍.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଛୋଳଛକ ଠାରେ ଅଧିଷ୍ଠାତ୍ରୀ ଦେବୀ ମା' ତାରିଙ୍କ ୩୮ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବାଛୋଳ, ତିଣା, ଫତେପୁର, ଓଳେଇ ଆଦି ପଞ୍ଚାୟତ ସମେତ ବ୍ଲକର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ। ମା'ଙ୍କ ଏହି ଉତ୍ସବ ପାଇଁ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଥିଲା। ବାଛୋଳ ଛକ ବ୍ୟବସାୟୀ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହି ଉତ୍ସବ ଆୟୋଜିତ ହୋଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଭଜନ ସନ୍ଧ୍ୟା, ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

## ଯାଜପୁର ଜିଲାପାଳଙ୍କୁ ଭେଟିଲେ ବିଶ୍ୱରେକର୍ଡଧାରୀ ସାଇରାମ ଗାନ୍ଧୀ


ସାଇରାମଙ୍କୁ ଜିଲାପାଳ ୟୁନିକ ବିଶ୍ୱ ରେକର୍ଡର ପ୍ରମାଣ ପତ୍ର ପ୍ରଦାନ କରୁଛନ୍ତି ।

ବିରଜାକ୍ଷେତ୍ର, ୮।୧(ଡି.ଏନ୍.ଏ)

ନିଜକୁ ଗାନ୍ଧୀ ବେଶରେ ସଜାଇ ଗାନ୍ଧୀଙ୍କ ଅହିଂସା, ଶାନ୍ତି ଓ ସ୍ୱଚ୍ଛତାର ବାର୍ତ୍ତା ସାରା ଭାରତରେ ପ୍ରଚାର କରୁଥିବା ବିଶ୍ୱରେକର୍ଡଧାରୀ ଉତ୍କଳ ସଂଗୀତ ମହାବିଦ୍ୟାଳୟର ଛାତ୍ର ମୋହନ ମହାପାତ୍ର(ସାଇରାମ ଗାନ୍ଧୀ) ମଙ୍ଗଳବାର ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଭେଟିଥିଲେ। ଜିଲାପାଳଙ୍କ ସହିତ ଏହି ସୌଜନ୍ୟ ମୂଳକ ସାକ୍ଷାତ ସମୟରେ ମହାପାତ୍ର ନିଜକୁ କାହିଁକି ଗାନ୍ଧୀ ବେଶରେ ସଜାଇ ସାରାଦେଶ ପାଦରେ ଚାଲିଚାଲି ବୁଲୁଛନ୍ତି ସେ ବିଷୟରେ ଅବଗତ କରିଥିଲେ। ଏଥିସହିତ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ପୀଠସ୍ଥଳ ଯାଜପୁର ଜିଲାରେ ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶ ବିଷୟରେ ପ୍ରଚାର କରି ଜନସଚେତନତା ସୃଷ୍ଟି କରିବାକୁ ଚିନ୍ତା କରିଥିବା ବିଷୟରେ କହିଥିଲେ। ଆଲୋଚନା ସମୟରେ ସାଇରାମ ଗାନ୍ଧୀ ଗତ ଅଗଷ୍ଟ କ୍ରାନ୍ତି ଦିବସରେ ବରୀର କଳାମାଟିଆସ୍ଥିତ ଶହୀଦ ପୀଠରୁ ନିଜର ପଦଯାତ୍ରା ଆରମ୍ଭ କରି ଗୁଜରାଟର ସାବରମତୀ ଆଶ୍ରମ ଯାତ୍ରା କରିଥିଲେ। ଏହି ଯାତ୍ରା ସାରିବା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ସମ୍ମାନିତ ମଧ୍ୟ କରିଥିଲେ। ଆଗାମି ଦିନରେ ସାରା ରାଜ୍ୟରେ ଗାନ୍ଧୀଙ୍କ ସ୍ୱଚ୍ଛତାର ବାର୍ତ୍ତା ପ୍ରଚାର କରି ଜନସଚେତନତା ସୃଷ୍ଟି କରିବାର ଯୋଜନା କରୁଥିବା କହିଥିଲେ। ଆସନ୍ତା ୨୬ତାରିଖରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ପରେଡ କାର୍ଯ୍ୟକ୍ରମରେ ଯୋଗଦେବାକୁ ସାଇରାମଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାପାଳ ସାଇରାମଙ୍କୁ ନିକଟରେ ପାଇଥିବା ୟୁନିକ ବିଶ୍ୱ ରେକର୍ଡର ପ୍ରମାଣ ପତ୍ରକୁ ପ୍ରଦାନ କରିଥିଲେ । ଏହି ଆଲୋଚନା ସମୟରେ ଅତିରିକ୍ତ ଜିଲାପାଳ ମିହିରପ୍ରସାଦ ମହାନ୍ତି, ଜିଲା ସୂଚନା ଅଧିକାରୀ ସନ୍ତୋଷ ସେଠୀ, ରାଜକିଶୋର ପଣ୍ଡା, ଗାନ୍ଧୀ ସ୍ମୃତି ସଂଗ୍ରାହକ ଭାବେ ଲିମ୍‌କା ବୁକ ଅଫ୍ ରେକର୍ଡରେ ସ୍ଥାନ ପାଇଥିବା ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବରୁଣେଶ୍ୱର ମେଳାକୁ ନେଇ ପଞ୍ଚାୟତ-ପ୍ରଶାସନ ମୁହାଁମୁହିଁ

### ମେଳାପଡ଼ିଆରେ ଜାଗା ନ ପାଇ ଫେରିଲେ ଶତାଧିକ ଦୋକାନୀ

ବିଞ୍ଝାରପୁର,୮।୧(ଡି.ଏନ୍.ଏ.)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅରେଇସ୍ଥିତ ପ୍ରସିଦ୍ଧ ବାବା ବରୁଣେଶ୍ୱର କ୍ଷେତ୍ରରେ ମକର ମେଳାକୁ ଆଉ ରହିଲା ୭ଦିନ। ହେଲେ ମେଳାର ପରିଚାଳନାକୁ ନେଇ ଏବେ ପ୍ରାଶାସନ ଓ ପଞ୍ଚାୟତ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ମେଳା ପରିଚାଳନା ସମ୍ପର୍କିତ ଏକ ମାମଲା ଏବେ ଉଚ୍ଚ ନ୍ୟାୟାଳୟରେ ବିଚାରାଧିନ ରହିଥିବାବେଳେ ମେଳାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଉଚ୍ଚ ନ୍ୟାୟାଳୟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମେଳା ପରିଚାଳନା କରିବାକୁ ପ୍ରଶାସନିକସ୍ତରରେ ପ୍ରସ୍ତୁତ ହୋଇସାରିଛି। ତେବେ ପ୍ରଶାସନ ପକ୍ଷରୁ ମେଳା ପଡ଼ିଆରେ ଦୋକାନୀଙ୍କୁ ଜାଗା ଦିଆଯାଇ ଅର୍ଥ ଆଦାୟ କରାଯିବାକୁ ପଞ୍ଚାୟତବାସୀ ବିରୋଧ କରିଛନ୍ତି। ପୂର୍ବରୁ ଏହି ମେଳା ପରିଚାଳନା ପଞ୍ଚାୟତ କରିଆସୁଥିଲା। ହେଲେ ଚଳିତ ବର୍ଷ ଅରେଇ ପଞ୍ଚାୟତକୁ ଅଣଦେଖା କରି ପ୍ରଶାସନ ମେଳା କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ପୂର୍ବାହ୍ନରେ ତହସିଲଦାର ଶୁଭ୍ରବାଳା ବେହେରା ମେଳାରେ ଅସ୍ଥାୟୀ ଷ୍ଟଲ ପକାଉଥିବା ବ୍ୟବସାୟୀଙ୍କୁ ଜାଗା ଚିହ୍ନଟ କରି ଟିକସ ଆଦାୟ କରିବାକୁ ଯାଇଥିଲେ। ମାତ୍ର ପଞ୍ଚାୟତର ସରପଞ୍ଚ ଓ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ତହସିଲ କର୍ତ୍ତୃପକ୍ଷ, ପୋଲିସ କର୍ମଚାରୀଙ୍କୁ ସେଠାରେ ନାକେଦମ ହେବାକୁ ପଡ଼ିଥିଲା। କେଉଁ ଆଧାରରେ ପ୍ରଶାସନ ପଞ୍ଚାୟତକୁ ଅଣଦେଖା କରି ମେଳା କରିବାକୁ ଯାଉଛି ବୋଲି ସରପଞ୍ଚ ମଲ୍ଲିକ ତହସିଲଦାରଙ୍କୁ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ଉଚ୍ଚନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ପ୍ରଶାସନ ମେଳା ପରିଚାଳନାକୁ ହାତକୁ ନେଇଥିବା ତହସିଲଦାର ପ୍ରକାଶ କରିବା ସହିତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ବହୁ ଦୂରଦୂରାନ୍ତରୁ ମେଳାରେ ଷ୍ଟଲ୍ ଦେବାକୁ ଆସିଥିବା ଶତାଧିକ ବ୍ୟବସାୟୀ ଟିକସ କାଟି ନ ପାରି ନିରାଶ ହୋଇ ଫେରିଛନ୍ତି। ଚଳିତ ବର୍ଷ ବରୁଣେଶ୍ୱର ମେଳାକୁ ନେଇ ଚାଲିଥିବା ବିବାଦ ଓ ବିଶୃଙ୍ଖଳା ସମଗ୍ର ଅଞ୍ଚଳବାସୀଙ୍କୁ ଆଘାତ ଦେଉଛି। ଅପରପକ୍ଷରେ ମେଳା ପରିଚାଳନା କରିବାକୁ ମଙ୍ଗଳବାର ସନ୍ଧ୍ୟାରୁ ଜିଲା ପ୍ରଶାସନ ପକ୍ଷରୁ ୧ପ୍ଲାଟୁନ୍ ପୋଲିସ ବଳ ମେଳା ପଡିଆରେ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହୋଇଥିବା ଜଣାପଡିଛି । ପୋଲିସ ଉପସ୍ଥିତିରେ ବୁଧବାର ତହସିଲ ପ୍ରଶାସନ ମେଳାପଡ଼ିଆରେ ବ୍ୟବସାୟୀଙ୍କୁ ଜାଗା ଦେବା ସହିତ ସେମାନଙ୍କଠାରୁ ଟିକସ ଆଦାୟ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ





## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ୨ ଗୁରୁତର

**ଯାଜପୁରରୋଡ୍,୮।୧(ନି.ପ୍ର.):** ବ୍ୟାସନଗର ପୌରପରିଷଦର ଚାନ୍ଦମା ଗ୍ରାମରେ ମଙ୍ଗଳବାର ୩୩କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ କୈଳାସ ମଲିକ(୫୪) ଓ ବଦ୍ରି ମଲିକ(୧୦)। ଉଭୟଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କୈଳାସ ବାଉଁଶ ଗଛ ହାଣୁଥିବା ବେଳେ ଗଛ ୩୩ କେଭି ବିଦ୍ୟୁତ୍ ଲାଇନ୍ ସ୍ପର୍ଶ କରି ତଳେ ପଡ଼ି ଯାଇଥିଲା। ସେହି ସମୟରେ କୈଳାସଙ୍କ ନାତି ବଦ୍ରି ତାଙ୍କୁ ଧରିବା ଫଳରେ ତାଙ୍କର ଦେହହାତ ପୋଡ଼ିଯାଇଛି।

### ଆଜିଠାରୁ ସୌରିକ ଯୁବ ମହୋତ୍ସବ

**କାଳିଆପାଣି, ୮।୧(ଡି.ଏନ୍.ଏ.):** କାଳିଆପାଣି ଖଣି ନିଗମ ଖେଳପଡିଆରେ ବୁଧବାରଠାରୁ ସୌରିକ ଯୁବ ମହୋତ୍ସବ ଆରମ୍ଭ ହେବାକୁ ଯାଉଛି। ତିନିଦିନ ଧରି ଆୟୋଜିତ ମହୋତ୍ସବରେ ନଗଡାଠାରୁ ଏକ ବିଶାଳ ଗଣଦୌଡ଼ ଶୁଭାରମ୍ଭ ହୋଇ ଉତ୍ସବସ୍ଥଳରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ସ୍କୁଲ ଛାତ୍ରୀଛାତ୍ର, ଯୁବବର୍ଗ, ମହିଳା, ବରିଷ୍ଠ ନାଗରିକ, ଭିନ୍ନକ୍ଷମଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ କୃଷକଙ୍କୁ ନେଇ ବାର୍ତ୍ତା, ଭିନ୍ନକ୍ଷମ ବର୍ଗରେ ସବଳ, ବରିଷ୍ଠ ବର୍ଗରେ ଦିଶା, ମହିଳାଙ୍କୁ ନେଇ ଅନ୍ତାକ୍ଷରୀ ସହ ଏକ କବି ସମ୍ମିଳନୀ ଅନୁଷ୍ଠିତ ହେବାସହ ପ୍ରତିଦିନ ସନ୍ଧ୍ୟାରେ ଓଡ଼ିଶାର ବହୁ ନାମୀଦାମୀ କଳାକାରଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାନେଇ କମିଟି ସଂଯୋଜକ ଭଗବତୀ ମହାନ୍ତି, ନାରାୟଣ ଚନ୍ଦ୍ର ଧୀର ସୂଚନା ଦେଇଛନ୍ତି।

### ୧୪ରୁ ସାଆଁଳାଶୁଣୀ ମେଳା

**କୋରେଇ,୮।୧(ସ୍ୱ.ପ୍ର.):** କୋରେଇ ବ୍ଲକ ଅନ୍ତର୍ଗତ ରଣପୁର ପଞ୍ଚାୟତର ପବିତ୍ର ବୈତରଣୀ ନଦୀକୂଳରେ ୧୪ରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରସିଦ୍ଧ ସାଆଁଳାଶୁଣୀ ମେଳା ହେବ ବୋଲି ମେଳା କମିଟି ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୫ରେ ଡାଇମଣ୍ଡ ଡ୍ୟାନ୍ସ ଗ୍ରୁପ ବାଲେଶ୍ୱର, ୧୬ରେ ନୃତ୍ୟ ପ୍ରତିଯୋଗିତା, ୧୭ରେ ରାଜଧାନୀ ଅର୍କେଷ୍ଟ୍ରା ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ, ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ 'ସ୍ୱର୍ଣ୍ଣମହଲ' ଦ୍ୱାରା ନାଟକ କାର୍ଯ୍ୟକ୍ରମ ହେବ। ଏହି ମେଳାରେ ଯାଜପୁର ସମେତ ପଡୋଶୀ ଜିଲା ପଡ଼ୋଶୀ ଭଦ୍ରକ ଓ କେନ୍ଦୁଝରରୁ ଶ୍ରଦ୍ଧାଳୁମାନେ ଯୋଗଦେବେ।

### ବିଜୁ ଯୁବବାହିନୀ ପକ୍ଷରୁ କ୍ରୀଡ଼ା ଉତ୍ସବ

**ଚଣ୍ଡିଖୋଲ,୮।୧(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ମଙ୍ଗଳବାର ପଞ୍ଚାୟତସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଶିକ୍ଷକ ପ୍ରସନ୍ନ କୁମାର ପରିଡା ସଭାପତିତ୍ୱ କରିଥିଲେ। କଳ୍ପନା ଦେବୀ ବିଦ୍ୟାପୀଠ ଗଜେନ୍ଦ୍ରପୁର, ଲକ୍ଷ୍ମୀନାରାୟଣ ବିଦ୍ୟାପୀଠ ଗୋପାଳପୁର ଓ ସହଦେବ ବିଦ୍ୟାପୀଠ ଖଡ଼ଗପୁରର ଛାତ୍ରୀଛାତ୍ର ଉତ୍ସବରେ ଭାଗ ନେଇଥିଲେ। ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା ମୁଖ୍ୟଅତିଥି, ସରପଞ୍ଚ ଶରତ କୁମାର ସାମଲ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ବାଇଧର ଜେନା, ସୁରେଶ କୁମାର ନାୟକ ଓ ପରିଚାଳନା କମିଟି ସଭାପତି ମଦନ ଶାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ପୂଜାରାଣୀ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ମୋ ବୁଥ୍ ମୋ ଗୌରବ କାର୍ଯ୍ୟକ୍ରମ

**ସିଂହପୁର,୮।୧(ଡି.ଏନ୍.ଏ.):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ କାର୍ଯ୍ୟକ୍ରମ ଓ କୃଷି ମାରଣ ନୀତି ବିରୋଧରେ ଜନସଚେତନତା ସୃଷ୍ଟି କରିବା ପାଇଁ କଂଗ୍ରେସର ବୁଥ ସ୍ତରରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ସିଂହପୁରସ୍ଥିତ ଘଣ୍ଟିଆଳି ପଞ୍ଚାୟତର ଘଣ୍ଟିଆଳି ଗ୍ରାମରେ ଯୁବନେତା ବିଜନ ଦାସଙ୍କ ଆହ୍ୱାନକ୍ରମେ ମୋ ବୁଥ୍ ମୋ ଗୌରବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୋନ ସଭାପତି ଗୋବିନ୍ଦ ପରିଡା ସଭାପତିତ୍ୱ କରିଥିଲେ। କଂଗ୍ରେସ ନେତା ମନୋରଞ୍ଜନ ଦାସ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ନବ ନିଯୁକ୍ତ ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ର, ସମ୍ପାଦକ ବ୍ରହ୍ମାନନ୍ଦ ବଳ, ମନୋଜ ସାମଲ, ଭୁବନାନନ୍ଦ ସାମଲ, ମହେନ୍ଦ୍ର ମଲିକ, ସୁଦାମ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ବିନୋଦ ଜେନା ଓ ଗଙ୍ଗାଧର ଜେନା କଂଗ୍ରେସରେ ଯୋଗ ଦେଇଥିଲେ।

■ ପ୍ରଦୂଷଣ ନିୟନ୍ତ୍ରଣରେ ଫେଲ୍

# କେଜେ ଇସ୍ପାତକୁ କାରଣ ଦର୍ଶାଅ ନୋଟିସ

**ଯାଜପୁର ଅଫିସ,୮।୧**

ଯାଜପୁର ଜିଲାର ଖଣି ଓ ଶିଳ୍ପାଞ୍ଚଳର ବାୟୁ, ଜଳ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ ରହିଛି। ହେଲେ ଜିଲାର ଖଣି ଓ ଶିଳ୍ପ ମାଲିକମାନେ ଏସ୍‌ପିସିବିର କୌଣସି ନିର୍ଦ୍ଦେଶକୁ ମାନୁ ନ ଥିବା ମନେ ହେଉଛି। ଯଦ୍ୱାରା ଅଞ୍ଚଳରେ ବିଭିନ୍ନ ବାୟୁ, ଧୂଳିଧୂଆଁ ଓ ଜଳବାହିତ ରୋଗରେ ଲୋକେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ଏହିକ୍ରମରେ କଳିଙ୍ଗନଗରର କେଜେ ଇସ୍ପାତ ଲିଃ କାରଖାନାକୁ ଜଳ ଓ ବାୟୁ ପ୍ରଦୂଷଣ ନିରାକରଣ ଆଇନକୁ ଉଲ୍ଲଂଘନ କରିଥିବା ଅଭିଯୋଗରେ ଏସପିସିବି ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଏସ୍‌ପିସିବିର ପତ୍ରସଂଖ୍ୟା ୨୬୯/୭।୧।୨୦୧୯




■ବ୍ୟାଗ ଫିଲ୍‌ଟର ଅଚଳ, ଡଷ୍ଟ ସପ୍ରେଶନ ସିଷ୍ଟମ ନାହିଁ

ଅନୁଯାୟୀ କେଜେ ଇସ୍ପାତର ନିର୍ଦ୍ଦେଶକଙ୍କୁ ହୋଇଥିବା ଏହି ନୋଟିସରେ ୧୫ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ମିଳିଲେ କୌଣସି ସୂଚନା ନ ଦେଇ କାରଖାନାକୁ ବନ୍ଦ କରିବା ସହିତ ପରିଚାଳନା ଅନୁମତିକୁ ରଦ୍ଦ କରି ଦିଆଯିବ ବୋଲି ଚେତାବନୀ ଦିଆଯାଇଛି । ଗତ ମେକ୍ ଇନ୍ ଓଡିଶା କାର୍ଯ୍ୟକ୍ରମ ସମୟରେ କେଜେ ଇସ୍ପାତର ମୁଖ୍ୟ ପୁରୁଷୋତ୍ତମ କାଣ୍ଡୋଇ ଶ୍ରମିକ ସଂଘର ମୁଖ୍ୟ ରାଜନେତାମାନେ ଶିଳ୍ପାୟନ ସହିତ ଖେଳ ଖେଳୁଛନ୍ତି ବୋଲି କହିଥିବାବେଳେ ନିଜ କାରଖାନାରେ ପ୍ରଦୂଷଣ ନିୟନ୍ତ୍ରଣରେ ଫେଲ ମାରିଛନ୍ତି ।

କଳିଙ୍ଗନଗର ଶିଳ୍ପାଞ୍ଚଳରେ କେଜେ ଇସ୍ପାତ ଲିଃ ନାମରେ ଏକ ସ୍ପଞ୍ଜ ଆଇରନ ପ୍ଲାଣ୍ଟ ରହିଛି । ଆସନ୍ତା ୩୧।୩।୨୦୧୯ ତାରିଖ ପର୍ଯ୍ୟନ୍ତ ଏହି କାରଖାନାକୁ ପରିଚାଳନା ଅନୁମତି ମିଳିଛି। ପୂର୍ବରୁ ଯଖପୁରା ଗ୍ରାମ ପଞ୍ଚାୟତ ଅଞ୍ଚଳରେ କଳାପାଉଁଶ ଓ ବିଷାକ୍ତ ବର୍ଜ୍ୟପାଣି ଛାଡୁଥିବା ନେଇ ୨୦୧୬ରେ ଭିସା ଷ୍ଟିଲ୍ କାରଖାନାକୁ ଏକାଧିକବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ସେତେବେଳେ ଦାୟିତ୍ୱରେ ଥିବା ବୋର୍ଡ ଅଧିକାରୀ ଏହି ଭିତିରିଆ କାରଣକୁ ବୁଝି ନ ପାରି କେବଳ ଭିସା ଷ୍ଟିଲକୁ ଦାୟୀ କରାଯାଉଥିଲା। କିନ୍ତୁ ବାସ୍ତବରେ କେଜେ ଇସ୍ପାତ ଓ ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲର ପ୍ରଦୂଷିତ ପାଣି ଭିସା ଷ୍ଟିଲ ଦେଇ ଜମିରେ ମିଶୁଥିବା ନେଇ ଗତ ନଭେମ୍ବର ମାସ ଶେଷ ସପ୍ତାହରେ ବୋର୍ଡର ଚେତାବନୀରୁ ସ୍ପଷ୍ଟ ହୋଇଥିଲା। ଏହାପରେ ୨୭।୧୧।୨୦୧୮ ତାରିଖରେ ଏସ୍‌ପିସିବିର ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀମାନେ କେଜେ ଇସ୍ପାତ କାରଖାନାକୁ ଅନୁଧ୍ୟାନ କରିବାକୁ ଯାଇଥିଲେ। ସେମାନଙ୍କ ଅନୁଧ୍ୟାନରେ ଡିଆର୍‌ଆଇ-୧ର ଏମର୍ଜେନ୍ସି କେପରୁ ଝରୁଥିବା, ଇଏସ୍‌ପି ହେପରରେ ବାୟୁପୂର୍ଣ୍ଣ ଡଷ୍ଟ ହ୍ୟାଣ୍ଡଲିଂ ସିଷ୍ଟମ(ପିଡିଏଚ୍‌ଏସ୍) ନ ଲଗାଇବା, ଆଇରନ ଓର ଓ କୋଲ ସର୍କିଟରେ ଡଷ୍ଟ ସପ୍ରେସନ ସିଷ୍ଟମ ନ ଲଗାଇବା, ଆଇରନ ଓର ସର୍କିଟ, ଷ୍ଟକ ହାଉସ ଓ ପ୍ରୋଡକ୍ଟ ହାଉସକୁ ସଂଯୋଗ କରୁଥିବା ବେଗ ଫିଲଟର ଅକାମି ହୋଇ ପଡି ରହିଥିବା, ଆଭ୍ୟନ୍ତରୀଣ ରାସ୍ତା ଭାଙ୍ଗି ପଡିଥିବା, ଆଭ୍ୟନ୍ତରୀଣ ଡ୍ରେନେଜରେ ଲୁହାପଥର ଗୁଣ୍ଡ ଭରି ରହିଥିବା ଆଦି ୧୧ଟି ଅବ୍ୟବସ୍ଥା ଦେଖିବାକୁ ପାଇଥିଲେ। ଯାହାକି ଜଳ ଓ ବାୟୁ ପ୍ରଦୂଷଣକୁ ଅଧିକମାତ୍ରାରେ ବୃଦ୍ଧି କରୁଥିବା ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଏହାପରେ ବୋର୍ଡ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଅନ୍ୟପକ୍ଷେ କେଜେ ଇସ୍ପାତ କର୍ତ୍ତୃପକ୍ଷ ଦର୍ଶାଇଛନ୍ତି ଯେ, ବୋର୍ଡ ପକ୍ଷରୁ ହୋଇଥିବା ନୋଟିସ ଉପରେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି । ଖୁବଶୀଘ୍ର ଏହାର ଅନୁପାଳନ କରାଯିବ । ଅନ୍ୟପକ୍ଷେ ଏସପିସିବିର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି କେଜେ ଇସ୍ପାତ କାରଖାନା ପରିଦର୍ଶନ ବେଳେ ପ୍ରଦୂଷଣ ନିୟନ୍ତ୍ରଣରେ ଅନେକ ଅନିୟମିତତା ଦେଖିବାକୁ ମିଳିଛି । ଧାର୍ଯ୍ୟ ସମୟ ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ମିଳିଲେ ଆଇନ ଅନୁସାରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ।

■ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଗଣଧାରଣା ଜାରି

## ସମର୍ଥନ କଲା ଟ୍ରେଡ୍ ୟୁନିୟନ




ଧାରଣାସ୍ଥଳରେ ବସିଥିବା ଟ୍ରେଡ୍ ୟୁନିୟନ୍ ଓ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା।

**କୋରେଇ,୮।୧(ସ୍ୱ.ପ୍ର.)**

ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ମଙ୍ଗଳବାର ୫୮ ଦିନରେ ପହଞ୍ଚିଛି । ଏହି ଧାରଣାରେ ଟ୍ରେଡ୍‌ୟୁନିୟନ ସାମିଲ ହୋଇ ପାଣିକୋଇଲିରେ ମେଡିକାଲ କଲେଜ ପ୍ରତିଷ୍ଠାକୁ ସମର୍ଥନ ଜଣାଇଥିବା ବେଳେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧର୍ମଘଟକୁ ସମର୍ଥନ କରାଯାଇଛି। ବୈଷୟିକ କମିଟି ଦ୍ୱାରା ତଦନ୍ତ କରା ନ ଗଲେ ଅର୍ଥନୈତିକ ଅବରୋଧ କରାଯିବ ବୋଲି ପ୍ରଶାସନକୁ ଚେତାବନୀ ଦିଆଯାଇଛି। କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡେଇ, ଯୁଗ୍ମ ଆବାହକ ସୁବାସ ଧଳ, ସୁରେନ୍ଦ୍ର ନାରାୟଣ ରାୟ, ଗଣେଶ ସାହୁ, ସ୍ନେହଲତା ରାୟ, ବଳରାମ ସାହୁ, ନୃସିଂହ ଦଳେଇ, ତାରିଣୀ କୁମାର ପଟ୍ଟନାୟକ, ନରେନ୍ଦ୍ର ଘଡାଇ, ନୀଳମଣି ଦାଶ, ରାମ ଚନ୍ଦ୍ର ମାଝୀ, ଗଣନାଥ ସାହୁ, ମଧୁସୂଦନ ସାହୁ, ଆଲୋକ ପରିଡା, ସବକତୁଲା ବେଗ, ଅନିରୁଦ୍ଧ ମଲ୍ଲିକଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଭାଜପାର ମିଶ୍ରଣ ପର୍ବ

**ରସୁଲପୁର,୮।୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଞ୍ଚାୟତରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ବାରବାଟୀ ଭାଜପା କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୪ ନଂ. ଜୋନ୍ ଉପସଭାପତି କାମଦେବ ରାଉତ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସାଧାରଣ ସଭା ପୂର୍ବରୁ ପଞ୍ଚାୟତସ୍ତରୀୟ ବିଜେଡି ନେତା ଭାଜପାରେ ମିଶିବା ଯୋଗୁ ଭାଜପା ସ୍ଥିତି ମଜଭୁତ ହୋଇଛି ବୋଲି କହିଥିଲେ। ବାରବାଟୀ ପଞ୍ଚାୟତ ସଭାପତି ପ୍ରମୋଦ ନାୟକ, ୧୩ନଂ. ଜୋନ ସଭାପତି ଚୈତନ୍ୟ ସାମଲ, ୧୨ନଂ. ଜୋନ ପ୍ରଭାରୀ ଗଗନ ବିହାରୀ ଦାସ ପ୍ରମୁଖ ଯୋଗଦେଇ ନୂତନ କର୍ମୀଙ୍କୁ ସ୍ୱାଗତ କରିଥିଲେ। ଗଜେନ୍ଦ୍ର ନାୟକ, ରତିକାନ୍ତ ଦାସ, ସୁଶାନ୍ତ ଦାସ, ସୌମ୍ୟରଞ୍ଜନ ନାୟକ, ମାନସ କୁମାର ଦାସ, ଶିବ ପ୍ରସାଦ ମଲ୍ଲିକ, ନରହରି ମଲ୍ଲିକ, ସୌଭାଗ୍ୟ ସାହୁଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ ।

■ କାଳିଆ ଯୋଜନା ଫର୍ମ ନ ମିଳିବା ନେଇ ଅସନ୍ତୋଷ

## ନିର୍ବାହୀ ଅଧିକାରୀଙ୍କୁ ଘେରିଲେ ଚାଷୀ

**କୋରେଇ,୮।୧(ସ୍ୱ.ପ୍ର.)**

ରାଜ୍ୟ ସରକାର ଚାଷୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ କାଳିଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ୩ ବର୍ଷ ପାଇଁ ଏହା ଲାଗୁ ହେବାକୁ ଥିବା ବେଳେ ୫ଟି କିସ୍ତିରେ ୨୫ ହଜାର ଟଙ୍କା ସହାୟତା ଦିଆଯିବାର ନିଷ୍ପତ୍ତି ନିଆଯାଇଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ କୃଷକଙ୍କୁ ସବୁଜ ରଙ୍ଗର ଫର୍ମ ଓ ନାମ ବାଦ ପାଇଁ ନାଲି ରଙ୍ଗର ଫର୍ମ ପୂରଣ କରିବାକୁ ପଡିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଆବେଦନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରୁ ଫର୍ମ ମିଳିବ ବୋଲି ଘୋଷଣା କରାଯାଇଛି। ହେଲେ କୋରେଇ ବ୍ଲକ ଅନ୍ତର୍ଗତ ରଣପୁର ପଞ୍ଚାୟତରେ ଫର୍ମ ମିଳୁ ନ ଥିବାରୁ ଚାଷୀ ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟରେ ହୋହଲ୍ଲା କରିବା ସହ ନିର୍ବାହୀ ଅଧିକାରୀଙ୍କୁ ଘେରିଛନ୍ତି। ସେହିପରି ଫର୍ମ ପକାଇବା ପାଇଁ କାର୍ଯ୍ୟାଳୟ ବାହାରେ ବାକ୍ସ ରଖାଯିବାର ନିୟମ ରହିଛି। ହେଲେ ତୁଳତୀ ପଞ୍ଚାୟତରେ ବାକ୍ସ ରଖାଯାଇ ନ ଥିବାରୁ ଅନେକ ଚାଷୀ ଫର୍ମ ଧରି ଘରକୁ ଫେରିଥିବା କହିଛନ୍ତି। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଧିକାରୀ ଫର୍ମ ରଖି ଦେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। କୋରେଇର ୨୮ ପଞ୍ଚାୟତରେ ଫର୍ମ ମିଳୁ ନ ଥିବାବେଳେ କେତେଜଣ ଅସାଧୁ କର୍ମଚାରୀ ଫର୍ମ ପିଛା ୧୦୦ଟଙ୍କା ଦାବି କରିଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହି ଯୋଜନା ଏକ ପ୍ରହସନ ପାଲଟିଥିବା କୃଷକ ନେତା ପ୍ରମୋଦ କୁମାର ସେଠୀ ଓ ରତ୍ନାକର ଜେନା କହିଛନ୍ତି। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅରୁଣ କୁମାର ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉତ୍ତର ମିଳିପାରି ନ ଥିଲା।

## ଅବସରପ୍ରାପ୍ତ ବିଦ୍ୟୁତ୍ ଅଧିକାରୀଙ୍କ ପରଲୋକ

**କୋରେଇ,୮।୧(ସ୍ୱ.ପ୍ର.)**

ପାଣିକୋଇଲିସ୍ଥିତ ଅଳତିରି ଗ୍ରାମର ଅବସରପ୍ରାପ୍ତ ବିଦ୍ୟୁତ୍ ଅଧିକାରୀ ଅଜୟ କୁମାର ମହାନ୍ତି( ୬୮ )ଙ୍କର ମଙ୍ଗଳବାର ସକାଳେ ପରଲୋକ ହୋଇଛି। ସେ ଦୀର୍ଘଦିନ ହେବ କ୍ୟାନ୍‌ସରରେ ପୀଡ଼ିତ ଥିଲେ। ସେ ଜଣେ ମିଷ୍ଟଭାଷୀ ଓ ସହୃଦୟ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ଲୋକପ୍ରିୟ ଥିଲେ। ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ସ୍ଥାନୀୟ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ରାମଚନ୍ଦ୍ର ମଳିକ, ପିତାମ୍ବର ନାୟକ, ଭାଗୀରଥି ସାହୁ, କୈବଲ୍ୟ ଦାସ, ଗୋକୁଳାନନ୍ଦ ମହାପାତ୍ର, ଅଜୟ କୁମାର ସ୍ୱାଇଁ ପ୍ରମୁଖ ଶେଷଦର୍ଶନ କରିବା ପରେ ତାଙ୍କ ପୈତୃକ ଗ୍ରାମ କପିଳେଶ୍ୱରକୁ ନିଆଯାଇଥିଲା। ସେଠାରେ ଯାଜପୁର ପୌରପରିଷଦ ଅଧ୍ୟକ୍ଷ ଭବପ୍ରସାଦ ଦାସ, ଦେବଦତ୍ତ ଦାସ ପ୍ରମୁଖ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ମୃତଦେହକୁ ଗ୍ରାମ ପରିକ୍ରମା କରାଯାଇ ସ୍ଥାନୀୟ ଶ୍ମଶାନରେ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା।

## ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଅନ୍ୟମାନେ।

**ଜେନାପୁର, ୮।୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ରଥଙ୍କ ଦ୍ୱାରା ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରମାନେ ଚେଷ୍ଟା କଲେ ଶିକ୍ଷା ଭଳି କ୍ରିଡା କ୍ଷେତ୍ରରେ ସଫଳତା ପାଇ ପାରିବେ ବୋଲି ପ୍ରକାଶ ଚନ୍ଦ୍ର କହିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ପରିଚାଳନା କମିଟି ସଭ୍ୟ ଅଶୋକ କୁମାର ସାହୁ, ଦିଲୀପ କୁମାର ବରାଳ, ଉପଦେଷ୍ଟା ଦୁର୍ଯ୍ୟୋଧନ ଦୋରା ଯୋଗ ଦେଇଥିଲେ। ଦୁଇ ଦିନ ଧରି ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଅଧ୍ୟାପିକା ନନ୍ଦିତା ଦୋରା, ଚିତ୍ତରଞ୍ଜନ ଜେନା, ଦେବସ୍ମିତା ଦାସ, ହରେକୃଷ୍ଣ ପାଳ, ଅଭିରାମ ପାତ୍ର, ଶଙ୍କର୍ଷଣ ଦୋରା, ବିରଜା ଶଙ୍କର ରାଉତ, ବିଶ୍ୱଜିତ ବେହେରା, ଅଜୟ କୁମାର ମହାନ୍ତି, ସାଉଁଟି ଚରଣ ଦାସ, ସଞ୍ଜୟ ମହାନ୍ତି, ଆଶିଷ ଦାସ, ଅନସୂୟା ପାଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟାପକ ଦାମୋଦର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ।

## ବ୍ୟାନର ଚିରାକୁ ନେଇ ଉତ୍ତେଜନା

**କୋରେଇ,୮।୧(ସ୍ୱ.ପ୍ର.)**

କୋରେଇର ବିଭିନ୍ନ ସ୍ଥାନରେ ପ୍ରମୁଖ ରାଜନୈତିକ ଦଳର ବ୍ୟକ୍ତି ବ୍ୟାନର ଓ ହୋର୍ଡିଂ ମାଧ୍ୟମରେ ନବବର୍ଷର ଅଭିନନ୍ଦନ ଜଣାଇଛନ୍ତି। ହେଲେ କୋରେଇ ବ୍ଲକ ଅନ୍ତର୍ଗତ ଅସନଝର, ଶଙ୍ଖଚିଲା, ଅମୃତିଆ, ତାରାକୋଟ ଆଦି ପ୍ରମୁଖ ପଞ୍ଚାୟତରେ ସୋମବାର ରାତିରେ କେହି ଦୁର୍ବୃତ୍ତ ଭାଜପା ନେତା ବିଶ୍ୱଜିତ୍ ନାୟକଙ୍କ ବ୍ୟାନର ଓ ହୋର୍ଡିଂ ଚିରି ଦେଇଥିବା ଦେଖିବାକୁ ମିଳିଛି। ଏହାକୁ ସାଧାରଣରେ ନାପସନ୍ଦ କରାଯାଇଥିବା ବେଳେ କର୍ମୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। କିଛିଦିନ ଧରି ବିଶ୍ୱଜିତ୍ ଜନପରାମର୍ଶ ପଦଯାତ୍ରା ଆୟୋଜନ କରି ଲୋକଙ୍କ




ଭାଜପାର ଏକ ବ୍ୟାନରକୁ ଦୁର୍ବୃତ୍ତ ଚିରି ଦେଇଛନ୍ତି।

ନିକଟତର ହେବାକୁ ପ୍ରୟାସ କରୁଛନ୍ତି। ଏହାଦ୍ୱାରା ତାଙ୍କର ଲୋକପ୍ରିୟତା ବୃଦ୍ଧି ପାଉଥିବାରୁ ବିରୋଧୀଙ୍କ ଏପରି କାମ କରି ବିକୃତ ମାନସିକତା ଓ ହୀନ ରାଜନୀତିର ପରିଚୟ ବୋଲି ବିଶ୍ୱଜିତ୍ ନାୟକ କହିଛନ୍ତି। ଏଭଳି ଅଶାନ୍ତି ଲାଗିରହିଲେ ଆଗାମୀ ଦିନରେ କୋରେଇବାସୀ ଏହାର ଜବାବ ଦେବେ ବୋଲି ସେ କହିଛନ୍ତି।

## ସୁକିନ୍ଦା ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ସୁକିନ୍ଦା, ୮।୧(ଡି.ଏନ୍.ଏ.)**

ସୁକିନ୍ଦା ମହାବିଦ୍ୟାଳୟର ଶିକ୍ଷା ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର "ସ୍ନାତକ ସ୍ତରର ଶିକ୍ଷାରେ ସମସ୍ୟା ଏବଂ ଏହାର ନିରାକରଣ " ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି। ମହାବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣ ବଲ୍ଲଭ ଶତପଥୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରର ବିଷୟ ବସ୍ତୁକୁ ଅଧ୍ୟାପକ ପ୍ରକାଶ ପ୍ରଧାନ ମହାପାତ୍ର, ଦୀପକ କୁମାର ପ୍ରଧାନ, ହିମାଂଶୁ ଶେଖର ଆଚାର୍ଯ୍ୟ, ଅକ୍ଷୟ କୁମାର ନାୟକ, ରାଜେନ୍ଦ୍ର ରାଉଳ, ରତ୍ନାକର ପହି, ହାଡିବନ୍ଧୁ ଦାସ ପ୍ରସ୍ତୁତ କରିଥିଲେ । ଅଧ୍ୟାପିକା କବିତା ପୃଷ୍ଟି, ଜ୍ୟୋତିର୍ମୟୀ ସାହୁ, ମାନସୀ ଦାସ, ସୁଚିତ୍ରା ଦାସ ପ୍ରମୁଖ ଆଲୋଚନାଚକ୍ରରେ ଭାଗନେଇ ଥିଲେ । ଶିକ୍ଷା ବିଭାଗର ମୁଖ୍ୟ ଲକ୍ଷ୍ମୀକାନ୍ତ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ଅଧ୍ୟାପକ ଦୀପକ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।




ଆଲୋଚନା ଚକ୍ରରେ ଯୋଗଦେଇଥିବା ଅତିଥି।

■ ବଡ଼ଚଣା ମହୋତ୍ସବ ଉଦ୍‌ଘାଟିତ

## 'ଏକତା ସୂତ୍ରରେ ବାନ୍ଧିରଖେ ମହୋତ୍ସବ'

**ଚଣ୍ଡିଖୋଲ,୮।୧(ଡି.ଏନ.ଏ.)**

ତୃତୀୟ ବଡଚଣା ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବ ୫ଦିନ ଧରି ଚାଲିବ। ଅବସରପ୍ରାପ୍ତ ବିଚାରପତି ଉତ୍ସବ ଉଦ୍‌ଘାଟନ କରି ଓଡିଶାର କଳା, ସଂସ୍କୃତି ଓ ଐତିହ୍ୟକୁ ବଡ଼ଚଣା ମାଟିର ଦାନ ଅତୁଳନୀୟ। ମାନବ ସମାଜ ମଧ୍ୟରେ ସମ୍ପର୍କ ଦୂରେଇ ଯାଉଥିବା ବେଳେ ମହୋତ୍ସବ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖି ସମ୍ପର୍କ ସୁଦୃଢ କରିଥାଏ ବୋଲି ପ୍ରକାଶ କରିଥିଲେ। ଏଥିରେ ମହୋତ୍ସବ କମିଟି ସଭାପତି ମନୋରମା ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଆଇନଜୀବୀ ଭରତଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି, କମିଟି ଉପସଭାପତି ବଟକୃଷ୍ଣ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆଗାମୀ ଦିନରେ ବଡ଼ଚଣା ମାଟିର ଐତିହ୍ୟ ବହନ କରୁଥିବା ଧର୍ମାନୁଷ୍ଠାନ, ପର୍ଯ୍ୟଟନସ୍ଥଳୀଗୁଡିକୁ ମହୋତ୍ସବ ଦ୍ୱାରା ଲୋକପ୍ରିୟ କରାଯାଇପାରିବ ବୋଲି କହିଥିଲେ। ମହୋତ୍ସବ ପଡିଆରେ ସମ୍ବଲପୁରୀ ନୃତ୍ୟ, ଓଡ଼ିଶୀ ନୃତ୍ୟ, ଖୋର୍ଦ୍ଧାର ମୂର୍ଚ୍ଛନା ନୃତ୍ୟ ଓ ରଜନିକାନ୍ତ ପୃଷ୍ଟିଙ୍କ ଦ୍ୱାରା ପାଲା ପରିବେଷଣ ଦର୍ଶକଙ୍କ ମନମୁଗ୍ଧ କରିଥିଲା। କମିଟି ସହସମ୍ପାଦକ ଅଧ୍ୟାପକ ପଦ୍ମନାଭ ପଣ୍ଡା, କୋଷାଧ୍ୟକ୍ଷ ଅମ୍ବିକା ପ୍ରସାଦ ମିଶ୍ର, ବରିଷ୍ଠ ସଭ୍ୟ ବଳରାମ ରଣାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ପ୍ରଣବ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମୁରୁଜ କଳାରେ ପାରଦର୍ଶୀ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ମହୋତ୍ସବ ପଡିଆରେ ଆରମ୍ଭ ହୋଇଥିବା ବାଣିଜ୍ୟ ମେଳାକୁ ସ୍ଥାନୀୟ ସରପଞ୍ଚ ଭାଗ୍ୟଧର ପ୍ରଧାନ ଉଦ୍‌ଘାଟନ କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

## କମ୍ପାନୀ କର୍ମଚାରୀଙ୍କ ପାରିବାରିକ ବନ୍ଧୁମିଳନ

**କାଳିଆପାଣି, ୮।୧(ଡି.ଏନ୍.ଏ.)**

ସୁକିନ୍ଦା ଓ ବ୍ରାହ୍ମଣୀପାଳ ଟାଟାକମ୍ପାନୀ ଆଇଟିଆଇ କର୍ମଚାରୀଙ୍କ ୨୮ତମ ପାରିବାରିକ ବନ୍ଧୁମିଳନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଟାଟାଷ୍ଟିଲର ଦୁଇ ବ୍ରାଞ୍ଚର କର୍ମଚାରୀଙ୍କ ପରିବାର ଢେଙ୍କାନାଳସ୍ଥିତ ନାଦରାଠାରେ ଏକତ୍ରିତ ହୋଇ ବନ୍ଧୁମିଳନ ପାଳନ କରିଥିଲେ। ଉଭୟ ବ୍ରାଞ୍ଚର କର୍ମଚାରୀଙ୍କ ମିଳିତ ସଂଘ ସଭାପତି ଅଭିରାମ ମହାନ୍ତି, ମନୋଜ ନାୟକ, ବ୍ରାହ୍ମଣୀପାଳ ସମ୍ପାଦକ ଏଲ୍.ଡି.ସାହୁ ପ୍ରମୁଖ ଯୋଗଦେଇଥିଲେ । କୁଇଜ ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୁଇଜରେ ମନୀଷା ମହାନ୍ତି, ରୋହିତ ସାହୁ, ଇପ୍‌ସିତା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିବାବେଳେ ମ୍ୟୁଜିକ ଚେୟାରରେ ମନିଷା ମହାନ୍ତୀ, ସୌଭାଗ୍ୟ ଲକ୍ଷ୍ମୀ, ଜୟନ୍ତି ନାୟକ ପ୍ରମୁଖ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ସଭାପତି ଅଭିରାମ ମହାନ୍ତିଙ୍କୁ ସ୍ୱତନ୍ତ୍ରଭାବେ ସମ୍ମାନିତ କରାଯାଇଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୯ ଜାନୁୟାରୀ, ୨୦୧୯



ବାଲ୍ୟ, ଯୌବନ, ଜରାବସ୍ଥା ଅତିକ୍ରମ କଲାପରେ ଶେଷରେ ମୃତ୍ୟୁ ହୁଏ। ତେଣୁ ଏଥିପାଇଁ ମୋହଗ୍ରସ୍ତ ହେବା ଅନୁଚିତ। -ବ୍ୟାସଦେବ

■ ଟେଣ୍ଡର ଫିକ୍ସିଂକୁ ନେଇ ଠିକାଦାର ପ୍ରକାଶଙ୍କୁ ହତ୍ୟା ଘଟଣା

# ହାତ ଟେକି ଦେଇଛି କ୍ରାଇମବ୍ରାଞ୍ଚ

ଯାଜପୁର ଅଫିସ/ଚଣ୍ଡିଖୋଲ (ଡି.ଏନ.ଏ.), ୮।୧

■ ସାଢ଼େ ୪ ବର୍ଷ ବିତିଲା, ନ୍ୟାୟ ପାଇଲେ ନି ପରିବାରବର୍ଗ

■ ସିବିଆଇ ତଦନ୍ତ କରିବାକୁ ପତ୍ନୀଙ୍କ ଦାବି

ଟେଣ୍ଡର ଫିକ୍ସିଂକୁ ନେଇ ଠିକାଦାର ପ୍ରକାଶ ସେଠୀଙ୍କୁ ଗୁଳିକରି ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚ ଅନ୍ଧାରରେ ବାଡ଼ି ବୁଲାଉଛି। ଏହି ହତ୍ୟା ଘଟଣାର ଇତିମଧ୍ୟରେ ସାଢ଼େ ୪ ବର୍ଷ ଅତିକ୍ରାନ୍ତ ହୋଇ ସାରିଛି। ହେଲେ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଏକ ପ୍ରକାର ହାତ ଟେକି ଦେଇଥିବା ଅନୁମାନ କରାଯାଉଛି। ମୃତ ଠିକାଦାରଙ୍କ ସ୍ତ୍ରୀ ମମତା ସେଠୀ ବାରମ୍ବାର କଟକସ୍ଥିତ କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ଦ୍ୱାରସ୍ଥ ହେଉଥିଲେ ହେଁ କିଛି ସୁଫଳ ମିଳୁ ନ ଥିବା ସେ ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ତାଙ୍କ ବୟାନକୁ ପରିବର୍ତ୍ତନ କରାଯାଇଥିବାବେଳେ ଯଦି ଅଧିକ ନ୍ୟାୟ ଚାହୁଁଛ ତେବେ ସିବିଆଇର ଦ୍ୱାରସ୍ଥ ହୁଅ ବୋଲି କ୍ରାଇମବ୍ରାଞ୍ଚର ଜନୈକ ଅଧିକାରୀ ତାଙ୍କୁ ପରାମର୍ଶ ଦେଇଥିବା ମମତା ପ୍ରକାଶ କରିଛନ୍ତି। ବିଧବା ମମତାଙ୍କ ପକ୍ଷେ ସିବିଆଇ ପର୍ଯ୍ୟନ୍ତ ପହଞ୍ଚିବା ଅସମ୍ଭବ ହୋଇ ପଡ଼ିଛି। ଏଭଳିସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସମ୍ବେଦନଶୀଳ ଘଟଣାକୁ ସିବିଆଇ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଦାବି କରିଛନ୍ତି।

ସୂଚନାଯୋଗ୍ୟ ଯେ, ୫ ନମ୍ବର(କ)ବଡ଼ଚଣା ଥାନା ଅନ୍ତର୍ଗତ ବନ୍ଧା ପଦ୍ମନାଭପୁର ଛକ ନିକଟରେ ଗତ ମାର୍ଚ୍ଚ ମାସ ୩ତାରିଖ ଅପରାହ୍ନ ସାଢ଼େ ୫ଟା ସମୟରେ କେନ୍ଦ୍ରାପଡ଼ାର ଠିକାଦାର ସେଠୀଙ୍କୁ ଅତି ନିକଟରୁ ଗୁଳିକରି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ସେହିଦିନ ଠିକାଦାର ପ୍ରକାଶ ଚଣ୍ଡିଖୋଲସ୍ଥିତ ଡ୍ରେନେଜ ଡିଭିଜନ କାର୍ଯ୍ୟାଳୟରେ ଟେଣ୍ଡର ଦାଖଲ କରି ଫେରୁଥିଲେ। ସେହି ଟେଣ୍ଡରକୁ ଅନ୍ୟ କେହି ନ ପକାଇବକୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପୂର୍ବରୁ ଚାପ ପ୍ରୟୋଗ କରିଥିଲେ। ମାତ୍ର ପ୍ରକାଶ କାହାକୁ ଖାତିର ନ କରି ଟେଣ୍ଡର ପକାଇଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ଏନେଇ ବଡ଼ଚଣା ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ମାତ୍ର ପୋଲିସର ତଦନ୍ତରେ କୌଣସି ପ୍ରକାର ଅଗ୍ରଗତି ନ ହେବାରୁ କ୍ରାଇମ ବ୍ରାଞ୍ଚର ସ୍ପେଶାଲ ଟାକ୍ସଫୋର୍ସ(ଏସଟିଏଫ)କୁ ହସ୍ତାନ୍ତର କରାଯାଇଥିଲା। ଏନେଇ କ୍ରାଇମବ୍ରାଞ୍ଚରେ ୫/୨୦୧୪ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ପ୍ରାୟ ବର୍ଷେ ତଳେ ବଲାଙ୍ଗୀର ଜିଲା ପାଟଣାଗଡ଼ ବୋମା ବିସ୍ଫୋରଣ ମାମଲାକୁ କ୍ରାଇମବ୍ରାଞ୍ଚ ସଫଳତା ସହ ପର୍ଦ୍ଦାଫାଶ କରିଥିଲା। ଏହାପରଠାରୁ କ୍ରାଇମବ୍ରାଞ୍ଚ ଉପରେ ଲୋକଙ୍କ ଭରସା ବୃଦ୍ଧି ପାଇଛି। କିନ୍ତୁ ଏହି ସାଧାରଣ ହତ୍ୟା ଘଟଣା ଉପରେ କ୍ରାଇମବ୍ରାଞ୍ଚ କାହିଁକି ସଫଳତା ପାଉନାହିଁ ତାହା ସନ୍ଦେହ ପରିସରଭୁକ୍ତ ହୋଇଛି। ସେତେବେଳ ଏହି ଘଟଣାକୁ କ୍ରାଇମବ୍ରାଞ୍ଚର ଯେଉଁ ଅଧିକାରୀ ଗୁରୁତ୍ୱ ସହ ନେଇ ତଦନ୍ତ କରିବାକୁ ଆଗଭର ହୋଇଥିଲେ ତାଙ୍କୁ ବଦଳି କରାଯାଇଛି ଏବଂ ରାଜନୈତିକ ଚାପରେ କ୍ରାଇମବ୍ରାଞ୍ଚ ହାତବାନ୍ଧି ବସିଛି ବୋଲି ମୃତ ପ୍ରକାଶଙ୍କ ସ୍ତ୍ରୀ ମମତା ପ୍ରକାଶ କରିଛନ୍ତି । ଇତିମଧ୍ୟରେ ମମତା କେତେକ ସାମାଜିକ ଅନୁଷ୍ଠାନର ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଅଧିକାରୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ ।

## ମା' ବିରଜାଙ୍କ ସ୍ୱନକ୍ଷତ୍ର ଉପଲକ୍ଷେ ବିରଜା ସେବା ସମିତିର ସ୍ୱତନ୍ତ୍ର ବୈଠକ

**ବିରଜାକ୍ଷେତ୍ର,୮।୧(ଡି.ଏନ୍.ଏ.):** ମା' ବିରଜାଙ୍କ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସ୍ୱତନ୍ତ୍ର ବୈଠକ ଶ୍ରୀ ବିରଜା ସେବା ସମିତିର ମନ୍ଦିର ପରିସରରେ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସମ୍ପାଦକ ପାଣ୍ଡବ ଚରଣ ସାହୁ ପୂର୍ବ ବିବରଣୀ ପାଠ କରିବା ସହିତ ଆସନ୍ତା ମା' ବିରଜାଙ୍କ ସ୍ୱନକ୍ଷତ୍ର ଦିବସ ଅବସରରେ ସମିତିର କାର୍ଯ୍ୟକ୍ରମ ବିଷୟ ଆଲୋଚନା ପାଇଁ ବୈଠକରେ ଉପସ୍ଥାପିତ କରିଥିଲେ। ପୂର୍ବବର୍ଷ ଭଳି ଏବର୍ଷ ଯାଜପୁର ଜିଲାର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ୨୨।୧।୨୦୧୯ରିଖ ମଙ୍ଗଳବାର ପୂର୍ବାହ୍ନ ୧୧ ଘଟିକା ସମୟରେ ବିରଜା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ''ଯାଜପୁର ସଂସ୍କୃତିରେ ମା' ବିରଜା'' ବିଷୟବସ୍ତୁ ସମ୍ପର୍କିତ ପ୍ରତିଯୋଗିତାରେ ଭାଗ ନେବେ। ମା' ବିରଜାଙ୍କ ପାଇଁ ସେବା, ପ୍ରଚାର ପ୍ରସାର ଓ ସମର୍ପିତ ଜଣେ ବ୍ୟକ୍ତିଙ୍କୁ ମା'ଙ୍କ ସ୍ୱନକ୍ଷତ୍ର ଦିବସରେ ମନ୍ଦିର ପରିସରରେ ସେବା ସମିତି ଆନୁକୂଲ୍ୟରେ ସମ୍ବର୍ଦ୍ଧିତ କରାଯିବାକୁ ବୈଠକରେ ସ୍ଥିର କରାଗଲା। ଆଜୀବନ ସଭ୍ୟଭାବେ ଆନନ୍ଦ ବିହାରୀ ରାୟ ଓ ହୃଦୟ ବଲ୍ଲଭ ଦାସଙ୍କୁ ସମିତି ଗ୍ରହଣ କରିଛି।

## ବିଜୁ ଯୁବ ବାହିନୀ ପକ୍ଷରୁ ପଞ୍ଚାୟତ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ବିଞ୍ଝାରପୁର,୮।୧(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଟିଣା ପଞ୍ଚାୟତରେ ବିଜୁ ଯୁବ ବାହିନୀର ସଭାପତି ଅରୁଣ ମଲ୍ଲିକଙ୍କ ନେତୃତ୍ୱରେ ଦୁଇଦିନ ଧରି ଆୟୋଜିତ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଶିକ୍ଷାବିତ୍ ଅକ୍ଷୟ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ମା'ବରୁଣେଇ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ମଞ୍ଚର ସଭାପତି ବଟକୃଷ୍ଣ ମଲ୍ଲିକ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସରପଞ୍ଚ ରଞ୍ଜିତା ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବୀରେନ୍ଦ୍ର କୁମାର ସାମଲ, ସମିତିସଭ୍ୟ କୈଳାସ ମଲ୍ଲିକ, ସମ୍ପାଦକ ସୁରେଶ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

# ଜିଲାରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ଧର୍ମଘଟ

ବିରଜାକ୍ଷେତ୍ର,୮।୧(ଡି.ଏନ୍.ଏ)




ଯାଜପୁରରୋଡ ଠାରେ ଆନ୍ଦୋଳନକାରୀ ରାସ୍ତାରୋକୋ କରିଛନ୍ତି।

ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଦିଆଯାଇଥିବା ୨ଦିନିଆ ଭାରତ ବନ୍ଦ ଡାକରାର ମଙ୍ଗଳବାର ପ୍ରଥମ ଦିନ ଯାଜପୁର ସହରରେ ପ୍ରଭାବହୀନ ଦେଖିବାକୁ ମିଳିଥିଲା। ସହର ଭିତରକୁ କୌଣସି ୩ଚକିଆ କିମ୍ବା ବଡ଼ ଗାଡ଼ି ପ୍ରବେଶ କରି ନ ଥିଲା। ସହରସାରା କେବଳ ସରକାରୀ ଅଫିସ୍, ସ୍କୁଲ ଓ କଲେଜ ବନ୍ଦ ଥିବାବେଳେ ବ୍ୟବସାୟ ପ୍ରତିଷ୍ଠାନ, ୨ଚକିଆ ଯାନ ଓ ସାଧାରଣ ଲୋକଙ୍କ ଯିବାଆସିବା ସ୍ୱାଭାବିକ ଥିଲା। କେନ୍ଦ୍ରର ଭାଜପା ସରକାରଙ୍କ ଶ୍ରମମାରଣ ନୀତି ବିରୋଧରେ ମିଳିତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ଆହୁତ ୪୮ଘଣ୍ଟିଆ ସର୍ବଭାରତୀୟ ଧର୍ମଘଟ ସମର୍ଥନରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବନ୍ଦ ପାଳିତ ହୋଇଯାଇଛି।

**ବିଞ୍ଝାରପୁର/ସିଂହପୁର:** କେନ୍ଦ୍ରୀୟ ଟ୍ରେଡ ୟୁନିୟନର ଡାକରାରେ ମଙ୍ଗଳବାର ଏସ୍‌ୟୁସିଆଇ ବିଞ୍ଝାରପୁର ଶାଖା ପକ୍ଷରୁ ବନ୍ଦ ପାଳନ କରାଯାଇଛି। ଏସୟୁସିଆଇ ରାଜ୍ୟ କମିଟି ସଦସ୍ୟା ସ୍ୱୟଂପ୍ରଭା ନାୟକଙ୍କ ନେତୃତ୍ୱରେ ଦର ଦାମ ବୃଦ୍ଧି, ଶ୍ରମ ଆଇନ ସଂଶୋଧନ ବାତିଲ, ଶିକ୍ଷା ସ୍ୱାସ୍ଥ୍ୟର ଘରୋଇକରଣ ଆଦି ବିରୋଧରେ ସିଂହପୁର, ବିଞ୍ଝାରପୁରରେ ବନ୍ଦ ପାଳନ କରାଯାଇଥିଲା। ଏସୟୁସିଆଇ କାର୍ଯ୍ୟକର୍ତ୍ତାମାନେ ସକାଳୁ ବିଭିନ୍ନ ଛକ ବଜାରରେ ଗାଡି ଚଳାଚଳ ବନ୍ଦ କରିବା ସହିତ ନିଜର ଦାବି ସମ୍ପର୍କରେ ସ୍ଲୋଗାନ ଦେଇଥିଲେ।

**ଯାଜପୁରରୋଡ:** କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଆହ୍ୱାନରେ ଦୁଇଦିନିଆ ଦେଶବ୍ୟାପୀ ବନ୍ଦ ଡାକରା ଯୋଗୁ ବିଭିନ୍ନ ସଂଗଠନ ପକ୍ଷରୁ ସହରର ସମସ୍ତ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ବସ୍ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଜିଲା ସମ୍ପାଦକ ପ୍ରଫୁଲ୍ଲ ନାୟକଙ୍କ ନେତୃତ୍ୱରେ ଯାଜପୁରରୋଡ-କେନ୍ଦୁଝର ରେଳଷ୍ଟେଶନରେ ସିଆଇଟିୟୁ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇ ନଗରକୋଇଲି-ହାୱାଡ଼ା ସୁପରଫାଷ୍ଟ ଏକ୍ସପ୍ରେସ୍‌କୁ ଅଟକାଇ ଦିଆଯାଇଥିଲା। ଘଟଣାସ୍ଥଳରେ ରେଲୱେ ପୋଲିସ ଓ ଆର୍‌ପିଏଫ୍ ପହଞ୍ଚି ଶତାଧିକ କର୍ମୀଙ୍କୁ ଗିରଫ କରିଥିଲେ।

**ଧର୍ମଶାଳା:** ଧର୍ମଶାଳା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଆଞ୍ଚଳିକ କମିଟି ପକ୍ଷରୁ ଭାରତ ବନ୍ଦକୁ ସମର୍ଥନକରି ମଙ୍ଗଳବାର ଏକ ଶୋଭାଯାତ୍ରା ଜାରକା ବଜାର ପରିକ୍ରମା କରି ବିଭିନ୍ନ ଅଫିସଦପ୍ତର ବନ୍ଦ କରିବା ସହିତ ଜାତୀୟ ରାଜପଥ ଅବରୋଧ କରିଥିଲେ। ୧୬ ନଂ ଜାତୀୟ ରାଜପଥରେ ଗାଡିଚଳାଚଳ ବନ୍ଦ ରହିଥିଲେ ମଧ୍ୟ ଦୋକାନ ବଜାର ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ଅଞ୍ଚଳରେ ସମସ୍ତ ବ୍ୟାଙ୍କ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା।

**କୋରେଇ:** ୧୨ ଦଫା ଦାବିରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ ଫେଡେରଶନଗୁଡ଼ିକ ପକ୍ଷରୁ ଦୁଇଦିନିଆ ଦେଶବ୍ୟାପୀ ଧର୍ମଘଟକୁ ପାଣିକୋଇଲିରେ ସମର୍ଥନ କରାଯାଇଛି। ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଯାଜପୁର ଜିଲା ସଭାପତି ସୁରେଶ ସାହୁ, ବନୋଜ ଓଝା, ବାଇଧର ସେଠୀ, ଦୀନବନ୍ଧୁ ଭୂୟାଁ, ନାରାୟଣ ମହାଲିକ, ଅନାଦି ବିଶ୍ୱାଳ, ଉପେନ୍ଦ୍ର ଓଝା, ଶ୍ରୀନିବାସ ସାହୁ, ମାଧବ କୁଣ୍ଡୁ, ପାଚିକା ସଂଘର ଦେବକୀ ପାତ୍ର, ଜୁଲୁକୀ ସାହୁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ଡୁବୁରୀ:** କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିର ପ୍ରତିବାଦରେ ବିଭିନ୍ନ ଟ୍ରେଡ ୟୁନିୟନ ପକ୍ଷରୁ ଦୁଇ ଦିନିଆ ଭାରତ ବନ୍ଦର ପ୍ରଭାବ ଡୁବୁରୀ ତଥା କଳିଙ୍ଗନଗର ଅଞ୍ଚଳରେ ଅନୁଭୂତ ହୋଇଛି। କଳିଙ୍ଗନଗର ଅଞ୍ଚଳର ମୁଖ୍ୟ ବ୍ୟବସାୟିକ କେନ୍ଦ୍ର ଡୁବୁରୀ ଛକରେ ସକାଳ ୬ଟାରୁ ରାସ୍ତା ଅବରୋଧ କରାଯାଇଥିଲା। ବନ୍ଦକୁ ଶାସକ ବିଜେଡି ସମର୍ଥନ ଦେଇଥିବାରୁ ଦଳର ଶହ ଶହ କର୍ମକର୍ତ୍ତା ଡୁବୁରୀ-ଚଣ୍ଡିଖୋଲ ୫୩ନମ୍ବର ଜାତୀୟ ରାଜପଥ, ଡୁବୁରୀ-ସୁକିନ୍ଦା ୫୩ ନମ୍ବର ଜାତୀୟ ରାଜପଥ, ଡୁବୁରୀ-ନରଣପୁର ରାଜ୍ୟ ରାଜପଥ ଓ ଡୁବୁରୀ-ଯାଜପୁରରୋଡ ରାଜ୍ୟ ରାଜପଥରେ ଟାୟାର ରଖି ରାସ୍ତା ଅବରୋଧ କରିଥିଲେ।

**ବରୀ:** ୧୨ ଦଫା ଦାବି ନେଇ ନିଖିଳ ଓଡ଼ିଶା ଏମ୍‌ଡିଏମ ପାଚିକା ସହାୟିକା ସଂଘ ବରୀ ଶାଖା ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ନେଉଳାସ୍ଥିତ ପେଟ୍ରୋଲ ପମ୍ପ ଛକରୁ ସଭାନେତ୍ରୀ ସୁମିତ୍ରା ରଥଙ୍କ ନେତୃତ୍ୱରେ ଶତାଧିକ ପାଚିକା ସହାୟିକା ପଦଯାତ୍ରାରେ ବାହାରି ବରୀ ତହସିଲ, ବିଇଓ ଏବଂ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ମାସିକ ୧୮ ହଜାର ଟଙ୍କା ଦରମା, ବର୍ଷକୁ ୨ ଖଣ୍ଡ ଶାଢ଼ି, ୬୫ ବର୍ଷ ପର୍ଯ୍ୟନ୍ତ ସମୟ ସୀମା, ପେନସନ୍ ଆଦି ବିଭିନ୍ନ ଦାବି ନେଇ ସ୍ଲୋଗାନ ଦିଆଯାଇଥିଲା। ଶେଷରେ ବିଡିଓଙ୍କ ଜରିଆରେ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

**ଦଶରଥପୁର:** ବିଭିନ୍ନ ଦାବି ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ପକ୍ଷରୁ ମଙ୍ଗଳବାରଠାରୁ ୨ ଦିନିଆ ଧର୍ମଘଟ ଆରମ୍ଭ ହୋଇଛି। ଏଇଟିୟୁସି ଓ ଏଆଇଏଡବ୍ଲ୍ୟୁଏଫ୍ ଶ୍ରମିକ ସଙ୍ଗଠନ ସହ ସହବନ୍ଧିତ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ମହାସଂଘ ଦଶରଥପୁର ଶାଖା ପକ୍ଷରୁ ବନ୍ଦକୁ ସମର୍ଥନ କରାଯାଇ ଶୋଭାଯାତ୍ରା କରାଯାଇଥିଲା। ଅଙ୍ଗନୱାଡ଼ି କର୍ମୀ ସଂଘ ସଭାନେତ୍ରୀ ଅନୀତାରାଣୀ ବେହୁରିଆ, ସମ୍ପାଦିକା ବିଦ୍ୟୁତ୍‌ଲତା ପଣ୍ଡା, ସଂଘନେତ୍ରୀ ଅଞ୍ଜନା ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ କର୍ମୀମାନେ ଶୋଭାଯାତ୍ରାରେ ସାମିଲ ହୋଇ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

**କାଳିଆପାଣି:** ଟ୍ରେଡ୍ ୟୁନିୟନ ସଂଗଠନ ପକ୍ଷରୁ ଦୁଇ ଦିନିଆ ଭାରତ ବନ୍ଦ ଡାକରା କାଳିଆପାଣି ଖଣି ଅଞ୍ଚଳରେ ମଙ୍ଗଳବାର ଶାନ୍ତଶୃଙ୍ଖଳାର ସହ ପାଳିତ ହୋଇଛି। ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ପକ୍ଷରୁ ବିଭିନ୍ନ ଖଣି ସମ୍ମୁଖରେ ଟାୟାର ଜାଳି ବନ୍ଦ ପାଳନ କରାଯାଇଥିଲା। ଶ୍ରମିକ ସଂଘ ସମ୍ପାଦକ ନରାୟଣ ଚନ୍ଦ୍ର ଧୀରଙ୍କ ନେତୃତ୍ୱରେ ସମସ୍ତ ଖଣିଗୁଡ଼ିକୁ ବନ୍ଦ କରିଥିବା ବେଳେ ଦିନ ୧୨ ଟା ପର୍ଯ୍ୟନ୍ତ ଟମକା-ମଙ୍ଗଳପୁର ରାସ୍ତା ଉପରେ ଟାୟାର ଜାଳି ଶ୍ରମିକମାନେ ରାସ୍ତାବନ୍ଦ କରିଥିଲେ।

**ସୁକିନ୍ଦା:** କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତିକୁ ବିରୋଧ କରି ଦେଶ ବ୍ୟାପି ବନ୍ଦ ଡକରା ମଙ୍ଗଳବାର ସୁକିନ୍ଦାରେ ସଫଳ ହୋଇଛି। ସୁକିନ୍ଦା ବିଜେଡିର କର୍ମୀଙ୍କ ପକ୍ଷରୁ ସକାଳ ୮ରେ ହନୁମାନ ଛକ ନିକଟରେ ଶତାଧିକ କର୍ମୀ ଏକତ୍ରିତ ହୋଇ ୫୩ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ସେହିପରି କଳିଙ୍ଗ ନଗର ମଜଦୁର ସଙ୍ଘ ପକ୍ଷରୁ ବାଲେଶ୍ୱର ଆଲୋୟେଜ କାରଖାନା ସମ୍ମୁଖ ଦେଇ ଯାଇଥିବା ୫୩ ନଂ. ଜାତୀୟକୁ ଅବରୋଧ କରାଯାଇଥିଲା।

ଧରିତ୍ରୀ DHARITRI
CAREER APPOINTMENT
every Wednesday & Saturday

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs. 27000/-. (Part Time/Full Time)
Contact: 9938676412

**REQUIRED**
OFFICE ASSISTANT
For a Press with Computer/ Oriya Typing knowledge will be preferred.
Contact: 9337024339
email: anil_yadavji@rediffmail.com

**କୁକ୍ ଆବଶ୍ୟକ**
ଭୁବନେଶ୍ୱରର ଏକ ରେଷ୍ଟୁରାଣ୍ଟ (ଫୁଡ୍ ଟ୍ରକ୍) ପାଇଁ ଅଭିଜ୍ଞ ଇଣ୍ଡିଆନ୍, ଚାଇନିଜ୍ ଓ ମେକ୍ସିକାନ୍ କୁକ୍ ଆବଶ୍ୟକ।
ଯୋଗାଯୋଗ
୮୩୨୮୮୩୭୭୪୭, ୯୩୪୮୪୬୫୫୯୦

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS,
ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

**Urgent Required for BBSR AIRPORT**
Qualification : 10th To Graduate
Post : C.S.A, Ground Staff, Cabin, Crew, Loader, Helper
Salary : 18000-35000 + Free Accommodation + Food
7694934663, 9090391585

**JOIN LIC AS AGENT**
Get:
- Stipend Per Month
- Attractive Commission
- Gratuity & more
Age: 18+
Qualification: 10th & above
To join Contact: 7064693160
For Bhubaneswar & Near Areas.

**Req. for Limited Co.**
❶ ପୂର୍ବତନ ସୈନିକ
❷ ଡ୍ରାଇଭର (HMV-LMV)
ବେତନ-19500-27500 ଡ୍ୟୁଟି - ଓଡ଼ିଶା, ମଧ୍ୟପ୍ରଦେଶ
ସବୁ ସୁବିଧା / ଡ୍ୟୁଟି ୫ ଘଣ୍ଟା ମୋଟ ଖାଲି ପଦବୀ-215
ପ୍ରାର୍ଥୀମାନେ ନିଜ Bio-data ଇମେଲ୍ କରନ୍ତୁ
nutekindialimited2019@gmail.com
Phone. No. 08057878485

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

**URGENT REQUIRED**
ରାୟଗଡ଼ା, ଅନୁଗୁଳ, ବ୍ରହ୍ମପୁର, ମୟୂରଭଞ୍ଜ, ଭଦ୍ରକ, କଟକ, ଭୁବନେଶ୍ୱର OFFICE STAFF ଆବଶ୍ୟକ।
Salary: 24,000/-.
Qualification: 9th to 10th or above.
Contact: 8018284966

NATURAL TOUCH PLYWOOD ପାଇଁ MARKETING EXECUTIVE (M/F) ଆବଶ୍ୟକ। ଦରମା 8,000/- ରୁ 10,000/-. PETROL 2000, ରହିବା ମାଗଣା + INCENTIVE. ଦୋକାନ ପାଇଁ SALESMAN ଆବଶ୍ୟକ।
ଶୀଘ୍ର ଯୋଗାଯୋଗ:-
9437001718

**URGENT REQUIREMENT STAFF**
For Bhubaneswar.
Tandoor Cook, Indian Cook, Bengali/ Odia Cook, Helper & Waiter.
Contact:
8338888804/ 6370777458

ସୁବର୍ଣ୍ଣ ଅବସର ''ଭୁବନେଶ୍ୱର ଓ କଟକ''
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 08033948529
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303523302

JOBS IN AIRPORT (ONLY MALE)
Post : GROUND STAFF
➡ Qual. : 9th Pass,10th & +2
➡ Age : 18 To 28 Years
➡ Salary : 10,000/- To 25,000/-
Global Certification With 100% Job
Blaze Aviation, Plot No : 576/3398, Nayapalli, Bhubaneswar.
7077708313, 7077708315

DIRECT JOINING
CUSTOMER CARE / BPO
Data Entry / Back Office
Qual. 10th, +2, ITI, Degree, Etc.
Salary : Rs.7000 To Rs.15000 (with Accommodation)
BBSR. 9090658710

SWOSTI GROUP HOTELS . RESORTS . TRAVELS SINCE 1981
**SWOSTI GROUP (Hotels-Resorts-Travels-Education) Requires following posts urgently for its Hotels & Travel Division**

| Sl | Name of the post | Qualification & Experience |
|---|---|---|
| HOTEL DIVISION (CANDIDATES TO BE POSTED AT BHUBANESWAR & CHILIKA) | | |
| 1 | DGM Sales & Mktg. | Graduate with MBA in marketing with 15 yrs experience in any hospitality industry. |
| 2 | Relationship Manager | Graduate with MBA in marketing with 5-7 yrs experience in any hospitality industry |
| 3 | Asst. Mgr. HR / HR Executive | Graduate with MBA in HR with 5-7 yrs experience |
| 4 | BQT Mgr. / Asst. BQT Mgr | Degree/ Diploma In Hotel Mgmt., with More than 5 yrs of experience with IDS knowledge |
| 5 | FnB Executive | Degree/ Diploma In Hotel Mgmt., with More than 3 yrs experience with IDS knowledge |
| 6 | Reservation Asst. / Reservation Executive | Graduate with at least 3 yrs experience from any star category hotel with IDS knowledge. |
| 7 | Steward / Sr. Steward | H.S.C pass having 2-3 yrs relevant experience from any star category hotel. |
| 8 | Room Attendant | |
| 9 | Housekeeping Asst. | |
| 10 | Guest Relation Executive | Degree/ Diploma In Hotel Mgmt., with More than 03 yrs of experience with IDS knowledge. |
| 11 | Front Office Asst./ Supervisor | |
| 12 | Lifeguard (Swimming Pool) | HSC Pass with life & safety certificate & 2-3 yrs experience |
| 13 | Swimming Pool Attendant | HSC Pass with 2–3 yrs experience in Pool Maintenance. |
| 14 | Spa therapist(Male/Female) | Course on Massage Therapy from a recognized University with Min. 2 Yrs experience in relevant field. |
| 15 | Maint. Manager / Asst. Maint. Mgr. | Degree / Diploma in Mechanical Engg. With 10 yrs & above experience in hospitality industry |
| 16 | Electrical / Plumbing / HVAC Supervisors / Technicians | Minimum 3 yrs experience in hospitality industry. |
| 17 | COMMI –I / II / III (Indian, Chinese, Conti, South Indian, Bakery & Halwai) | Diploma / Craft Course in Hotel Management with Minimum 3 yrs experience in hospitality industry. |
| TRAVELS DIVISION (CANDIDATES TO BE POSTED AT BHUBANESWAR) | | |
| 1 | Mgr. / Asst. Mgr. Sales | 5. Asst. Mgr./ Exec. Inbound & Outbound Tours |
| 2 | Asst. Mgr./ Exec. Transport | 6. International Ticketing Executive |
| 3 | Inbound & Outbound Tours Asst. | 7. VISA Services Asst. |
| 4 | . Transport Desk In-charge | 8. Drivers |

Sl. No. 1-7 Candidates with at least 5 yrs experience in any professional travel company will be preferred.
For Drivers - 10th Pass having LMV / HMV license with transport badge with minimum 5 yrs experience.
Salary will commensurate with Qualification, Experience & Efficiency
Candidates may apply within seven days to Email:info@swosti.com M-09338091727 / 08594999396

V.C.S. INDIA
House Keeping & Facility Services
- Markerting Executive
- Marketing Managers
- Facility Manager
- Female Telecaller
- House keeping boys
Contact 7077726920
Send your C.V. with attach passport photo to vcs.odisha@vivencyindia.in

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

OMM SAI INFRATECH
ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9776141333

OrissaPOST HERE . NOW
WANTED
TRANSLATORS:-
Well versed in English and Oriya.
Apply within 7 days to :
recruitment@orissapost.com
Pay & perks will be the best in the industry for deserving candidates.

**OFFICE OF THE DISTRICT & SESSIONS JUDGE-CUM-CHAIRMAN, DLSA, KALAHANDI, BHAWANIPATNA**

ADVERTISEMENT

Applications in the prescribed format are invited from the desirous candidates for recruitment to the posts of Jr. Clerk of District Legal Services Authority (DLSA). Such appointment shall be governed by the provisions of Odisha Group-C and Group-D posts (Contractual Appointment) Rules, 2013.

**CATEGORY WISE VACANCY POSITION:**

| Name of the Post | UR | SEBC | SC | ST | Total | Scale of pay |
|---|---|---|---|---|---|---|
| Jr. Clerk, DLSA | 01 | -- | 01 | -- | 02 | Rs.8,880/- |

**LAST DATE FOR RECEIPT OF APPLICATIONS**:- The application along with the required documents and self attested copies of certificates must reach the **office of the Chairman, District Legal Services Authority, Kalahandi, Bhawanipatna** on or before **29.01.2019** either by Post or may be dropped in the box provided for the purpose on each working day. Applications received in the office after the last date by any means shall be summarily rejected. N.B.:- For format of application, eligibilities of the candidates, fees for examination, scheme of examination, details of syllabus for each subject, list of documents to be submitted along with the application, kindly visit the below web link https://districts.ecourts.gov.in>kalahandi and www.kalahandi.nic.in.

**Sd./- Chairman,**
**District Legal Services Recruitment Committee,**
**Kalahandi, Bhawanipatna**

APPOINTMENT
BEST PLACE TO BUILD YOUR CAREER

SKY AUTOMOBILES is hiring for Dhenkanal & Jajpur Dealership.
☞ SERVICE ADVISORS & FLOOR SUPERVISORS.
Diploma or Degree or ITI in Automobiles or Mechanical Motor Mechanic having minimum 2 years of experience in automobile service. Minimum Diploma is mandatory for service advisors Freshers are also encouraged to appear the interview. For the above two positions, four wheeler driving license is a must.
Interested persons can attend Walk-In-Interview with their updated CV, one photograph and original certificates.
WALK IN INTERVIEW
9th & 10th January 2019, Time - 10am to 3pm
SKY AUTOMOBILES sales • service • spares - SINCE 1987
P.O - Bhanpur, NH-5, CUTTACK - 753011
7440025916, 7873008800 skycuttack@gmail.com
Persons unable to attend walk in interview can forward their CV to hrodisha@skyautomobiles.in.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୯ ଜାନୁୟାରୀ, ୨୦୧୯



ବିଶ୍ରାମ ଓ ଉପବାସ ଭଳି ଔଷଧ ଆଉ କିଛି ନାହିଁ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଭୁଲିଗଲା ପ୍ରଶାସନ, ଫୁଲମାଳ ଦେଲେ ପାନ ଦୋକାନୀ



**ନୟାଗଡ଼ ଅଫିସ,୮।୧:** ମଙ୍ଗଳବାର ଉତ୍କଳଘଣ୍ଟ କବି ଯଦୁମଣି ମହାପାତ୍ରଙ୍କ ଜୟନ୍ତୀ ହୋଇଥିବା ବେଳେ ପୁରୁଣା ସହରସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ଥିବା କବିଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ଦେବାକୁ ପ୍ରଶାସନ ଭୁଲିଗଲା। ନା ଜିଲା ପ୍ରଶାସନ ନା ଯଦୁମଣି କମିଟି କେହି ହେଲ ଫୁଲମାଳଟିଏ ପକାଇ ନ ଥିଲେ। ଏପରିକି ଜିଲାରେ ଥିବା ସାହିତ୍ୟିକ, କବି ମଧ ପ୍ରତିମୂର୍ତ୍ତିରେ ଫୁଲ ମାଳ ପକାଇଲେ ନାହିଁ। ଏହା ଜଣେ ପାନ ଦୋକାନୀଙ୍କୁ ଖୁବ୍ ବାଧିଥିଲା। ଖବରକାଗଜରୁ ବ୍ୟଙ୍ଗକବି ଯଦୁମଣିଙ୍କ ଜୟନ୍ତୀ ଜାଣିବା ପରେ ସେଠାରେ ପାନ ଦୋକାନ ଦେଇଥିବା କୁଳମଣି ଖିଲାର ଫୁଲମାଳ କିଣି କବି ଯଦୁମଣିଙ୍କ ପ୍ରତିମୂର୍ତ୍ତିରେ ପିନ୍ଧାଇଥିବାର ଦେଖିବାକୁ ମିଳିଥିଲା।

### ଖୋର୍ଦ୍ଧାରେ କଚ୍ଛପ ଗତିରେ ଚାଲିଛି ଟେଷ୍ଟିଂ
### ଶୀତଋତୁରେ ରାସ୍ତାରେ ପାଣି ଝର

**ଖୋର୍ଦ୍ଧା ଅଫିସ,୮।୧:** ମୁଣ୍ଡଳୀରୁ ପାଇପଲାଇନ୍‌ରେ ଆସିଛି ପାଣି। ଜଟଣୀ ସହରାଞ୍ଚଳବାସୀ ଘର ଭିତରେ ବିଶୁଦ୍ଧ ପାନୀୟ ଜଳ ପାଇବାର ସୁବିଧା ନେଇଛନ୍ତି। ତେବେ ଖୋର୍ଦ୍ଧା ସହରର ସବୁ ଅଞ୍ଚଳରେ ପାଣି ପହଞ୍ଚି ପାରିନି। କଚ୍ଛପ ଗତିରେ କାର୍ଯ୍ୟ ଚାଲିଥିବାରୁ ଖୋର୍ଦ୍ଧାରେ ଟେଷ୍ଟିଂ ଶେଷ ହୋଇପାରୁନି। ପ୍ରାୟ ୧ ମାସ ହେଲା ଟେଷ୍ଟିଂ ଚାଲିଥିବାବେଳେ ଶ୍ରୀରାମନଗର ଘାସିସାହି ଅଞ୍ଚଳ ରାସ୍ତା ଉପରେ ପ୍ରାୟତଃ ସବୁଦିନ ପାଣି ଚାଲିଛି। ଏପରିକି ରାସ୍ତା ଉପରେ ପାଣି ଜମା ହୋଇ କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ସଚେତନତା ଅଭାବରୁ ଘରକୁ ନରାଜ ପାଣିର ସଂଯୋଗ ନେବାକୁ ସ୍ଥାନୀୟ ବାସିନ୍ଦା ଆଗ୍ରହ ପ୍ରକାଶ କରୁନାହାନ୍ତି। ନୂଆ ସଂଯୋଗ ପାଇଁ ଲକ୍ଷ୍ୟ ପୂରଣ ହେଉନି। ବସୁଧା ଯୋଜନାରେ ରାଜ୍ୟର ୯୫ ଟି ପୌରାଞ୍ଚଳ ପାଇଁ ୫ ଶହ ପାନୀୟ ଜଳ ପ୍ରକଳ୍ପର ଲୋକାର୍ପଣ ହୋଇସାରିଛି। ସେହିପରି ୧୮୭ କୋଟି ୭୧ ଲକ୍ଷ ଟଙ୍କା ଆଇଆଇଟି, ନାଇଜର, ଇଡ୍‌କୋ ସହ ଖୋର୍ଦ୍ଧା ଓ ଜଟଣୀ ମ୍ୟୁନିସିପାଲିଟି ନିମନ୍ତେ ବୃହତ ମୁଣ୍ଡୁଳୀ ଜଳ ଯୋଗାଣ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଟଣୀଠାରେ ୨୪।୧୧।୧୮ରେ ଉଦ୍‌ଘାଟନ କରିଛନ୍ତି। ହେଲେ ଉଦ୍‌ଘାଟନର ଦେଢ ମାସ ବିତିଯିବାକୁ ବସିଥିବାବେଳେ ଖୋର୍ଦ୍ଧା ସହରବାସୀ ପାଣି ପାଇ ପାରିନାହାନ୍ତି।

### କୁଶପଲାରେ କନ୍ୟା ରତ୍ନ କର ଯତ୍ନ କାର୍ଯ୍ୟକ୍ରମ

**ବେଗୁନିଆ,୮।୧ (ଡି.ଏନ.ଏ.):** କନ୍ୟା ଜନ୍ମ ପରେ ପରିବାର ପାଇଁ ବୋଝ ସଦୃଶ ବୋଲି ଭ୍ରମ ଧାରଣା ଆମମାନଙ୍କ ମନରେ ରହି ଆସିଛି। ତେବେ ତାହା ସମ୍ପୂର୍ଣ୍ଣ ଭୁଲ। ଏବେ ଯୁଗ ବଦଳି ଯାଇଛି। ପୁଅ ତୁଳନାରେ ଝିଅ ସବୁ କାମରେ ଆଗୁଆ ହେଉଛନ୍ତି। ଏଥିସହ ସୁସ୍ଥ ପରିବାର ଗଠନ କରିବାରେ ସେମାନଙ୍କ ଦାୟିତ୍ୱ ହେଉଛି ଅନନ୍ୟ। ତେବେ ଆସ ଭାଇ ଆମେ ସମସ୍ତେ ଟିକେ ସଚେତନ ହେବା, ଆମ ମନରେ ଦେଖାଦେଇଥିବା କନ୍ୟା ରତ୍ନ ପ୍ରତି ବିମୁଖ ମନୋଭାବକୁ ଦୂରୀଭୁତ କରିବା, ଏଭଳି ଏକ ମହତ ଆଭିମୁଖ୍ୟ ନେଇ ଆମେ ତୁମେ ସେମାନେ ଅନୁଷ୍ଠାନ ପକ୍ଷରୁ ଏକ ସଚେତନ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ କରାଯାଉଛି। ଏହି ସଙ୍ଗଠନ ପକ୍ଷରୁ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କୁଶପଲା ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସଚେତନ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ସାମାଜିକକର୍ମୀ ଅଖିଳେଶ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବ୍ଲକ ପୋଗ୍ରାମ ଅଫିସର ଶ୍ରୀନିବାସ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ଖୋର୍ଦ୍ଧାର ଅଧକ୍ଷ ରାମଶଙ୍କର, ଶିକ୍ଷାବିତ ରାଜକିଶୋର ପାଣିଗ୍ରାହୀ, ସରୋଜ ବେହେରା, ସୁଶାନ୍ତ କୁମାର ଶତପଥୀ, ମହମ୍ମଦ ମହିଉଦ୍ଦିନ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଗ୍ରାମର ହିନ୍ଦୁ ଓ ମୁସଲିମ ପରିବାରର ବହୁ ମହିଳା ଏକତ୍ରିତ ହୋଇ କନ୍ୟା ରତ୍ନ ପ୍ରତି ସଚେତନ ହୋଇଥିଲେ। ଏହି ଅବସରରେ ଗ୍ରାମର ମହିଳା ସୀତାମାଳା ପଟ୍ଟନାୟକଙ୍କୁ ମାନପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଙ୍ଗଠନର ଆବାହକ ଦୁର୍ଗା ପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।

# କଲ୍ୟାଣ ମଣ୍ଡପ ପାଲଟିଛି ଛାତ୍ରାବାସ

**ନୟାଗଡ଼ ଅଫିସ,୮।୧**



ଛାତ୍ରମାନଙ୍କ ଅକ୍ତିଆରରେ କଲ୍ୟାଣ ମଣ୍ଡପ।



- ରହୁଛନ୍ତି ଘରୋଇ ଏକାଡେମୀ ଛାତ୍ର
- ବିଡିଓ କହିଲେ ତଦନ୍ତ କରାଯିବ

ନୟାଗଡ଼ ଜିଲା ସଦର ବ୍ଲକ ଜେମାଦେଇପୁରପାଟଣା ପଞ୍ଚାୟତରେ ଥିବା କଲ୍ୟାଣମଣ୍ଡପ ପାଲଟିଛି ଏକ ଘରୋଇ ଏକାଡେମୀର ଛାତ୍ରାବାସ। ଉଦ୍‌ଘାଟନ ଦିନଠାରୁ ଏହାକୁ ପଞ୍ଚାୟତର ଲୋକମାନଙ୍କୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଡ଼ା ଦିଆଯିବା ବଦଳରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଅକ୍ତିଆର କରି ରଖିଥିବା ଅଭିଯୋଗ ହୋଇଛି। ସେ କରିଥିବା ସାଇ ଏକାଡେମୀର ଛାତ୍ରମାନଙ୍କୁ କଲ୍ୟାଣମଣ୍ଡପରେ ରଖୁଛନ୍ତି।

ସୂଚନାନୁଯାୟୀ, ସରପଞ୍ଚଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ପୃଷ୍ଟି ଉକ୍ତ ଗ୍ରାମରେ ସାଇ ଏକାଡେମୀ ନାମରେ ଏକ ଶିକ୍ଷାନୁଷ୍ଠାନ ଖୋଲି ସେଠାରେ ଡିଫେନ୍ସ,ରେଲୱେ ତଥା ବିଭିନ୍ନ ଟ୍ରେନିଂ ଦେବା ସହ କୋଚିଂ ଦେଉଛନ୍ତି। ଉକ୍ତ ଏକାଡେମୀରେ ପିଲାମାନଙ୍କଠାରୁ ମୋଟା ଅଙ୍କର ଫି' ଆଦାୟ କରାଯାଉଛି। ଏହି ଏକାଡେମୀ ପଞ୍ଜୀକୃତ କି ନୁହେଁ ତାହା ତଦନ୍ତ ସାପେକ୍ଷ। ଗ୍ରାମରେ ଏହିଭଳି ଏକାଡେମୀ କରିବା ସହିତ କଲ୍ୟାଣମଣ୍ଡପଟି ଛାତ୍ରାବାସ ପାଲଟିବା ଘଟଣା ପ୍ରଶାସନର ପାରିଲାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଗ୍ରାମରେ ବିବାହ ବ୍ରତ ଆଦି ଉତ୍ସବ ପାଇଁ ୩୫ ଲକ୍ଷ ଟଙ୍କା ବ୍ୟୟରେ ପ୍ରତି ପଞ୍ଚାୟତରେ କଲ୍ୟାଣମଣ୍ଡପ ନିର୍ମାଣ ହୋଇଛି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ବ୍ଲକ୍‌ର ୨୯ ପଞ୍ଚାୟତରେ ୨୯ କଲ୍ୟାଣମଣ୍ଡପ ନିର୍ମାଣ ହୋଇଛି। ଏଥିମଧ୍ୟରୁ ୪/୫ଟି ଛାଡ଼ିଦେଲେ ଅନ୍ୟସବୁ କଲ୍ୟାଣମଣ୍ଡପ ଉଦ୍‌ଘାଟନ ହୋଇସାରିଛି। ହେଲେ ଗୋଟିଏ ବି କଲ୍ୟାଣମଣ୍ଡପରେ ଏ ପର୍ଯ୍ୟନ୍ତ ବିବାହ , ବ୍ରତ ଉତ୍ସବ ହୋଇ ନ ଥିବା ଜଣାପଡ଼ିଛି। କିଏ ଏହାକୁ ଛାତ୍ରାବାସ କଲାଣି ତ ଆଉ କିଏ ଏହାକୁ ଗୋଦାମ କରି ରଖିଲାଣି। ବିବାହ ବ୍ରତ ଆଦି ଉତ୍ସବରେ ଲୋକମାନଙ୍କୁ ଭଡ଼ା ଦିଆଯାଇ ଆଦାୟ ହୋଇଥିବା ଟଙ୍କାରେ ପଞ୍ଚାୟତର ଉନ୍ନତି କାମରେ ଲାଗିବା ପାଇଁ କଲ୍ୟାଣମଣ୍ଡପ ନିର୍ମାଣ କରାଯାଇଛି। ହେଲେ ଜେମାଦେଇପୁରପାଟଣା ପଞ୍ଚାୟତ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ହେବାର ୬ ମାସ ବିତି ଯାଇଥିଲେ ମଧ ଏଥିରୁ ଟଙ୍କାଟିଏ ଆଦାୟ ହୋଇନାହିଁ। ସରପଞ୍ଚଙ୍କ ସ୍ୱାମୀ ଛାତ୍ରାବାସ କରି ଅର୍ଥ ଆଦାୟ କରୁଛନ୍ତି। ଏ ନେଇ ଜେମାଦେଇପୁରପାଟଣା ସରପଞ୍ଚଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ପୃଷ୍ଟିଙ୍କୁ ପଚାରିବାରୁ ସେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। କଲ୍ୟାଣମଣ୍ଡପକୁ ସେ ବ୍ୟବହାର କରୁ ନ ଥିବା କହିଛନ୍ତି। ଏ ନେଇ ନୟାଗଡ଼ ବିଡ଼ିଓ ମନୋଜ ପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି, କଲ୍ୟାଣମଣ୍ଡପ ଲୋକଙ୍କ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଯିବା କଥା ହେଲେ ଛାତ୍ରାବାସ ଚାଲୁଥିବା ନୀତି ବିରୋଧ କାର୍ଯ୍ୟ। ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହିତ ତଦନ୍ତ କରାଯାଇ ଉକ୍ତ କଲ୍ୟାଣମଣ୍ଡପକୁ ଖାଲି କରାଯିବ ବୋଲି ବିଡିଓ ପ୍ରକାଶ କରିଥିଲେ।

# ନୟାଗଡ଼ରେ ବନ୍ଦ ସଫଳ

**ନୟାଗଡ଼ ଅଫିସ,୮।୧**

ବିଭିନ୍ନ ଟ୍ରେଡ଼ ୟୁନିୟନ ସଙ୍ଗଠନ ଗୁଡ଼ିକ ପକ୍ଷରୁ ୧୧ ଦଫା ଦାବି ନେଇ ଦେଶବ୍ୟାପୀ ଦୁଇଦିନିଆ ଧର୍ମଘଟ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ନୟାଗଡ଼ରେ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଛି। ଜିଲାରେ ଥିବା ସମସ୍ତ କାର୍ଯ୍ୟାଳୟ,ବ୍ୟାଙ୍କ୍, ଶିକ୍ଷାନୁଷ୍ଠାନ ଆଦି ବନ୍ଦ ରହିଥିଲା। ସକାଳୁ ଟ୍ରେଡ଼ ୟୁନିୟନର କର୍ମକର୍ତ୍ତାମାନେ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହିତ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧିନୀତିକୁ ସମାଲୋଚନା କରିଥିଲେ। ପୂର୍ବାହ୍ନରେ ଜିଲା କୋର୍ଟ କମ୍ପ୍ଲେକ୍ସ, ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପିକେଟିଂ କରାଯାଇ ଟ୍ରେଡ୍ ୟୁନିୟନ୍‌ର କର୍ମକର୍ତ୍ତାମାନେ କାର୍ଯ୍ୟାଳୟ ବନ୍ଦ କରି କରିବାକୁ କହିଥିଲେ। ଧର୍ମଘଟ ଯୋଗୁଁ ସହରରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିଲା। ଦୁଇଚକିଆ ଗାଡ଼ି ଚଳାଚଳ ସ୍ୱାଭାବିକ ରହିଥିଲା। ଜିଲା ସିଆଇଟିୟୁ, କଂଗ୍ରେସ, ଏଆଇଟିୟୁସି, ଆଇଏନ୍ ଟିୟୁସି, କୃଷକ ସଙ୍ଗଠନ, ନିର୍ମାଣ ଶ୍ରମିକ ସଙ୍ଗଠନ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି, ଆଶାକର୍ମୀମାନେ ସହଯୋଗ କରିଥିଲେ। ସକାଳୁ ସକାଳୁ ୫୭ନଂ.ଜାତୀୟ ରାଜପଥ ଉପରେ ସେମାନେ ଧାରଣାରେ ବସିଥିଲେ। କେନ୍ଦ୍ର ସରକାରଙ୍କ କୃଷକ ଓ ଶ୍ରମିକ ମାରଣନୀତି ସହିତ ବିଭିନ୍ନ ଦ୍ରବ୍ୟ ପେଟ୍ରୋଲ, ଡିଜେଲ୍‌ର ଅହେତୁକ ବୃଦ୍ଧିକୁ ମଧ ପ୍ରତିବାଦ କରିଥିଲେ। ସେହିଭଳି ଶରଣକୂଳ ଅଞ୍ଚଳରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ସିଆଇଟିୟୁର ଜିଲା ସଭାପତି ବିଶ୍ୱନାଥ ମହାପାତ୍ର, ଏସ୍ ଏ କରିମ୍, ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ, କାର୍ଯ୍ୟକାରୀ ସଭାପତି ହୁସେନ ଖାଁଙ୍କ ସମେତ ଏକାଧିକ ଟ୍ରେଡ୍ ୟୁନିୟନ୍ ପକ୍ଷରୁ କର୍ମକର୍ତ୍ତାମାନେ ଯୋଗ ଦେଇ ଧର୍ମଘଟକୁ ସଫଳ କରିଥିବା ଜଣାପଡ଼ିଛି।



୫୭ନଂ. ଜାତୀୟ ରାଜପଥରେ ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଧାରଣା ଦିଆଯାଇଛି ।

# ରଥକାଠ ଅନୁକୂଳ ଲାଗି ବଡ଼ରାଉଳଙ୍କ ପୀଠରେ ପୂଜାର୍ଚ୍ଚନା



ରଥକାଠ ଅନୁକୂଳ ପାଇଁ ବଡ଼ରାଉଳ ପୀଠରେ ପୂଜାର୍ଚ୍ଚନା ।

**ଗଣିଆ,୮।୧(ଡି.ଏନ.ଏ.)**

ଆରମ୍ଭ ହୋଇଯାଇଛି ୨୦୧୯ ମସିହା ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପ୍ରସ୍ତୁତି ପର୍ବ । ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର ବଡ଼ମୂଳ ଖଳଖଳା ସେତୁ ନିକଟସ୍ଥ ମା' ବଡ଼ରାଉଳ ଦେବୀଙ୍କ ପୀଠରେ ମଙ୍ଗଳବାର ପୂର୍ବାହ୍ନରେ ରଥସଂହିତା ପରମ୍ପରା ଅନୁଯାୟୀ ଶ୍ରୀ ଜଗନ୍ନାଥଙ୍କ ରଥକାଠ ଅନୁକୂଳ ଲାଗି ପୂଜାର୍ଚ୍ଚନା କରାଯାଇଛି । ରଥ କାଠ ବରଣ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର ଓ ଭୋଇ ସର୍ଦ୍ଦାର ରବି ଭୋଇ ମଙ୍ଗଳବାର ସକାଳୁ ବଡ଼ରାଉଳ ପୀଠରେ ପହଞ୍ଚିଥିଲେ । ଏହି ୪ ଜଣିଆ ଟିମ୍ ମହାପ୍ରଭୁଙ୍କ ଆଜ୍ଞାମାଳ,ଖଣ୍ଡୁଆ,ମହାପ୍ରସାଦ,ପଟନୀ ଓ ମହାର୍ଦ୍ଧ ଧରି ନୟାଗଡ଼ ବନ ବିଭାଗ ଜରିଆରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳବାସୀ ନାମ ସଙ୍କୀର୍ତ୍ତନ କରି ସେମାନଙ୍କୁ ବଡ଼ରାଉଳ ପୀଠକୁ ପାଛୋଟି ନେଇଥିଲେ । ପରେ ନୟାଗଡ଼ ବନଖଣ୍ଡ ସହକାରୀ ବନ ସଂରକ୍ଷକ ଅରବିନ୍ଦ ମହାନ୍ତି ଓ ଦଶପଲ୍ଲା ବନାଞ୍ଚଳ ଅଧିକାରୀ ସୋମନାଥ ନାୟକଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୋଇଥିଲା । ପାରମ୍ପରିକ ଢୋଲ ଓ ତୂରୀ ବାଦ୍ୟ ସହ ରୀତିନୀତି ଅନୁଯାୟୀ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା ଓ ହୋମ କାର୍ଯ୍ୟ ପରେ ଆଜ୍ଞାମାଳ ନିଆଯାଇ ରଥ ନିର୍ମାଣ ନିମିତ୍ତ ଅସନ,ଧଉରା ,ଫାଶି ଓ ଶିମିଳି କାଠ ବୁଧବାରଠାରୁ ଛେଦନ କାର୍ଯ୍ୟ ଆରମ୍ଭ ହେବ ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି । ତେବେ ଚଳିତ ବର୍ଷ ନିର୍ମାଣ ପାଇଁ ସମୁଦାୟ ୬୭୦ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ୨୪୪ଖଣ୍ଡ ରଥକାଠ ରଥଖଳାରେ ଗଚ୍ଛିତ ରହିଛି । ଅବଶିଷ୍ଟ ୪୨୬ଖଣ୍ଡ ରଥକାଠ ନୟାଗଡ଼ ବନଖଣ୍ଡ ତରଫରୁ ଯୋଗାଇ ଦେବା ପାଇଁ ଚଳିତ ବର୍ଷ ବ୍ୟବସ୍ଥା ରହିଛି । ୪୨୬ଖଣ୍ଡ ରଥକାଠ ମଧ୍ୟରୁ ୮୯ଖଣ୍ଡ ଅସନ,୨୭୪ଖଣ୍ଡ ଧଉରା, ୬୦ଖଣ୍ଡ ଫାଶି ଓ ୩ଖଣ୍ଡ ଶିମିଳି କାଠ ଚିହ୍ନଟ ହୋଇଛି । ସେଥିମଧ୍ୟରୁ ୨୭୦ଖଣ୍ଡ କାଠ ରଥଖଳାକୁ ଓ ୧୫୬ଖଣ୍ଡ କାଠ କଟକସ୍ଥିତ ଖପୁରିଆ କରତକଳକୁ ଚିରଟ ପାଇଁ ଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସୂଚନା ମିଳିଛି । ପରେ ଅପରାହ୍ନରେ ମା ବଡ଼ରାଉଳଙ୍କ ଗୁପ୍ତପୂଜା ନୀତି ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ନୟାଗଡ଼ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ନୟାଗଡ଼ ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁ, ଗଣିଆ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ସମେତ ଶରଣକୁଳ ବନାଞ୍ଚଳ ଅଧିକାରୀ ଧନେଶ୍ୱର ରଥ, ମହୀପୁର ବନାଞ୍ଚଳ ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା ଓ ନୟାଗଡ଼, ଖଣ୍ଡପଡ଼ା ଦଶପଲ୍ଲା,ଗଣିଆ ବନାଞ୍ଚଳର ବନ ବିଭାଗ କର୍ମଚାରୀମାନେ ଯୋଗଦେଇଥିଲେ । ଏହି ଅବସରରେ ଭକ୍ତ ସେବକ ଲଳିତ ଦାସଙ୍କ ଆନୁକୂଲ୍ୟରେ ଚଳିତ ବର୍ଷ ପ୍ରଥମ କରି ଏହି ପୀଠ ପରିସରରେ ନାମ ସଙ୍କୀର୍ତ୍ତନ, ଉପସ୍ଥିତ ସାଧୁଙ୍କ ଦ୍ୱାରା ହୋମଯଜ୍ଞ କରାଯାଇଥିଲା ।

### ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ନୟାଗଡ଼ ଅଫିସ,୮।୧**

ଜିଲାସ୍ତରୀୟ ୭୦ ତମ ସାଧାରଣତନ୍ତ୍ର ଦିବସ ୨୦୧୯ ପାଳନ ନିମନ୍ତେ ମଙ୍ଗଳବାର ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ଏନ୍ ତିରୁମାଲା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜାନୁୟାରୀ ୨୬ ତାରିଖରେ ପିଟିଏସ୍ ପଡ଼ିଆଠାରେ ପୂର୍ବାହ୍ନ ୯ଟାରେ ପତାକା ଉତ୍ତୋଳନ କରାଯିବ। ଏହା ପୂର୍ବରୁ ସମସ୍ତ ଶିକ୍ଷାନୁଷ୍ଠାନରେ ସକାଳ ୬ଟାରୁ ପ୍ରଭାତ ଫେରି କରାଯିବ, ସକାଳ ୮ଟାରେ ତ୍ରିନାଥ ଛକସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ୫୩ଟି ଟ୍ରୁପ୍‌ମାନଙ୍କ ଦ୍ୱାରା ପ୍ୟାରେଡ଼ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରସ୍ତୁତି ବୈଠକରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ଉପସ୍ଥିତ ଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଏହି ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ।

### ୧୯୯୨ ସ୍ନାତକ ବ୍ୟାଚ୍ ବନ୍ଧୁମିଳନ

**ନିରାକାରପୁର,୮।୧(ଡି.ଏନ.ଏ)**

ଖୋର୍ଦ୍ଧା ଜିଲା ନିରାକାରପୁର କ୍ଷେତ୍ରବାସୀ ଡିଏଭି କଲେଜ ୧୯୯୨ ମସିହା ବ୍ୟାଚ୍ ସ୍ନାତକ ସହପାଠୀଙ୍କ ଏକ ବନ୍ଧୁମିଳନ ଉତ୍ସବ ମଙ୍ଗଳବାର ମା'ଉଗ୍ରତାରାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରାୟ ୨୦୦ ପୁରାତନ ଛାତ୍ରୀଛାତ୍ର ଅତୀତର ସ୍ମୃତି ଓ ଅନୁଭୂତିକୁ ମନେପକାଇଥିଲେ। ଏ ଅବସରରେ ଏକ ବଣଭୋଜିର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମକୁ ବିଭୁ ଜେନା, ରାମ ନାୟକ, ସନନ୍ଦ ପରିଡ଼ା, ଦେବେନ୍ଦ୍ର ବେହେରା ଓ ସଞ୍ଜୟ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ସଦାଶିବ ମେମୋରିଆଲ କ୍ରିକେଟ୍: ମଞ୍ଚେଶ୍ୱର ସେମିରେ

**ଭାପୁର,୮।୧(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ଼ ନାଳିସାଗର ପଡ଼ିଆରେ ଗ୍ରାମ ଯୁବକ ସଂଘ ତରଫରୁ ଆୟୋଜିତ ୯ମ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ମଙ୍ଗଳବାର ଖେଳରେ ସତ୍ୟପିର ସ୍ପୋର୍ଟିଂକୁ ୭ ଉଇକେଟ୍‌ରେ ହରାଇ ଭୁବନେଶ୍ୱରର ମଞ୍ଚେଶ୍ୱର କ୍ରିକେଟ୍ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି କାଇପଦରର ସତ୍ୟପୀର ସ୍ପୋର୍ଟିଂ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୨୦୩ ରନ୍ ସଂଗ୍ରହ କରିଥିଲା। ଜବାବରେ ମଞ୍ଚେଶ୍ୱର ଦଳ ୧୩.୧ ଓଭର୍‌ରେ ୩ ଉଇକେଟ୍ ହରାଇ ୨୦୮ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ଅଭୟ ମଲିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଜିତେନ୍ଦ୍ର କୁମାର ଘୋଷ ଓ ଦୁର୍ଗାପ୍ରସାଦ ପଟ୍ଟନାୟକ। ପବିତ୍ର କୁମାର ସାହୁ ସ୍କୋରର୍ ଓ ସରୋଜ କୁମାର ମହାପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ସମାଜସେବୀ ନାରାୟଣ ତ୍ରିପାଠୀ ଓ ପ୍ରତାପ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ବୁଧବାର ଯାଁଳାର ବ୍ଲୁ ରକ୍ ଷ୍ଟାର ଓ କଟକର ବିଡ଼ାନାସୀ କ୍ରିକେଟ୍ କ୍ଲବ ମଧ୍ୟରେ ମ୍ୟାଚ୍ ହେବ।



ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ସାମାଜିକ କର୍ମୀଙ୍କ ସ୍ମୃତିଚାରଣ

**ଖଣ୍ଡପଡ଼ା,୮।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳା ଗ୍ରାମର ଧରିତ୍ରୀ ଏଜେଣ୍ଟଙ୍କ ପିତା ତଥା ସାମାଜିକ କର୍ମୀ ପ୍ରହ୍ଲାଦ ମନ୍ତ୍ରୀ(୭୫)ଙ୍କ ସ୍ମୃତିଚାରଣ ସଭା ଆୟୋଜିତ ହୋଇଯାଇଛି । ମଙ୍ଗଳବାର ସ୍ୱର୍ଗତ ମନ୍ତ୍ରୀଙ୍କ ଦଶାହ କାର୍ଯ୍ୟ ଅବସରରେ ଅନୁଷ୍ଠିତ ସଭାରେ ତାଙ୍କ ଜ୍ୟେଷ୍ଠ ପୁତ୍ର ସୁଦର୍ଶନ ମନ୍ତ୍ରୀ, ସରୋଜ ମନ୍ତ୍ରୀ, ପରିବାରବର୍ଗ ଓ ପ୍ରିୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ସେ ଜଣେ ଧର୍ମ ପରାୟଣ, ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଛି।

### ରଣପୁର ମହୋତ୍ସବ ଅର୍ଜ୍ଜୁନ-୨୦୧୯
# ଆକର୍ଷଣ ସାଜିଲା ଶ୍ରଦ୍ଧା'ଙ୍କ ଅଭିନୟ, ନାଟକ 'ଶହୀଦ୍‌ର ମାଟି'

**ରଣପୁର, ୮।୧(ସ୍ୱ.ପ୍ର.)**





ମହୋତ୍ସବରେ ଅନ୍ତର୍ଜାତୀୟ ଖେଳାଳି ଦେବେନ୍ଦ୍ର କୁମାର ବେହୁରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ମହୋତ୍ସବରେ ଦର୍ଶକଙ୍କ ଭିଡ଼।

- ୨୦୦ ଦୋକାନ, ୮୦ ଷ୍ଟଲ୍‌ରେ ଜମିଲା ବେପାର
- ପୁନମ୍ ମହାପାତ୍ର, ଦେବେନ୍ଦ୍ର କୁମାର ବେହୁରା ସମ୍ବର୍ଦ୍ଧିତ

ରଣପୁର ବାଘସାଆନ୍ତ ପଡିଆ ମୁକ୍ତାକାଶ ରଙ୍ଗମଞ୍ଚରେ ଗତ ଶନିବାରଠାରୁ ଆରମ୍ଭ ହୋଇଛି ଦ୍ୱାଦଶତମ ରଣପୁର ମହୋତ୍ସବ ଅର୍ଜୁନ -୨୦୧୯। ମଙ୍ଗଳବାର ଚତୁର୍ଥ ସନ୍ଧ୍ୟାରେ ମନୋମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ କ୍ରୟବିକ୍ରୟ ବେପାର ବେଶ୍ ଜମିଥିବା ଦେଖାଯାଇଥିଲା। ପଡ଼ିଆ ଚତୁଃପାର୍ଶ୍ୱରେ ୨୦୦ରୁ ଊର୍ଦ୍ଧ୍ୱ ଦୋକାନ ଖୋଲିଥିବାବେଳେ ୮୦ଟି ଷ୍ଟଲ୍ ମହୋତ୍ସବ କମିଟି ତରଫରୁ ଖୋଲାଯାଇଥିଲା। ମହୋତ୍ସବରେ ହଜାର ହଜାର ଗ୍ରାହକ ଲକ୍ଷ ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ କ୍ରୟ କରୁଥିବା ଦେଖାଯାଇଛି। ଟିଭି ଧାରାବାହିକ କୁଆଁରୀ ବୋହୂର ଅଭିନେତ୍ରୀ ଶ୍ରଦ୍ଧା'ଙ୍କ ଅଭିନୟ, ସ୍ଥାନୀୟ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଶହୀଦ୍‌ର ମାଟି' ବେଶ୍ ଆକର୍ଷକ ଥିଲା। ଆୟୋଜିତ ସଭାରେ କମିଟିର ଅଧକ୍ଷ ତଥା ସ୍ଥାନୀୟ ବିଧାୟକ ରବି ନାରାୟଣ ମହାପାତ୍ର ଅନୁପସ୍ଥିତ ଥିଲେ। ତେଣୁ ସମ୍ପାଦକ ସୁରେଶ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ । ନୟାଗଡ ଜିଲା ପରିଷଦ ଅଧକ୍ଷା ବୈଜୟନ୍ତମାଳା ମହାନ୍ତି ମୁଖ୍ୟଅତିଥି, ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ନୟାଗଡ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ଚରଣ ପାତ୍ର, ଆବାହକ ପୂର୍ଣ୍ଣଚନ୍ଦ୍ର ରାୟ, ଅବସରପ୍ରାପ୍ତ ଅଧ୍ୟାପକ ବିଜୟ କୁମାର ଜେନା, ସିଦ୍ଧାର୍ଥ ପଣ୍ଡା, ପୂର୍ବତନ ଚେୟାରମ୍ୟାନ୍ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ରଣପୁରର କଳା, ସଂସ୍କୃତି, ପରମ୍ପରା ଓ ଏହାର ବିକାଶ ଉପରେ ଆଲୋକପାତ କରିଥିଲେ। ରଣପୁର ଏକ ବୀରମାଟି, ସ୍ୱାଧୀନତା ପାଇଁ ଲଢ଼େଇ କରୁଥିବା ଏ ମାଟିର ସନ୍ତାନଙ୍କୁ ଠେଙ୍ଗାରେ ପିଟି ପିଟି ମାରି ଦିଆଯାଇଥିବା ଇତିହାସରେ ଲିପିବଦ୍ଧ ହୋଇରହିଛି ବୋଲି ଅତିଥିମାନେ କହିଥିଲେ । ଉତ୍ସବରେ ଲୋଧାଚୁଆ ଗ୍ରାମର ଅନ୍ତର୍ଜାତୀୟ ମାଷ୍ଟର ଖେଳାଳି ଦେବେନ୍ଦ୍ର କୁମାର ବେହୁରା ମାଲେସିଆ ଓପନ୍ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍‌ରେ ଦେଶ ପାଇଁ ପଦକ ଜିତିଥିବାରୁ ତାଙ୍କୁ ରଣପୁର ସମ୍ମାନ ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୩ୟ ସ୍ଥାନ ଅଧିକାର କରିଥିବା ସାରଙ୍ଗଧରପୁର ଗ୍ରାମର ପୁନମ୍ ମହାପାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ରଣପୁର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### କୃଷ୍ଣପ୍ରସାଦ ବ୍ଲକ ଗାଁ ସାଥୀ ସଂଘର ବୈଠକ



କୃଷ୍ଣପ୍ରସାଦ,୮।୧(ଡି.ଏନ.ଏ.)-ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଗାଁ ସାଥୀ ସଂଗଠନର ବନ୍ଧୁମିଳନ ଉତ୍ସବ ତଥା ସାଂଗଠନିକ ସୁଦୃଢୀକରଣ ନିମନ୍ତେ ଏକ ବୈଠକ ଚିଲିକା ନୂଆପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ମାନସ କୁମାର ପଲେଇଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଗାଁ ସାଥୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାର ତୁରନ୍ତ ଗାଁ ସାଥୀମାନଙ୍କ ଚାକିରି ବୈଧୀକରଣ ପାଇଁ କୃଷ୍ଣପ୍ରସାଦ ବିଡିଓ ଅଶୋକ କୁମାର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ସଭାରେ ସଂଗଠନର ସମ୍ପାଦକ ସୁକାନ୍ତ କୁମାର ଜେନା, ତ୍ରିଲୋଚନ ପଲେଇ, ଜିତେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ୧୪୪ ଧାରା ବଳବତ୍ତର ସତ୍ତ୍ୱେ ବାସଗୃହ ପୋଡି

ଟାଙ୍ଗୀ (ଖୋର୍ଦ୍ଧା), ୮।୧ (ଡି.ଏନ.ଏ.)-ଟାଙ୍ଗୀ ଥାନା ଅନ୍ତର୍ଗତ କନ୍ତଲବାଇ ପଞ୍ଚାୟତର ବଙ୍ଗୀୟ ଶରଣାର୍ଥୀ କନ୍ତଲବାଇ କଲୋନୀରେ ବିବାଦୀୟ ଘରକୁ ପୋଡି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ଅରୁଣ ସରଦାର ଏକ ଘରଡିହ କ୍ରୟ କରି ସେଠାରେ ଘର ତୋଳି ସପରିବାର ରହୁଥିଲେ । ମାତ୍ର ସେହି ଗ୍ରାମର ଜଣେ ବ୍ୟକ୍ତି ଏକ ଜାଲ ଜମି ପଟ୍ଟା ହାସଲ କରି ଏହି ଜାଗା ତାଙ୍କର ବୋଲି ଧମକ ଚମକଦେଇ ଆସୁଥିଲେ । ଏଥିଯୋଗୁ ଘର ମାଲିକ ଅରୁଣଙ୍କ ଅଭିଯୋଗ କ୍ରମେ ପ୍ରଶାସନ ପକ୍ଷରୁ ଉକ୍ତ ଜାଗାରେ ୧୪୪ ଧାରା ଜାରି କରାଯାଇଥିଲା । ଏହା ସତ୍ତ୍ୱେ ଅପରପକ୍ଷ ମଙ୍ଗଳବାର ସକାଳେ ସେହି ବିବାଦୀୟ ଜାଗରେ ଥିବା ତାଙ୍କ ଘରେ ନିଆଁ ଲଗାଇ ପୋଡି ଦେଇଥିବା ଅରୁଣ ଟାଙ୍ଗୀ ଥାନରେ ଲିଖିତ ଅଭିଯୋଗ କରିଛନ୍ତି । ନିଆଁ ଲାଗିବା ଦ୍ୱାରା ତାଙ୍କର ସମସ୍ତ ଆସବାବପତ୍ର ପୋଡିଯାଇଛି।

### ବନ୍ଦ : ପଥପ୍ରାନ୍ତ ସଭା

**ନିରାକାରପୁର,୮।୧(ଡି.ଏନ.ଏ.):** ୧୮ଦଫା ଦାବି ନେଇ ନିରାକାରପୁର ଠାରେ ସିପିଆଇଏମ୍ ବିଧୁଭୂଷଣ ମହାରଣାଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲ। ନିରାକାରପୁର ଷ୍ଟେଶନବଜାରଠାରୁ ବଡବଜାର ଦେଇ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଦୋକାନ, ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ କର୍ମୀମାନେ ବନ୍ଦ କରିଥିଲେ । ପରେ ଲେବୁଲ୍ କ୍ରସିଂ ନିକଟରେ ଏକ ପଥପ୍ରାନ୍ତ ସଭାରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରାଯାଇଥିଲା। ବନ୍ଦକୁ ଅଟୋଚାଳକ ସଂଘ ସମର୍ଥନ ଜଣାଇଥିଲା। ଧର୍ମଘଟରେ ନୃସିଂହ ଦଳେଇ, ବାସୁଦେବ ଦଳେଇ, ସୌମ୍ୟରଞ୍ଜନ ପ୍ରଧାନ, ପୁରୁଷୋତ୍ତମ ଦଳେଇ ଓ ବିଶ୍ୱନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

## ବିଜ୍ଞପ୍ତି ଜାରି କଲେ ସରକାର

# ବ୍ୟାଘ୍ର ପ୍ରକଳ୍ପରୁ ୧୦୪ ଗାଁ ବାଦ୍

ବନ୍ତଲା, ୮।୧ (ଦିନେଶ ଦେହୁରୀ)



ପ୍ରକଳ୍ପରୁ ବାଦ୍ ପଡ଼ିଥିବା ଅନୁଗୋଳର ଅସନୁଆଳ ଗାଁ ।

- ଅନୁଗୋଳ ଜିଲାର ୪୩
- ନରସିଂହପୁର ଅଞ୍ଚଳର ୨୭
- ନୟାଗଡ଼ ଜିଲାର ୨୦
- ବୌଦ୍ଧ ଜିଲାର ୧୪ ଗ୍ରାମ

ସାତକୋଶିଆ ଅଭୟାରଣ୍ୟ ଘୋଷଣା ପରଠାରୁ ୧୯୭୨ରୁ ଏକପ୍ରକାର ପରାଧୀନ ଜୀବନ ବିତାଉଥିବା ଜଙ୍ଗଲ ସଂଲଗ୍ନ ଅନୁଗୋଳ, କଟକ, ବୌଦ୍ଧ ଓ ନୟାଗଡ଼ ଜିଲାର ୧୦୪ ଗ୍ରାମବାସୀ ବନ ବିଭାଗ କଟକଣାରୁ ଏବେ ମୁକ୍ତ ହୋଇଛନ୍ତି। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରୁ ଉକ୍ତ ୧୦୪ ଗାଁକୁ ବାଦ୍ ଦିଆଯାଇଥିବା ନେଇ ରାଜ୍ୟ ସରକାର ଗତ ଡିସେମ୍ବର ୧୪ରେ ବିଜ୍ଞପ୍ତି ପ୍ରକାଶ କରିଥିବା ଜଣାପଡ଼ିବା ପରେ ସମ୍ପୃକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ପ୍ରକାଶ ଯେ, ବନ ବିଭାଗର କଟକଣାକୁ ନେଇ ଅତିଷ୍ଠ ହୋଇପଡ଼ିଥିବା ସମ୍ପୃକ୍ତ ଅଧିବାସୀମାନେ ବିଭିନ୍ନ ସମୟରେ ଆନ୍ଦୋଳନ କରିବା ସହିତ ବହୁ ପୂର୍ବରୁ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ହେଲେ ଅଭୟାରଣ୍ୟରେ ବ୍ୟାଘ୍ର ପ୍ରକଳ୍ପ ସ୍ଥାପନ ପରେ ବନ ବିଭାଗ ଲଗାଇଥିବା କଟକଣା ଅଧିବାସୀଙ୍କ ଜୀବନକୁ ଦୁର୍ବିଷହ କରିଦେଇଥିଲା। ଲୋକମାନେ ଭୟ ଓ ଆଶଙ୍କା ମଧ୍ୟରେ କାଳାତିପାତ କରୁଥିଲେ। ତେବେ ବିଳମ୍ବରେ ହେଲେ ବି ରାଜ୍ୟ ସରକାର ଏହି ବନବାସୀଙ୍କ ଅଧିକାରକୁ ଗୁରୁତ୍ୱ ଦେବା ସହ ସେମାନଙ୍କୁ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରୁ ମୁକ୍ତ କରିବାକୁ ପଦକ୍ଷେପ ନେଇଛନ୍ତି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଚିଠି ନଂ. ୨୬୮୬୫, ତା୧୪।୧୨।୨୦୧୮ରିଖରୁ ଏହା ଜଣାପଡ଼ିଛି। ଅଧିବାସୀଙ୍କ ଅସ୍ତିତ୍ୱ, ପ୍ରକୃତି ଓ ବ୍ୟକ୍ତି ଅଧିକାର ସୀମାର ତର୍ଜମା ପରେ ବନ୍ୟପ୍ରାଣୀ ଆଇନ ୧୯ ରୁ ୨୫ ଅନୁଯାୟୀ ଅନୁଗୋଳ, କଟକ, ନୟାଗଡ଼ ଓ ବୌଦ୍ଧ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କ ଅନୁମତି ସହ ରାଜ୍ୟ ସରକାର ଏନ୍‌ଟିସିଏଙ୍କୁ ଜଣାଇବା ପରେ ଜାତୀୟ ବନ୍ୟପ୍ରାଣୀ ବୋର୍ଡକୁ ଅବଗତ କରିଥିଲେ। ଏହା ପରେ ସାତକୋଶିଆ ଅଭୟାରଣ୍ୟ ସୀମା ଅଦଳ ବଦଳ ପ୍ରକ୍ରିୟା ନିର୍ଦ୍ଧାରଣ କରାଯାଇଥିଲା। ଅନୁଗୋଳ ଜିଲାର ଆଠମଲ୍ଲିକ ବନଖଣ୍ଡର ହାତୀବାରି ରିଜର୍ଭ ଜଙ୍ଗଲ ଉତ୍ତର ଓ ଦକ୍ଷିଣ, ଅନୁଗୋଳ ବନଖଣ୍ଡର ନୂଆଖେତା ଓ ବଲଙ୍ଗ ରିଜର୍ଭ ଜଙ୍ଗଲ, ବୌଦ୍ଧ ଜିଲାର ହାତୀଧରା ରିଜର୍ଭ ଜଙ୍ଗଲ, ଢେଙ୍କାନାଳ ଜିଲାର ନନ୍ଦିନୀ ରିଜର୍ଭ ଜଙ୍ଗଲ, କଟକ ଜିଲା ଆଠଗଡ଼ ବନଖଣ୍ଡର ନୂଆଗଡ଼, ଶରଧାପୁର, ବାଲିକିଆରି, ବରଖୋଲ ଓ ବାଲିକିଆରି ପ୍ରୋଟେକ୍ଟ ଜଙ୍ଗଲକୁ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ମିଶାଯାଇଛି। ଏଥିସହିତ ବ୍ୟାଘ୍ର ପ୍ରକଳ୍ପରୁ ୧୦୪ଟି ଗ୍ରାମକୁ ବାଦ୍ ଦିଆଯାଇଛି। ଏଥିରେ ଅନୁଗୋଳ ଜିଲାର କଟରଙ୍ଗ, ହାତୀବାରି, କରଡ଼ାପଡ଼ା, ରାମିମୁଣ୍ଡା, ବଡ଼ଖେତା, ଶାଲର, ପୁରୁଣାକୋଟ, ଗୋପାଳପୁର, ଛୋଟକେଇ, ଟୁଲୁକା, ପମ୍ପାସର, ହିଂସିରିଡ଼ା, ଜଗନ୍ନାଥପୁର, ଟାକରିସିଙ୍ଗା, ଯୋକୁବୁ, କୁଲାଙ୍ଗି, ସାନକଟରଙ୍ଗ, ଗଇନ୍ଦି, ମଝିପଡ଼ା, ବେହେରା ସାହି, ଟିକରପଡ଼ା, ନୂଆଭୂଇଁ, କରଡ଼ାବଣି ଜଙ୍ଗଲ, ମହୁଲିଆ, ବାଘମୁଣ୍ଡା, ତଳସିରା, ଲବଙ୍ଗୀ, ଲୁହାସିଙ୍ଗା, ନୀଳମରା, କଡ଼ାସିଙ୍ଗା, ମାଳିସାହି, ଜାମୁଡୁଳି, ଦୋଳମୁଣ୍ଡି, କରଡ଼ାସିଙ୍ଗ, ନିମ୍ବଡ଼ିହି, ତେନ୍ତୁଳିପଦର, ଦରୁହା, ବଡ଼ଦୋଧିଆ ନାଳି, କୁଶାସିଙ୍ଗା, ତଳବିଜପୁର, କୁଡୁଲୁସିଙ୍ଗା, ନାଜହର, ଝାରପଡ଼ା ଆଦି ୪୩ଟି ଗ୍ରାମ ରହିଛି। ସେହିପରି କଟକ ଜିଲାର ନରସିଂହପୁର ଅଞ୍ଚଳର କାଇଁ ପୋଖରୀ, ରେଗେଡ଼ା, ମନ୍ଦାଣିଆ, ଟିକଣଖଣ୍ଡି, ତଳସାହି, ନୂଆଗାଁ, ସତ୍ୟଜୟପୁର, ଧନୁଜୟପୁର, କୁଞ୍ଜବନପୁର, କମଳାଡ଼ିହ, ବାଲିପୁଟ, ରାଣିଭୂଇଁ, ପାଇକରେଗଡ଼ା, କଇଁତରା, ପଞ୍ଝୁମା, ବସନ୍ତପୁର, ସାନଗାଁ, ଜୟମଙ୍ଗଳପୁର, ଜଗନ୍ନାଥପୁର, ହିଞ୍ଜିଲଖାଲ, ଜୟମଙ୍ଗଳପୁର (କ), ମହିଗଡ଼, ଜାନିସାହି, ଶ୍ୟାମପୁର, ଧନଢ଼ିପ, ବଡ଼ଗାଁ, ବଡ଼ିଆ ରେଗଡ଼ା ଆଦି ୨୭ଟି ଗ୍ରାମ ରହିଛି। ନୟାଗଡ଼ ଜିଲାର ମାଳିସାହି, ବଡ଼ମୂଳ, ବେଠିସାହି, ମୁଦୁଲିଗଡ଼ିଆ, କନ୍ଧଜିଲିଣ୍ଡା, ଛାମୁଣ୍ଡିଆ, ହରିପୁର, କାନିପୋଖରୀ, ବେନ୍ତପଡ଼ା, ଈଶ୍ୱରପୁର, ମସ୍କାଝୋଲି, ରାଇଗଡ଼ିଆ, ମହନପଡ଼ା, ଜସିପୁର, ରାଇଙ୍ଗିଲ, ଧୋବାବେରେଇ, କିମ୍ପିରଖଣି, ବଡ଼ମୂଳ ପାଟଣା, ରାଣିଖୋଲ, ବରପାଲି ଆଦି ୨୦ଟି ଗ୍ରାମ ରହିଛି। ବୌଦ୍ଧ ଜିଲାର କୁମାରୀ, ହାତଘର, ଭାବପୁର, ବୁଦ୍ଧାମ୍ବା, ଘୁଞ୍ଚୁରୁପଡ଼ା, ନୂଆପଡ଼ା, ସେମିଗୁଡ଼ା, ଶ୍ରୀପଜୁ, ଗେରେଡ଼ିସାହି, ହିଞ୍ଜିଳ, ସାତଖଣ୍ଡ, କୁଟିବାରି, ଅତଳସରା, ବଡ଼ନନ୍ଦଗଡ଼ୁ ଆଦି ୧୪ଟି ଗ୍ରାମକୁ ମିଶାଇ ମୋଟ୍ ୧୦୪ଟି ଗାଁକୁ ବ୍ୟାଘ୍ର ପ୍ରକଳ୍ପରୁ ବାଦ୍ ଦିଆଯାଉଛି। ବାଇସିପାଲି ବନ୍ୟପ୍ରାଣୀ ଅଭୟାରଣ୍ୟର ପରିସୀମା ୧୬୮.୩୫ ବର୍ଗ କିଲୋମିଟର ସହିତ ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ପରିସୀମା ୯୬୮.୩୫କୁ ମିଶାଇ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ମୋଟ୍ ସୀମା ୧୧୩୬.୭୦ ବର୍ଗ କିଲୋମିଟର କରାଯାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି।

## ଶ୍ରୀକ୍ଷେତ୍ର ପୁସ୍ତକ ମେଳା

# ଶ୍ରୀଜଗନ୍ନାଥ ଅନୁଭବର ଠାକୁର

ପୁରୀ ଅଫିସ,୮।୧





କାର୍ଯ୍ୟକ୍ରମରେ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ।

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଅନୁଭବର ଠାକୁର । ଯିଏ ତାଙ୍କୁ ଅନୁଭବ କରିଛି ତା'ର ମନ, ହୃଦୟ, ସଂସାର ମଙ୍ଗଳମୟ ଓ ଶାନ୍ତି ପ୍ରିୟ ହୋଇଛି । ଯିଏ ଜଗନ୍ନାଥଙ୍କୁ ଅନୁଭୂତିରେ ଆଣିଛି ତା'ର ସମସ୍ୟା ଠାକୁର ହିଁ ସମାଧାନ କରିଛନ୍ତି । ଯିଏ ଟିକିଏ ସମର୍ପିତ ହୋଇଯାଇଛି ସେ ଭକ୍ତଟିଏ ପାଲଟି ଯାଇଥିବା କହିଛନ୍ତି ଶ୍ରୀମନ୍ଦିର ପ୍ରଶାସନର ରାଜସ୍ୱ ପ୍ରଶାସକ ମଧୁସୂଦନ ଦାସ । ଶରଧାବାଲିରେ ଚାଲିଥିବା ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ମଙ୍ଗଳବାର ଷଷ୍ଠ ଦିବସରେ ଆୟୋଜିତ ଅନୁଭୂତିରେ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ରାଜସ୍ୱ ପ୍ରଶାସକ ଏହା କହିଛନ୍ତି। ଏଥିରେ ବକ୍ତା ଭାବେ ଶିଳ୍ପପତି ଗିରୀଶ ଚନ୍ଦ୍ର ନାୟକ, ସେବାୟତ କସ୍ତୁରୀ ସୁଆର, ହୋଟେଲ ଆସୋସିଏଶନ ସମ୍ପାଦକ ରାଜକିଶୋର ପାତ୍ର, ଶିକ୍ଷାବିତ୍ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇଥିଲେ । ପୁସ୍ତକ ମେଳା କମିଟି ସଭାପତି କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଚକ୍ରଧର ମହାପାତ୍ର, ଅନାମ ସାହୁ, ବୀରେନ୍ଦ୍ର ମହାନ୍ତି, ପ୍ରସନ୍ନ ମିଶ୍ର, ରାଜକିଶୋର ମିଶ୍ର, ଜଟାଧାରୀ ମିଶ୍ର, ରଘୁନାଥ ମିଶ୍ର, ବିପିନ ଦଳାଇ, ସୁନୀଲ ରଥ, ଭବାନୀ ବଳିୟାରସିଂ, ଶ୍ୟାମପ୍ରକାଶ ସେନାପତି ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଜଗନ୍ନାଥ ମିଶ୍ର, ଗୁରୁ ମନୋଜ ପ୍ରଧାନ, ନନ୍ଦିତା ପ୍ରିୟଦର୍ଶିନୀଙ୍କ ପରିଚାଳନାରେ ଅନୁଷ୍ଠିତ ନୃତ୍ୟ ଉତ୍ସବରେ ଦୁର୍ଗା ବନ୍ଦନା, ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ କୁନି କଳାକାର ଯୋଗଦେଇଥିଲେ। ଅନ୍ୟପକ୍ଷରେ ଧର୍ମଘଟ ସତ୍ତ୍ୱେ ମଙ୍ଗଳବାର ପୁସ୍ତକ ମେଳାରେ ପାଠିକା ପାଠକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପାଠକମାନଙ୍କ ନିବେଦନକୁ ରକ୍ଷା କରି ପୁସ୍ତକ ମେଳାର ଦିବସକୁ ଗୋଟିଏ ଦିନ ବୃଦ୍ଧି କରାଯାଇଛି ବୋଲି ମିଡ଼ିଆ ସମ୍ପାଦକ ବଦ୍ରି ମିଶ୍ର ଜଣାଇଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏତେ ଚାତର
ମାଛ ବିକି ବିକି ଦିନ ଯାଉଥିଲା
ଲଗାଉଛି ଗନ୍ଧ ଅତର ।**

ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇ ବର୍ତ୍ତମାନର ଧନଗର୍ବରେ ମତୁଆଲା ହୋଇ ଅହଙ୍କାର କରିବସେ। ତେବେ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରି ଆସିଛି, ତାହା ସେ ମନରୁ ପାସୋରି ନ ଦେବା ଉଚିତ। ଅଭାବୀ ଜୀବନ ବିତାଇଥିବା ବ୍ୟକ୍ତି ସମୟକ୍ରମେ ଧନଶାଳୀ ହୋଇଯିବା ପରେ ନିଜକୁ ଅନ୍ୟ ଆଗରେ ଦେଖେଇ ହବାରେ ସଙ୍କୋଚ କରୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏଡୁଟିକି ଏଡ଼େଟାଏ
ଟେକାଟିକୁ ପଥରଟାଏ ।**

ଯିଏ ଯାହାକୁ ବିପଦରେ ପକାଇବାକୁ ଯେତେ ଚେଷ୍ଟା କରିଥାଏ ତାକୁ ଦିନେ ନା ଦିନେ ତାହାଠୁ ବଡ଼ ବିପଦ ବରଣ କରିବାକୁ ପଡ଼ିଥାଏ। ଅନ୍ୟର ମନ୍ଦ ପାଞ୍ଚୁଥିବା ବ୍ୟକ୍ତିଙ୍କୁ ଈଶ୍ୱର କେବେହେଲେ କ୍ଷମା ଦେଇ ନ ଥାନ୍ତି। ବିଳମ୍ବେ ହେଉ ପଛେ କୃତକର୍ମର ଫଳ ଭଗବାନ ତାକୁ ନିଶ୍ଚିତ ଦେଇଥାନ୍ତି। ଯିଏ ଯାହାକୁ ଅନ୍ୟାୟରେ କ୍ଷତିରେ ପକାଇବାକୁ ଯେତେ ପେଞ୍ଚ କରିଥାଏ ଈଶ୍ୱର ତା'ପାଇଁ ତହୁଁ ଅଧିକ ପେଞ୍ଚ ପ୍ରସ୍ତୁତ କରି ରଖୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

## ଗ୍ଲୋରି ଫେଷ୍ଟ: ତିଲକ୍‌ଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ପୁରୀ ଅଫିସ,୮।୧

ଶ୍ରୀକ୍ଷେତ୍ରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ପକ୍ଷରୁ ଚାଲିଥିବା ଗ୍ଲୋରି ଫେଷ୍ଟର ମଙ୍ଗଳବାର ଥିଲା ୪ର୍ଥ ଦିବସ। ପ୍ରଥମ ତିନି ଦିନ ଧରି କଲେଜ ଓ ବିଶ୍ୱବିଦ୍ୟାଳୟସ୍ତରରେ ପ୍ରତିଯୋଗୀଙ୍କ ମଧ୍ୟରେ ଜାତୀୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାରଠାରୁ ପୁରସ୍କାର ବିତରଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପୁରୀ ବେଳାଭୂମିରେ ଆରମ୍ଭ ହୋଇଛି। ମଙ୍ଗଳବାର ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ ସାଂସ୍କୃତିକ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବ ସାଂସ୍କୃତିକ ଭାବ ବିନିମୟ ଏବଂ ଭାଇଚାରାର ଭାବ ସୃଷ୍ଟି କରିଛି ବୋଲି କହିଥିଲେ। ଅତିରିକ୍ତ ଏସ୍‌ପି ଗାଗାରିନ୍ ମହାନ୍ତି, ପୂର୍ବତନ ଉପ ନଗରପାଳ ଶାନ୍ତିଲତା ପ୍ରଧାନ, ପୁରୀ ବାର୍ ଆସୋସିଏଶନ ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ସାମାଜିକ କର୍ମୀ ଅନିରୁଦ୍ଧ ରାଉତ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଶୀତୁଆ ସନ୍ଧ୍ୟାରେ ସମୁଦ୍ର କୂଳରେ କଳାକାରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କୁ ମତୁଆଲା କରିଥିଲେ। ସନ୍ଧ୍ୟାର ଆକର୍ଷଣ ଥିଲେ ବଲିଉଡ ଗାୟକ ତିଲକ୍। ସେ ଗୋଟିଏ ପରେ ଗୋଟିଏ ହିଟ ଗୀତ ଗାଇ ଦର୍ଶକଙ୍କ ମନ ମୋହିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରାଜେଶ ମହାନ୍ତି, ନବ କିଶୋର ପ୍ରଧାନ, ସଙ୍ଗଠନ ସମ୍ପାଦକ ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ସମ୍ପାଦକ ଶ୍ରୀନିବାସ ସାହୁ, ସଞ୍ଜୀବ ରଥଶର୍ମା, ସଂଗ୍ରାମ କେଶରୀ କାନୁନ୍‌ଗୋ, ଦାମୋଦର ଶତପଥୀ, ଅଜୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ ସନ୍ଧ୍ୟାକୁ ପୀୟୂଷ ଓ ଲିପ୍‌ସା ପରିଚାଳନା କରିଥିଲେ। ବୁଧବାର ଗ୍ଲୋରି ଫେଷ୍ଟର ମୁଖ୍ୟ ଆକର୍ଷଣ ଗ୍ଲୋରି କୁଇନ୍- ୨୦୧୯ ଚୟନ କରାଯିବ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋହଡ଼ି ଧମାକା
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି
ପର୍ସନାଲ, ବ୍ୟବସାୟ
ରାଶନ କାର୍ଡ, ଆଧାରକାର୍ଡ
ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତ୍ତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

MAHENDAR FINANCE

• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ୨ ଦୁର୍ଘଟଣାରେ ଚିକିତ୍ସାଧୀନଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୮।୧:** ୨ଟି ଦୁର୍ଘଟଣାରେ ଚିକିତ୍ସାଧୀନ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ମଙ୍ଗଳବାର ୨ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ମୃତକମାନେ ହେଲେ ଖଲ୍ଲିକୋଟ ଥାନା ରାଇପଦା ଗ୍ରାମର ତ୍ରିନାଥ ନାହାକ (୬୨) ଏବଂ କେ.ନୂଆଗାଁ ଥାନା ଅଧୀନ ନୂଆ ମୈଶାନପୁର ଗ୍ରାମର ନିଲୁ ପ୍ରଧାନ (୨୫। ପ୍ରକାଶଯେ, ତ୍ରିନାଥ ତାଙ୍କ ଗ୍ରାମର ଅନ୍ୟ ପାଞ୍ଚ ଜଣଙ୍କ ସହିତ ଏକ ଅଟୋରେ ନିଜ ଗ୍ରାମକୁ ସୋମବାର ରାତିରେ ଫେରୁଥିବା ବେଳେ ଗଞ୍ଜାମ ଋଷିକୁଲ୍ୟା ପୋଲ ନିକଟରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିବା ଫଳରେ ସମସ୍ତେ ଆହତ ହୋଇଥିଲେ। ସମସ୍ତଙ୍କୁ ଉଦ୍ଧାର କରାଯାଇ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ବିଳମ୍ବିତ ରାତିରେ ତ୍ରିନାଥଙ୍କର ମୃତ୍ୟୁ ଘଟିଥିଲା। ସେହିପରି ନିଲୁ ସୋମବାର ସନ୍ଧ୍ୟାରେ ଏକ ବାଇକ୍‌ରେ କେଲୁଆରୁ ଫେରୁଥିବା ବେଳେ ନିଜ ଗାଁ ନିକଟରେ ରାସ୍ତା ଉପରକୁ ହଠାତ୍ ଏକ ବିଲୁଆ ଆସିଯିବାରୁ ସେ ପଡିଯାଇ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଉଭୟ ଘଟଣାରେ ବୈଦ୍ୟନାଥପୁର ପୋଲିସ ନଂ. ୧୧,୧୨/୧୯ରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ନିର୍ଦ୍ଦୋଷରେ ଖଲାସ ହେଲେ କିରାଣି

### ଲାଞ୍ଚ ନେଇ ଗିରଫ ହୋଇଥିଲେ

**ବ୍ରହ୍ମପୁର ଅଫିସ,୮।୧:** ଘରବାରି ପଟ୍ଟା ପାଇଁ ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ପାତ୍ରପୁର ତହସିଲର ମୁଖ୍ୟ କିରାଣିଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ମଙ୍ଗଳବାର ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସାକ୍ଷ୍ୟ ପ୍ରମାଣ ଅଭାବରୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଈସାନ୍ କୁମାର ଦାସ ଅଭିଯୁକ୍ତ ମୁଖ୍ୟ କିରାଣି ଜଗନ୍ନାଥ ଚୌଧୁରୀ (୬୨)ଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ରାୟ ପ୍ରକାଶ କରିଥିବା ଆଇନଜୀବୀ କିଶୋର ଚନ୍ଦ୍ର ମିଶ୍ର ଏବଂ ମନୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି । ପ୍ରକାଶଯେ, ୨୦୧୪ ଅଗଷ୍ଟରେ ପାତ୍ରପୁର ତହସିଲ ଅଞ୍ଚଳର ହରିଶ୍ଚନ୍ଦ୍ର ପ୍ରଧାନ ତାଙ୍କ ସ୍ତ୍ରୀଙ୍କ ନାଁରେ ଥିବା ପ୍ଲଟ ଘରବାରି ପଟ୍ଟା କରିବା ପାଇଁ ମୁଖ୍ୟ କିରାଣି ଜଗନ୍ନାଥ ୧୫ ଶହ ଟଙ୍କା ଲାଞ୍ଚ ଦାବି କରିଥିଲେ । ଏ ନେଇ ହରିଶ୍ଚନ୍ଦ୍ର ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନରେ ଅଭିଯୋଗ କରିବା ପରେ ଭିଜିଲାନ୍ସ ପକ୍ଷରୁ ନଂ. ୩୫/୧୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା । ଅଗଷ୍ଟ ୨୫ରେ ହରିଶ୍ଚନ୍ଦ୍ରଙ୍କଠାରୁ ଲାଞ୍ଚ ଗ୍ରହଣ କରିବା ପରେ ଜଗନ୍ନାଥଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମଙ୍ଗଳବାର ୯ ଜଣ ସାକ୍ଷୀଙ୍କ ବୟାନ୍ ଗ୍ରହଣ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଦାଲତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ରାୟ ପ୍ରକାଶ କରିଥିବା ଜଣାଯାଇଛି ।

## ଉଠାଦୋକାନୀଙ୍କୁ ହଟାଇଲା ବିଏମ୍‌ସି

**ବ୍ରହ୍ମପୁର ଅଫିସ,୮।୧:** ବ୍ରହ୍ମପୁର ଟ୍ରାଫିକ ସମସ୍ୟାକୁ ଏଡାଇବା ପାଇଁ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିଏମସି ପକ୍ଷରୁ ଇଣ୍ଟିଗ୍ରେଟେଡ ଟ୍ରାଫିକ ବ୍ୟବସ୍ଥା ଲାଗୁ କରାଯିବାକୁ ଯୋଜନା ରହିଛି। ଅନ୍ୟପକ୍ଷରେ ଜନଗହଳିପୂର୍ଣ୍ଣ ରାସ୍ତା ପାର୍ଶ୍ୱରୁ ଉଠା ଓ ଠେଲା ଦୋକାନୀଙ୍କୁ ହଟାଯିବା ନେଇ ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଇଛି। ମଙ୍ଗଳବାର କଲେଜ ରୋଡ ଏବଂ ଷ୍ଟଡିୟମ ରୋଡ ପାର୍ଶ୍ୱରେ ଥିବା ଉଠାଦୋକନୀ ଓ ଠେଲା ଦୋକାନୀଙ୍କୁ ହଟାଯାଇଛି । ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଫିସର ତରୁଣ କାନ୍ତଙ୍କ ନେତୃତ୍ୱରେ ଗଠିତ ଏନ୍‌ଫୋର୍ସମେଣ୍ଟ ଟିମ୍ ଖଲ୍ଲିକୋଟ କଲେଜ ପାର୍ଶ୍ୱ ରାସ୍ତାରେ ଥିବା ୫ ରୁ ୬ ଉଠାଦୋକାନୀଙ୍କୁ ସେଠାରୁ ହଟାଇଥିବା ବେଳେ ଖଲ୍ଲିକୋଟ କଲେଜ ଛକରୁ ପାଣିଟାଙ୍କି ଛକ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଥିବା ୮ ରୁ ୧୦ ଠେଲା ଦୋକାନୀଙ୍କୁ ହଟାଯାଇଛି। ଏହା ସହ ଉକ୍ତ ସ୍ଥାନରେ ପୁନଃ ବ୍ୟବସାୟ ଆରମ୍ଭ କଲେ ଜରିମାନା ଦେବା ନେଇ ମଧ ତାଗିଦ କରାଯାଇଥିବା ଏନ୍‌ଫୋର୍ସମେଣ୍ଟ ଅଫିସର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଖଲ୍ଲିକୋଟ କଲେଜ ଓ ଷ୍ଟାଡିୟମ ପାର୍ଶ୍ୱରେ ଥିବା ଉଠାଦୋକାନୀଙ୍କ ଯୋଗୁ ନିୟମିତ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ନଜିର ରହିଛି। ଏହି ସମସ୍ୟାକୁ ଏଡାଇବା ପାଇଁ ବିଏମ୍‌ସି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି।

# ବ୍ରହ୍ମପୁରରେ ସର୍ବଭାରତୀୟ ବନ୍ଦ ଡାକରାର ପ୍ରଭାବ

**ବ୍ରହ୍ମପୁର ଅଫିସ୍,୮।୧**

ବିଭିନ୍ନ ଦାବିନେଇ କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ତରଫରୁ ମଙ୍ଗଳବାର ଏବଂ ବୁଧବାର ସର୍ବଭାରତୀୟ ବନ୍ଦ ଡାକରା ଦିଆଯାଇଛି। ଏହାର ପ୍ରଭାବ ବ୍ରହ୍ମପୁରରେ ପଡ଼ିଛି। ବସ୍ ଏବଂ ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା। ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ବନ୍ଦ କରାଯାଇଥିବା ବେଳେ କାଁ ଭାଁ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଖୋଲିଛି। ହେଲେ ଅଧିକାଂଶ ବନ୍ଦ ରହିଥିଲା । ସରକାରୀ ଏବଂ ବେସରକାରୀ ସ୍କୁଲ ଏବଂ କଲେଜଗୁଡ଼ିକ ବନ୍ଦ ରହିଛି ।

ମଙ୍ଗଳବାର ସକାଳ ପ୍ରାୟ ୭ଟା ବେଳେ ଶ୍ରମିକ ସଂଗଠନ କର୍ମକର୍ତ୍ତାମାନେ ପ୍ରଥମେ ବ୍ରହ୍ମପୁର ଷ୍ଟେଶନ୍‌ରେ ପହଞ୍ଚିଥିଲେ । ଟ୍ରେନ୍ ଲାଇନ୍ ଉପରେ ବିକ୍ଷୋଭ କରିଥିଲେ। ଫଳରେ ଅହମ୍ମଦାବାଦ୍-ପୁରୀ ଟ୍ରେନ୍ ୧ ନଂ. ପ୍ଲାଟ୍‌ଫର୍ମରେ ଅଟକି ରହିଥିଲା । ପରେ ପହଞ୍ଚିଥିଲା ଯଶଓ୍ୱନ୍ତପୁର- ହାଓଡ଼ା ଟ୍ରେନ୍‌କୁ ବିକ୍ଷୋଭକାରୀମାନେ ଅଟକାଇ ଦେଇଥିଲେ । ବିକ୍ଷୋଭକାରୀମାନେ କେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ସ୍ଲୋଗାନ୍ ଦେଇଥିଲେ। ଦରଦାମ୍ ନିୟନ୍ତ୍ରଣ, ବେକାରଙ୍କୁ ନିଯୁକ୍ତି, ସର୍ବନିମ୍ନ ମଜୁରି ମାସିକ ୧୮ହଜାର ଟଙ୍କା କରିବା, ଶ୍ରମ ଆଇନ୍‌ର ସଂଶୋଧନ ବନ୍ଦ, ପ୍ରଚଳିତ ଶ୍ରମ ଆଇନ୍‌କୁ କଡ଼ାକଡ଼ି ପାଳନ, ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ଓ ଘରୋଇକରଣ ବନ୍ଦ, ଠିକାକରଣ ଏବଂ ଆଉଟ୍ ସୋର୍ସିଂ ବ୍ୟବସ୍ଥା ବନ୍ଦ, ସମାନ କାମକୁ ସମାନ ଦରମା, ଅସଂଗଠିତ ଶ୍ରମିକଙ୍କ ପାଇଁ ଭବିଷ୍ୟନିଧି, ସ୍ୱାସ୍ଥ୍ୟବୀମା ଏବଂ ସର୍ବନିମ୍ନ ମଜୁରି ୬ହଜାର ଟଙ୍କା, ୪୫ଦିନ ମଧ୍ୟରେ ଟ୍ରେଡ୍ ୟୁନିୟନ୍‌ର ପଞ୍ଜୀକରଣ, ବୋନସ୍ ଏବଂ ପିଏଫ୍ ପ୍ରଦାନ ଉପରେ ଥିବା ସିଲିଙ୍ଗ୍ ହଟାଇବା, ଗ୍ରାଚ୍ୟୁଇଟି ପରିମାଣ ବୃଦ୍ଧି, ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବନ୍ଦ ସହ ଅନ୍ୟାନ୍ୟ ଦାବି ରଖିଥିଲେ। ମୋଦି ହଟାଓ, ଶ୍ରମିକ ଓ ଦେଶ ବଞ୍ଚାଅ ଆଦି ସ୍ଲୋଗାନ୍ ଦିଆଯାଇଥିଲା ।

ପରେ ବିକ୍ଷୋଭକାରୀମାନେ ସହରର ବିଭିନ୍ନ ସ୍ଥାନରେ ବିକ୍ଷୋଭ ସହ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ବନ୍ଦ କରିଥିଲେ । ଏହି ବନ୍ଦରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଯଥା ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟୁୟୁସିସି ଏବଂ ସ୍ୱାଧୀନ ଫେଡେରେଶନ୍ ଶ୍ରମିକ ଓ କର୍ମଚାରୀମାନଙ୍କ ସଂଘ ସାମିଲ୍ ହୋଇଛନ୍ତି। ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା ଯଥା ପୀତବାସ ପଣ୍ଡା, ବସନ୍ତ ନନ୍ଦ, ପ୍ରକାଶ ପାତ୍ର, ପ୍ରଦୀପ ସେଠୀ, ଶିବାନୀ ଶଙ୍କର ମିଶ୍ର, ଭୋକାଲି ସେଠୀଙ୍କ ସମେତ ବହୁ ଶ୍ରମିକ ନେତା ଏଥିରେ ସାମିଲ୍ ହୋଇଥିଲେ । ବନ୍ଦ ପାଳନ ବେଳେ କେଉଁଠାରେ ମଧ୍ୟ ହିଂସା ଦେଖିବାକୁ ମିଳି ନ ଥିଲା। ବ୍ରହ୍ମପୁର ପୋଲିସ ତରଫରୁ ସହରର ପ୍ରମୁଖ ଛକଗୁଡ଼ିକର ପହରା କଡ଼ାକଡି କରାଯାଇଛି ।



ବ୍ରହ୍ମପୁର ରେଳଷ୍ଟେଶନ୍‌ରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଟ୍ରେନ୍ ଚଳାଚଳ ପ୍ରଭାବିତ

ବନ୍ଦ ଡାକରାର ପ୍ରଭାବ ଟ୍ରେନ୍ ଚଳାଚଳ ଉପରେ ପଡ଼ିଥିଲା । ବହୁ ଟ୍ରେନ୍ ଅଟକି ରହିଥିବା ବେଳେ କେତେକ ବାତିଲ୍ ହୋଇଯାଇଥିଲା। ତିରୁପତି-ଭୁବନେଶ୍ୱର ଏକ୍ସପ୍ରେସ୍ ରମ୍ଭାରେ ସକାଳ ସାଢ଼େ ୭ଟାରୁ ଅଟକି ରହିଥିଲା । ରୁଟ୍ କ୍ଲିୟର୍ ହେବା ପରେ ସକାଳ ୮ଟା ୪୦ରେ ରମ୍ଭା ଷ୍ଟେଶନ୍ ଛାଡ଼ିଥିଲା। ଯଶଓ୍ୱନ୍ତପୁର-ହାଓଡ଼ା ଏକ୍ସପ୍ରେସ୍ ବ୍ରହ୍ମପୁର ଷ୍ଟେଶନ୍‌ରେ ୭ଟା ୩୦ମିନିଟ୍‌ରେ ପହଞ୍ଚିଥିଲା। ହେଲେ ବିକ୍ଷୋଭ ପ୍ରଦର୍ଶନ ଯୋଗୁ ଷ୍ଟେଶନ୍‌ରେ ହିଁ ଟ୍ରେନ୍ ଅଟକି ରହିଥିଲା। ସକାଳ ୭ଟା ୫୨ମିନିଟ୍‌ରେ ଛାଡ଼ିଥିଲା। ସିକନ୍ଦରାବାଦ୍-ହାଓଡ଼ା ଫାଲକ୍‌ନାମା ଏକ୍ସପ୍ରେସ୍ ଇଚ୍ଛାପୁରରେ ସକାଳ ୭ଟା ୪୫ରୁ ୯ଟା ୫ମିନିଟ୍ ଯାଏ ଅଟକି ରହିଥିଲା । ଫଳରେ ବ୍ରହ୍ମପୁର ଷ୍ଟେଶନ୍‌ରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଅହମ୍ମଦାବାଦ୍-ପୁରୀ ଟ୍ରେନ୍ ବିକ୍ଷୋଭ ପ୍ରଦର୍ଶନ ଯୋଗୁ ବ୍ରହ୍ମପୁର ଷ୍ଟେଶନ୍‌ରେ ଅଟକି ରହିଥିଲା। ଅନ୍ୟପଟେ କଟକ- ବ୍ରହ୍ମପୁର- କଟକ ପାସେଞ୍ଜର୍ ଟ୍ରେନ୍‌କୁ ଉଭୟ ପଟରୁ ବାତିଲ୍ କରାଯାଇଥିଲା। ବ୍ରହ୍ମପୁର-କଟକ-ବ୍ରହ୍ମପୁର ମେମୁ ଟ୍ରେନ୍ ଏବଂ ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ପାସେଞ୍ଜର ଟ୍ରେନ୍ ମଧ୍ୟ ଉଭୟ ପଟରୁ ବାତିଲ୍ ହୋଇଯାଇଥିଲା। ପୁରୀ-ଗୁଣପୁର-ପୁରୀ ପାସେଞ୍ଜର ଟ୍ରେନ୍ ପୁରୀରୁ ବ୍ରହ୍ମପୁର ମଧ୍ୟରେ ଚଳାଚଳ ବନ୍ଦ ରହିଥିଲା । ବ୍ରହ୍ମପୁରରୁ ଗୁଣପୁର ଉଭୟ ପଟରୁ ଚଳାଚଳ କରିଥିଲା।



ଷ୍ଟେଶନରେ ଟ୍ରେନ୍ ଅଟକି ରହିଛି।

## ଶୋଭାଯାତ୍ରା, ବିକ୍ଷୋଭ ପ୍ରଦର୍ଶନ



ଶୋଭାଯାତ୍ରା ସହର ପରିକ୍ରମା କରୁଛି ।

କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଧର୍ମଘଟ ପରିପ୍ରେକ୍ଷୀରେ ସର୍ବଭାରତୀୟ ଶ୍ରମିକ ସଂଗଠନ ଇଣ୍ଡିଆନ୍ ଫେଡେରେଶନ୍ ଅଫ୍ ଟ୍ରେଡ୍ ୟୁନିୟନ୍ସ ନେତୃତ୍ୱରେ ପରିଚାଳିତ ବିଭିନ୍ନ ଶ୍ରମିକ ସଂଗଠନ ଏବଂ ଓଡ଼ିଶା ଆଉଟସୋର୍ସିଂ ମହାସଂଘର ଶ୍ରମିକ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ପୂର୍ବାହ୍ନ ସାଢ଼େ ୧୦ଟାରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ସ୍ଥାନୀୟ ପୁରୁଣା ବସ୍‌ଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା କରିଥିଲେ। ଏଥିରେ ସିପିଆଇ(ଏମ୍-ଏଲ୍) ନ୍ୟୁ ଡେମୋକ୍ରାସିର ରାଜ୍ୟ ମୁଖପାତ୍ର ଭାଲଚନ୍ଦ୍ର ଷଡଙ୍ଗୀ, ଆଇଏଫ୍‌ଟିୟୁ ଆବାହକ ପ୍ରତାପ ଚନ୍ଦ୍ର ପ୍ରଧାନ, ଟାଉନ୍ ଆଇଏଫ୍‌ଟିୟୁ ସଭାପତି ପ୍ରଶାନ୍ତ ମହାରଣା, ପୌର କର୍ମଚାରୀ ନେତା ରବୀନ୍ଦ୍ର ସାହାଣୀ, ନିର୍ମାଣ ଶ୍ରମିକ ସଂଗଠନର ନେତା ଗୋବିନ୍ଦ ବେହେରା, ଶ୍ରମିକ ନେତା ଚୂଡ଼ାମଣି, ଯୁବନେତା ଲକ୍ଷ୍ମୀନୃସିଂହ ରଥ, ବାମପନ୍ଥୀ ନେତା ପ୍ରତାପ ନାୟକ, ଦଳିତ ନେତା ସନ୍ତୋଷ ନାୟକ, ଏଆଇକେଏମ୍‌ଏସ୍ ଜିଲା କମିଟି ସଭ୍ୟ ଲକ୍ଷ୍ମୁ କିଶୋର ଡାକୁଆ ପ୍ରମୁଖ ଏଥିରେ ସାମିଲ୍ ହୋଇଥିଲେ ।

## ଡାକସେବା ବିପର୍ଯ୍ୟସ୍ତ: କର୍ମଚାରୀଙ୍କ ଧର୍ମଘଟ

ଡାକ ବିଭାଗ ଏବଂ କର୍ମଚାରୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା ପ୍ରତିବାଦରେ ଡାକ କର୍ମଚାରୀମାନେ ଦୁଇଦିନିଆ ଧର୍ମଘଟ ଡାକରା ଦେଇଛନ୍ତି। ନ୍ୟାଶନାଲ୍ ଫେଡେରେଶନ୍ ଅଫ୍ ପୋଷ୍ଟାଲ୍ ଏମ୍ପ୍ଲଇଜ୍(ଏନ୍‌ଏଫ୍‌ପିଇ) ଏବଂ ଫେଡେରେଶନ୍ ଅଫ୍ ନ୍ୟାଶନାଲ୍ ପୋଷ୍ଟାଲ୍ ଅର୍ଗାନାଇଜେଶନ୍(ଏଫ୍‌ଏନ୍‌ପିଓ)ର ଡାକରାରେ ବ୍ରହ୍ମପୁର ଡାକମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଫାଟକରେ ତାଲା ପକାଇବା ସହ କୌଣସି ଅଧିକାରୀଙ୍କୁ ଭିତରକୁ ଛଡ଼ାଯାଇ ନ ଥିଲା।



ବ୍ରହ୍ମପୁର ଡାକମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ଡକାୟତି ମାମଲାରେ ଅଭିଯୁକ୍ତଙ୍କୁ ଜାମିନ

**ବ୍ରହ୍ମପୁର ଅଫିସ,୮।୧**

୨ ଡକାୟତି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫର ଏକ ବର୍ଷ ପରେ କୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଥିବା ଜଣାପଡିଛି। ଅଭିଯୁକ୍ତ ଜଣକ ହେଲେ ସଦରଥାନା ଆଙ୍କୁଶପୁର ଗ୍ରାମ ତଳସାହିର କେ.ପ୍ରସାଦ (୨୫) । ପ୍ରକାଶ ଯେ, ୨୦୧୮ ମାର୍ଚ୍ଚ ୧୨ ବିଳମ୍ବିତ ରାତିରେ ଗୋଷାଣୀନୂଆଗାଁ ଥାନା ଅଧୀନ ସଦାନନ୍ଦ ବିହାରର ଏନ୍.କମଳାମ୍ମାଙ୍କ ଘରୁ ନଗଦ ୩ ହଜାର ଟଙ୍କା, ସୁନା ଅଳଙ୍କାର ଓ ମୋବାଇଲ ଫୋନ ଲୁଟ୍ ହୋଇଥିବା ନେଇ ଥାନାରେ ଏତଲା ହୋଇଥିଲା। ପୋଲିସ ନଂ. ୩୪/୧୮ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରସାଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ୨୦୧୫ ମାର୍ଚ୍ଚ ୧୮ ବିଳମ୍ବିତ ରାତିରେ ଗୋଷାଣୀନୂଆଗାଁ ଥାନା ଅଧୀନ ବ୍ରିଟ୍ କଲୋନୀ ଜଗନ୍ନାଥ ବିହାରର ଡି.ନରେଶ ନାମକ ଜନୈକ ବ୍ୟକ୍ତିଙ୍କ ଭଡା ଘରୁ ନଗଦ ୫ ହଜାର ଟଙ୍କା, ସୁନା ଅଳଙ୍କାର ଓ ମୋବାଇଲ ଫୋନ ଚୋରି ହୋଇଥିବା ଘଟଣାରେ ପ୍ରସାଦଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରିଥିଲା । ନଂ. ୨୨/୧୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ରିମାଣ୍ଡ ସମୟରେ ପ୍ରସାଦ ଉକ୍ତ ଚୋରି ଘଟଣାରେ ସାମିଲ ଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଉଭୟ ମାମଲାରେ ଅଭିଯୁକ୍ତଙ୍କ ଜାମିନ ପାଇଁ ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ (ଏଡିଜେ)-୨ ଓ ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଏସିଜେଏମ୍)ଙ୍କ କୋର୍ଟରେ ହାଜର କରାଯାଇଥିଲା। ଏଡିଜେ-୨ ଦୀପକ କୁମାର ଏବଂ ଏସିଜେଏମ୍ ସରୋଜ କୁମାର ଦାସ ସୋମବାର ସନ୍ଧ୍ୟାରେ ସର୍ତ୍ତମୂଳକ ଜାମିନ ପ୍ରଦାନ କରିବା ପରେ ବିଳମ୍ବିତ ରାତିରେ ଜେଲ୍‌ରୁ ମୁକୁଳିଥିବା ନେଇ ଆଇନଜୀବୀ କୁରେଶୁ ଚନ୍ଦ୍ର ପାତ୍ର ଓ କରୁଣାକର ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

## ଗଞ୍ଜାମ ଓକିଲ ସଂଘର କାର୍ଯ୍ୟବନ୍ଦ

**ବ୍ରହ୍ମପୁର ଅଫିସ,୮।୧:** ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ମଙ୍ଗଳବାରରୁ ଆରମ୍ଭ ହୋଇଥିବା ଦୁଇ ଦିନିଆ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସମର୍ଥନ ଜଣାଇ ଗଞ୍ଜାମ ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ କରାଯାଇଛି । ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜିଲା ଜଜ୍ ବିଭୁପ୍ରସାଦ ରାଉତରାୟ କୋର୍ଟକୁ ପ୍ରବେଶ କରିବା ସମୟରେ ତାଙ୍କୁ ଫାଟକ ନିକଟରେ ଓକିଲମାନେ ଅଟକାଇଥିଲେ । ସର୍ବସମ୍ମତିକ୍ରମେ କୋର୍ଟରେ କାର୍ଯ୍ୟବନ୍ଦ କରିବା ପାଇଁ ଗୃହୀତ ପ୍ରସ୍ତାବ ପତ୍ର ଜିଲା ଜଜ୍‌ଙ୍କୁ ପ୍ରଦାନ କରାଯାଇଥିଲା। ସଭାପତି ମୋହନ ସିଂଘାରୀ, ଉପସଭାପତି ରବୀନ୍ଦ୍ର ଦେଓ, ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, ସହସମ୍ପାଦକ ବାବୁଜୀ ପଟ୍ଟନାୟକ, ପୀତବାସ ପଣ୍ଡା, ଶ୍ରୀନିବାସ ଦାସ, ବରୁଣ ଗୌଡ, ସୁଧାଂଶୁ ଖାଡଙ୍ଗା ଓ କରୁଣାକର ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ବହୁ ଓକିଲ ଆନ୍ଦୋଳନରେ ସାମିଲ ହୋଇଥିଲେ ।

■ ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

## ଅଭିଯୁକ୍ତ ଗୁପ୍‌ଚୁପ୍ ଦୋକାନୀ ଗିରଫ

**ବ୍ରହ୍ମପୁର ଅଫିସ,୮।୧**

ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ବ୍ରହ୍ମପୁର ବଡବଜାର ଥାନା ପୋଲିସ ମଙ୍ଗଳବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେତୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଜଣକ ହେଲେ ଜଗତ୍‌ସିଂହପୁର ଅଞ୍ଚଳର ମନୋଜ ସାମଲ (୨୨) । ସେ ବ୍ରହ୍ମପୁର ତୁଳସୀନଗରସ୍ଥିତ ଏକ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଗୁପ୍‌ଚୁପ୍ ବିକ୍ରି କରୁଥିଲେ ବୋଲି ଜଣାପଡିଛି।

ପ୍ରକାଶଯେ, ୨୦୧୮ ନଭେମ୍ବର ୧୭ରେ ବଡ଼ବଜାର ଥାନା ଅଞ୍ଚଳର ଏକ ସାହିରୁ ଜନୈକା ଯୁକ୍ତ ୨ ପଢୁଥିବା ଜଣେ ନାବାଳିକା ଛାତ୍ରୀ ଘରୁ କଲେଜ ଯାଉଥିବା ସମୟରେ କେହି ଅପହରଣ କରି ନେଇଥିବା ଥାନାରେ ନାବାଳିକାଙ୍କ ବାପା ଏତଲା ଦେଇଥିଲେ । ପୋଲିସ ନଂ. ୧୮୭/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସୋମବାର ଜଗତ୍‌ସିଂହପୁରରୁ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ମନୋଜଙ୍କୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀମାଇନା କରିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ନେଇ ଆଇଆଇସି ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।


ଅଭିଯୁକ୍ତ ମନୋଜ ସାମଲ ।

ସୂଚନାଯୋଗ୍ୟ, ନାବାଳିକାଙ୍କ ଉଚ୍ଚଶିକ୍ଷା ପାଇଁ ତାଙ୍କ ପିତାମାତା ବ୍ରହ୍ମପୁରରେ ଭଡାରେ ରହୁଛନ୍ତି । ଛାତ୍ରୀ ଜଣକ ଏକ କଲେଜରେ ପଢୁଥିବା ବେଳେ ଅଭିଯୁକ୍ତ ମନୋଜଙ୍କ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ପରେ ଗତ ନଭେମ୍ବର ୧୭ରେ ନାବାଳିକା ଜଣକ ଘରୁ କଲେଜ ଯାଉଥିବା କହି ରେଳବାଇ ଷ୍ଟେଶନ ଆସି ମନୋଜଙ୍କ ସହିତ ଜଗତ୍‌ସିଂହପୁର ପଳାଇ ଆସିଥିଲେ । ସେଠାରେ ନାବାଳିକାଙ୍କୁ ମନୋଜ ବିବାହ କରି ସ୍ୱାମୀ-ସ୍ତ୍ରୀ ପରି ଚଳି ଆସୁଥିଲେ। ଅପରପକ୍ଷେ ପରିବାର ବର୍ଗ ବହୁ ଖୋଜାଖୋଜି କରି ନ ପାଇବା ପରେ ବଡ଼ବଜାର ଥାନାରେ ଏତଲା ଦେଇଥିଲେ।

## କୁମ୍ଭାରପଲ୍ଲୀ ବିଦ୍ୟାଳୟର ବାର୍ଷିକୋତ୍ସବ

**ବ୍ରହ୍ମପୁର ଅଫିସ,୮।୧**

ସ୍ଥାନୀୟ ଶିଳ୍ପାଞ୍ଚଳ କୁମ୍ଭାରପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସିଆରସିସି ପ୍ରସନ୍ନ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ ସମ୍ମାନିତ ଅତିଥି ଏବଂ ଲାଇଫ ଲାଇନ ସଭାପତି ଏଲ. ସୁଦାମ ଦାସ ମୁଖ୍ୟବକ୍ତା ଥିଲେ। ଏ. ରାଜାରାଓ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରୀଛାତ୍ରମାନେ ଗୁଣାତ୍ମକ ଶିକ୍ଷାଲାଭ କରିବାକୁ ପରାମର୍ଶ ଦିଆଯାଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ବିନତୀ କୁମାରୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ରବି କୁମାର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଦ୍ୟାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ତନୁଜା କୁମାରୀ ଦେବୀ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ଏବଂ ଅଭିଭାବିକା ଓ ଅଭିଭାବକମାନେ ଉପସ୍ଥିତ ଥିଲେ ।


ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥି।

■ ବିଏସ୍‌ଏନ୍‌ଏଲ୍ କର୍ମଚାରୀ ସଂଘର ଅଭିଯୋଗ

## ରିଲାଏନ୍ସ ଜିଓ ସ୍ୱାର୍ଥରେ କାର୍ଯ୍ୟକରୁଛନ୍ତି ସରକାର

**ବ୍ରହ୍ମପୁର ଅଫିସ୍,୮।୧**

ସରକାରଙ୍କ ଆର୍ଥିକନୀତିକୁ ବିରୋଧ କରି ବିଏସ୍‌ଏନ୍‌ଏଲ୍‌ର ବିଭିନ୍ନ କର୍ମଚାରୀ ସଂଘଗୁଡ଼ିକ ମଙ୍ଗଳବାର ଏବଂ ବୁଧବାର ଦୁଇଦିନିଆ ଧର୍ମଘଟ ଡାକରା ଦେଇଛନ୍ତି। ମଙ୍ଗଳବାର ସକାଳେ ବ୍ରହ୍ମପୁର ବିଏସ୍‌ଏନ୍‌ଏଲ୍ ମୁଖ୍ୟକାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ଏହି ଆନ୍ଦୋଳନରେ ବିଏସ୍‌ଏନ୍‌ଏଲ୍ ଏମ୍ପ୍ଲଇଜ୍ ୟୁନିୟନ୍(ବିଏସ୍‌ଏନ୍‌ଏଲ୍‌ଇୟୁ), ନ୍ୟାଶନାଲ୍ ଫେଡେରେଶନ୍ ଅଫ୍ ଏମ୍ପ୍ଲଇଜ୍(ଏନ୍‌ଏଫ୍‌ଟିଇ), ବିଏସ୍‌ଏନ୍‌ଏଲ୍ ମଜଦୁର ସଂଘ(ବିଏସ୍‌ଏନ୍‌ଏଲ୍‌ଏମ୍‌ଏସ୍) ଏବଂ ଟେଲିକମ୍ ଏମ୍ପ୍ଲଇଜ୍ ପ୍ରୋଗ୍ରେସିଭ୍ ୟୁନିୟନ୍(ଟିଇପିୟୁ) ସାମିଲ୍ ହୋଇଛି। ଆନ୍ଦୋଳନକାରୀଙ୍କ ତରଫରୁ କୁହାଯାଇଛି, ସରକାର କ୍ରମାଗତ ଭାବେ ବିଏସ୍‌ଏନ୍‌ଏଲ୍ ଭଳି ଏକ ଲାଭଦାୟକ ସରକାରୀ ସଂସ୍ଥାକୁ ଅବହେଳା କରୁଛନ୍ତି । ଘରୋଇ ଟେଲିକମ୍ କମ୍ପାନୀଗୁଡ଼ିକୁ ଲାଭ ହେଲା ଭଳି ନୀତି କାର୍ଯ୍ୟକାରୀ କରୁଛନ୍ତି। ଫଳରେ ୨୦୦୪-୦୫ ରେ ବିଏସ୍‌ଏନ୍‌ଏଲ୍‌ର ନେଟ୍ ଲାଭ ୧୦ହଜାର କୋଟି ଟଙ୍କା ଥିଲା। କିନ୍ତୁ ବର୍ତ୍ତମାନ ଏହି ସଂସ୍ଥା କ୍ଷତିରେ ଚାଲିଛି। ଏଥି ପାଇଁ କେନ୍ଦ୍ର ସରକାରଙ୍କ ନୀତି ଦାୟୀ । କିନ୍ତୁ କର୍ମଚାରୀମାନେ ବେତନ ବୃଦ୍ଧି ଦାବି କରିବା ବେଳେ ସରକାର କହୁଛନ୍ତି, ବିଏସ୍‌ଏନ୍‌ଏଲ୍ କ୍ଷତିରେ ଚାଲିଛି। ସରକାର ନିଜ ମୁଣ୍ଡରୁ ଦୋଷ ଖସାଇବା ପାଇଁ କର୍ମଚାରୀଙ୍କୁ ଦୋଷୀ କରୁଛନ୍ତି। ଅନ୍ୟପଟେ ବିଏସ୍‌ଏନ୍‌ଏଲ୍ କ୍ଷତିରେ ଚାଲିଥିବା ବେଳେ କେନ୍ଦ୍ର ସରକାର କେବଳ ରିଲାଏନ୍ସ ଜିଓକୁ ଲାଭ ହେଲା ଭଳି ନୀତି କାର୍ଯ୍ୟକାରୀ କରୁଛନ୍ତି। ଫଳରେ ରିଲାଏନ୍ସ ଜିଓ ବର୍ତ୍ତମାନ ଟେଲିକମ୍ ସେକ୍ଟର୍‌କୁ ନିଜ ଅକ୍ତିଆରକୁ ନେଇ ସାରିଲାଣି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଡଟ୍ ଏବଂ ଟ୍ରାଇ ଭଳି କାର୍ଯ୍ୟାଳୟଗୁଡ଼ିକ ରିଲାଏନ୍ସ ଜିଓକୁ ଲାଭ ପହଞ୍ଚାଇବା ପାଇଁ କାର୍ଯ୍ୟ କରୁଛନ୍ତି। କେବଳ ଟେଲିକମ୍ ସେକ୍ଟର ନୁହଁ, ପ୍ରାୟତଃ ସମସ୍ତ ସରକାରୀ ଉଦ୍ୟୋଗକୁ ଚଳିତ ସରକାର ଦୁର୍ବଳ କରିସାରି ଘରୋଇ ଉଦ୍ୟୋଗକୁ ଲାଭବାନ୍ କରୁଛନ୍ତି ବୋଲି ବିକ୍ଷୋଭକାରୀମାନେ ଅଭିଯୋଗ କରିଛନ୍ତି। ଦରମା ବୃଦ୍ଧି, ପେନ୍‌ସନ୍ ବୃଦ୍ଧି, ଶ୍ରମ ଆଇନ୍‌ରେ ସଂଶୋଧନକୁ ବିରୋଧ, ସରକାରୀ ଉଦ୍ୟୋଗରୁ ପୁଞ୍ଜିପ୍ରତ୍ୟାହାର ବିରୋଧ, ରେଲୱେ, ରକ୍ଷା ଏବଂ ବୀମାରେ ବିଦେଶୀ ପୁଞ୍ଜିନିବେଶକୁ ବିରୋଧ ଭଳି ୧୨ଦଫା ଦାବିରେ ମଙ୍ଗଳବାର ଏବଂ ବୁଧବାର କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି । ଫଳରେ ମଙ୍ଗଳବାର ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ବନ୍ଦ ରହିଥିବା ବେଳେ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଆନ୍ଦୋଳନରେ ବିଏସ୍‌ଏନ୍‌ଏଲ୍‌ଇୟୁ ସଭାପତି ଜେ.ଆର୍ଯ୍ୟ, ସାଧାରଣ ସମ୍ପାଦକ ଜେ.କାମେଶ୍ୱର ରାଓ, ଏନ୍‌ଏଫ୍‌ଟିଇର ସାଧାରଣ ସମ୍ପାଦକ ଗୁରୁନାଥ ରେଡ୍ଡୀ, ସଭାପତି ଏ.ଡି.ପାତ୍ର, ଟିଇପିୟୁ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମଲ୍ଲିକ, ସଭାପତି ରମେଶ ଚନ୍ଦ୍ର ପାତ୍ରଙ୍କ ସମେତ ବାବୁ ରାଓ, ଶୁଭ୍ରାଂଶୁ ପାଣିଗ୍ରାହୀ, ମନୋଜ କୁମାର ସାବତ, ରାଜେଶ କୁମାର ମିଶ୍ର, ବି.ବି.ସ୍ୱାଇଁ, କଂଗ୍ରେସ ବେହେରା, ରଘୁନାଥ ସେଠୀ, ସଦାନନ୍ଦ ସାହୁ, ଅରୁଣ କୁମାର ମଲ୍ଲିକ, ପି.କେ.ପାଣିଗ୍ରାହୀ ଏବଂ ରମେଶ ଚନ୍ଦ୍ର ପ୍ରମୁଖ ଭାଗ ନେଇଥିଲେ।



ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ବନ୍ୟା ପ୍ଲାବିତ ନଦୀ, ଶାସକର ଆଦର, ସ୍ତ୍ରୀର ଚରିତ୍ର ଓ ବ୍ୟବସାୟରେ ସ୍ନେହ କେବେହେଲେ ବିଶ୍ୱାସଯୋଗ୍ୟ ନୁହେଁ।
- ସନ୍ଥ ତୁଳସୀ ଦାସ

**ସଂକ୍ଷେପରେ**

## ଟାଙ୍ଗୀରେ ସିଟୁର ସାଧାରଣ ଧର୍ମଘଟ

ଟାଙ୍ଗୀ (ଖୋର୍ଦ୍ଧା), ୮।୧(ଡି.ଏନ.ଏ.)- ଦେଶର ୧୨ ଗୋଟି ଶ୍ରମିକ ସଂଗଠନ ମିଳିତ ଆହ୍ୱାନରେ ଭାରତ ବନ୍ଦ ଡାକରା ପରିପ୍ରେକ୍ଷୀରେ ଶ୍ରମିକ ସଂଗଠନ ସିଟୁ ତରଫରୁ ଟାଙ୍ଗୀରେ ସାଧାରଣ ଧର୍ମଘଟ କରାଯାଇଥିଲା । ଏଥିରେ ଓଡିଶା ଟ୍ରାନସ୍‌ପଟ ୱାର୍କର୍ସ ୟୁନିୟନର ଟାଙ୍ଗୀ ଶାଖା ସମେତ ପାଚିକା, ସହାୟିକା, ଆଶା ସଂଗଠନର ମିଳିତ ସହଯୋଗରେ ଏକ ଶୋଭାଯାତ୍ରା କରାଯାଇଥିଲା । ଏହି ଶୋଭାଯାତ୍ରା ଟାଙ୍ଗୀ ବଳରାମଦେବ ମନ୍ଦିର ପରିସରରୁ ବାହାରି ବଜାର ପରିକ୍ରମା କରି ଦୋକାନ ବଜାର, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ପେଟ୍ରୋଲ ପମ୍ପ ଇତ୍ୟାଦି ବନ୍ଦ କରିଥିଲେ । ଏହା ପରେ ୧୬ ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ସମସ୍ତ ବ୍ୟାଙ୍କ ବନ୍ଦ ରହିଥିଲା । ସିଟୁର ଜିଲା ସଭାପତି ଗିରିଶ ମହାରଣା, ହୃଷିକେଶ ପଲେଇ, ଲକ୍ଷ୍ମଣ ବେହେରା, ପ୍ରମୋଦ ସୁନ୍ଦରାୟ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

## ବାଲୁଗାଁରେ ଧର୍ମଘଟ ପ୍ରଭାବ ଶୂନ୍ୟ

ବାଲୁଗାଁ,୮।୧(ଡି.ଏନ.ଏ.)-ଦେଶବ୍ୟାପୀ ଧର୍ମଘଟ ଡ଼ାକରା ବାଲୁଗାଁରେ ପ୍ରଭାବଶୂନ୍ୟ ପରିଲକ୍ଷିତ ହୋଇଛି । କେବଳ ସ୍କୁଲ, କଲେଜ ଆଦି ଶିକ୍ଷାନୁଷ୍ଠାନ ଓ ରାଷ୍ଟ୍ରାୟତ ବ୍ୟାଙ୍କ ଗୁଡ଼ିକ ବନ୍ଦ ରହିଥିବା ବେଳେ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ଖୋଲା ରହିଥିଲା ।

# ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ

ରଣପୁର,୮।୧ (ସ୍ୱ.ପ୍ର.)

କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଆଚରଣକୁ ବିରୋଧ କରି ଟ୍ରେଡ୍ ୟୁନିୟନ୍ ଡାକରାରେ ମଙ୍ଗଳବାରଠାରୁ ନୟାଗଡ଼ ଜିଲା ରଣପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ୪୮ଘଣ୍ଟା ବନ୍ଦ ପାଳନ କରାଯାଇଛି । ଏ ଅବସରରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ମା' ମଣିନାଗଙ୍କ ପୀଠରେ ପହଞ୍ଚି ଥିଲା। କଂଗ୍ରେସ ଶ୍ରମିକ ସଂଗଠନ, ସିଟୁ, ଏଆଇଟିୟୁସି ଓ ବିଭିନ୍ନ ସଂଗଠନ ଶାନ୍ତିଶୃଙ୍ଖଳାର ସହ ବନ୍ଦ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଅଖ, ଚକ, ଦୋକାନ, ବଜାର ଓ ବିଭିନ୍ନ ଅନୁଷ୍ଠାନ ବନ୍ଦ ରହିଥିବାରୁ ସାଧାରଣ ଜୀବନ ବ୍ୟାହତ ହୋଇଥିଲା। ସକାଳ ୧୧ଟାରେ ପଞ୍ଚୁଦୋଳ ପଡିଆଠାରେ ବିଭିନ୍ନ ଦଳର ନେତା, କର୍ମୀ ଓ ଶ୍ରମିକ ସଂଗଠନ ମିଳିତ ହୋଇ କଂଗ୍ରେସ ରାଜ୍ୟ ଯୁବ ଆଇଏନ୍‌ଟିୟୁସିର ସଭାପତି ସତ୍ୟବ୍ରତ ନାୟକ, କଂଗ୍ରେସ ନେତା ଡ. ସନ୍ତୋଷ ଲେଙ୍କା, ବିପିନ ବିହାରୀ ନାୟକ, ପ୍ରତିମା ଜେନା, ବିଶ୍ୱରଞ୍ଜନ ଆଚାର୍ଯ୍ୟ, ସତ୍ୟରଞ୍ଜନ ମତା, ଆବୁବକର୍ ସିଦ୍ଦିକ୍, ହରିଶ୍ଚନ୍ଦ୍ର ମିଶ୍ର, ଦୁଃଶାସନ ଜେନା, ସୁରେଶ ସ୍ୱାଇଁ, ସୁଶିଲ ମହାନ୍ତି ପ୍ରମୁଖଙ୍କ ନେତୃତ୍ୱରେ ରଣପୁର କୋର୍ଟ ସମ୍ମୁଖରେ ଏକ ସାଧାରଣ ସଭା କରାଯାଇ ଏକ ଶୋଭାଯାତ୍ରା ସହର ପରିକ୍ରମା ପୂର୍ବକ ମା'ମଣିନାଗଙ୍କ ପୀଠରେ ପହଞ୍ଚି ଥିଲା। ଶାନ୍ତିଶୃଙ୍ଖଳା ପାଇଁ ରଣପୁର ଥାନା ଅଧିକାରୀ ବୈଦ୍ୟ ନାରାୟଣ ଭୋଇ, ଚାନ୍ଦପୁର ଥାନା ଇନ୍ସପେକ୍ଟର ଚକ୍ରପତି କଅଁର, ସବ୍‌ଇନ୍ସପେକ୍ଟର ଏସ୍ ଏସ୍ ହରୋ ଏବଂ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ।



ବୋଲଗଡ଼ଠାରେ ସିଟୁ ତରଫରୁ ବିକ୍ଷୋଭ।

ଓଡ଼ଗାଁ,ସ୍ୱ.ପ୍ର.): ଓଡଗାଁ ବ୍ଲକରେ ବନ୍ଦ ପ୍ରଭାବ ସାମାନ୍ୟ ଥିବା ସୂଚନା ମିଳିଛି। ବନ୍ଦ ଯୋଗୁ ରାସ୍ତା ଅବରୋଧ ଫଳରେ ଗମନାଗମନ ବ୍ୟାହତ ହୋଇଥିଲେ ମଧ ୨ଚକିଆ ଯାନ ଯାତାୟାତ ହେଉଥିଲା। ଦୋକାନ, ବଜାର ସ୍ୱାଭାବିକ ହୋଇଥିବା ବେଳେ ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା । ତହସିଲ, ବ୍ଲକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତକୁ କର୍ମୀ ପିକେଟିଂ କରି ବନ୍ଦ କରି ଦେଇଥିଲେ । ଭାରତ ଗଣତାନ୍ତ୍ରିକ ଯୁବ ଫେଡେରେଶନ ଜିଲା ସମ୍ପାଦକ ଆଲୋକ ପ୍ରଧାନ, କୃଷକ ସଭା ବ୍ଲକ କମିଟି ଉପସଭାପତି ଆଡ଼ଭୋକେଟ କିଶୋର ଚନ୍ଦ୍ର ସାହୁ, ପାଚିକା ସଂଘ ସହସମ୍ପାଦିକା କୁମୁଦ ସାହୁ, ଆଶା କମିଟି ସହସମ୍ପାଦିକା ଅଞ୍ଜଳି ମହାରଣା ପ୍ରମୁଖ ବନ୍ଦ କାର୍ଯ୍ୟକ୍ରମରେ ସାମିଲ ଥିଲେ।

ଦଶପଲ୍ଲା,(ଡି.ଏନ.ଏ.): ବିଭିନ୍ନ ଟ୍ରେଡ ୟୁନିୟନ ତରଫରୁ ୧୧ ଦଫା ଦାବି ନେଇ ଦିଆଯାଇଥିବା ୨ଦିନିଆ ବନ୍ଦ ଡାକରା ଯୋଗୁଁ ପ୍ରଥମ ଦିନ ଦଶପଲ୍ଲାରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳିତ ହୋଇଛି । ସମସ୍ତ ଦୋକାନ ବଜାର ବନ୍ଦ ରହିବା ସହ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ବହୁ ସରକାରୀ ଅଫିସ୍ ଓ ବ୍ୟାଙ୍କ ମଧ ବନ୍ଦରହିଥିଲା । ବିଭିନ୍ନ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତା ରାସ୍ତାଉପରେ ବସି ରହିଥିଲେ। ଏଥିସହ କର୍ମକର୍ତ୍ତାମାନେ ବୁଲିବୁଲି ଦୋକାନ ବଜାର ବନ୍ଦ କରିଥିଲେ । ବିଭିନ୍ନ ସଙ୍ଗଠନର ସଦସ୍ୟ ମାନେ ଏକ ଶୋଭାଯାତ୍ରାରେ ବାହାରି ସ୍ଲୋଗାନ ଦେଇ ନଗର ପରିକ୍ରମା କରିଥିଲେ । ଯାନବାହନ ଚଳାଚଳ ବନ୍ଦ ଯୋଗୁଁ ଜନସାଧାରଣ ବହୁ ହଇରାଣର ସମ୍ମୁଖିନ ହୋଇଥିଲେ । ଶାନ୍ତିଶୃଙ୍ଖଳା ନିମନ୍ତେ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ହୋଇଥିଲା।

ବୋଲଗଡ଼,(ଡି.ଏନ.ଏ.): ୧୧ଦଫା ଦାବି ନେଇ ବିଭିନ୍ନ ଟ୍ରେଡ଼ ୟୁନିୟନ୍ ସଂଗଠନ ପକ୍ଷରୁ ବୋଲଗଡ଼ ବ୍ଲକରେ ବନ୍ଦ ଓ ବିକ୍ଷୋଭ ପ୍ରଦର୍ଶନ ହୋଇଛି । ସିପିଆଇ ନେତା ଆଡ଼୍‌ଭୋକେଟ ଅମିୟ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ବନ୍ଦ ପାଳନ ଓ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ବୋଲଗଡ ଜୋନ ସିପିଆଇ ସମ୍ପାଦକ ବିନୋଦ ବରାଡ, ବେଗୁନିଆ ଜୋନ ସମ୍ପାଦକ ଲକ୍ଷ୍ମଣ ସେଠୀ, ନିର୍ମାଣ ଶ୍ରମିକ ସଂଗଠନର ନେତା ଯୋଗେଶ ବିଶ୍ୱାଳ, ଅଜୟ ମଙ୍ଗରାଜ, ବିଜୟ କୁମାର ଗୁମାନସିଂହ, ଗଗନ ନାୟକ, ବିଜୟ ପ୍ରଧାନ, ଲଚ୍ଛମନ ନାୟକ ପ୍ରମୁଖ ବନ୍ଦ ସଫଳ କରାଇବାରେ ନେତୃତ୍ୱ ନେଇଥିଲେ । ପିତୁକୁଲିଠାରେ କର୍ମୀମାନେ ପିକେଟିଂ କରିଥିଲେ। ଦୋକାନ, ବଜାର, ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ବଲାଙ୍ଗୀର–ଖୋର୍ଦ୍ଧା ୫୭ନଂ ଜାତୀୟ ରାଜପଥରେ ଗାଡିମୋଟର ଚଳାଚଳ ବନ୍ଦ ଯୋଗୁ ଯାତ୍ରୀମାନେ ହଇରାଣ ହୋଇଥିଲେ।



ଓଡ଼ଗାଁଠାରେ ଆନ୍ଦୋଳନକାରୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ପ୍ରଶାସନ ନିଦ ଭାଙ୍ଗିଲା

## ଚିଲିକାରେ ଯାତ୍ରୀବାହୀ ଡଙ୍ଗା ମାଲିକଙ୍କୁ ସତର୍କ ନିର୍ଦ୍ଦେଶ

କୃଷ୍ଣପ୍ରସାଦ ,୮।୧(ଡି.ଏନ.ଏ.)

ଚିଲିକାରେ ଯାତ୍ରୀବାହୀ ଡଙ୍ଗା ମାଲିକଙ୍କୁ କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ଜହ୍ନିକୁଦା – ସାତପଡା ଚିଲିକା ଏବଂ ପାରିକୁଦ ଗଡ ଠାରୁ ବାଲୁଗାଁ ଚିଲିକା ରାସ୍ତା ଯାତ୍ରୀ ମାନଙ୍କ ସୁରକ୍ଷା ପାଇଁ ଲାଇଫଜ୍ୟାକେଟ ପ୍ରଦାନ କରିବାକୁ କୃଷ୍ଣପ୍ରସାଦ ତହସିଲଦାର ଡଙ୍ଗା ମାଲିକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଅବମାନନା କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଚିଲିକାରେ ଯାତ୍ରୀଙ୍କ ବିପଜ୍ଜନକ ଯାତ୍ରା ଶୀର୍ଷକ ଖବର ମଙ୍ଗଳବାର ଧରିତ୍ରୀରେ ପ୍ରକାଶିତ ପରେ ପ୍ରଶାସନର ନିଦ ଭାଙ୍ଗିଛି। ପ୍ରକାଶ ଯେ, ସରକାରୀ ନିୟମକୁ ଉଲ୍ଲଂଘନ କରି ଡଙ୍ଗା ମାଲିକମାନେ ମନମୁଖିଭାବେ ଯାତ୍ରୀ ପରିବହନ କରିଥାନ୍ତି । ଡଙ୍ଗାରେ ଆବଶ୍ୟକତା ଠାରୁ ଅଧିକ ଯାତ୍ରୀ ବିପଦସଙ୍କୁଳ ଭାବେ ଯାତ୍ରା କରିଥାନ୍ତି। ଯଦ୍ୱାରା ବାରମ୍ବାର ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏ ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ କୃଷ୍ଣପ୍ରସାଦ ତହସିଲଦାର ମାନସରଞ୍ଜନ ତରାସିଆ ଡଙ୍ଗା ମାଲିକ ଓ ଚାଳକମାନଙ୍କୁ ସତର୍କ କରାଇଛନ୍ତି । ପତ୍ରସଂଖ୍ୟା ୧୦୭ (୯)ରେ ନୋଟିସ ମାଧ୍ୟମରେ ପରଳା ଗ୍ରାମ୍ୟ କମିଟି ସଭାପତି, ଜହ୍ନିକୁଦା ଗ୍ରାମ୍ୟ କମିଟି ସଭାପତି, ଭବାନୀପୁର ଗ୍ରାମ୍ୟ କମିଟି, ମଏଁଷା ଗ୍ରାମ୍ୟ କମିଟି, ନଈରି କମିଟି ସଭାପତି ରବୀନ୍ଦ୍ର ବେହେରା, ଚନ୍ଦ୍ରାପୁଟ ଚିଲିକା ମତ୍ସ୍ୟଜୀବୀ ମହାସଂଘ ସଭାପତି ଦୁଃଖୀଶ୍ୟାମ ବେହେରା, ସାତପଡା ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ମିଳିତ ମଞ୍ଚ ସଭାପତି ହଳଧର ବେହେରା, ସାତପଡା ସମ୍ପାଦକ ବନମାଳୀ ଜେନାଙ୍କୁ ସତର୍କ ନୋଟିସ କରାଯାଇଛି । ସମସ୍ତ ଯାତ୍ରୀଙ୍କୁ ଲାଇଫ ଜ୍ୟାକେଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାକୁ ଅବମାନନା କରୁଥିବା ମାଲିକମାନଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉଲ୍ଲେଖ ରହିଛି। ଶ୍ରମିକ ୟୁନିୟନର ଧର୍ମଘଟ ଯୋଗୁ ମଙ୍ଗଳବାର ଯାତ୍ରୀ ପରିବହନ ବନ୍ଦ ଥିବା ଜଣାଯାଇଛି ।

## ଜାତିଭିତ୍ତିକ ସଂରକ୍ଷଣ ଉଚ୍ଛେଦ ଦାବି

ପୁରୀ ଅଫିସ,୮।୧

ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ଲାଗି ନିଯୁକ୍ତି ଏବଂ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ମୋହର ମାରିଛି। ନିଖିଳ ଉତ୍କଳ ବ୍ରାହ୍ମଣ ମହାସଭା ଏହାକୁ ସ୍ୱାଗତ କରିଥିଲେ ମଧ ନିର୍ବାଚନୀ ଘୋଷଣା ବୋଲି ଅଭିଯୋଗ କରିଛି। ମହାସଭା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ଜାତିଭିତ୍ତିକ ସଂରକ୍ଷଣକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି କେବଳ ଆର୍ଥିକ ଅନଗ୍ରସର ବର୍ଗଙ୍କୁ ସଂରକ୍ଷଣ ଦେବା ଲାଗି ଗତ ୧୬ ବର୍ଷ ଧରି ମହାସଭା ଦାବି କରିଆସୁଥିଲା। ମାତ୍ର ଏହାକୁ ଏଡାଇଯାଇ ସାଧାରଣବର୍ଗଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରି ଆଗାମୀ ନିର୍ବାଚନରେ ସାଧାରଣବର୍ଗଙ୍କ ସମର୍ଥନ ହାସଲ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚେଷ୍ଟା କରିଛନ୍ତି। ପ୍ରଥମତଃ ସାଧାରଣବର୍ଗ ଦେଶର ଜନସଂଖ୍ୟାର ଏକ ପ୍ରମୁଖ ଭାଗ ହୋଇଥିବାବେଳେ ଏହି ବର୍ଗ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ସମୀଚୀନ ନୁହେଁ। ଅନ୍ୟପକ୍ଷରେ ସାଧାରଣ ବର୍ଗଙ୍କ ନିମନ୍ତେ ଆର୍ଥିକ ମାନଦଣ୍ଡ ସ୍ଥିର କରିଥିବାବେଳେ ଅନ୍ୟ ଜାତିମାନଙ୍କୁ ସଂରକ୍ଷଣରେ ଆର୍ଥିକ ମାନଦଣ୍ଡ ସ୍ଥିର ନ ହେବା ଦୁର୍ଭାଗ୍ୟଜନକ। ଆର୍ଥିକ ମାନଦଣ୍ଡର ସ୍ତର ୮ ଲକ୍ଷ ବଦଳରେ ୫ ଲକ୍ଷ ରହିବା ଉଚିତ। ସେହିପରି ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଉ। ସମାଜରେ ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ଆର୍ଥିକ ଅନଗ୍ରସର ଭିତ୍ତିରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ପୁନଶ୍ଚ ମହାସଭା ସରକାରଙ୍କଠାରେ ଦାବି କରିଛି। ସଙ୍ଗଠନର ଉପଦେଷ୍ଟା ନୃସିଂହ ମିଶ୍ର, ସଭାପତି ମହେଶ ପ୍ରସାଦ ରଥ, ସାଧାରଣ ସମ୍ପାଦକ ରବିନାରାୟଣ ପ୍ରହରାଜ, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସମେତ ରାଜ୍ୟ କମିଟି ସଦସ୍ୟମାନେ ଏକ ବୈଠକରେ ମିଳିତ ହୋଇ ଏହି ଦାବି କରିଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି।

# ଏନସିସିର ସର୍ବ ଭାରତୀୟ ଉପକୂଳ ପଦଯାତ୍ରା

**ପୁରୀ ଅଫିସ,୮।୧:** ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନସିସି) ବ୍ରହ୍ମପୁର ଗ୍ରୁପ୍ ଆନୁକୂଲ୍ୟରେ ଏନସିସିର ୬ଷ୍ଠ ବାଟାଲିୟନ ପରିସରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ସର୍ବ ଭାରତୀୟ ଉପକୂଳ ପଦଯାତ୍ରା। ଏହା ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପଦଯାତ୍ରାକୁ ଏନସିସି ଓଡ଼ିଶା ନିର୍ଦ୍ଦେଶାଳୟ ମୁଖ୍ୟ କମାଣ୍ଡର ଶୈଳେନ୍ଦ୍ର ସିଂ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଏନସିସି ବ୍ରହ୍ମପୁର ଗ୍ରୁପ୍ ମୁଖ୍ୟ (ଗ୍ରୁପ କମାଣ୍ଡର) କ୍ୟାପଟେନ ରବୀନ୍ଦ୍ର ସିନ୍ଧେ, ୬ଷ୍ଠ ବାଟାଲିୟନର୍ କମାଣ୍ଡିଙ୍ଗ ଅଫିସର ଲ୍ୟୁଟନାଣ୍ଟ କର୍ନେଲ ଅଭିୟ ସିଂ, ଲ୍ୟୁଟନାଣ୍ଟ କର୍ନେଲ ରବୀନ୍ଦ୍ର କୁମାର ପାତ୍ର, କର୍ନେଲ ସରୋଜ କୁମାର ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରରେ ୧୫ଟି ରାଜ୍ୟରୁ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ କ୍ୟାଡେଟ ଯୋଗଦାନ କରିଛନ୍ତି। ପ୍ରଥମ ଦିନରେ କ୍ୟାଡେଟମାନେ ୬ଷ୍ଠ ଓଡ଼ିଶା ବାଟାଲିୟନରୁ ବାହାରି ସମୁଦ୍ର କୂଳେ କୂଳେ ଯାଇ ବେଲଦଳସ୍ଥିତ ବାତ୍ୟା ଆଶ୍ରୟସ୍ଥଳରେ ପହଞ୍ଚି ରାତ୍ରିଯାପନ କରିଥିଲେ। ଏଥିସହ ସୂର୍ଯ୍ୟ ମନ୍ଦିର ଦର୍ଶନ ସହ ପିପିଲି ଚାନ୍ଦୁଆ ଶିଳ୍ପ, ଭୁବନେଶ୍ୱରର ଐତିହ୍ୟ ସ୍ଥାନ, ପୁରୀ ବେଳାଭୂମି, ଶ୍ରୀଜଗନ୍ନାଥ ମନ୍ଦିର ଆଦି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏନସିସି ଓଡ଼ିଶା ନିର୍ଦ୍ଦେଶାଳୟ ମୁଖ୍ୟ କମାଣ୍ଡର ଶୈଳେନ୍ଦ୍ର ସିଂ କ୍ୟାଡେଟମାନଙ୍କୁ ଉତ୍ସାହିତ କରି କହିଲେ ଯେ, ଓଡ଼ିଶାର କଳା, ସଂସ୍କୃତି, ଭାସ୍କର୍ଯ୍ୟ ସହିତ ବାହାର ରାଜ୍ୟର କ୍ୟାଡେଟମାନଙ୍କୁ ପରିଚିତ କରାଇବା ହେଉଛି ଏହି ଉପକୂଳ ପଦଯାତ୍ରାର ମୂଳ ଲକ୍ଷ୍ୟ। ସେମାନଙ୍କ ମଧ୍ୟରେ ସଂସ୍କୃତି, ଭାଇଚାରା ଭାବର ଆଦାନ ପ୍ରଦାନ ସହ ଉପକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନଶୈଳୀ, ସେମାନଙ୍କ ସହିତ ବନ୍ଧୁତା, ସମୁଦ୍ର ସ୍ୱଚ୍ଛତା, ଉପକୂଳ ଜଙ୍ଗଲ ସୁରକ୍ଷା, ଜାତୀୟ ସଂହତିର ରକ୍ଷା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ପଦଯାତ୍ରା ଆୟୋଜନ କରାଯାଇଥାଏ ବୋଲି ସେ କହିଥିଲେ। ପ୍ରଥମ ଦିବସରେ ୨୫୦ କ୍ୟାଡେଟ ଯାତ୍ରା କରିଥିଲେ।


ଧରିତ୍ରୀ DHARITRI **CAREER APPOINTMENT** every Wednesday & Saturday

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs. 27000/-. (Part Time/Full Time)
Contact: 9938676412

**REQUIRED**
OFFICE ASSISTANT
For a Press with Computer/ Oriya Typing knowledge will be preferred.
Contact: 9337024339
email: anil_yadavji@rediffmail.com

**କୁକ୍ ଆବଶ୍ୟକ**
ଭୁବନେଶ୍ୱରର ଏକ ରେଷ୍ଟୁରାଣ୍ଟ (ଫୁଡ୍ ଟ୍ରକ୍) ପାଇଁ ଅଭିଜ୍ଞ ଇଣ୍ଡିଆନ୍, ଚାଇନିଜ୍ ଓ ମେକ୍ସିକାନ୍ କୁକ୍ ଆବଶ୍ୟକ।
ଯୋଗାଯୋଗ
୮୩୨୮୮୩୭୭୬୭, ୯୩୪୮୬୫୫୫୯୦

ନିଃଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS,
ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

**Urgent Required for BBSR AIRPORT**
Qualification : 10th To Graduate
Post : C.S.A, Ground Staff, Cabin, Crew, Loader, Helper
Salary : 18000-35000 + Free Accommodation + Food
7694934663, 9090391585

**JOIN LIC AS AGENT**
Get:
- Stipend Per Month
- Attractive Commission
- Gratuity & more
Age: 18+
Qualification: 10th & above
To join Contact: 7064693160
For Bhubaneswar & Near Areas.

**Req. for Limited Co.**
❶ ପୂର୍ବତନ ସୈନିକ
❷ ଡ୍ରାଇଭର (HMV-LMV)
ବେତନ-19500-27500 ସବୁ ସୁବିଧା / ଡ୍ୟୁଟି ୮ ଘଣ୍ଟା
ଡ୍ୟୁଟି - ଓଡ଼ିଶା, ମଧ୍ୟପ୍ରଦେଶ ମୋଟ ଖାଲି ପଦବୀ-215
ପ୍ରାର୍ଥୀମାନେ ନିଜ Bio-data ଇମେଲ୍ କରନ୍ତୁ
nutekindialimited2019@gmail.com
Phone. No. 08057878485

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

**URGENT REQUIRED**
ରାୟଗଡ଼ା, ଅନୁଗୁଳ, ବ୍ରହ୍ମପୁର, ମୟୂରଭଞ୍ଜ, ଭଦ୍ରକ, କଟକ, ଭୁବନେଶ୍ୱର OFFICE STAFF ଆବଶ୍ୟକ।
Salary: 24,000/-.
Qualification: 9th to 10th or above.
Contact: 8018284966

NATURAL TOUCH PLYWOOD ପାଇଁ MARKETING EXECUTIVE (M/F) ଆବଶ୍ୟକ। ଦରମା 8,000/- ରୁ 10,000/-. PETROL 2000, ରହିବା ମାଗଣା + INCENTIVE. ଦୋକାନ ପାଇଁ SALESMAN ଆବଶ୍ୟକ।
ଶୀଘ୍ର ଯୋଗାଯୋଗ:-
9437001718

**URGENT REQUIREMENT STAFF**
For Bhubaneswar.
Tandoor Cook, Indian Cook, Bengali/ Odia Cook, Helper & Waiter.
Contact:
8338888804/ 6370777458

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 08033948529
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303523302

JOBS IN AIRPORT (ONLY MALE)
Post : GROUND STAFF
➡ Qual. : 9th Pass,10th & +2
➡ Age : 18 To 28 Years
➡ Salary : 10,000/- To 25,000/-
Global Certification With 100% Job
Blaze Aviation, Plot No : 576/3398, Nayapalli, Bhubaneswar.
7077708313, 7077708315

**DIRECT JOINING CUSTOMER CARE / BPO**
Data Entry / Back Office
Qual. 10th, +2, ITI, Degree, Etc.
Salary : Rs.7000 To Rs.15000 (with Accommodation)
BBSR. 9090658710

SWOSTI GROUP HOTELS . RESORTS . TRAVELS SINCE 1981

**SWOSTI GROUP (Hotels-Resorts-Travels-Education) Requires following posts urgently for its Hotels & Travel Division**

| Sl | Name of the post | Qualification & Experience |
|---|---|---|
| HOTEL DIVISION (CANDIDATES TO BE POSTED AT BHUBANESWAR & CHILIKA) | | |
| 1 | DGM Sales & Mktg. | Graduate with MBA in marketing with 15 yrs experience in any hospitality industry. |
| 2 | Relationship Manager | Graduate with MBA in marketing with 5-7 yrs experience in any hospitality industry |
| 3 | Asst. Mgr. HR / HR Executive | Graduate with MBA in HR with 5-7 yrs experience |
| 4 | BQT Mgr. / Asst. BQT Mgr | Degree/ Diploma In Hotel Mgmt., with More than 5 yrs of experience with IDS knowledge |
| 5 | FnB Executive | Degree/ Diploma In Hotel Mgmt., with More than 3 yrs experience with IDS knowledge |
| 6 | Reservation Asst. / Reservation Executive | Graduate with at least 3 yrs experience from any star category hotel with IDS knowledge. |
| 7 | Steward / Sr. Steward | H.S.C pass having 2-3 yrs relevant experience from any star category hotel. |
| 8 | Room Attendant | |
| 9 | Housekeeping Asst. | |
| 10 | Guest Relation Executive | Degree/ Diploma In Hotel Mgmt., with More than 03 yrs of experience with IDS knowledge. |
| 11 | Front Office Asst./ Supervisor | |
| 12 | Lifeguard (Swimming Pool) | HSC Pass with life & safety certificate & 2-3 yrs experience |
| 13 | Swimming Pool Attendant | HSC Pass with 2–3 yrs experience in Pool Maintenance. |
| 14 | Spa therapist(Male/Female) | Course on Massage Therapy from a recognized University with Min. 2 Yrs experience in relevant field. |
| 15 | Maint. Manager / Asst. Maint. Mgr. | Degree / Diploma in Mechanical Engg. With 10 yrs & above experience in hospitality industry |
| 16 | Electrical / Plumbing / HVAC Supervisors / Technicians | Minimum 3 yrs experience in hospitality industry. |
| 17 | COMMI –I / II / III (Indian, Chinese, Conti, South Indian, Bakery & Halwai) | Diploma / Craft Course in Hotel Management with Minimum 3 yrs experience in hospitality industry. |
| TRAVELS DIVISION (CANDIDATES TO BE POSTED AT BHUBANESWAR) | | |
| 1 | Mgr. / Asst. Mgr. Sales | 5. Asst. Mgr./ Exec. Inbound & Outbound Tours |
| 2 | Asst. Mgr./ Exec. Transport | 6. International Ticketing Executive |
| 3 | Inbound & Outbound Tours Asst. | 7. VISA Services Asst. |
| 4 | . Transport Desk In-charge | 8. Drivers |

Sl. No. 1-7 Candidates with at least 5 yrs experience in any professional travel company will be preferred.
For Drivers - 10th Pass having LMV / HMV license with transport badge with minimum 5 yrs experience.
Salary will commensurate with Qualification, Experience & Efficiency
Candidates may apply within seven days to Email:info@swosti.com M-09338091727 / 08594999396

**V.C.S. INDIA**
House Keeping & Facility Services
Contact 7077726920
- Markerting Executive
- Marketing Managers
- Facility Manager
- Female Telecaller
- House keeping boys
Send your C.V. with attach passport photo to vcs.odisha@vivencyindia.in

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

**OMM SAI INFRATECH**
ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9776141333

OrissaPOST HERE . NOW
**WANTED**
TRANSLATORS:-
Well versed in English and Oriya.
Apply within 7 days to :
recruitment@orissapost.com
Pay & perks will be the best in the industry for deserving candidates.


**OFFICE OF THE DISTRICT & SESSIONS JUDGE-CUM-CHAIRMAN, DLSA, KALAHANDI, BHAWANIPATNA**

**ADVERTISEMENT**

Applications in the prescribed format are invited from the desirous candidates for recruitment to the posts of Jr. Clerk of District Legal Services Authority (DLSA). Such appointment shall be governed by the provisions of Odisha Group-C and Group-D posts (Contractual Appointment) Rules, 2013.

**CATEGORY WISE VACANCY POSITION:**

| Name of the Post | UR | SEBC | SC | ST | Total | Scale of pay |
|---|---|---|---|---|---|---|
| Jr. Clerk, DLSA | 01 | -- | 01 | -- | 02 | Rs.8,880/- |

**LAST DATE FOR RECEIPT OF APPLICATIONS**:- The application along with the required documents and self attested copies of certificates must reach the **office of the Chairman, District Legal Services Authority, Kalahandi, Bhawanipatna** on or before **29.01.2019** either by Post or may be dropped in the box provided for the purpose on each working day. Applications received in the office after the last date by any means shall be summarily rejected. N.B.:- For format of application, eligibilities of the candidates, fees for examination, scheme of examination, details of syllabus for each subject, list of documents to be submitted along with the application, kindly visit the below web link https://districts.ecourts.gov.in>kalahandi and www.kalahandi.nic.in.

**Sd./- Chairman,**
**District Legal Services Recruitment Committee,**
**Kalahandi, Bhawanipatna**


**APPOINTMENT**
BEST PLACE TO BUILD YOUR CAREER

SKY AUTOMOBILES is hiring for Dhenkanal & Jajpur Dealership.

SERVICE ADVISORS & FLOOR SUPERVISORS.
Diploma or Degree or ITI in Automobiles or Mechanical Motor Mechanic having minimum 2 years of experience in automobile service. Minimum Diploma is mandatory for service advisors Freshers are also encouraged to appear the interview. For the above two positions, four wheeler driving license is a must.
Interested persons can attend Walk-In-Interview with their updated CV, one photograph and original certificates.

WALK IN INTERVIEW
9th & 10th January 2019, Time - 10am to 3pm

SKY AUTOMOBILES sales • service • spares - SINCE 1987
P.O - Bhanpur, NH-5, CUTTACK - 753011
7440025916, 7873008800 skycuttack@gmail.com
Persons unable to attend walk in interview can forward their CV to hrodisha@skyautomobiles.in.


ନୋଟିସ: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।